# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୬/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 16/2023 Page 16 ₹ 7.00

୪୯ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 231 ମୂଲ୍ୟ ₹୭/-





**ନୂଆ ଦଳ ଗଢ଼ିପାରନ୍ତି ଇମ୍ରାନ୍**

ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ତେହରିକ୍-ଇ -ଇନ୍‌ସାଫ୍ (ପିଟିଆଇ)କୁ ନିଷିଦ୍ଧ ଘୋଷଣା କରାଗଲେ ସେ ନୂଆ ଦଳ ଗଠନ କରି ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଦୁର୍ନୀତି ମାମଲାରେ ଇମ୍ରାନ୍‌ଙ୍କୁ ଗିରଫ କରାଯିବା ପରେ ମେ' ୯ରେ ଦେଶବ୍ୟାପୀ ଆନ୍ଦୋଳନ ଦେଖିବାକୁ ମିଳିଥିଲା। ପୋଲିସ ଓ ପିଟିଆଇ ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ହିଂସକାଣ୍ଡ ଘଟିବା ନେଇ ଅନେକ ସରକାରୀ ସଂଗଠନ ପିଟିଆଇ ବ୍ୟାନ୍ ପାଇଁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ହସ୍ପିଟାଲରେ



**ଜେରୁଜେଲମ, ୧୫।୭:** ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଶନିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା କୁହାଯାଉଛି। ନେତାନ୍ୟାହୁ ତେଲ୍ ଆବିଭ୍ ସ୍ଥିତ ଶେଷବା ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ଘରେ ଥିବାବେଳେ ନେତାନ୍ୟାହୁ ହଠାତ୍ ଅଚେତ ହୋଇପଡ଼ିବା ଯୋଗୁ ତାଙ୍କୁ ଡାକ୍ତରଖାନା ନେବାକୁ ପଡ଼ିଥିଲା।

### ବିମାନରେ ଏୟାର ଇଣ୍ଡିଆ ଅଫିସରଙ୍କୁ ଯାତ୍ରୀଙ୍କ ମାଡ଼

**ନୂଆଦିଲ୍ଲୀ, ୧୫।୭:** ସିଡ୍‌ନୀରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଜଣେ ବିଶୃଙ୍ଖଳିତ ଯାତ୍ରୀ ଏୟାରଲାଇନ୍ସର ଜଣେ ବରିଷ୍ଠ ଅଧିକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗତ ୯ ତାରିଖର ଏହି ଘଟଣା ସମ୍ପର୍କରେ ବିମାନ ଚଳାଚଳ ନିୟନ୍ତ୍ରକ (ଡିଜିସିଏ)ଙ୍କୁ ଅବଗତ କରାଯାଇଥିଲେ ମଧ ସମ୍ପୃକ୍ତ ଯାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି। ଏୟାର ଇଣ୍ଡିଆର ଇନ୍‌ଫ୍ଲାଇଟ୍ ସର୍ଭିସ ବିଭାଗ ମୁଖ୍ୟ ସନ୍ଦିପ୍ ବର୍ମା ଏଆଇ ୩୦୧ ବିମାନରେ ସିଡ୍‌ନୀରୁ ଦିଲ୍ଲୀ ଫେରୁଥିବାବେଳେ ଦିଲ୍ଲୀର ଜଣେ ଯାତ୍ରୀ ତାଙ୍କୁ ମାଡ଼ ମାରିଥିଲେ। ବିମାନ ଦିଲ୍ଲୀରେ ଅବତରଣ କରିବା ପରେ ଯାତ୍ରୀଙ୍କୁ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ସେ ଲିଖିତ କ୍ଷମା ମାଗିବା ପରେ ତାଙ୍କୁ ଛାଡ଼ିଦିଆଯାଇଥିଲା। ବିଶୃଙ୍ଖଳିତ ଯାତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଏୟାର ଇଣ୍ଡିଆ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଏହାର ମୁଖପାତ୍ର କହିଛନ୍ତି।

### ଇଣ୍ଡିଗୋ ବିମାନ ଏମର୍ଜେନ୍ସି ଡୋର୍ ଖୋଲିଦେଲେ ଯାତ୍ରୀ

**ନୂଆଦିଲ୍ଲୀ, ୧୫।୭:** ଉଡ଼ନ୍ତା ବିମାନରେ ବିଶୃଙ୍ଖଳିତ ଯାତ୍ରୀମାନଙ୍କ ବ୍ୟବହାର ଅନ୍ୟ ଯାତ୍ରୀ, ବିମାନ କର୍ମଚାରୀ ଓ ପାଇଲଟ୍‌ଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଗତ ୮ ତାରିଖରେ ହାଇଦ୍ରାବାଦରୁ ନୂଆଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନର ଜଣେ ଯାତ୍ରୀ ଉଡ଼ାଣ ବେଳେ ଏହାର ଜରୁରୀ ପ୍ରସ୍ଥାନ ଦ୍ୱାରର କଭର ଖୋଲିଦେଇଥିଲେ। ଦିଲ୍ଲୀ ବିମାନବନ୍ଦରରେ ୬ଇ୫୬୦୫ ବିମାନ ଅବତରଣ ପରେ ଅଭିଯୁକ୍ତ ଯାତ୍ରୀ ଫାରୁକୋନ୍ ହୁସେନ୍ (୪୦)ଙ୍କୁ ସୁରକ୍ଷା କର୍ମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ବିରୋଧରେ ଏତଲା ରୁଜୁ ହୋଇଛି।

### ଚିତା ମୃତ୍ୟୁର କାରଣ ରେଡିଓ କଲାର



**ଶେଓପୁର, ୧୫।୭:** ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ସପ୍ତାହେ ମଧ୍ୟରେ ୨ ଚିତାଙ୍କ ମୃତ୍ୟୁ ସେପ୍ଟିସେମିଆ (ବ୍ୟାକ୍ଟେରିଆ ଯୋଗୁ ରକ୍ତ ବିଷାକ୍ତ ହେବା) କାରଣରୁ ହୋଇଛି। ସେମାନଙ୍କ ବେକରେ ଲଗାଯାଇଥିବା ରେଡିଓ କଲାର ଯୋଗୁ ବର୍ଷାଦିନେ ସେପ୍ଟିସେମିଆ ହୋଇଥିବା ଜଣେ ବିଶେଷଜ୍ଞ କହିଛନ୍ତି। ଗତ ମଙ୍ଗଳବାର ତେଜସ୍ ନାମକ ଅଣ୍ଡିରା ଚିତାର ମୃତ୍ୟୁ ହୋଇଥିବାବେଳେ ଶୁକ୍ରବାର ସୂରଯ ପ୍ରାଣ ହରାଇଥିଲା। ଗତ ୪ ମାସ ମଧ୍ୟରେ କୁନୋ ଜଙ୍ଗଲରେ ଆଫ୍ରିକୀୟ ଚିତା ମୃତ୍ୟୁ ସଂଖ୍ୟା ୮ରେ ପହଞ୍ଚିଛି। ଫଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଦେଶରୁ ଚିତା ଆଣିବା କାର୍ଯ୍ୟକ୍ରମକୁ ଶକ୍ତ ଧକ୍କା ଲାଗିଛି।




ଖଲିସ୍ତାନୀ ସମର୍ଥକମାନେ ଭାରତୀୟ ଦୂତାବାସରେ ନିଆଁ ଲଗାଇବା ଓ ଭଙ୍ଗାରୁଜା କରିବା ପ୍ରତିବାଦରେ ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟ୍ ଆଗରେ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟ ରାଲି କରୁଛନ୍ତି।

# ମୋଦିଙ୍କ ଆନିମେଶନ୍ ଫିଲ୍ମରେ ଭାରତର ଖଣ୍ଡିତ ମାନଚିତ୍ର

**ନୂଆଦିଲ୍ଲୀ,୧୫।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ତିଆରି କରାଯାଇଥିବା ଆନିମେଶନ୍ ଫିଲ୍ମ ପାଇଁ ଭାଜପା ଅଡୁଆରେ ପଡ଼ିଯାଇଛି। ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଅପ୍‌ଲୋଡ୍ କରାଯାଇଥିଲା। ଉକ୍ତ ଭିଡିଓରେ ଭାରତର ଖଣ୍ଡିତ ମାନଚିତ୍ରକୁ ଦେଖାଯିଇଥିଲା, ଯେଉଁଥିରେ ଲଦାଖ, ଜମ୍ମୁ-କଶ୍ମୀର ନ ଥିଲା। ତ୍ରୁଟି ଜାଣିପାରି ବିଳମ୍ବିତ ରାତିରେ ଭାଜପା ଆଇଟି ମୁଖ୍ୟ ଅମିତ ମାଲବ୍ୟ ଏବଂ ଅନ୍ୟମାନେ ଶେୟାର କରିଥିବା ଭିଡିଓକୁ ଡିଲିଟ୍ କରିଥିଲେ। ଆନିମେଶନ୍ ଫିଲ୍ମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ବିଶ୍ୱଗୁରୁ' ଭାବେ ଦର୍ଶାଯାଇଛି। ଖଣ୍ଡିତ ଭାରତ ମାନଚିତ୍ର ଲାଗି ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା

**କ୍ଷମା ମାଗନ୍ତୁ ପ୍ରଧାନମନ୍ତ୍ରୀ: କଂଗ୍ରେସ**




କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶଭକ୍ତିର ପ୍ରମାଣପତ୍ର ବାଣ୍ଟୁଥିବା ଭାଜପା ପ୍ରକୃତରେ ଦେଶଦ୍ରୋହୀ ବୋଲି କଂଗ୍ରେସ୍ ସୋସିଆଲ ମିଡିଆ ମୁଖ୍ୟ ସୁପ୍ରିୟା ଶ୍ରୀନାଟେ କହିଛନ୍ତି। ଏହା କୌଣସି ତ୍ରୁଟି ନୁହେଁ। ଭାଜପା ପ୍ରକୃତରେ ଭାରତର ମାନଚିତ୍ରରୁ ଲଦାଖ, ଜମ୍ମୁ-କଶ୍ମୀରକୁ ହଟାଇବାକୁ ଚାହୁଁଥିବା ସେ ଭାଜପାକୁ କଡ଼ା ନିନ୍ଦା କରି କହିଛନ୍ତି।

# ଭାରତ-ୟୁଏଇ ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ହେବ ବାଣିଜ୍ୟ



ଆବୁଧାବିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନଙ୍କ ସହ ଆଲୋଚନା କରୁଛନ୍ତି।

**ଆବୁଧାବି, ୧୫।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆବୁଧାବି ଗସ୍ତରେ ଯାଇ ଶନିବାର ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶ ସେମାନଙ୍କ ମୁଦ୍ରାରେ ପରସ୍ପର ସହ ବାଣିଜ୍ୟ କରିବା ପାଇଁ ରାଜି ହୋଇଛନ୍ତି। ଏଥିପାଇଁ ଇଣ୍ଡିଆନ

**ଆର୍‌ବିଆଇ, ୟୁଏଇ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଏମ୍‌ଓୟୁ**

ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍‌କୁ ଉପସାଗରୀୟ ଦେଶର ଇନ୍‌ଷ୍ଟାଣ୍ଟ ପେମେଣ୍ଟ ପ୍ଲାଟ୍‌ଫର୍ମରେ ଯୋଡ଼ାଯାଇଛି। ଗତବର୍ଷ ଦୁଇଦେଶ ମଧ୍ୟରେ ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ସ୍ୱାକ୍ଷର ପରେ ଭାରତ-ୟୁଏଇ ବାଣିଜ୍ୟ ୨୦ ପ୍ରତିଶତ ବୃଦ୍ଧି ପାଇଥିବା ମୋଦି କହିଛନ୍ତି। ଦୁଇ ଦେଶର ମୁଦ୍ରାରେ ବାଣିଜ୍ୟ କାରବାର ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ୟୁଏଇର କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ମୋଦି ଏବଂ ଜାୟେଦଙ୍କ ଉପସ୍ଥିତିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏବଂ ୟୁଏଇ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଖାଲେଦ ମହମ୍ମଦ ବଲମା ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏହା ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ବୃଦ୍ଧିରେ ସହାୟକ ହେବ। ଶେଖ ମହମ୍ମଦ ବିନ୍ ଜାୟେଦଙ୍କଠାରୁ ସବୁବେଳେ ଭ୍ରାତୃତ୍ୱର ଭଲପାଇବା ପାଇଥିବା ମୋଦି କହିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ୟୁଏଇ ଅଧ୍ୟକ୍ଷତାରେ କପ୍-୨୮ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଉକ୍ତ ସମ୍ମିଳନୀରେ ମୋଦି ଯୋଗଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

### ତ୍ରିରଙ୍ଗାରେ ଝଲସିଲା ବୁର୍ଜ ଖଲିଫା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ ପାଇଁ ଦୁବାଇର ବୁର୍ଜ ଖଲିଫାକୁ ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସରକାରୀ ଗସ୍ତ ପାଇଁ ବୁର୍ଜ ଖଲିଫାରେ ଆଲୋକ ଓ ଶବ୍ଦର ଏକ ମଞ୍ଚ ସ୍ଥାପନ କରାଯାଇଥିଲା। ବିମାନବନ୍ଦରରେ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ସେ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କୁ ଭେଟିଥିଲେ। ଭବ୍ୟ ସ୍ୱାଗତ ପାଇଁ ମୋଦି ଟୁଇଟ୍ କରି କୃତଜ୍ଞତା ଜଣାଇଛନ୍ତି।

### ଆବୁଧାବିରେ ଖୋଲିବ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ

ୟୁଏଇର ଆବୁଧାବିରେ ଆଇଆଇଟି ଦିଲ୍ଲୀର ଏକ କ୍ୟାମ୍ପସ୍ ଖୋଲିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଆବୁଧାବିର ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ) ମଧ୍ୟରେ ଶନିବାର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଦେଶ ବାହାରେ ଏହା ହେବ ଦ୍ୱିତୀୟ ଆଇଆଇଟି କ୍ୟାମ୍ପସ୍। ଗତ ସପ୍ତାହରେ ଆଇଆଇଟି ମାଡ୍ରାସ୍ ତାଞ୍ଜାନିଆର ଜାଞ୍ଜିବରଠାରେ କ୍ୟାମ୍ପସ୍ ଖୋଲିବା ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ଭାରତୀୟ ଶିକ୍ଷାର ଅନ୍ତର୍ଜାତୀୟକରଣରେ ଏହା ନୂଆ ଅଧ୍ୟାୟ ଖୋଲିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରିଛନ୍ତି।

### ଦକ୍ଷିଣ କୋରିଆରେ ଭୂସ୍ଖଳନ: ୨୬ ମୃତ

**ସିଓଲ,୧୫।୭:**

ଦକ୍ଷିଣ କୋରିଆ ସଜୋଙ୍ଗରେ ଭୂସ୍ଖଳନ ଘଟି ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ନିଖୋଜ ଅଛନ୍ତି। ଶୁକ୍ରବାର ଓ ଶନିବାର ମଧ୍ୟରେ ଏହି ମୃତ୍ୟୁ ଘଟିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଲଗାଣ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଛି। ଗତ ୯ ତାରିଖରୁ ଦକ୍ଷିଣ କୋରିଆର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ପାଖାପାଖି ୧୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ୫,୫୭୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବାବେଳେ ପାଖାପାଖି ୨୫,୪୭୦ ଘର ବିଦ୍ୟୁତ୍ ସରବରାହରୁ ବିଚ୍ଛିନ୍ନ ହୋଇଛି।

### ବିଦ୍ୟୁତ୍ ସ୍ପର୍ଶରେ ଆସି ୫ କାଉଡ଼ିଆ ମୃତ

**ଲକ୍ଷ୍ନୌ,୧୫।୭:** ଉତ୍ତର ପ୍ରଦେଶ ମିରଟ ଜିଲା ଭୱାନିପୁର ରାଲି ଗୌହାନ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ଶିବଭକ୍ତମାନେ ହରିଦ୍ୱାରସ୍ଥିତ ଗଙ୍ଗାନଦୀରୁ ଜଳ ନେଇ ଏକ ଗାଡ଼ିରେ ଆସୁଥିବାବେଳେ ଉକ୍ତ ଗାଡ଼ିଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଆଜମ ଖାନ୍‌ଙ୍କୁ ୨ ବର୍ଷ ଜେଲ

**ବରେଲି, ୧୫।୭**

**ଘୃଣା ମନ୍ତବ୍ୟ ମାମଲା**



୨୦୧୯ରେ ଘୃଣା ଭାଷଣ ମାମଲାରେ ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍‌ଙ୍କୁ ଶନିବାର ଉତ୍ତରପ୍ରଦେଶ ରାମପୁରର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଶୋଭିତ୍ ବଂଶଲଙ୍କ ଅଦାଲତ ତାଙ୍କୁ ୧,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

୨୦୧୯ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ସମାଜବାଦୀ ପାର୍ଟିର ଉତ୍ତରପ୍ରଦେଶର ଏକ ରାଲିରେ ଆଜମ ଖାନ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିଲେ। ଏଥିସହ ସେ ନିର୍ବାଚନ କମିଶନ ଏବଂ ତତ୍କାଳୀନ ରାମପୁର ଜିଲାପାଳଙ୍କ ବିରୋଧରେ ମଧ୍ୟ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ନିର୍ବାଚନକୁ ନେଇ ମିଥ୍ୟା ମନ୍ତବ୍ୟ ଦେବା, ସର୍ବସାଧାରଣରେ କୁତ୍ସା ରଟନା କରିବା ନେଇ ଆଜମଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ରେ ମାମଲା ରୁଜୁ ହୋଇଥିଲା। ଶାହଜାଦନଗରର ଧାମୋରାରେ ରାଲିକୁ ସମ୍ବୋଧିତ କଲାବେଳେ ୟୁପି ମୁଖ୍ୟମନ୍ତ୍ରୀ ଜଣେ ହତ୍ୟାକାରୀ ଏବଂ ଅଫିସରମାନେ ତାଙ୍କୁ ମାରିଦେବାକୁ ଚାହାନ୍ତି ବୋଲି ଆଜମ କହିଥିଲେ। ନିର୍ବାଚନ କମିଶନଙ୍କ ବିରୋଧରେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ।

# କମୁଛି ଯମୁନା ଜଳସ୍ତର, ଦିଲ୍ଲୀରେ ପୁଣି ବର୍ଷା

**ନୂଆଦିଲ୍ଲୀ/ଗାଜିଆବାଦ,୧୫।୭**

- ଯମୁନା ବ୍ୟାରେଜ୍‌ର ୫ ଫାଟକ ଖୋଲାଯିବ
- ୬୦୦୦ରୁ ଊର୍ଦ୍ଧ୍ୱ ପ୍ରାଣୀ ଉଦ୍ଧାର
- ୧,୩୯୦ ହେକ୍ଟର ଜମି ଜଳାର୍ଣ୍ଣବ
- ଦିଲ୍ଲୀବାସୀଙ୍କ ବିରୋଧରେ ଷଡ଼ଯନ୍ତ୍ର ହୋଇଛି: ଏଏପି

ଯମୁନା ନଦୀ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବାବେଳେ ରାଜଧାନୀ ଦିଲ୍ଲୀରେ ଶନିବାର ପୁଣି ପ୍ରବଳ ବର୍ଷା ହୋଇଛି। ପାଣିପାଗ ବିଭାଗ ସୂଚନା ମୁତାବକ ଆଗାମୀ ଦିନରେ ସହରରେ ବର୍ଷା ଲାଗିରହିବ। ଯମୁନା ଉଛୁଳିବା ଯୋଗୁ ଦିଲ୍ଲୀର ପ୍ରମୁଖ ସ୍ଥାନରେ ପ୍ରବେଶ କରିଥିବା ବନ୍ୟାଜଳ ନିଷ୍କାସନ ଲାଗି ବହୁତ ଦିନ ଲାଗିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଯମୁନା ଜଳସ୍ତର ୨୦୮.୬୬ ମିଟର ଛୁଇଁଥିବାବେଳେ ଏବେ ତାହା ୨୦୬.୯୭ ମିଟରକୁ କମିଛି। ସହର ମଧ୍ୟରେ ବନ୍ୟାଜଳ ପଶିବା ଯୋଗୁ ରାସ୍ତାଘାଟ କ୍ଷୁଦ୍ର ନଦୀରେ ପରିଣତ ହୋଇଥିବାବେଳେ ପ୍ରଭାବିତ ଅଞ୍ଚଳର ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିଛି ଏନ୍‌ଡିଆର୍‌ଏଫ୍ ଟିମ୍। କେବଳ ଲୋକଙ୍କୁ ନୁହେଁ ଗୋରୁ, କୁକୁର ଆଦି ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି। ୪ ଦିନ ମଧ୍ୟରେ ପାଖାପାଖି ୬ ହଜାର ପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜଳ ନିଷ୍କାସନ ଲାଗି ଆଇଟିଓ ବ୍ୟାରେଜର ଫାଟକ ଖୋଲାଯାଇଥିବାବେଳେ ଆଗାମୀ ଦିନରେ ଯମୁନା ବ୍ୟାରେଜ୍‌ର ୫ଟି ଗେଟ୍ ଖୋଲିବାର ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ୧,୩୯୦ ହେକ୍ଟର ଜମି ଜଳାର୍ଣ୍ଣବ ହୋଇଛି। ହରିୟାଣାର ହାଥନିକୁଣ୍ଡ ବ୍ୟାରେଜ ଫାଟକ ରବିବାରଠୁ ଗୁରୁବାର ପର୍ଯ୍ୟନ୍ତ ଖୋଲା ରହିବା ଯୋଗୁ ଦିଲ୍ଲୀ, ଗାଜିଆବାଦ ନୋଏଡାରେ ବନ୍ୟା ସୃଷ୍ଟି ହୋଇଛି। ନାଗଲି ୱାଜିଦ୍‌ପୁର ଗ୍ରାମରେ ବେଆଇନ ଭାବେ ନିର୍ମିତ ଏକ ଫାର୍ମ ହାଉସ୍‌ରେ ବନ୍ୟା ଯୋଗୁ ଫସିରହିଥିବା ମହିଳାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ରାଜଧାନୀ ଦିଲ୍ଲୀରେ ବନ୍ୟାସ୍ଥିତିର କାରଣକୁ ନେଇ ଭାରତୀୟ ଜନତା ପାର୍ଟି ଏବଂ ଏଏପି ମଧ୍ୟରେ ଆରୋପ, ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଦିଲ୍ଲୀବାସୀଙ୍କ ବିରୋଧରେ ଭାଜପା ଶାସିତ ହରିୟାଣା ଓ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଥିବା ଏଏପି ଅଭିଯୋଗ ଆଣିଛି।



ସନ୍ଥ ପରମାନନ୍ଦ ହସ୍ପିଟାଲ ନିକଟରେ ବନ୍ୟାପାଣିରୁ ଏନ୍‌ଡିଆର୍‌ଏଫ୍ ଟିମ୍ ଏକ ଗାଈକୁ ଉଦ୍ଧାର କରୁଛନ୍ତି।




ପ୍ରୟାଣର ୮ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ପଦ୍ମିନୀ ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୧୬.୦୭.୨୦୨୩ (ରବିବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ପୂର୍ବାହ୍ନ ୧୧.୦୦ ଘଟିକା
ସ୍ଥାନ: ପଦ୍ମିନୀ ଅଡିଟୋରିୟମ୍, ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ, ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ରାଜେନ୍ଦ୍ର ନଗର, କଟକ

PADMINI care
PRAMOD HOTELS & RESORTS

ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୬/୨୦୨୩ | Bhubaneswar, Sunday, July 16/2023 | ପୃଷ୍ଠା-୧




**ଭୋନ୍ଦ୍ରୋସୋଭାଙ୍କୁ ୱିମ୍ବେଲଡନ ଓପନ ଟାଇଟଲ**

ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭା ୱିମ୍ବେଲଡନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

୧୪

୧୦

**୪୦ ବର୍ଷରେ କ୍ୟାଟ୍ରିନା**

ଅଭିନେତ୍ରୀ କ୍ୟାଟ୍ରିନା କୈଫ ସ୍ୱାମୀ ଭିକ୍କି କୌଶଲଙ୍କ ସହ ଶନିବାର ୪୦ତମ ଜନ୍ମଦିନ ପାଳିବା ଅବସରରେ ମୁମ୍ବାଇରୁ ବାହାରକୁ ଯାଉଥିବା ଦେଖିବାକୁ ମିଳିଛି।





**ଖୁସିର ମୁହୂର୍ତ୍ତ:** ଢେଙ୍କାନାଳ ଜିଲା କପିଳାସ ପ୍ରାଣୀଉଦ୍ୟାନ ପରିସରରେ ଶନିବାର ଝିପିଝିପି ବର୍ଷାରେ ୨ ଛୁଆ ହାତୀ ଶ୍ୟାମା ଏବଂ ଶିବା କାଦୁଅରେ ଖେଳିବାରେ ବ୍ୟସ୍ତ। (ଫଟୋ-ରତନ)

# ଜେଲ୍‌ରୁ ପ୍ରେମ: ବିବାହ ପାଇଁ ଉଭୟଙ୍କୁ ପାରୋଲ

**ପୃଥକ୍ ହତ୍ୟା ମାମଲାରେ କାରାଦଣ୍ଡ ଭୋଗୁଛନ୍ତି**

କୋଲକାତା,୧୫।୭

ଜେଲର ଚାରିକାନ୍ଥରୁ ପ୍ରେମ। ପଶ୍ଚିମବଙ୍ଗ ପୂର୍ବ ବର୍ଦ୍ଧମାନ ଜିଲା ଜେଲରୁ ଅବଦୁଲ ହାସିମ ଏବଂ ଶାହନାରା ଖାତୁନଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଅବଦୁଲ ଆସାମର ଏବଂ ଶାହନାରାଙ୍କ ଘର ପଶ୍ଚିମ ବଙ୍ଗରେ। ଦୁଇଜଣଯାକ ଦୁଇଟି ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କୋର୍ଟ ଅବଦୁଲଙ୍କୁ ୮ ବର୍ଷର କାରାଦଣ୍ଡ ଶୁଣାଇଥିବାବେଳେ ଶାହନାରାଙ୍କୁ ୬ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି। ଅବଦୁଲ ଓ ଶାହନାରା ଏବେ ବର୍ଦ୍ଧମାନ ଜିଲା କେନ୍ଦ୍ରୀୟ ସୁଧାର ସଂସ୍ଥାନରେ ସଜା କାଟୁଛନ୍ତି। ସେଠାରେ ରହିବା ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଗଢ଼ି ଉଠିଥିଲା। ସମୟ ବିତିବା ସହ ସେମାନଙ୍କ ବନ୍ଧୁତା ପ୍ରେମର ରୂପ ନେଇଥିଲା। ସେମାନଙ୍କୁ ଭେଟିବାକୁ ଆସୁଥିବା ପରିବାର ଲୋକେ ମଧ୍ୟ ପରବର୍ତ୍ତୀ ସମୟରେ ଦୁହିଁଙ୍କ ସମ୍ପର୍କ ବିଷୟରେ ଅବଗତ ହେଲେ। ଅବଦୁଲ ଶାହନାରାଙ୍କ ସହ ସଂସାର କରିବାକୁ ଚାହୁଁଥିବାରୁ ପ୍ରେମ ସମ୍ପର୍କକୁ ଏକ ନୂଆ ପରିଚୟ ଦେବା ଲାଗି ବିବାହ ନିଷ୍ପତ୍ତି ନେଲେ। ଏ ନେଇ ଉଭୟେ ନିଜ ପରିବାରର ମତ ମଧ୍ୟ ଲୋଡ଼ିଲେ। ଜେଲରେ ବିବାହ କାର୍ଯ୍ୟ ଏକ ପ୍ରକାର ଅସମ୍ଭବ ହୋଇଥିବାବେଳେ ଏ ନେଇ ଅବଦୁଲ ଓ ଶାହନାରାଙ୍କୁ କୋର୍ଟରେ ପାରୋଲ ପାଇଁ ଆବେଦନ ☞ପୃଷ୍ଠା-୨

# ମାଲବାହୀ ଟ୍ରେନ୍‌ରୁ ବଗି ଛିଡ଼ିଗଲା

## ବାଣୀବିହାର ଷ୍ଟେଶନରେ ଅଘଟଣ, ପଛରେ ଆସୁଥିଲା ୩ ଟ୍ରେନ୍

ଭୁବନେଶ୍ୱର,୧୫।୭(ଅଭିଜିତ ଦାସ)

ବାହାନଗା ଟ୍ରେନ୍ ଦୁର୍ଘଟଣାର ଲୋମଟାଙ୍କୁରା ଦୃଶ୍ୟ ମନରୁ ଲିଭୁ ନ ଥିବାବେଳେ ଗୋଟିକ ପରେ ଗୋଟିଏ ଦୁର୍ଘଟଣା ଘଟିଚାଲିଛି। କେଉଁଠି ଟ୍ରେନ୍‌ରେ ନିଆଁ ଲାଗିଲାଣି ତ ଆଉ କେଉଁଠି ଲାଇନ୍‌ଚ୍ୟୁତ ହେଲାଣି। ବିଭିନ୍ନ ସ୍ଥାନରେ ଏଭଳି ଦୁର୍ଘଟଣା ଘଟୁଥିବାବେଳେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରର ବାଣୀବିହାର ଷ୍ଟେଶନ ନିକଟରେ ଏକ ମାଲ୍‌ବାହୀ ଟ୍ରେନ୍ ନଂ.୪୩୨/୨୮ରୁ ୨୪ ବଗି ଅଲଗା ହୋଇଯାଇଥିଲା। ଫଳରେ ଉକ୍ତ ଲାଇନ୍‌ରେ ଆସୁଥିବା ବିଶାଖା ଏକ୍ସପ୍ରେସ୍ ସମେତ ଅନ୍ୟ ଦୁଇ ଯାତ୍ରୀବାହୀ ଟ୍ରେନ୍ ଅଟକି ରହିଥିଲା। ଏହା ଜଣାପଡିବା ପରେ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

ଡୋଲମାଇଟ୍ ପଥର ବୋଝେଇ ଉକ୍ତ ମାଲବାହୀ ଟ୍ରେନ୍‌ଟି ମେରାମଣ୍ଡଳୀ ଅଭିମୁଖେ ଯାତ୍ରା କରୁଥିଲା। ଏଥିରେ ୬୦ଟି ବଗି ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ଡାଉନ୍ ଲାଇନ୍‌ରେ ଭୁବନେଶ୍ୱର ଷ୍ଟେଶନ ଅତିକ୍ରମ କରି ବାଣୀବିହାର ଷ୍ଟେଶନ ଦେଇ ଯାଉଥିବାବେଳେ ୩୬ତମ ବଗି ଇଞ୍ଜିନ ପାର୍ଶ୍ୱରୁ ଛିଡ଼ି ଯାଇଥିଲା। ଅଲଗା ହୋଇଯାଇଥିବା ୨୪ ବଗିର ପଛରେ ଥିବା କର୍ମଚାରୀଙ୍କଠାରୁ ଜାଣିବା ପରେ ଲୋକୋ ପାଇଲଟ୍ ଟ୍ରେନ୍‌ଟିକୁ ଅଟକାଇଥିଲେ। ସେତେବେଳକୁ ଇଞ୍ଜିନ ୨ଶହ ମିଟର ଆଗକୁ ପଳାଇଥିଲା। ତେବେ ଟ୍ରେନ୍‌ଟି ବ୍ରେକ୍ ହେବା ସମୟରେ ପଛରେ ଗଡୁଥିବା ଅଲଗା ଅଂଶ ସଂଯୋଗ ବଗି ସହ ଧକ୍କା ହୋଇଥିଲା। ଏହି ସମୟରେ ଜୋର୍‌ରେ ଶବ୍ଦ ହୋଇଥିବା ଷ୍ଟେଶନ ଓ ଆଖପାଖ ଅଞ୍ଚଳରେ ଥିବା ଲୋକେ ଶୁଣିବାକୁ ପାଇ ଟ୍ରେନ୍ ପାଖକୁ ଦୌଡ଼ିଥିଲେ। ପରେ ଘଟଣା ସମ୍ପର୍କରେ ଭୁବନେଶ୍ୱର ଷ୍ଟେଶନକୁ ଅବଗତ କରାଯାଇଥିଲା। ଉକ୍ତ ଲାଇନ୍‌ରେ ଚଳାଚଳ କରୁଥିବା ୩ ଯାତ୍ରୀବାହୀ ଟ୍ରେନ୍‌କୁ ଅଟକାଯାଇଥିଲା। ବିଶାଖା ଏକ୍ସପ୍ରେସ୍ ମାଲବାହୀ ଟ୍ରେନ୍‌ର ଠିକ୍ ୫୦ ମିଟର ଦୂରରେ ଅଟକି ରହିଥିଲା। ତା' ପଛକୁ ପଛ ପୁରୀ-ତାଳଚେର ଓ ନୟାଗଡ-ଭଦ୍ରକ ଟ୍ରେନ୍ ମଧ୍ୟ ଉକ୍ତ ଡାଉନ୍ ଲାଇନ୍‌ରେ ଛିଡା ହୋଇଥିଲା। ପରେ ରେଳ ବିଭାଗର ବୈଷୟିକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ତୁରନ୍ତ ଲାଇନ୍‌କୁ ସ୍ୱାଭାବିକ କରିବାକୁ ଚେଷ୍ଟା କରାଯାଇଥିଲା। ଇଞ୍ଜିନ ସହ ଥିବା ବଗିଗୁଡିକୁ ମଞ୍ଚେଶ୍ୱର ଷ୍ଟେଶନକୁ ନିଆଯାଇଥିଲା ଓ ଅଲଗା ହୋଇଥିବା ବଗିଗୁଡିକୁ ଭୁବନେଶ୍ୱର ☞ପୃଷ୍ଠା-୨



ଶନିବାର ସନ୍ଧ୍ୟାରେ ବାଣୀବିହାର ଷ୍ଟେଶନଠାରେ ମାଲବାହୀ ଟ୍ରେନ୍‌ରୁ ଅଲଗା ହୋଇଥିବା ବଗି । (ଫଟୋ: ବିକାଶ)

# କଂଗ୍ରେସରୁ ମୋକିମ, ଚିରଞ୍ଜୀବୀ ନିଲମ୍ବିତ

**ଦଳ ବିରୋଧୀ କାର୍ଯ୍ୟ ପାଇଁ ପଦକ୍ଷେପ**

ଭୁବନେଶ୍ୱର,୧୫।୭(ଅନିଲ ଦାସ)

କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ କଂଗ୍ରେସରୁ ନିଲମ୍ବନ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି(ଡିଏସି) ମେମ୍ବର ସେକ୍ରେଟାରି ତାରିକ୍ ଅନୱାର ଶନିବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ଏହି ଦୁଇ ପ୍ରଭାବଶାଳୀ ନେତାଙ୍କ ନିଲମ୍ବନ ରାଜ୍ୟ କଂଗ୍ରେସରେ ଚର୍ଚ୍ଚା ଓ ଆଲୋଡ଼ନର ବିଷୟ ହୋଇଛି। ଏଆଇସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ସଦସ୍ୟ ସଚିବ ତାରିକ୍ ଅନୱାର କହିଛନ୍ତି, ଚିରଞ୍ଜୀବୀ ଓ ମୋକିମ ଦଳ ବିରୋଧୀ ଗତିବିଧିରେ ଲିପ୍ତ ଥିବା ନେଇ ପ୍ରଦେଶ କଂଗ୍ରେସ ☞ପୃଷ୍ଠା-୨



ମହମ୍ମଦ ମୋକିମ



ଚିରଞ୍ଜୀବୀ ବିଶ୍ୱାଳ


**BIRLA INSTITUTE OF TECHNOLOGY (BIT)**
Deemed to be University u/s 3 of UGC Act 1956
Mesra, Ranchi- 835215





A pioneer in entrepreneurship promotion (STEP) and Space Engg & Rocketry with outstanding record of academic leadership, engineering innovation.

**M.Tech (Mesra Campus)**
- Aerospace Engg.
- Biotechnology
- Structural Engg.
- Computer Sci. & Engg.
- Electrical Engg.
- Electronics and Communication Engg.
- Environmental Sci. & Engg.
- Mechanical Engg.
- Production and Industrial Engg.
- Remote Sensing

**M.Sc. (Mesra Campus)**
- Chemistry
- Physics
- Biotechnology

**M.Tech (Patna Campus)**
- ECE (Wireless Communication)
- Computer Sci. & Engg.

**Master of Urban Planning (Mesra Campus)**

**Master of Business Administration [MBA]** (Mesra, Noida, Patna and Lalpur Campus)
**Bachelor of Business Administration [BBA]** (Noida, Patna, Deoghar, Jaipur and Lalpur Campus)
**Bachelor of Computer Application [BCA]** (Noida, Patna, Deoghar, Jaipur and Lalpur Campus)
**Master of Science (Animation Design) [M.Sc]** (Jaipur Campus)
**Bachelor of Science (Animation and Multimedia) [B.Sc.]** - (Jaipur and Noida Campus)
**Bachelor of Pharmacy - Lateral Entry [B.Pharm.]** (Mesra Campus)
**Bachelor of Hotel Management and Catering Technology [BHMCT]** - (Mesra Campus)
**Bachelor of Science (Chemistry) [B.Sc.]** (Mesra Campus)
**B. Tech. / B. Arch. / IMSC. - BC - I / BC - II Category** (Mesra, Deoghar and Patna Campus)
**Master of Science (Bioinformatics and Computational Biology) [M.Sc]** (Jaipur Campus)

LAST DATE FOR ONLINE APPLICATION FOR ABOVE PROGRAMS | 31st July, 2023

Apply Online
For details please visit the Admission Page at our Website
www.bitmesra.ac.in
0651-2275868 | 95080 50840 | Toll Free No: 18003457057, 18003457058
admissions@bitmesra.ac.in, coa@bitmesra.ac.in, daac@bitmesra.ac.in
Registrar


# ମାନହାନି ମାମଲାରେ ସୁପ୍ରିମକୋର୍ଟ ଗଲେ ରାହୁଲ

ନୂଆଦିଲ୍ଲୀ, ୧୫।୭

୨୦୧୯ରେ କର୍ନାଟକର କୋଲାରଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କଲାବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି ପ୍ରଶ୍ନ କରି ଆପରାଧିକ ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଫଳରେ ଗତ ମାର୍ଚ୍ଚ ୨୪ରେ ତାଙ୍କର ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଯାଇଥିଲା। ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ରାହୁଲ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ଶନିବାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୁରଟ କୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଯାଇଥିଲେ ରାହୁଲଙ୍କ ଲୋକ ସଭା ସଭ୍ୟପଦ ପୁନଃ କାଏମ ରହିପାରିଥାନ୍ତା। ତେବେ ତାଙ୍କୁ ସେସନ୍ସ କୋର୍ଟ କିମ୍ବା ଗୁଜରାଟ ହାଇକୋର୍ଟରୁ ସେ କୌଣସି ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

**ମହାକାଶ ଦୌଡ଼**


# ୪୪% ବିଧାୟକଙ୍କ ନାଁରେ ଆପରାଧିକ ମାମଲା

**ଏଡିଆର୍ ରିପୋର୍ଟ**

ADR
Association for Democratic Reforms

ନୂଆଦିଲ୍ଲୀ,୧୫।୭ (ପି.ଟି.)

ଭାରତର ରାଜ୍ୟ ବିଧାନସଭାଗୁଡ଼ିକରେ ୪୪ ପ୍ରତିଶତ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଏହା ପ୍ରକାଶ କରାଯାଇଛି। ଦେଶବ୍ୟାପୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାୟକମାନେ ନିର୍ବାଚନ ପୂର୍ବରୁ ଦାଖଲ କରିଥିବା ସତ୍ୟପାଠରେ ଘୋଷଣା କରିଥିବା ଆପରାଧିକ ତଥ୍ୟକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଅନୁଶୀଳନ କରିବା ପରେ ଉପରୋକ୍ତ ତଥ୍ୟ ପଦାକୁ ଆସିଛି।

୨୮ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୪,୦୩୩ ବିଧାୟକଙ୍କ ମଧ୍ୟରୁ ୪,୦୦୧ ଜଣଙ୍କ ସତ୍ୟପାଠକୁ ଅନୁଧ୍ୟାନ କରାଯାଇଥିଲା। ୧,୧୩୬ ବିଧାୟକ (୨୮ ପ୍ରତିଶତ) ସେମାନଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ପ୍ରତି ଅପରାଧ ଆଦି ଗମ୍ଭୀର ଆପରାଧିକ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। କେରଳରେ ୧୩୫ ବିଧାୟକଙ୍କ ମଧ୍ୟରୁ ୯୫ ଜଣ (୭୦%)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେହିପରି ବିହାରରେ ୨୪୨ରୁ ୧୬୧ ବିଧାୟକ (୬୭ ପ୍ରତିଶତ)ଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ଦିଲ୍ଲୀରେ ୭୦ରୁ ୪୪ (୬୩%), ମହାରାଷ୍ଟ୍ରରେ ୨୮୪ରୁ ୧୭୫(୬୨%), ତେଲଙ୍ଗାନାରେ ୧୧୮ରୁ ୭୨ (୬୧%) ଏବଂ ତାମିଲନାଡୁରେ ୨୨୪ରୁ ୧୩୪ (୬୦%) ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସେମାନଙ୍କ ସତ୍ୟପାଠରୁ ଜଣାପଡ଼ିଛି।

ଏଡିଆର୍ ରିପୋର୍ଟ ଅନୁଯାୟୀ ଦିଲ୍ଲୀର ୭୦ ବିଧାୟକଙ୍କ ମଧ୍ୟରୁ ୩୭ ଜଣ (୫୩ ପ୍ରତିଶତ), ବିହାରର ୨୪୨ ଜଣଙ୍କ ମଧ୍ୟରୁ ୧୨୨ (୫୦%), ମହାରାଷ୍ଟ୍ରର ୨୮୪ ବିଧାୟକଙ୍କ ମଧ୍ୟରୁ ୧୧୪ (୪୦%), ଝାଡ଼ଖଣ୍ଡର ୭୯ ବିଧାୟକଙ୍କ ☞ପୃଷ୍ଠା-୨

### ଓଡ଼ିଶାର ୬୪ ବିଧାୟକଙ୍କ ନାମରେ ମାମଲା

ନିର୍ବାଚନ ପୂର୍ବରୁ ସତ୍ୟପାଠ ଜରିଆରେ ଘୋଷଣା କରିଥିବା ଓଡ଼ିଶାର ୧୪୫ ବିଧାୟକଙ୍କ ମଧ୍ୟରୁ ୬୪ ଜଣ (୪୪.୧୩%)ଙ୍କ ନାମରେ ଆପରାଧିକ ମାମଲା ରହିଛି। ଅନୁରୂପ ଭାବେ ୪୬ ଜଣ (୩୨%)ଙ୍କ ବିରୋଧରେ ଗମ୍ଭୀର ଆପରାଧିକ ମାମଲା ଅଛି। ଏମାନଙ୍କ ମଧ୍ୟରୁ ୨ ଜଣ ବିଧାୟକଙ୍କ ନାମରେ ହତ୍ୟା, ୧୧ ଜଣ ହତ୍ୟା ଉଦ୍ୟମ ଏବଂ ୧୨ ଜଣଙ୍କ ବିରୋଧରେ ମହିଳାଙ୍କ ପ୍ରତି କରାଯାଇଥିବା ଅପରାଧ ମାମଲା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ଜଣେ ବିଧାୟକଙ୍କ ନାମରେ ବଳାତ୍କାର ମାମଲା ମଧ୍ୟ ପଞ୍ଜୀକୃତ ହୋଇଛି। ଏଡିଆର୍ ଓ ଏନ୍‌ଇଡବ୍ଲ୍ୟୁରୁ ମିଳିଥିବା ତଥ୍ୟ ଅନୁଯାୟୀ ବିଜୁ ଜନତା ଦଳ (ବିଜେଡି)ର ୧୧୩ ବିଧାୟକଙ୍କ ମଧ୍ୟରୁ ୪୫ ଜଣଙ୍କ ନାମରେ ଅପରାଧ ଓ ୩୨ ଜଣଙ୍କ ନାମରେ ଗମ୍ଭୀର ଆପରାଧିକ ମାମଲା ରହିଛି।

**ଆଜିର ମନ୍ତବ୍ୟ**

"ସୀମାରେ ଶାନ୍ତି ଓ ସ୍ଥିରତା ନ ଫେରିବା ପର୍ଯ୍ୟନ୍ତ ଭାରତ-ଚାଇନା ସମ୍ପର୍କରେ ଅଗ୍ରଗତି ହୋଇପାରିବ ନାହିଁ।
-ଏସ୍. ଜୟଶଙ୍କର, ଭାରତର ବହିର୍ବ୍ୟାପାର ମନ୍ତ୍ରୀ





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟୀ ଗାଈକି ଛୋଟୀ ଦୁହେଁ**
**ଦୁହିଁ ନ ପାରିଲେ ବାଛୁରୀ ପିଏ ।**

ଗାଈର ଦୁଗ୍ଧ ଉଭୟ ମଣିଷ ଓ ବାଛୁରୀ ପାଇଁ ସମାନ ଭାବେ ଆବଶ୍ୟକ ହେଉଥିବାବେଳେ ମଣିଷଟି ଗାଈଠାରୁ ଦୁଗ୍ଧ ଦୁହିଁ ନେବା ଫଳରେ ବାଛୁରୀଟି ଦୁଗ୍ଧପାନରୁ ବଞ୍ଚିତ ହୋଇଥାଏ । ତେବେ ଶାରୀରିକ ରୂପେ ଅକ୍ଷମ ଥିବା ବ୍ୟକ୍ତି ଦୁଗ୍ଧ ଦୁହିଁବାରେ କୌଣସି ଅକ୍ଷମତା ବା ହେଳା ଦେଖାଇଲେ ବାଛୁରୀଟି ଅଚିରେ ଦୁଗ୍ଧପାନ କରି ନିଏ ବୋଲି ଦେଖିବାକୁ ମିଳିଥାଏ । ତେଣୁ କୌଣସି ଅଯୋଗ୍ୟ ବା ଅପାରଗ ବ୍ୟକ୍ତିଟିର କାର୍ଯ୍ୟ ଯଦି ତା'ଦ୍ୱାରା ସମ୍ପନ୍ନ ହୋଇ ନ ପାରେ, ତେବେ ତାକୁ ଅନ୍ୟ କେହି କରି ତାହାର ଫାଇଦା ଉଠାଇନିଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି ।

**ଛଳେ ବଳେ କଉଶଳେ**
**ଶତ୍ରୁକୁ ସାଧିବ ହେଳେ ।**

ଶତ୍ରୁ ବଳଶାଳୀ ହୋଇଥିଲେ ତାକୁ ପରାସ୍ତ କରିବା ନେଇ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥାଏ । ସମୟ ସୁଯୋଗ ଦେଖି ବା କଳ କୌଶଳ ଖଞ୍ଜି ଶତ୍ରୁକୁ ସାଧିବା ପାଇଁ ଏଠାରେ ପରାମର୍ଶ ଦିଆଯାଇଛି ।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ

# ଚନ୍ଦ୍ରୟାନ-୩ର ପ୍ରଥମ କକ୍ଷ ଉତ୍ଥାନ ସଫଳ

ବେଙ୍ଗାଲୁରୁ, ୧୫।୭ : ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ବୈଜ୍ଞାନିକମାନେ ଶନିବାର ଚନ୍ଦ୍ରୟାନ-୩ ମହାକାଶ ଯାନର ପ୍ରଥମ କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ କରିଛନ୍ତି। ମହାକାଶ ଯାନ ସ୍ୱାଭାବିକ ସ୍ଥିତିରେ ରହିଛି। କକ୍ଷ ଉତ୍ଥାନ ପରେ ପୃଥିବୀଠାରୁ ଏହାର ନିକଟତମ ବ୍ୟବଧାନ ୧୭୩ କିଲୋମିଟର ହୋଇଥିବାବେଳେ ଦୂରତମ ବ୍ୟବଧାନ ୪୧,୭୬୨ କିଲୋମିଟର ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

# ଚନ୍ଦ୍ରୟାନ-୩ ପ୍ରୋଜେକ୍ଟରେ ଡେରାବିଶର ଶୁଭାଶିଷ



ନିଜ ସହଯୋଗୀଙ୍କ ସହ ଶୁଭାଶିଷ (ବାମ)।

**ଡେରାବିଶ, ୧୫।୭(ବେବର୍ତ୍ତା ଅଜୟ ଦାସ)**

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଶୁକ୍ରବାର ଭାରତର ତୃତୀୟ ମୁନ୍ ମିଶନ୍ 'ଚନ୍ଦ୍ରୟାନ୍-୩'ର ସଫଳ ଉତ୍କ୍ଷେପଣ କରାଯାଇଛି । ଆସନ୍ତା ଅଗଷ୍ଟ ୨୩ରେ ଚନ୍ଦ୍ରୟାନ୍-୩ ଚନ୍ଦ୍ରପୃଷ୍ଠରେ ପହଞ୍ଚିବ ବୋଲି ଆଶା ରହିଛି। ଏହି ପ୍ରୋଜେକ୍ଟରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ମୁକୁନ୍ଦପୁର ଗ୍ରାମର ଶୁଭାଶିଷ ନାୟକ (୨୮) ସାମିଲ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ମୁକୁନ୍ଦପୁର ଗ୍ରାମର ଏକ ଅଭାବୀ ପରିବାରରେ ଶୁଭାଶିଷଙ୍କ ଜନ୍ମ। ସେ ସ୍ଥାନୀୟ ଦାନପୁର ପଞ୍ଚାୟତ ଦୋହଲିସ୍ଥିତ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲରୁ ୨୦୦୯ ମସିହାରେ ମାଟ୍ରିକ ପାସ୍ କରିବା ପରେ କଟକ ଜଗତପୁରସ୍ଥିତ ଏକ ଘରୋଇ ଆଇଟିଆଇରେ ଅଧ୍ୟୟନ କରିଥିଲେ । ଏହାପରେ ସେ ଭୁବନେଶ୍ୱରସ୍ଥିତ ସିଟିଟିସିରେ ୩ ବର୍ଷ ଅଧ୍ୟୟନ କରିଥିଲେ। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ହାସଲ ପରେ ସେ ୨୦୧୮ରେ ଇସ୍ରୋରେ ଜଣେ ଟେକ୍ନିସିଆନ୍ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ପାଇବାର ୪ ବର୍ଷ ପରେ ସେ ଚନ୍ଦ୍ରୟାନ-୩ ପ୍ରୋଜେକ୍ଟରେ ସାମିଲ ହୋଇଥିଲେ । ବାପା ମଳୟ ନାୟକ ଓ ବଡ଼ବାପା ଅଭୟ ନାୟକ ସ୍ଥାନୀୟ ଚାନ୍ଦୋଳ ବଜାରରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଶୁଭାଶିଷ ଜଣେ ମେକାନିକାଲ୍ ଇଞ୍ଜିନିୟର ଭାବେ ଚନ୍ଦ୍ରୟାନ-୩ ପ୍ରୋଜେକ୍ଟରେ କାମ କରିବା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ଉଭୟ କହିଛନ୍ତି। ଶୁଭାଶିଷଙ୍କ ମା ନିର୍ମଳା ନାୟକ ଜଣେ ଗୃହିଣୀ। ପୁଅର ଏତେବଡ଼ ସଫଳତା ଖବର ଶୁଣି ସେ ଖୁସିବ୍ୟକ୍ତ କରିବା ସହିତ ତାଙ୍କୁ ଶୁଭକାମନା ଜଣାଇଛନ୍ତି।

# ସମଲେଇ ଯୋଜନା ଡିସେମ୍ବର ସୁଦ୍ଧା ଲୋକାର୍ପଣ



ଲୋକଙ୍କୁ ଭେଟୁଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ।

## ୫-ଟି ସଚିବଙ୍କ ସମ୍ବଲପୁର ଗସ୍ତ

- **ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ବିକାଶ ପାଇଁ ସାଢେ ୬ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**
- **ସ୍ୱଚ୍ଛତା, ସମୟସୀମାରେ କାମକଲେ ଦ୍ୱିତୀୟ କିସ୍ତି ମିଳିବ**

**ସମ୍ବଲପୁର, ୧୫।୭ (ଶୁଭାଶିଷ ପାଢ଼ୀ)**

୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ୨ଦିନିଆ ସମ୍ବଲପୁର ଗସ୍ତର ଶନିବାର ପ୍ରଥମ ଦିନରେ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁରର ଏକାଧିକ ସ୍ଥାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଗସ୍ତ ସମୟରେ ସଚିବ ଲୋକଙ୍କଠାରୁ ସିଧାସଳଖ ଅଭିଯୋଗ ଶୁଣିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ଅଭିଯୋଗ ଶୁଣିବାକୁ ପଠାଇଛନ୍ତି। ଆପଣଙ୍କ ସମସ୍ତ ଦାବି ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପ ଏକ ସପ୍ତାହ ଭିତରେ ମଞ୍ଜୁର ହୋଇ ଅନୁଦାନ ଆସିବ। ହେଲେ ସ୍ୱଚ୍ଛତା ଓ ସମୟସୀମା ଭିତରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଠିକ୍ ଭାବେ କାମ ହେଲେ ପୁଣି ଦ୍ୱିତୀୟ କିସ୍ତି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିବେ ବୋଲି ସେ କହିଥିଲେ। ସେହିପରି ସମଲେଇ ଯୋଜନାରେ ଚାଲିଥିବା ପ୍ରକଳ୍ପ କାମ ଡିସେମ୍ବର ସୁଦ୍ଧା ଲୋକାର୍ପଣ ହେବ ବୋଲି ସେ ସୂଚନା ଦେଇଥିଲେ।

ସମ୍ବଲପୁର ମଣ୍ଡଳିଆ ଖେଳପଡ଼ିଆଠାରେ ଆୟୋଜିତ ସମାବେଶରେ ଯୋଗଦେଇ ସଚିବ ପାଣ୍ଡିଆନ୍ କହିଥିଲେ, କୃଷିକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ କରାଯାଇଥିବା ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାରା ଭଳି ଧାର୍ମିକ ଅନୁଷ୍ଠାନ, କ୍ଲବ, କମ୍ୟୁନିଟି ସେଣ୍ଟର, ପାର୍କ ଭଳି ପ୍ରକଳ୍ପ କାମ ଶୀଘ୍ର ହୋଇଯିବ। ସହରାଞ୍ଚଳରେ ମୁକ୍ତା ଯୋଜନା ଓ ଗ୍ରାମାଞ୍ଚଳରେ ବିକାଶ ନେଇ ବଡ଼ ଯୋଜନା ରହିଛି। ମହିଳାମାନଙ୍କୁ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଯୋଜନା କରିଛନ୍ତି। ଏହି ଯୋଜନାରେ ତାଲିମ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ପ୍ରତିବର୍ଷ ୧୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଚାଷ, ବ୍ୟବସାୟ, ଉଦ୍ୟୋଗ, ଏପରିକି ଉନ୍ନୟନ କାମରେ ମଧ୍ୟ ନିଯୁକ୍ତି ଦିଆଯାଉଛି। ମହିଳାଙ୍କ ଆର୍ଥିକ, ସାମାଜିକ କ୍ଷେତ୍ରରେ ଉନ୍ନତି ଆସିଲେ ରାଜ୍ୟ ଆଗକୁ ବଢ଼ିବ, ଆହୁରି ଶସକ୍ତ ହେବ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନେ ବିଭିନ୍ନ ଦାବି କରିଆସୁଛନ୍ତି। ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଅନେକ ଯୋଜନା କରିଛନ୍ତି। ଖୁବ୍‌ଶୀଘ୍ର ଏକ ବଡ଼ ପ୍ୟାକେଜ ଘୋଷଣା କରିବେ। ସମ୍ବଲପୁରକୁ ଗୋଟିଏ ବର୍ଷରେ ୬୬ କୋଟି ଟଙ୍କା ଅନୁଦାନ ଦିଆଯାଇଛି। ରେଙ୍ଗାଲିରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡାକୁ ଯାଇଥିଲେ। ସେଠାରେ ଲୋକମାନଙ୍କ ସହ ଆଲୋଚନାକରି ମୁଖ୍ୟମନ୍ତ୍ରୀଙ୍କ ସହ ଫୋନରେ କଥା ହୋଇଥିଲେ। ପର୍ଯ୍ୟଟନସ୍ଥଳ ଭାବେ ଗଢିତୋଳିବା ପାଇଁ ଦାବି ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ଏଥିପାଇଁ ୬ କୋଟି ୪୧ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଘୋଷଣା କରିଥିଲେ। ଏହି ଅର୍ଥରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠର ବିକାଶ ହେବ। ୧.୯୪୫ ଏକର ଜମିରେ ସଂଗ୍ରହାଳୟ ଓ ପାଠାଗାରର ପୁନରୁଦ୍ଧାର କରାଯିବ। ସେହିପରି ସମଲେଇ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଚାଲିଥିବା କାମ ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ। ଏକ ସମୟରେ ଲକ୍ଷାଧିକ ଭକ୍ତ ଦର୍ଶନ କରିବାର ସୁବିଧା କରାଯାଇଛି। ପୁରୀ ଜଗନ୍ନାଥ ପ୍ରକଳ୍ପ ପରେ ସମଲେଇ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇଛନ୍ତି ବୋଲି କହିଥିଲେ। ପରେ ଧନକଉଡ଼ା ସ୍କୁଲ ପଡ଼ିଆରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ସେମାନଙ୍କୁ ଶାରୀରିକ, ମାନସିକ ସ୍ତରରେ ନିଜକୁ ତିଆରି କରିବାକୁ କହିଥିଲେ। ଆତ୍ମବିଶ୍ୱାସ, ପରିଶ୍ରମ ଲକ୍ଷ୍ୟ ପୂରା କରିଥାଏ। ଗୁରୁଜନ, ସାଙ୍ଗ, ପରିବାର ଲୋକଙ୍କ ପରାମର୍ଶ ନେଇ ଜଣେ ଉତ୍ତମ ନାଗରିକ ହେବାକୁ କହିଥିଲେ। ଏହି ଗସ୍ତ ସମୟରେ ତାଙ୍କ ସହ ପ୍ରଶାସନ ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା ସିୟୁଇଟି(ୟୁଜି) ରେଜଲ୍ଟ

**ଭୁବନେଶ୍ୱର, ୧୫।୭ (ଅନୁରାଧା ମହାରଣା)**

ସର୍ବଭାରତୀୟ ସ୍ତରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକରେ ୨୦୨୩-୨୪ ଶିକ୍ଷାବର୍ଷରେ ନାମଲେଖା ଲାଗି ହୋଇଥିବା କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି)ୟୁଜି ରେଜଲ୍ଟ ଶନିବାର ପ୍ରକାଶ ପାଇଛି। ଦେଶରେ ଥିବା ୨୫୦ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ମାଧ୍ୟମରେ କରାଯାଇଥିଲା। ୩୪ଦିନ ଧରି ୯୩ଟି ସିଫ୍ଟରେ ଅନୁଷ୍ଠିତ ପରୀକ୍ଷାରେ ୨୩୦୫ ପ୍ରଶ୍ନପତ୍ରରେ ୧ଲକ୍ଷ ୪୮ହଜାର ୫୨୦ ପ୍ରଶ୍ନ ରହିଥିଲା। ଓଡ଼ିଆ ଭାଷା ସମେତ ୧୩ଟି ଆଞ୍ଚଳିକ ଭାଷାରେ ପରୀକ୍ଷା ହୋଇଥିଲା। ଦେଶରେ ୨୮୫ଟି ସହରରେ ଓ ଦେଶ ବାହାରେ ୨୩ଟି ସହରରେ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ହୋଇଥିଲା। ଚଳିତବର୍ଷ ପରୀକ୍ଷା ଲାଗି ୫୦ଲକ୍ଷ ୪୬ହଜାର ୪୬୯ଜଣ ନାମ ପଞ୍ଜିକରଣ କରିଥିବାବେଳେ ସେଥିରୁ ୩୬ଲକ୍ଷ ୪୩ହଜାର ୧୬ଜଣ ପରୀକ୍ଷା ଦେଇଥିଲେ। ଆସାମୀୟା ଭାଷାରେ ୩୫୫୬ଜଣ, ବେଙ୍ଗଲିରେ ୧୩୫୪୮ଜଣ, ଇଂଲିଶରେ ୨୮ଲକ୍ଷ ୭୫ହଜାର ୫୧୨ଜଣ, ଗୁଜୁରାଟୀରେ ୪୩୯ଜଣ, ହିନ୍ଦୀରେ ୭ଲକ୍ଷ ୩୫ହଜାର ୪୦୩ଜଣ, କାନ୍ନାଡାରେ ୧୩୯ଜଣ, ମାଲାୟାଲାମରେ ୩୭୨୫ଜଣ, ମରାଠୀରେ ୩୫୯ଜଣ, ଓଡ଼ିଆରେ ୨୩୬ଜଣ, ପଞ୍ଜାବୀରେ ୮୨ଜଣ, ତାମିଲରେ ୮୪୨୧ଜଣ, ତେଲୁଗୁରେ ୮୨୬ଜଣ ଓ ଉର୍ଦ୍ଦୁଭାଷାରେ ୭୭୦ଜଣ ପରୀକ୍ଷା ଦେଇଥିଲେ। ଓଡ଼ିଆରେ ୩ଜଣ ୧୦୦ ପର୍ସେଣ୍ଟାଇଲ୍ ରଖିଥିବାବେଳେ ୨୭ଜଣ ୯୫ ପର୍ସେଣ୍ଟାଇଲରୁ ଅଧିକ ରଖିଛନ୍ତି।

# ଦଳିତଙ୍କ କାନରେ ପରିସ୍ରା କରି ୨ ଗିରଫ

ଲକ୍ଷ୍ନୌ, ୧୫।୭: ଉତ୍ତରପ୍ରଦେଶର ସୋନଭଦ୍ରା ଜିଲାରେ ଜଣେ ଦଳିତ ବ୍ୟକ୍ତିଙ୍କ କାନରେ ଅନ୍ୟ ଜଣେ ପରିସ୍ରା କରୁଥିବାର ଦୁଃଖଦ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗତ ୧୧ ତାରିଖରେ ଜିଲାର ଜୁଗାଇଲ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ମଦ ପିଇବାକୁ କେନ୍ଦ୍ରକରି ବଚସା ପରେ ଅଭିଯୁକ୍ତ ଜବାହର ପଟେଲ ଗୁଲାବ କୋଲ୍‌ଙ୍କୁ ମାଡ଼ ମାରିବା ସହ ତାଙ୍କ କାନରେ ପରିସ୍ରା କରିଥିଲେ। କୋଲ୍ ମାତାଲ ଥିବାରୁ କ'ଣ ଘଟିଲା, ତାହା ସେ ଜାଣିପାରି ନ ଥିଲେ। ତେବେ କେହି ଜଣେ ସେହି ସମୟର ଦୃଶ୍ୟକୁ ମୋବାଇଲ୍ ଫୋନ୍‌ରେ ଶୁଟିଂ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। କୋଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏତଲା ଦାଏର କରିଛି।

## ପ୍ରଥମ ପୃଷ୍ଠାରୁ...

### କଂଗ୍ରେସରୁ ମୋକିମ, ...

କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଥିଲେ। ତାଙ୍କର ଏହି ଅଭିଯୋଗ ଉପରେ ଶୃଙ୍ଖଳାଗତ କମିଟିରେ ଆଲୋଚନା ହୋଇଥିଲା ଓ ଉଭୟ ନେତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଉଭୟ ନେତାଙ୍କଠୁ ଯେଉଁ ଉତ୍ତର ମିଳିଥିଲା ତାହା ସନ୍ତୋଷଜନକ ନ ଥିଲା। ଉଭୟଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମରେ ଲିପ୍ତ ରହିବା କାରଣରୁ ତତ୍କାଳ ପ୍ରଭାବରୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଛି ବୋଲି ଅନୱାର ସୂଚନା ଦେଇଛନ୍ତି।

ରାଷ୍ଟ୍ରପତି ନିର୍ବାଚନ ସମୟରେ ଦଳୀୟ ହୁଇପ୍‌କୁ ଅମାନ୍ୟ କରି ବିଧାୟକ ମୋକିମ ସେତେବେଳେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଥିଲେ। ସଙ୍ଗଠନର ପରିଚାଳନାକୁ ନେଇ ସେ ଗଣମାଧ୍ୟମ ଆଗରେ ନିଜର କ୍ଷୋଭ ମଧ୍ୟ ବ୍ୟକ୍ତ କରିଥିଲେ। ୨୦୨୩ ମେ' ୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଜାନକୀ-ବସନ୍ତ ଯୋଡ଼ି, ଓଡ଼ିଶାରେ ସୁବର୍ଣ୍ଣ ଯୁଗ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ଚିରଞ୍ଜୀବୀ ଗଣମାଧ୍ୟମକୁ କହିଥିଲେ, କଂଗ୍ରେସରେ ୯ ଜଣ ବିଧାୟକ ଥିଲେ ମଧ୍ୟ ୨୦ ଜଣ ମୁଖ୍ୟମନ୍ତ୍ରୀ ଆଶାୟୀ ରହିଛନ୍ତି। ଏହି ସଭାରେ ଉଭୟ ଦଳ ବିରୋଧୀ ମନ୍ତବ୍ୟ ଦେଇଥିବା ପିସିସି ସଭାପତି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଅନ୍ୟପକ୍ଷରେ ଦୁଇ ଟାଣୁଆ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏଆଇସିସି ଦଳ ବିରୋଧରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଏକ ବାର୍ତ୍ତା ଦେଇଛି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଦଳର ଶୃଙ୍ଖଳାଗତ କମିଟି ଯାହା ନିଷ୍ପତ୍ତି ନେଇଛି ତାହାକୁ ଆମେ ଗ୍ରହଣ କରିବୁ। ଦଳୀୟ ବିଶୃଙ୍ଖଳା ନେଇ ମୁଁ ଦଳର ହାଇକମାଣ୍ଡଙ୍କୁ ଜଣାଇଥିଲି। ସେମାନେ ଯାହା ନିଷ୍ପତ୍ତି ନେବା କଥା ନେଇଛନ୍ତି। ନିଲମ୍ବନ ପରେ ମୋକିମ କହିଛନ୍ତି, ସାମାଜିକ ଗଣମାଧ୍ୟମରୁ ଏହା ଜାଣିବାକୁ ପାଇଲି। ଆମେ ଯେଉଁ ଉତ୍ତର ଦେଇଥିଲୁ ସେଥିରେ ଡିସିପ୍ଲିନାରି କମିଟି ସନ୍ତୁଷ୍ଟ ହୋଇ ନ ଥିବାରୁ ଏହି ନିଷ୍ପତ୍ତି ନେଇଛି। କଂଗ୍ରେସ ହାଇକମାଣ୍ଡଙ୍କ ନିଷ୍ପତ୍ତି ଆମେ ଗ୍ରହଣ କରୁଛୁ। ପରବର୍ତ୍ତୀ ସମୟରେ କ'ଣ ପଦକ୍ଷେପ ନିଆଯିବ ସେ ବିଷୟରେ ପରେ ଚିନ୍ତା କରାଯିବ। ତେବେ ସେ ଦଳକୁ ଛାଡ଼ିବେ ନାହିଁ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ଯଦି ତାଙ୍କୁ ପ୍ରାର୍ଥୀ ନ କରିବ ସେ ସ୍ୱାଧୀନ ଭାବେ ଲଢ଼ିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚିରଞ୍ଜୀବୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଆଉ କେଇଟା ମାସ ପରେ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଓ ପ୍ରଭାବଶାଳୀ ନେତାଙ୍କୁ ଦଳରୁ ନିଲମ୍ବନ କରିବା କଂଗ୍ରେସ ଉପରେ କି ପ୍ରଭାବ ପକାଇବ ଏବଂ ଉଭୟଙ୍କ ରଣନୀତି କ'ଣ ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ମାନହାନି ମାମଲାରେ...

ସହାୟତା ପାଇଲେ ନାହିଁ। ଯଦି ରାହୁଲ ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରନ୍ତି, ତେବେ ତାଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବାକୁ ଅଭିଯୋଗକାରୀ ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ପୂର୍ବରୁ ସର୍ବୋଚ୍ଚ ଅଦାଲତରେ କ୍ୟାଭିଟ୍ ଦାଏର କରିଥିଲେ।

### ଜେଲରୁ ପ୍ରେମ: ବିବାହ ...

କରିବାକୁ ପଡ଼ିଥିଲା। ବାହାଘର ପାଇଁ କୋର୍ଟ ଦୟା ଦେଖାଇ ୫ ଦିନିଆ ପାରୋଲ ମଞ୍ଜୁର କଲେ। ବର୍ଦ୍ଧମାନର କୁସୁମଗ୍ରାମସ୍ଥିତ ମୋଣ୍ଟେଶ୍ୱର ବ୍ଲକ୍‌ରେ ଦୁହେଁ ମୁସଲିମ୍ ଲ' ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ପାରୋଲ ଅବଧି ଶେଷ ହେବା ପରେ ଦୁହେଁ ପୁଣିଥରେ ବର୍ଦ୍ଧମାନସ୍ଥିତ କେନ୍ଦ୍ରୀୟ ସୁଧାର ସଂସ୍ଥାନକୁ ଫେରିଛନ୍ତି। ପ୍ରତ୍ୟେକ ଦମ୍ପତି ଯେଉଁଭଳି ଭାବେ ସଂସାର ଗଢୁଛନ୍ତି, ଦଣ୍ଡାଦେଶ ଶେଷ ହେଲେ ଜେଲରୁ ବାହାରି ଅବଦୁଲଙ୍କ ସହିତ ସେମିତି ଜୀବନ କାଟିବେ ବୋଲି ଶାହନାରା ପ୍ରତିକ୍ରିୟା ରଖିଛନ୍ତି।

### ୪୪% ବିଧାୟକଙ୍କ ନାଁରେ ...

ମଧ୍ୟରୁ ୩୧(୩୯%), ତେଲଙ୍ଗାନାର ୧୧୮ରୁ ୪୬ (୩୯%), ଉତ୍ତରପ୍ରଦେଶର ୪୦୩ ଜଣଙ୍କ ମଧ୍ୟରୁ ୧୫୫(୩୮%)ଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ମୋଟ ୧୧୪ ବିଧାୟକଙ୍କ ନାଁରେ ମହିଳା ବିରୋଧୀ ଅପରାଧ ରହିଥିବାବେଳେ ୧୪ ଜଣଙ୍କ ନାଁରେ ବଳାତ୍କାର ମାମଲା ଥିବା ସେମାନେ ଘୋଷଣା କରିଛନ୍ତି। ବିଧାୟକମାନଙ୍କ ଆପରାଧିକ ରେକର୍ଡ ବ୍ୟତୀତ ସେମାନଙ୍କ ସମ୍ପତ୍ତି ତାଲିକାର ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୧୩.୬୩ କୋଟି ଟଙ୍କା ବୋଲି ଉକ୍ତ ଅନୁଧ୍ୟାନରୁ ଜଣାପଡ଼ିଛି। ତେବେ ଆପରାଧିକ ମାମଲା ଥିବା ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୧୬.୩୬ କୋଟି ଟଙ୍କା ହୋଇଥିବାବେଳେ ଆପରାଧିକ ମାମଲା ନ ଥିବା ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୧୧.୪୫ କୋଟି ଟଙ୍କା ବୋଲି ରିପୋର୍ଟରେ କୁହାଯାଇଛି। ହାରାହାରି ସମ୍ପତ୍ତିରେ କର୍ନାଟକ ବିଧାୟକମାନେ ଶୀର୍ଷରେ ରହିଛନ୍ତି। ସେଠାର ୨୨୩ ବିଧାୟକଙ୍କ ହାରାହାରି ସମ୍ପତ୍ତି ୬୪.୩୯ କୋଟି ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ୧୭୪ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨୮.୨୪ କୋଟି ଏବଂ ମହାରାଷ୍ଟ୍ରର ୨୮୪ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨୩.୫୧ କୋଟି ଟଙ୍କା। ଅନ୍ୟପକ୍ଷରେ ତ୍ରିପୁରାର ୫୯ ବିଧାୟକଙ୍କ ହାରାହାରି ସମ୍ପତ୍ତି ସର୍ବନିମ୍ନ ୧.୫୪ କୋଟି ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗର ୨୯୩ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨.୮୦ କୋଟି ଏବଂ କେରଳରେ ୧୩୫ ବିଧାୟକଙ୍କ ହାରାହାରି ସମ୍ପତ୍ତି ୩.୧୫ କୋଟି ଟଙ୍କା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନୁଶୀଳନ କରାଯାଇଥିବା ୪,୦୦୧ ବିଧାୟକଙ୍କ ମଧ୍ୟରୁ ୮୮ ଜଣ (୨%) ବିଲିୟନେୟାର। ସେମାନଙ୍କ ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ। କର୍ନାଟକରେ ୨୨୩ରୁ ସର୍ବାଧିକ ୩୨ ବିଧାୟକ (୧୪%) ବିଲିୟନେୟାର ହୋଇଥିବାବେଳେ ଅରୁଣାଚଳପ୍ରଦେଶର ୫୯ରୁ ୪ ବିଧାୟକ (୭%) ଏବଂ ଆନ୍ଧ୍ରପ୍ରଦେଶର ୧୭୪ରୁ ୧୦ (୬ ପ୍ରତିଶତ) ବିଧାୟକ ବିଲିୟନେୟାର। ମହାରାଷ୍ଟ୍ର, ହିମାଚଳପ୍ରଦେଶ, ଗୁଜରାଟ ଓ ମଧ୍ୟପ୍ରଦେଶରେ ମଧ୍ୟ ବିଧାୟକଙ୍କ ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ ରହିଥିବା ସେମାନଙ୍କ ସମ୍ପତ୍ତି ଘୋଷଣାନାମାରୁ ଜଣାପଡ଼ିଛି।

### ମାଲବାହୀ ଟ୍ରେନ୍‌ରୁ ...

ଷ୍ଟେଶନକୁ ନିଆଯିବା ପରେ ରାତି ପ୍ରାୟ ୯ଟା ପରେ ଅଟକିଥିବା ସମସ୍ତ ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ଘଟଣା ସମ୍ପର୍କରେ ମାଲବାହୀ ଟ୍ରେନ୍‌ର ଗୁଡ୍‌ସ ମ୍ୟାନେଜର ଜି.ରଘୁନାଥ କହିଛନ୍ତି ମାଲବାହୀ ଟ୍ରେନ୍‌ରେ ଲକିଂ ସିଷ୍ଟମର କପ୍ଲିରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ଏଭଳି ପରିସ୍ଥିତି ଉପୁଜିଲା। ମାଲବାହୀ ଟ୍ରେନ୍‌ର ବଗିଗୁଡ଼ିକ ଚାପ ଦ୍ୱାରା ସଂଯୋଗ କରାଯାଇଥାଏ। ବଗି ନଂ.SWR 28696ରେ ଏଭଳି ତ୍ରୁଟି କାରଣରୁ ବଗିରେ ଥିବା ଇଣ୍ଟରଲକିଂ ସିଷ୍ଟମ୍‌ଟି ଭାଙ୍ଗି ଯାଇଥିଲା। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ, ଡାଉନ୍ ଲାଇନ୍‌ରେ ଅଟୋମେଟିକ୍ ବ୍ଲକ୍ ସିଷ୍ଟମ ସିଗ୍‌ନାଲ ରହିଛି। ଫଳରେ ଗୋଟିଏ ଟ୍ରାକ୍‌ରେ ୩ରୁ ୪ଟି ଟ୍ରେନ୍ ପରସ୍ପରଠାରୁ ୧୦୦ରୁ ୨୦୦ ମିଟର ମଧ୍ୟରେ ଯାତ୍ରା କରିପାରିବେ। ତେଣୁ ମାଲ୍‌ବାହୀ ଟ୍ରେନ୍ ବଗି ଅଲଗା ହେବା ସୂଚନା ମିଳିବା ପରେ ଉକ୍ତ ଲାଇନ୍‌ରେ ଥିବା ଅନ୍ୟ ଟ୍ରେନ୍‌ଗୁଡ଼ିକୁ ଆବଶ୍ୟକତା ଅନୁସାରେ ପଛକୁ ପଛ ରଖାଯାଇଥିଲା। ସୂଚନା ମୁତାବକ, ଗତ ଜୁନ୍ ୨ରେ ବାଲେଶ୍ୱର ବାହାନଗାଠାରେ ଭୟଙ୍କର ରେଳ ଦୁର୍ଘଟଣାରେ ଏବେସୁଦ୍ଧା ୨୯୩ଜଣଙ୍କ ମୃତ୍ୟୁ ଘଟିଛି। ଏହାର କିଛିଦିନ ବ୍ୟବଧାନ ପରେ ଜୁନ୍ ୭ରେ ଯାଜପୁର ରୋଡ୍ ଷ୍ଟେଶନରେ ଟ୍ରାକ୍‌ରେ ରହିଥିବା ମାଲବାହୀ ଟ୍ରେନ୍ ବଗିଗୁଡ଼ିକ ପବନବର୍ଷାରେ ଗଡିବାରୁ ଏହା ତଳେ ଆଶ୍ରୟ ନେଇଥିବା ୭ଜଣଙ୍କ ଜୀବନ ଯାଇଥିଲା। ସେହିପରି ୯ ଜୁନ୍‌ରେ ନୂଆପଡାଠାରେ ଦୁର୍ଗ-ପୁରୀ ଏକ୍ସପ୍ରେସର ଏସି ବଗିରେ ନିଆଁ ଲାଗିଯାଇଥିଲା। ୭ ଜୁଲାଇରେ ହାଓଡାରୁ ହାଇଦ୍ରାବାଦ୍ ଅଭିମୁଖେ ଯାତ୍ରା କରୁଥିବା ଫଲକନାମା ଏକ୍ସପ୍ରେସ୍‌ର ୪ଟି ଏସି ବଗିରେ ନିଆଁ ଲାଗିଥିଲା। ୧୦ ଜୁଲାଇରେ ବ୍ରହ୍ମପୁର ନିକଟରେ ବିବେକ୍ ଏକ୍ସପ୍ରେସରେ ନିଆଁ ଲାଗିଥିବାବେଳେ ୧୪ ଜୁଲାଇରେ ଜଳେଶ୍ୱର ନିକଟରେ ଥିବା ଲକ୍ଷ୍ମଣନାଥ ଷ୍ଟେଶନରେ ଏକ ମେମୁ ଟ୍ରେନ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରେଳ ଯାତ୍ରା ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ରବି ଓ ଚନ୍ଦ୍ର ତୃତୀୟସ୍ଥ ହେତୁ ଭାଇ, ବନ୍ଧୁ, କୁଟୁମ୍ବ ଓ ପରିବାର ପାଇଁ ଅନୁକୂଳ ଫଳ ମିଳିବ ନାହିଁ। ଧର୍ମସ୍ଥାନକୁ ଦୃଷ୍ଟି ହେତୁ ଧାର୍ମିକ କାର୍ଯ୍ୟ ସମ୍ପାଦନ, ଦେବଦର୍ଶନ ପାଇଁ ଇଚ୍ଛା ଜାଗ୍ରତ ହେବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ**
ଶୁକ୍ର ସହ ମଙ୍ଗଳଜନିତ ଯେତେ ଭଲ କରିବା ଓ କହିବା ପାଇଁ ଚାହିଁଲେ ମଧ୍ୟ ପରିସ୍ଥିତି ତାହା କରାଇ ଦେଇ ନପାରେ। ଉଚ୍ଚସ୍ତରର ବନ୍ଧୁଙ୍କ ଦେଖାମିଳିବ, କିନ୍ତୁ ଦି'ପଦ କଥା ମଧ୍ୟ ହୋଇପାରିବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପୁରୁଣା ରୋଗ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**
ମନ ରାଇଜକୁ ବହୁତ କଥା ପଶି ଆସିବ, କିନ୍ତୁ ବିଚାର ବିଗିଡ଼ିଯିବ। ବାହାର ଜାଗାରେ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତି ଦୂରେଇ ରହିବେ ଓ ବନ୍ଧୁତା ରହିଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇନେବେ। ଆକସ୍ମିକ ଭାବରେ ଯୋଜନା ନ ଥାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ**
ଶନି ଦୃଷ୍ଟିରୁ ବିଳମ୍ବିତ ସମୟକୁ ନେଇ ଉଦ୍ୟମକୁ ଭଣ୍ଡୁର କରିବାର ଯୋଜନା କରିବେ। ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ସନ୍ତୁଳନ ମଧ୍ୟ ହରାଇବେ। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ରତର ହୋଇପାରେ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ସିଂହ**
ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ଓଲଟା ରହିବ। ଆପଣଙ୍କ ହିତ କଥାକୁ କିଏ ଶୁଣିବେ ନାହିଁ। ବାହାନା ଦେଖାଇ ଯିବା ପାଇଁ ବାଟ ଖୋଜିବେ। ଧାର କରଜ କରି କାମକୁ ଚଳାଇ ନେଇପାରନ୍ତି। ବ୍ୟବସାୟିକ କ୍ଷେତ୍ର, ଆଲୋଚନା ସଭା, ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କନ୍ୟା**
ଅସ୍ଥିରତା ଅନୁଭବ କଲେ ମଧ୍ୟ କାମଗୁଡ଼ିକ ସାମାନ୍ୟ ବ୍ୟତିକ୍ରମ ଭିତରେ ସମ୍ପନ୍ନ ହେବ। କୌଣସି ଖୋଜୁଥିବା ଅତ୍ୟାବଶ୍ୟକ କାଗଜପତ୍ର ନପାଇ ବ୍ୟସ୍ତ ହୋଇ ପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ସମଧର୍ମୀୟ ବ୍ୟକ୍ତି ସହ ସମ୍ପର୍କ ସ୍ଥାପନ ହିତକର ହେବ।

**ତୁଳା**
ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ମଧ୍ୟ ଆଜି ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସୁବିଧା, ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ। ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ। ବାଣିଜ୍ୟାରମ୍ଭ, ସତ୍‌ସଙ୍ଗ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ।

**ବିଛା**
କର୍ମକ୍ଷେତ୍ରରେ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ବିଶୃଙ୍ଖଳିତ ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣାଦି କାର୍ଯ୍ୟ ଠିକଠାକ୍ ଚାଲିବ। ପରୋକ୍ଷ ଶତ୍ରୁତା ହେତୁ କୌଣସି ଦୀର୍ଘମିଆଦୀ କାମ ସକାଶେ ଚିନ୍ତିତ ରହିପାରନ୍ତି।

**ଧନୁ**
ଗୁରୁ ଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ନୂତନ ଯୋଜନାକୁ ସାକାର କରିବାକୁ ଚେଷ୍ଟା କରିବେ। ପ୍ରବଳ ବିରୋଧାତ୍ମକ ପରିବେଶରେ ମଧ୍ୟ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିପାରନ୍ତି। ରାଜନୀତି, ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**
ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ପାରିବେ ନାହିଁ। ବନ୍ଧୁଙ୍କ ଭିଡ଼ରେ ନିଜ ଲୋକଟିର କଥା ଶୁଣିବାକୁ ବେଳ ପାଇବେ ନାହିଁ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ବନ୍ଧୁଙ୍କ ରାଗରୁଷା, ସ୍ତ୍ରୀଙ୍କ ମୁହଁଫୁଲା, ଯାତ୍ରା ଓ ବାଣିଜ୍ୟ ସମସ୍ୟାରେ ବ୍ୟସ୍ତ ରହିପାରନ୍ତି।

**କୁମ୍ଭ**
ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। କଳକାରଖାନା, ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ନିଜ ପରିସରରେ ପାରିବେଶିକ ଅଶାନ୍ତି ସକାଶେ ଚିନ୍ତିତ ରହିବେ।

**ମୀନ**
କର୍ମ ପରିସର ବ୍ୟାପକ ହେବା କାରଣରୁ ଶାନ୍ତିରେ ନିଃଶ୍ୱାସ ନେଇପାରିବେ ନାହିଁ। ଲୋକ ସମର୍ଥନ ଥିବା କାରଣରୁ ଆପଣଙ୍କୁ ସମସ୍ୟା ମୁକ୍ତ କରାଇବାରେ ସହାୟକ ହେବେ। ଆକସ୍ମିକ ଭାବରେ ଜଣେ ନୀଚଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲିପାରିବେ ନାହିଁ। ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ମାସାନ୍ତ, ଜୁଲାଇ ୧୬ ତାରିଖ, ବିଶ୍ୱ ସର୍ପଦିବସ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୦ ଗତେ ୦୯।୪୧ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।




# ୨ବର୍ଷ ଧରି ନିଖୋଜ ଥିବା ଯୁବତୀଙ୍କ ମୃତଦେହ ଗାଁ ମୁଣ୍ଡରୁ ଜବତ

ଦଶମନ୍ତପୁର,୧୫।୭ (ଅରବିନ୍ଦ ନାୟକ)

୨ ବର୍ଷ ୩ ମାସ ହେଲା ନିଖୋଜ ଥିବା ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ ପଞ୍ଚାୟତର କତ୍ରାଆମ୍ବ ଗ୍ରାମ ନିକଟରୁ ଜବତ କରିଛି। ମୃତକ ହେଲେ କଡ୍ଡୁ ମୁଦୁଲିଙ୍କ ଝିଅ କୁନି (୨୩)।

ଖବରରୁ ଜଣାପଡିଛି, ୨୦୨୧ରେ କୁନିଙ୍କର ଉକ୍ତ ପଞ୍ଚାୟତର ଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ଅନ୍ୟ ସମ୍ପ୍ରଦାୟର ଓ ପୂର୍ବରୁ ବିବାହିତ ହୋଇଥିବାରୁ ଏନେଇ ପରିବାର ଲୋକେ ପ୍ରତିବାଦ କରି ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ସେତେବେଳେ ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଯୁବକ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଝିଅକୁ ନେବାକୁ ପରିବାର ଲୋକେ ରାଜି ନ ହେବାରୁ ତତ୍କାଳୀନ ଥାନା ଅଧିକାରୀ ତାଙ୍କୁ ଜିଲା ମହିଳା ସୁରକ୍ଷା କେନ୍ଦ୍ରକୁ ପଠାଇଥିଲେ। କିଛି ଦିନ ପରେ କୁନି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଦଶମନ୍ତପୁର ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଏହାପରଠାରୁ କୁନି କେଉଁଠି କାହା ସହ ରହୁଥିଲେ ତାହା ଜଣାପଡି ନ ଥିଲା। ତେବେ ଗାଁ ଆମ୍ବଗଛ ରାସ୍ତା ଦେଇ କେତେଜଣ ଚାଷୀ ଶନିବାର ସକାଳୁ ଚାଷ କରିବାକୁ ଯାଉଥିବା ବେଳେ ଏକ ପଥର ଉପରେ ଜଣେ ମହିଳା ପାଟିରୁ ଫେଣ ବାହାରୁଥିବା ଅବସ୍ଥାରେ ପଡିଥିବା ଦେଖିବାକୁ ପାଇ ଏ ସମ୍ପର୍କରେ ସେମାନେ ଚଣାବାଡ ସରପଞ୍ଚ ରାଜଲକ୍ଷ୍ମୀ ମାଝି ଏବଂ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କଡ୍ଡୁଙ୍କ ଝିଅ କୁନି ବୋଲି ଚିହ୍ନଟ କରିଥିଲେ। ମୃତଦେହ ପଡିଥିବା ଖବର ପାଇ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, ସେକେଣ୍ଡ ଅଫିସର ନିର୍ମଳା ଲିମା ଗ୍ରାମରେ ପହଞ୍ଚିଥିଲେ। କୁନିଙ୍କ ମୃତଦେହ ନିକଟରୁ ଗୋଟିଏ ହାତ ବ୍ୟାଗ୍, ଗୋଟିଏ ଝୁଲା ବ୍ୟାଗ୍ ଏବଂ ଫ୍ଲିପ୍‌କାର୍ଟ ଦ୍ୱାରା ଅର୍ଡର କରାଯାଇଥିବା ମହିଳାଙ୍କ ବ୍ୟବହାରଯୋଗ୍ୟ କିଛି ସାମଗ୍ରୀ ମିଳିଥିଲା। ମୃତଦେହ ଜବତ ପରେ ଏହାକୁ ବ୍ୟବଚ୍ଛେଦ ଲାଗି କୋରାପୁଟ ପଠାଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ କୁନିଙ୍କ ବାପା କଡ୍ଡୁ କହିଛନ୍ତି, ତାଙ୍କ ଝିଅ ଦୀର୍ଘ ୨ ବର୍ଷ ୩ ମାସ ହେଲା ନିଖୋଜ ହୋଇଯାଇଥିଲା। ତେବେ ଗ୍ରାମ ମୁଣ୍ଡକୁ ତା'ମୃତଦେହ କିପରି ଆସିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେସ୍ ନଂ. ୧୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି। ଏପରି ରହସ୍ୟଜନକ ଘଟଣାର ଉଚିତ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ୟବଚ୍ଛେଦ ନ କରି ଜିଆର୍‌ପି ପୋତିଥିଲା, ପୋଲିସ କାଢ଼ିଲା

ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)/କଣ୍ଟାବାଞ୍ଜି, (ଗୁରୁଦୟାଲ ହଂସ), ୧୫।୭


ପୋତା ଯାଇଥିବା ସ୍ଥାନକୁ ଖୋଳି ମୃତଦେହ ବାହାର କରୁଛନ୍ତି।

ଜଣେ ନାବାଳକଙ୍କ ମୃତ୍ୟୁକୁ କଣ୍ଟାବାଞ୍ଜି ରେଲୱେ ପୋଲିସ(ଜିଆର୍‌ପି) ଏବଂ କଣ୍ଟାବାଞ୍ଜି ଥାନା ପୋଲିସର ମନମୁଖି କାର୍ଯ୍ୟ ଏବଂ ଆଇନ ଉଲ୍ଲଂଘନ ଚର୍ଚ୍ଚାର ବିଷୟ ହୋଇଛି। ରେଳଲାଇନ୍ ଉପରୁ ଜବତ ହୋଇଥିବା ଜଣେ ନାବାଳକଙ୍କ ମୃତଦେହକୁ ବିନା ବ୍ୟବଚ୍ଛେଦରେ ଜିଆର୍‌ପି ପୋତି ଦେଇଥିଲା। ଅଭିଯୋଗ ପରେ ମାଟି ଖୋଳି ବାହାର କରି କଣ୍ଟାବାଞ୍ଜି ଥାନା ପୋଲିସ ପୁଣି ବିନା ବ୍ୟବଚ୍ଛେଦରେ ମୃତକଙ୍କ ପରିବାରବର୍ଗଙ୍କୁ ସଂସ୍କାର ପାଇଁ ମୃତଦେହ ହସ୍ତାନ୍ତର କରିଦେବା ଘଟଣା ଆଲୋଡ଼ନ ଖେଳାଇଛି।

ମିଳିଥିବା ସୂଚନା ମୁତାବକ, ଗତ ୧୩ତାରିଖ ଅପରାହ୍ନରେ କଣ୍ଟାବାଞ୍ଜି କୁକୁଡାହାଡ ନିକଟ ରେଳଲାଇନ୍ ଉପରୁ ଜଣେ ନାବାଳକଙ୍କ ମୃତଦେହକୁ କଣ୍ଟାବାଞ୍ଜି ଜିଆର୍‌ପି ଜବତ କରିଥିଲା। ମୃତକଙ୍କ ପରିଚୟ ପାଇଁ ନିୟମତଃ ଅପେକ୍ଷା ନ କରି ସେହିଦିନ ନାବାଳକଙ୍କ ମୃତଦେହକୁ ମାଟି ଖୋଳି ପୋତି ଦେଇଥିଲା। ସେହିଦିନ କଣ୍ଟାବାଞ୍ଜିର ପ୍ରମୋଦ ଜୈନଙ୍କ ପୁତ୍ର ଲଳିତ(୧୫) ଘରୁ ନିଖୋଜ ହୋଇଯାଇଥିଲେ। ଖୋଜି ନ ପାଇବାରୁ ପରିବାର ଲୋକେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ତଦନ୍ତ ଆରମ୍ଭ କରାଯିବା ପରେ ଜିଆରପିକୁ ପଚରାଉଚରା କରାଯାଇଥିଲା। ଜିଆର୍‌ପି ଗତ ୧୩ ତାରିଖ ଜବତ କରିଥିବା ନାବାଳକଙ୍କ ମୃତଦେହ ପୋତି ଦେଇଥିବା ଖବର ପାଇବା ପରେ କଣ୍ଟାବାଞ୍ଜି ଥାନା ପୋଲିସ ଅଚିହ୍ନା ମୃତଦେହ ଚିହ୍ନଟ ହୋଇ ନ ଥିବାବେଳେ କିଭଳି ବିନା ବ୍ୟବଚ୍ଛେଦରେ ପୋତି ଦିଆଗଲା ବୋଲି ଜିଆର୍‌ପିକୁ ପ୍ରଶ୍ନ କରିଥିଲା। ଏଭଳି ସୂଚନା ପାଇବା ପରେ ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜିଆର୍‌ପି ଏବଂ କଣ୍ଟାବାଞ୍ଜି ପୋଲିସ ପୋତା ଯାଇଥିବା ସ୍ଥାନରୁ ମୃତଦେହ ବାହାର କରିବା ପରେ ଉକ୍ତ ମୃତଦେହ ଲଳିତଙ୍କର ବୋଲି ଚିହ୍ନଟ କରାଯାଇଥିଲା। ତେବେ ମୃତଦେହ ଚିହ୍ନଟ ପରେ କଣ୍ଟାବାଞ୍ଜି ଥାନା ପୋଲିସ ବିନା ବ୍ୟବଚ୍ଛେଦରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଦେବା ଏବଂ ପରିବାର ଲୋକେ ଅନ୍ତିମ ସତ୍କାର କରିଦେଇଥିବା ଜଣାପଡିଛି। ଏନେଇ

**ନାବାଳକଙ୍କ ମୃତ୍ୟୁକୁ ନେଇ ବଢୁଛି ସସ୍‌ପେନ୍ସ**

- କଣ୍ଟାବାଞ୍ଜି ପୋଲିସ ବି ବିନା ବ୍ୟବଚ୍ଛେଦରେ ପରିବାରକୁ ହସ୍ତାନ୍ତର କଲା
- ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେଲାନାହିଁ

କଣ୍ଟାବାଞ୍ଜି ଜିଆର୍‌ପି ଏଏସ୍‌ଆଇ ସୀତାରାମ ସୁନାନୀଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ କଣ୍ଟାବାଞ୍ଜି ହସ୍ପିଟାଲରେ ଫ୍ରିଜର ବ୍ୟବସ୍ଥା ନ ଥିବାରୁ ରେଳଲାଇନ୍‌ରୁ ଜବତ ହୋଇଥିବା ମୃତଦେହକୁ ପୋତି ଦିଆଯାଇଥିଲା ବୋଲି କହିଛନ୍ତି। ଅଚିହ୍ନା ମୃତଦେହକୁ ଚିହ୍ନଟ ପାଇଁ ୭୨ ଘଣ୍ଟା ରଖାଯିବା ଏବଂ ବ୍ୟବଚ୍ଛେଦ କରି ପୋତାଯିବା ନିୟମ ରହିଥିଲେ ମଧ୍ୟ ଜିଆର୍‌ପି କାହିଁକି ଏହାର ଉଲ୍ଲଂଘନ କଲା ବୋଲି ପ୍ରଶ୍ନ କରିବାରୁ ଏଏସଆଇ ସୁନାନୀ କିଛି ବି ଉତ୍ତର ଦେଇ ନ ଥିଲେ। ଅନ୍ୟପଟେ କଣ୍ଟାବାଞ୍ଜି ପୋଲିସ ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋତା ସ୍ଥାନରୁ ନାବାଳକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲେ ମଧ୍ୟ ଏହାର ସାଇଣ୍ଟିଫିକ୍ ଚିହ୍ନଟ ବା ବ୍ୟବଚ୍ଛେଦ ନ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଦେଇଥିଲା। କଣ୍ଟାବାଞ୍ଜି ଜିଆର୍‌ପିର ଭୁଲକୁ ପୁଣି ଥରେ କଣ୍ଟାବାଞ୍ଜି ଥାନା ପୋଲିସ ଦୋହରାଇ ଥିବାରୁ ନାବାଳକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଅମୃତଲାଲ ବେହେରା, କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା, ଜିଆର୍‌ପି ଅଧିକାରୀ ସୀତାରାମ ସୁନାନୀ ମୃତଦେହ ପୋତାଯାଇଥିବା ସ୍ଥାନରେ ଉପସ୍ଥିତ ଥିଲେ। ଲଳିତଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇ ନ ଥିବାବେଳେ ଏହା ବାସ୍ତବରେ ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। କେଉଁ କାରଣରୁ ବିନା ବ୍ୟବଚ୍ଛେଦରେ ମୃତଦେହ ପୋତାଯିବା ପରେ ପୁଣି ଥରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଗଲା ସେନେଇ ପୋଲିସ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ତରବରିଆ ଭାବେ ଜିଆର୍‌ପି ମୃତଦେହ ପୋତିଦେବା, ପୋତା ମୃତଦେହ ଖୋଳିବା ପରେ ମଧ୍ୟ ବିନା ବ୍ୟବଚ୍ଛେଦରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ଘଟଣାକୁ ନେଇ ନାନା ଆଲୋଚନା ଶୁଣିବାକୁ ମିଳୁଛି।

# ଆହୁରି ୫ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୫।୭ (ଅନୁରାଧା ମହାରଣା)

**ଭଦ୍ରକରେ ସର୍ବାଧିକ ୧୬୫ ମିମି ବର୍ଷିଲା**

**ଆଜି ପାଇଁ ୧୧ ଜିଲାକୁ ଅରେଞ୍ଜ ୱାର୍ନିଂ**

ଏବେ ମୌସୁମୀ ସ୍ୱାଭାବିକ ସ୍ଥିତିରେ ପହଞ୍ଚିଛି। ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଶନିବାର ଅପରାହ୍ନ ୫ଟା ୩୦ ସୁଦ୍ଧା ମିଳିଥିବା ସୂଚନାନୁସାରେ, ଭଦ୍ରକ ସହରରେ ସର୍ବାଧିକ ୧୬୫ ମିମି ବର୍ଷା ହୋଇଛି। ସେହିପରି ଜଗତ୍‌ସିଂହପୁରରେ ୧୩୨.୬ ମିମି, ଝାରସୁଗୁଡା ୧୨୧ମିମି, ଚାନ୍ଦବାଲି ୮୦.୬ ମିମି, ଭୁବନେଶ୍ୱର ୪୬.୪ ମିମି, ବାଲେଶ୍ୱର ୨୩.୩ ମିମି, ପାରାଦୀପ ୧୫.୬ ମିମି, ଗୋପାଳପୁର ୫.୪ ମିମି, କେନ୍ଦୁଝର ୮.୬ ମିମି, ପୁରୀ ୧୫.୮ ମିମି ଓ ସମ୍ବଲପୁରରେ ୧୫.୪ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ଆହୁରି ବର୍ଷିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ରାଜ୍ୟର ପ୍ରାୟ ୧୧ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ, ଝାରସୁଗୁଡ଼ା ଓ ସମ୍ବଲପୁର ଆଦିରେ ଜଳବନ୍ଦୀ ଓ କଚ୍ଚାଘର ପ୍ରତି ବିପଦ ଥିବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଧାନ ଆଦି ବିହନ ବୁଣା ଯାଇଥିବା ଜମିରେ ପାଣି ଜମିବା ଆଶଙ୍କା ରହିଥିବାରୁ ଏ ଦିଗରେ ସତର୍କ ରହିବା ପାଇଁ ସୂଚନା ଦିଆଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ଼, ବୌଦ୍ଧ, କନ୍ଧମାଳ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ଆଦି ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୭ ତାରିଖ ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଆଦି ଜିଲାରେ ଘଡଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଉକ୍ତ ଜିଲାଗୁଡ଼ିକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୮ରୁ ୨୦ ତାରିଖରେ ମଧ୍ୟ ସାରା ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ


ତନରଡ଼ାଠାରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

ଭଞ୍ଜନଗର,୧୫।୭(ବାବୁଲା ପ୍ରଧାନ)

- ପୋଲିସ ପିଟି ପିଟି ମାରିଦେବା ଅଭିଯୋଗ
- ମୃତଦେହ ରଖି ଲୋକଙ୍କ ରାସ୍ତା ଅବରୋଧ

ଗଞ୍ଜାମ ଜିଲା ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆତନରଡ଼ା ଗ୍ରାମର ଚରଣ ବେହେରା (୪୦)ଙ୍କ ଶନିବାର ସକାଳେ ମୃତ୍ୟୁ ହୋଇଛି। ତାଙ୍କ ଶରୀରରେ ଏକାଧିକ ଆଘାତ ଚିହ୍ନ ରହିଛି। ତେଣୁ ତାଙ୍କୁ ପୋଲିସ ପିଟି ପିଟି ମାରିଦେଇଛି ବୋଲି ଚରଣଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଉତ୍ତ୍ୟକ୍ତ ଗ୍ରାମବାସୀ ସନ୍ଧ୍ୟାରେ ତନରଡ଼ାଠାରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ମୃତ ଚରଣଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ ସହ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, କିଛିଦିନ ପୂର୍ବେ ତନରଡ଼ା ଅଞ୍ଚଳର ଏକ ଦୋକାନରୁ ବିସ୍କୁଟ, ମିକ୍ସଚର ଓ ବିଭିନ୍ନ ଗୁଟ୍‌ଖା ଚୋରି ହୋଇଥିଲା। ଗତ ୧୦ ତାରିଖରେ ବେଲଗୁଣ୍ଠା ପୋଲିସ ଚରଣଙ୍କ ଘରେ ପଶି ତାଙ୍କୁ ଉଠାଇ ନେଇଥିଲା। ୧୧ ତାରିଖରେ ଚୋରି ଜିନିଷ ରଖିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଥିଲା। ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଜେଲ କର୍ମଚାରୀ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚରଣଙ୍କ ହାତ, ଗୋଡ଼, ପିଠିର ଏକାଧିକ ସ୍ଥାନରେ ଚିହ୍ନ ଥିବାରୁ ତାଙ୍କୁ ପୋଲିସ ପିଟି ପିଟି ମାରିଦେଇଛି ବୋଲି ଚରଣଙ୍କ ସ୍ତ୍ରୀ ଏବଂ ବାପା ଅଭିଯୋଗ କରିଛନ୍ତି। ଭଞ୍ଜନଗର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜେଲ ଅଧୀକ୍ଷକ ଦଣ୍ଡପାଣି ପାତ୍ର କହିଛନ୍ତି, ଶୁକ୍ରବାର ଚରଣ ଅସୁସ୍ଥ ଅନୁଭବ କରିଥିଲେ। ତେଣୁ ଜେଲ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଇଥିଲା। ଶନିବାର ସକାଳେ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେଲ ଭିତରେ ଚରଣଙ୍କୁ କେହି ଆକ୍ରମଣ କରିନାହାନ୍ତି। ଚରଣଙ୍କ ଶରୀରରେ ଥିବା କ୍ଷତ ଚିହ୍ନଗୁଡ଼ିକ କେଉଁଠି ପଡ଼ିଯିବା ଯୋଗୁ ହୋଇଥାଇପାରେ ବୋଲି ଅଧୀକ୍ଷକ ପାତ୍ର କହିଛନ୍ତି।

# କମ୍ପ୍ୟୁଟରଜନିତ ତ୍ରୁଟି ଯୋଗୁ ଭିନ୍ନକ୍ଷମ ପରୀକ୍ଷାର୍ଥୀ ହଟହଟା

କଟକ,୧୫।୭ (କାର୍ତ୍ତିକ ସାହୁ)

- ମେଡିକାଲ ନାମଲେଖା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ
- ୧୭୪ ପରିବର୍ତ୍ତେ ୫୧ଟି ଠିକ୍ ଉତ୍ତର ମିଳିଛି
- ଜବାବ ଦାଖଲ ପାଇଁ ଏନ୍‌ଟିଏ ଚେୟାର ପର୍ସନଙ୍କୁ ନିର୍ଦ୍ଦେଶ

ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ କମ୍ ମାର୍କ ମିଳିଛି। ସେ ଓଏମ୍‌ଆର୍ ସିଟ୍‌ରେ ଯେତିକି ଠିକ୍ ଉତ୍ତର ଦେଇଛନ୍ତି ତାଙ୍କୁ ସେତିକି ମାର୍କ ମିଳିନାହିଁ। କମ୍ପ୍ୟୁଟରରେ ମୂଲ୍ୟାୟନଜନିତ ତ୍ରୁଟି ପାଇଁ ତାଙ୍କର ନମ୍ବର କମ୍ ହୋଇଛି। ଯାହାଦ୍ୱାରା ସେ ମେଡିକାଲ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ହେବାକୁ ଥିବା କାଉନ୍‌ସେଲିଂ ପ୍ରକ୍ରିୟାରେ ଭାଗ ନେବାରୁ ବଞ୍ଚିତ ହେବେ। ଏହାକୁ ନେଇ ଆବେଦନକାରୀ ରିଶିରାଜ ଦାଶଙ୍କ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ପରୀକ୍ଷା ପରିଚାଳନା କରୁଥିବା ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଚେୟାରପର୍ସନ୍‌ଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ରିଶିରାଜ ଜଣେ ଭିନ୍ନକ୍ଷମ ପରୀକ୍ଷାର୍ଥୀ। ୨୦୨୩ ମେ' ୭ରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ୍ ୧୩ରେ ଫଳ ପ୍ରକାଶନ ପରେ ରିଶିରାଜଙ୍କୁ ୭୬ ମାର୍କ ମିଳିଥିବା ସେ ଜାଣିବାକୁ ପାଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ତାଙ୍କୁ ଓଏମ୍‌ଆର୍ ସିଟ୍‌ର ନକଲ ସହିତ ରିଚେକିଂ କରି ତଥ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ ଏନ୍‌ଟିଏ ପକ୍ଷରୁ ଓଏମ୍‌ଆର୍ ସିଟ୍‌ର ନକଲ ଇ-ମେଲ ଜରିଆରେ ଯୋଗାଇ ଦିଆଯାଇଥିଲା। ଏନ୍‌ଟିଏ ପକ୍ଷରୁ ତାଙ୍କୁ ସୂଚିତ କରାଯାଇଥିଲା ଯେ, ସେ ୧୭୯ଟି ପ୍ରଶ୍ନର ଉତ୍ତର ଦେଇଛନ୍ତି। ତନ୍ମଧ୍ୟରୁ ୫୧ଟି ଉତ୍ତର ଠିକ୍ ହୋଇଥିବାବେଳେ ୧୨୮ଟି ଉତ୍ତର ଭୁଲ୍ ରହିଛି ଏବଂ ସେ ମୋଟ ୭୬ ନମ୍ବର ପାଇଛନ୍ତି। ହେଲେ ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଉପଲବ୍ଧ ଆନ୍ସର କି' ସହିତ ଇ-ମେଲ୍ ଯୋଗେ ପାଇଥିବା ଓଏମ୍‌ଆର୍ ସିଟ୍‌ରେ ଦେଇଥିବା ଉତ୍ତରଗୁଡ଼ିକୁ ରିଶିରାଜ ମିଳାଇଥିଲେ। ଏଥିରେ ସେ ୧୭୪ଟି ଉତ୍ତର ଠିକ୍ ଦେଇଥିବା ଅବଗତ ହୋଇଥିଲେ। କମ୍ପ୍ୟୁଟରରେ ଓଏମ୍‌ଆର୍ ସିଟ୍‌ଗୁଡ଼ିକୁ ମୂଲ୍ୟାୟନବେଳେ ତ୍ରୁଟି ପାଇଁ ରିଶିରାଜ ଏଭଳି ପରିସ୍ଥିତିରେ ପଡ଼ିଥିବା ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।




# ଫେବୃୟାରୀ ୧୫ରୁ ସିବିଏସ୍‌ଇ ଦଶମ, ୧୭ରୁ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧୫।୭(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୩-୨୪ ଶିକ୍ଷାବର୍ଷର ଦଶମ ପରୀକ୍ଷା ୨୦୨୪ ଫେବୃୟାରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୧ ସରିବ। ସେହିପରି ଫେବୃୟାରୀ ୧୭ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଜାନୁୟାରୀ ୨ରୁ ଫେବୃୟାରୀ ୧୪ ମଧ୍ୟରେ ଉଭୟ ଶ୍ରେଣୀର ପ୍ରାକ୍ଟିକାଲ ପରୀକ୍ଷା ସରିବ ବୋଲି ସୂଚନା ଦିଆଯାଇଛି।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR
DISTRICT PROGRAMME MANAGEMENT UNIT (DPMU)
NATIONAL HEALTH MISSION (NHM)
No.E-263:-

WALK-IN-INTERVIEW

Advt. No. 2276 Date 14.7.2023

Walk-in-interview will be conducted as scheduled below for filling of the following posts under National Health Mission of Jagatsinghpur district.

| Sl. No. | Name of the Programme/Activities as per NHM PIP | Name of the post | Vacancy | Monthly remuneration (In Rupees) + PI | Date of registration / interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 3 | Rs.64,324/- +PI | 03.08.2023 |
| 2 | District Early Intervention Centre (DEIC) | MO MBBS | 1 | Rs.64,324/- +PI | 03.08.2023 |
| 3 | Urban PHC, Paradeep | Medical Officer | 1 | Rs.64,324/- +PI | 03.08.2023 |

**Venue: Office of the CDM & PHO-cum-DMD, Jagatsinghpur**

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience of post along with application form can be downloaded from the district website: www.jagatsinghpur.nic.in. The interested candidates may attend the walk-in-interview from 10.00 A.M. to 11.00 A.M. on the scheduled date for registration. The candidates are requested to visit the district website on regular interval till completion of recruitment / empanelment process. The undersigned reserves the right to cancel any or all the application without assigning any reason or communication thereof.

OIPR-10043/11/0002/2324

Sd./- CDM & PHO-cum-DMD, Jagatsinghpur

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି । କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି । ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ । – ଶ୍ରୀମା

# ମହାକାଶ ଦୌଡ଼



ଆକାର ପଟେଲ

୧୯୫୭ରୁ ୧୯୬୯ ଏହି ୧୨ ବର୍ଷ ମଧ୍ୟରେ ଆମେରିକୀୟ ଓ ରୁଷୀୟମାନେ ସ୍ପେସ ରେସ୍ ବା ମହାକାଶ ଦୌଡ଼ର ଅନେକ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲେ । ରୁଷୀୟମାନେ ପ୍ରଥମେ ପ୍ରାୟ ସବୁଥିରେ ବିଜୟୀ ହୋଇଥିଲେ । ସେମାନେ ୧୯୫୭ରେ ମହାକାଶ କକ୍ଷକୁ ପ୍ରଥମେ ସ୍ପୁଟନିକ ସାଟେଲାଇଟ ପଠାଇଥିଲେ । ସେହି ସମାନ ବର୍ଷ ପ୍ରଥମ ଜୀବ ଅର୍ଥାତ୍ ଲୟିକା ନାମକ କୁକୁରକୁ ମଧ୍ୟ ମହାକାଶକୁ ପଠାଇବାରେ ସଫଳ ହୋଇଥିଲେ । ବଡ଼ କଥା ହେଲା, ୧୯୬୧ରେ ରୁଷୀୟମାନେ ପ୍ରଥମେ ଜଣେ ମାନବ (ୟୁରିଗାଗାରିନ)ଙ୍କୁ ମହାକାଶ କକ୍ଷକୁ ପଠାଇଥିଲେ । ୧୯୬୫ରେ କକ୍ଷରେ ସ୍ଥାପିତ ମହାକାଶଯାନକୁ ଛାଡ଼ି ଆଲେକ୍‌ସେ ଲିଓନୋଭ ପ୍ରଥମେ ମହାକାଶରେ ଚାଲିଥିଲେ । ରୁଷିଆର ଏହିସବୁ ସଫଳତା ପରେ ଆମେରିକା ୧୯୬୯ରେ ଚନ୍ଦ୍ରରେ ପ୍ରଥମେ ମଣିଷ ଓହ୍ଲାଇ ମହାକାଶ ଦୌଡ଼ରେ ବିଜୟୀ ହୋଇଥିଲା । ଏଭଳି କରିବାରେ କେବଳ ଆମେରିକା ହିଁ ସକ୍ଷମ ହୋଇଛି ଓ ପରେ ୧୯୭୨ରେ ଶେଷ ଥର ପାଇଁ ଏହା କରିଥିଲା । ସୋଭିଏଟ୍ ଏକ ବୃହତ୍ ରକେଟ ବିକାଶ କରିବାରେ ବିଫଳ ହେବା ପରେ ୧୯୭୦ ଦଶକରେ ମହାକାଶ ଦୌଡ଼କୁ ବନ୍ଦ କରିଦେଲା । ଅତ୍ୟଧିକ ଖର୍ଚ୍ଚ ଯୋଗୁ ସେବେଠାରୁ ୫୦ ବର୍ଷ ହେଲା ଚନ୍ଦ୍ରକୁ ମଣିଷ ପଠାଇବାର ତା'ର ଆଉ ଆଗ୍ରହ ଦେଖାଯାଇନାହିଁ । ଆମେରିକା ମଧ୍ୟ ଏଥିପ୍ରତି ମନବଳାଇ ନ ଥିଲା, କିନ୍ତୁ ପରେ ମହାକାଶଯାତ୍ରୀଙ୍କୁ କକ୍ଷ ଓ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପଠାଇବାକୁ କମ୍ ଖର୍ଚ୍ଚରେ ପୁନଃ ବ୍ୟବହାରଯୋଗ୍ୟ ମହାକାଶଯାନ କାର୍ଯ୍ୟକ୍ରମ ଆରମ୍ଭ କଲା । ହେଲେ ଏହି କାର୍ଯ୍ୟକ୍ରମରେ ଦୁଇଟି ବିପର୍ଯ୍ୟୟ ୧୯୮୦ ଓ ୨୦୦୦ ଦଶକରେ(କଳ୍ପନା ଚାୱଲାଙ୍କ ମୃତ୍ୟୁ) ଘଟିଥିଲା ଏବଂ ଅତ୍ୟଧିକ ବ୍ୟୟ ଓ କ୍ଷତି ଯୋଗୁ ଏହାକୁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା ବନ୍ଦ କରିଦିଆଯାଇଛି । ଏହା ପରଠାରୁ ଆମେରିକା ଆଉ କକ୍ଷକୁ କୌଣସି ମଣିଷ ପଠାଇ ନ ଥିଲା । କିନ୍ତୁ ୨୦୨୦ରେ ଏକ ଘରୋଇ କମ୍ପାନୀ ଏହା ଉପରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା । ରୁଷୀୟମାନେ ମଧ୍ୟ ୧୯୬୦ ଦଶନ୍ଧିରେ ବ୍ୟବହାର କରୁଥିବା ଟେକ୍‌ନୋଲୋଜିରେ କିଛି ବିକାଶ କରି ତା' ଆଧାରରେ ଏଯାବତ୍ ରକେଟ ଉଡ଼ାଉଛନ୍ତି ।

ମହାକାଶ ନୂତନତ୍ୱ ଅନେକ ଦଶନ୍ଧି ହେଲା ମାନ୍ଦା ଥିଲା । କାରଣ ଏଥିପାଇଁ ସରକାରଗୁଡ଼ିକ ଯୋଗାଉଥିବା ପାଣ୍ଠିର ସିଂହଭାଗ ଅନେକ ଜାତୀୟ କାର୍ଯ୍ୟକ୍ରମରେ ଖର୍ଚ୍ଚ କରିଦିଆଯାଉଥିଲା । ଏବେ ଆମେରିକାର ମହାକାଶ ସଂସ୍ଥା ନାସା ପାଇଁ ବଜେଟ ରହିଛି ମାତ୍ର ୨୫ ବିଲିୟନ ଡଲାର । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ପାଇଁ ବଜେଟ ୧.୫ ବିଲିୟନ ଡଲାର ରଖାଯାଇଛି ; ଯେଉଁଥିପାଇଁ ବିଗତ ଦଶନ୍ଧିରେ ଏହା ଉଲ୍ଲେଖନୀୟ ସଫଳତା ପାଇପାରିଛି । ପ୍ରାୟ ୧୫ ବର୍ଷ ପୂର୍ବେ ଯେତେବେଳେ ସାଟେଲାଇଟ କମ୍ୟୁନିକେଶନ, ଜିପିଏସ୍ ଏବଂ ଇଣ୍ଟରନେଟ ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ନେଇଥିଲେ ସେତେବେଳେ ମହାକାଶ ବିଜ୍ଞାନରେ ପ୍ରଥମ ପରିବର୍ତ୍ତନ ଆସିଥିଲା । ଘରୋଇ କମ୍ପାନୀଗୁଡ଼ିକ ସେତେବେଳେ ପ୍ରଥମେ ସାଟେଲାଇଟ ଓ ପରେ ରକେଟ ନିର୍ମାଣ ପାଇଁ ଟେକ୍‌ନୋଲୋଜି ବିକାଶ କରିବା ଆରମ୍ଭ କରିଥିଲେ । ଦ୍ୱିତୀୟରେ, ଆମେରିକା ସରକାର ମହାକାଶ ଷ୍ଟାର୍ଟଅପ୍‌ଗୁଡ଼ିକୁ ପାଣ୍ଠି ଯୋଗାଇବା ସହ ସର୍ତ୍ତ ରଖି ସେମାନଙ୍କୁ ରକେଟ ଟେକ୍‌ନୋଲୋଜି ବିକାଶ କରିବାକୁ ଅନୁମତି ଦେବା ଦ୍ୱାରା ଏକ ପରିବର୍ତ୍ତନ ଘଟିଛି । କଟକଣା ମଧ୍ୟରେ ବି ଘରୋଇ ସେକ୍ଟର ମହାକାଶ କ୍ଷେତ୍ରରେ ନୂଆ ଜୀବନ ପାଇଛି । ଏହା ବ୍ୟତୀତ ପ୍ରାଇଭେଟ ରକେଟ ଦ୍ୱାରା କକ୍ଷରେ ମଣିଷ ପହଞ୍ଚାଇବା ଲାଗି ଆମେରିକା ସରକାର ଦୁଇଟି କମ୍ପାନୀକୁ ପାଣ୍ଠି ଯୋଗାଇବା ପରେ ଆଉ ଏକ ଛୋଟ ମହାକାଶ ଦୌଡ଼ ଆରମ୍ଭ ହୋଇଯାଇଛି । ଏହି ଦୌଡ଼ରେ ବୃହତ୍ କମ୍ପାନୀ ବୋଇଂ ତା'ଠାରୁ କ୍ଷୁଦ୍ର ସ୍ପେସ–ଏକ୍ସ ଆଗରେ ହାରମାନିଛି । ଏବେ ଏହି ଦୁଇଟି କମ୍ପାନୀ ଅନ୍ତତଃ ୫୦ ବର୍ଷ ପୂର୍ବର ଆକାରର ପୁନଃ ବ୍ୟବହାରଯୋଗ୍ୟ ରକେଟ ନିର୍ମାଣ କରୁଛନ୍ତି । ଏଥିରେ ଦୁଇଟି ଲକ୍ଷ୍ୟ ରଖାଯାଇଛି । ପ୍ରଥମରେ ମହାକାଶ କାର୍ଯ୍ୟକ୍ରମର ଖର୍ଚ୍ଚ କମ୍ କରିବା ଏବଂ କକ୍ଷରେ ରଖାଯାଉଥିବା ଜିନିଷର କିଲୋଗ୍ରାମ ପିଛା ଖର୍ଚ୍ଚ କମ୍ ରଖିବା । ଦ୍ୱିତୀୟ ଲକ୍ଷ୍ୟ ହେଉଛି ମାନବବାହୀ ମହାକାଶ ଯାନ ଓ ମଙ୍ଗଳରେ ବସତି ସ୍ଥାପନ । ଯଦି ଅନ୍ୟ ଗ୍ରହରେ ମଣିଷ ଘର କରି ରହେ ତେବେ ଚିନ୍ତା କରନ୍ତୁ ଏହା ପୃଥିବୀରେ କେଉଁଭଳି ପରିବର୍ତ୍ତନ ଆଣିବ । ଅବଶ୍ୟ ଏହା କରିବା କଠିନ ।

ଏବେ ମହାକାଶ ଦୌଡ଼ର ବିଜୟୀମାନେ ଟଙ୍କା ରୋଜଗାର (ଘରୋଇ କମ୍ପାନୀ ସ୍ପେସ–ଏକ୍ସର ମୂଲ୍ୟ ଏବେ ୧୦୦ ବିଲିୟନ ଡଲାରରୁ ଅଧିକ) ଏବଂ ମହାକାଶରେ ଏକଚାଟିଆ ପ୍ରଭାବ ବିସ୍ତାର କରିବାକୁ ଟେକ୍‌ନୋଲୋଜିର ଅଧିକାରୀ ହେବାକୁ ପ୍ରସ୍ତୁତ ହେଉଛନ୍ତି । ଦେଖିବାକୁ ଗଲେ ଗୋଟିଏ ସାଟେଲାଇଟ ଉତ୍କ୍ଷେପଣରେ ଅନେକ ଶହ କୋଟି ଖର୍ଚ୍ଚ ହେଉଛି । ମହାକାଶରେ ମନମୁଖି କାର୍ଯ୍ୟ ବିଶେଷକରି ବ୍ୟବସାୟିକ ଦିଗରେ ଯଥା ସାଟେଲାଇଟ ଲଞ୍ଚିଂ କମ୍ପାନୀ କିମ୍ବା ଦେଶଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେବା ଦରକାର, ଯେମିତି ଅନ୍ୟମାନଙ୍କ ପାଇଁ ଏହାର କୌଣସି ବିକଳ୍ପ ନ ଥିବ । ବ୍ରିଟେନ୍ ଏବଂ ଜର୍ମାନୀର ଏବେ ମଧ୍ୟ ସାଟେଲାଇଟ ଉତ୍କ୍ଷେପଣ କ୍ଷମତା ନାହିଁ ଏବଂ ସେମାନେ ଆମେରିକାର ଘରୋଇ କମ୍ପାନୀଗୁଡ଼ିକ ଉପରେ ନିର୍ଭରଶୀଳ । ଫ୍ରାନ୍ସର ଆରିଏନ ପ୍ରୋଗ୍ରାମ ଏବେ ନୂଆ ରକେଟ ବିକାଶ କରୁଛି । ଏହି ସବୁ ଘଟଣା ବିଶ୍ୱରେ ମହାକାଶ ଦୌଡ଼କୁ ରୋମାଞ୍ଚକର କରିବାରେ ଲାଗିଛି । ଉକ୍ତ ପୃଷ୍ଠଭୂମି ଆଧାରରେ ଭାରତ ଚନ୍ଦ୍ରରେ ସହଜରେ ରୋଭର ଅବତରଣ କରିବାକୁ ପ୍ରୟାସ କରୁଛି । ଏହି ଚେଷ୍ଟା କରିଚାଲିବ ଏବଂ ଆସନ୍ତା ବର୍ଷ କୌଣସି ଏକ ସମୟରେ କକ୍ଷକୁ ମାନବ ପ୍ରେରଣ କରିବ ବୋଲି ଆଶା କରାଯାଏ । ତେବେ ଚଳିତ ଦଶନ୍ଧି ଶେଷସୁଦ୍ଧା ବିଶ୍ୱରେ କେଉଁ ଦେଶ ଓ କମ୍ପାନୀଗୁଡ଼ିକ ମହାକାଶ ଦୌଡ଼ରେ ବିଜୟୀ ହେଉଛନ୍ତି ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ହୋଇପାରିବା । ତେବେ ଭବିଷ୍ୟତରେ କେବଳ ବିଜ୍ଞାନ ଓ ଟେକ୍‌ନୋଲୋଜି ନୁହେଁ, ବରଂ ସମଗ୍ର ମାନବଜାତି ପାଇଁ ଏହାର ଅର୍ଥ କ'ଣ ରହିବ ?

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 5 | | | | | | |
| 4 | | | | | | | | |
| | | 6 | 9 | 1 | | | 5 | |
| | 6 | | | 8 | | 9 | | 2 |
| 8 | 3 | | | | | | | 7 |
| | | 4 | | | | | | |
| | | | | 2 | 3 | | | 1 |
| 5 | | | | | | | | |
| 9 | | 3 | 4 | | 1 | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 2 | 6 | 3 | 9 | 8 | 7 | 5 |
| 9 | 6 | 8 | 7 | 5 | 2 | 3 | 4 | 1 |
| 5 | 3 | 7 | 1 | 8 | 4 | 6 | 9 | 2 |
| 3 | 9 | 5 | 2 | 7 | 8 | 1 | 6 | 4 |
| 2 | 8 | 6 | 3 | 4 | 1 | 7 | 5 | 9 |
| 7 | 1 | 4 | 9 | 6 | 5 | 2 | 3 | 8 |
| 8 | 7 | 9 | 5 | 2 | 3 | 4 | 1 | 6 |
| 4 | 5 | 3 | 8 | 1 | 6 | 9 | 2 | 7 |
| 6 | 2 | 1 | 4 | 9 | 7 | 5 | 8 | 3 |

ଗତ କାଲିର ଉତ୍ତର

# ନାସ୍ତିକ କିଏ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସାଧାରଣତଃ ଯିଏ ଭଗବାନ୍‌ଙ୍କଠାରେ ବିଶ୍ୱାସ ରଖେ ତାକୁ ଆସ୍ତିକ ଓ ଯିଏ ବିଶ୍ୱାସକରେ ନାହିଁ ତାକୁ ନାସ୍ତିକ କୁହାଯାଏ । ମାତ୍ର ଭଗବାନ୍ ଜଣେ ବ୍ୟକ୍ତିବିଶେଷ ନୁହନ୍ତି କି ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହନ୍ତି ନାହିଁ । ତାଙ୍କୁ ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବଜ୍ଞ ଭାବରେ ବିଶ୍ୱାସ କରାଯାଏ । ଯଦି ଆସ୍ତିକମାନଙ୍କ ଧାରଣା ଠିକ୍ ତା'ହେଲେ ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ନାସ୍ତିକମାନଙ୍କ ହୃଦୟରେ ମଧ୍ୟ ଥିବା ସ୍ୱାଭାବିକ । ଏଣୁ ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, ''ନାସ୍ତିକ ଆଉ କେହି ନୁହେଁ, ନିଜ ସହ ଲୁଚକାଳି ଖେଳରତ ଥିବା ଭଗବାନ୍ ।'' ତେବେ ନାସ୍ତିକ ଭଗବାନ୍‌ଙ୍କ ଅସ୍ତିତ୍ୱ ଅସ୍ୱୀକାର କଲାବେଳେ ଭଗବାନ୍ ନିଜେ ହିଁ ତାହା କରୁଛନ୍ତି ଓ ଲୁଚକାଳି ଖେଳ ଖେଳୁଛନ୍ତି । ଯିଏ ଭଗବାନ୍‌ଙ୍କୁ ବାହାରେ କି ନିଜ ଭିତରେ କେଉଁଠି ହେଲେ ଅନୁଭବ କରିନାହିଁ, କେବଳ ଭୟ ଦ୍ୱାରା ପ୍ରଣୋଦିତ ହୋଇ ବା ସଂସ୍କାରବଶତଃ ଭଗବାନ୍ ଅଛନ୍ତି ବୋଲି କହେ ସେ ଅନ୍ୟକୁ ନାସ୍ତିକ ବିଚାର କରେ ଓ ନିଜେ ଖୁସି ଅନୁଭବ କରେ । ଶ୍ରୀମା କହିଛନ୍ତି, ''ଆସ୍ତିକ ନିଜକୁ ନାସ୍ତିକ ତୁଳନାରେ ବଡ଼ ମନେକରେ । କିନ୍ତୁ ସେ ଯାହା ପାଇଛି ତାହା ଭଗବାନ୍‌ଙ୍କ ଏକ ଛାୟାମାତ୍ର । ସେହି ଛାୟାକୁ ଜାବୁଡ଼ି ଧରି ମନେକରେ ସେ ଭଗବାନ୍‌ଙ୍କୁ ଜାଣିପାରିଛି । ସେ ଯଦି ସତରେ ଭଗବାନ୍‌ଙ୍କୁ ଜାଣିଥାନ୍ତା ତେବେ ଏ କଥା ବି ଜାଣନ୍ତା ଯେ ଭଗବାନ୍ ସବୁରି ଭିତରେ ଅଛନ୍ତି । ସେତେବେଳେ ସେ ନିଜକୁ ଅନ୍ୟ ତୁଳନାରେ ବଡ଼ ବୋଲି ଭାବନ୍ତା ନାହିଁ ।'' (ଭାଷାନ୍ତର ମନୋଜ ଦାସ) । ପୁନଶ୍ଚ ଭଗବାନ୍‌ଙ୍କୁ ବିଶ୍ୱାସ କରିବା ନାମରେ ମଣିଷମାନେ ଭିନ୍ନ ଭିନ୍ନ ଦେବତାକୁ ପୂଜା କରନ୍ତି । ଧର୍ମ ନାମରେ ଅଟ୍ଟାଳିକାମାନ ଗଢ଼ି ଦିଅନ୍ତି । ଦେବତା ଦେବତା ମଧ୍ୟରେ ଅମେଳ ହେଲେ ଗୋଟିଏ ପଟ ଅପର ପଟକୁ ନାସ୍ତିକ ବୋଲି କହନ୍ତି । ଅର୍ଥାତ୍ ଯିଏ ମୋ ଠାକୁରଙ୍କୁ ପୂଜା ନ କରୁଛି ସେ ନାସ୍ତିକ । ୟୁରୋପୀୟ ମଧ୍ୟଯୁଗରେ ମାର୍ଟିନ୍ ଲୁଥର ମହାମାନ୍ୟ ପୋପ୍‌ଙ୍କୁ ନାସ୍ତିକ ବୋଲି କହୁଥିଲେ ଓ ମହାମାନ୍ୟ ପୋପ୍ ଲୁଥରଙ୍କୁ ନାସ୍ତିକ ବୋଲି କହୁଥିଲେ । ଯୁଗେ ଯୁଗେ ଏହିଭଳି ଧାରଣା ମଣିଷକୁ କବଳିତ କରୁଛି ।

ଶ୍ରୀଅରବିନ୍ଦଙ୍କ ମତରେ, ସଂଶୟୀ ଜିଜ୍ଞାସୁ ଓ ସ୍ୱୟଂ ନିଶ୍ଚିତ ନାସ୍ତିକ ମଧ୍ୟ ଆଧ୍ୟାତ୍ମିକ ଅନୁଭୂତିସମ୍ପନ୍ନ ବ୍ୟକ୍ତି । ନାସ୍ତିକମାନେ ପ୍ରଶ୍ନ କରନ୍ତି, ଯଦି ଭଗବାନ୍ ଅଛନ୍ତି ତେବେ ପୃଥିବୀରେ ଏତେ ଦୁଃଖ, କଷ୍ଟ, ଅନ୍ୟାୟ ରହିଛି କାହିଁକି ? ଜୀବନ ସଂଗ୍ରାମରେ ଜଣେ ସତ୍ୟବାଦୀ ପରାଜିତ ହେବାବେଳେ ମିଥ୍ୟାଚାରୀର ବିଜୟ ଓ ସମୃଦ୍ଧି ଘଟୁଛି କାହିଁକି ? ପୁନଶ୍ଚ ଭଗବାନ୍‌ଙ୍କୁ ଯେହେତୁ ଦେଖି ହେଉନାହିଁ କି ତାଙ୍କ କଣ୍ଠସ୍ୱର ଶୁଣି ହେଉନାହିଁ ତାଙ୍କ ଅସ୍ତିତ୍ୱ ସ୍ୱୀକାର କରାଯିବ କିପରି ?



ଏହିଭଳି ସନ୍ଦେହୀ ବ୍ୟକ୍ତି ଯଦି ପ୍ରଶ୍ନସର୍ବସ୍ୱ ନ ରହି ନିଜ ପ୍ରଶ୍ନ ଓ ଅନୁସନ୍ଧିତ୍ସାକୁ ବଜାୟ ରଖେ ତେବେ ତା'ର ଚେତନା କ୍ରମାଗତ ପ୍ରସାରିତ ହୁଏ । ଭଗବାନ୍‌ଙ୍କ ଏକ ନିର୍ଦ୍ଦିଷ୍ଟ ସଂଜ୍ଞାରେ ସେ ପହଞ୍ଚି ନ ପାରିଲେ ମଧ୍ୟ ଏହି ଚେତନାର ପ୍ରସାରଣ ହେଉଛି ଏକ ଆଧ୍ୟାତ୍ମିକ ଅନୁଭୂତି । ପ୍ରାଚୀନ ଭାରତରେ ନାସ୍ତିକତାବାଦଭିତ୍ତିକ ଅନେକ ଗୋଷ୍ଠୀ ଥିଲେ । ଚାର୍ବାକ୍ ଦର୍ଶନ ଓ ଆଜୀବିକ ଦର୍ଶନ (ମହାବୀରଙ୍କ ସମସାମୟିକ ଗୋଶାଳାଙ୍କ ଦ୍ୱାରା ପ୍ରବର୍ତ୍ତିତ) ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ବୌଦ୍ଧ ଦର୍ଶନ, ଜୈନ ଦର୍ଶନ, ସାଂଖ୍ୟଦର୍ଶନ ମଧ୍ୟ ନିରୀଶ୍ୱରବାଦୀ । ତା'ସତ୍ତ୍ୱେ ଭାରତୀୟ ପରମ୍ପରାରେ ଏଗୁଡ଼ିକ ଦର୍ଶନ ଭାବରେ ଓ ଏହାର ପ୍ରବର୍ତ୍ତକମାନେ ଦାର୍ଶନିକ ଭାବରେ ପରିଗଣିତ ହୋଇଛନ୍ତି । ଆଧ୍ୟାତ୍ମିକତା ଦୃଷ୍ଟିରୁ ଜଣେ ଦେବଦେବୀ ପୂଜାର୍ଚ୍ଚନାରେ ବିଶ୍ୱାସ କରୁ ବା ନ କରୁ ସେ ଯଦି ଏହି ଅସୀମ ସୃଷ୍ଟି ପଶ୍ଚାତରେ ତଥା ସୃଷ୍ଟି ଭିତରେ ନିହିତ ଶକ୍ତିର ସନ୍ଧାନ କରୁଥିବ ସେ ନାସ୍ତିକ ନୁହେଁ । ନିଜ ଅନୁସନ୍ଧିତ୍ସାର ଗୋଟିଏ ପର୍ଯ୍ୟାୟରେ ସେ ହୁଏତ ସମଗ୍ର ସୃଷ୍ଟିକୁ ଏକ 'ଯୋଗାଯୋଗ' ବୋଲି ମନେକରିପାରେ । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ସେହି 'ଯୋଗାଯୋଗ' ପଛରେ ଏକ ସଚେତନ ଯୋଜନାର ସନ୍ଧାନ ପାଇପାରେ । ଶ୍ରୀଅରବିନ୍ଦଙ୍କ ଭାଷାରେ, ''ବହୁ ସମୟରେ ଆମେ ଦେଖୁ ବ୍ୟକ୍ତିଏ ଓ ସମାଜ ଭିତରେ ନାସ୍ତିକତା ଏକ ଗଭୀରତର ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ ଅଭିମୁଖେ ମାର୍ଗର ଭୂମିକା ତୁଲାଇଛି, କେବେକେବେ ଜଣେ ଭଗବାନ୍‌ଙ୍କୁ ଅସ୍ୱୀକାର କରେ ତାଙ୍କୁ ଆବିଷ୍କାର କରିବା ନିମନ୍ତେ ସମସ୍ତ ନିଷ୍ପାପର ସଂଶୟ ଓ ଅସ୍ୱୀକାରର ପରିଣତିରେ ସେ ଆବିଷ୍କାର ଅନିବାର୍ଯ୍ୟ ।'' (ଭାଷାନ୍ତର ମନୋଜ ଦାସ)

ଏକ ଅତିଭୌତିକ ଶକ୍ତିର ଭୟରେ ଯଦି ଜଣେ ମନ୍ଦିର, ମସ୍‌ଜିଦ ବା ଗିର୍ଜା ଯାଇ ଉପାସନା କରେ ତାକୁ ଆସ୍ତିକ କୁହାଯିବ ନାହିଁ ଯେ ପର୍ଯ୍ୟନ୍ତ ସେ ଭଗବାନ୍‌ଙ୍କୁ ଅତ୍ର ତତ୍ର ସର୍ବତ୍ର ଅନୁଭବ ନ କରିଛି । ଅନେକେ ଏଭଳି ଭୟରେ ହେଉ ବା ଅନିଚ୍ଛା ସତ୍ତ୍ୱେ ପରମ୍ପରାକୁ ମାନି ହେଉ ଭଗବାନ୍‌ଙ୍କୁ ବିଶ୍ୱାସ କରନ୍ତି ଓ ଉପାସନା କରନ୍ତି । ସ୍ୱାମୀ ବିବେକାନନ୍ଦ ଏହିଭଳି ଲୋକଙ୍କୁ କପଟୀ କହିଛନ୍ତି । ତାଙ୍କ ମତରେ ଜଣେ କପଟୀ ହେବା ଅପେକ୍ଷା ସ୍ପଷ୍ଟ ନାସ୍ତିକ ହେବା ଶ୍ରେୟସ୍କର । ସେ କହିଛନ୍ତି, ''ନିଜ ଉପରେ ବିଶ୍ୱାସ କର, ତା'ପରେ ତୁମେ ଭଗବାନ୍‌ଙ୍କୁ ବିଶ୍ୱାସ କରିବ ।'' ''ଆମର ଧର୍ମରେ ବିଶ୍ୱାସ ନାହିଁ କି ନିଜ ଉପରେ ବିଶ୍ୱାସ ନାହିଁ । ଆମେ ଧାର୍ମିକ ହେବାର ଛଳନା କରୁଛୁ ମାତ୍ର ।'' ପୁନଶ୍ଚ ଧର୍ମ କହିଲେ, ଈଶ୍ୱର ବିଶ୍ୱାସ ଓ ଈଶ୍ୱର ଆରାଧନାକୁ ବୁଝାଏ ନାହିଁ, ଏହା ହେଉଛି ଅନୁଭବର ବିଷୟ । ''ଯେ ପର୍ଯ୍ୟନ୍ତ ଆମେ ଏହି ଅନୁଭୂତିକୁ ପ୍ରାପ୍ତ କରିନାହୁଁ ସେ ପର୍ଯ୍ୟନ୍ତ ତଥାକଥିତ ଆସ୍ତିକ ଓ ନାସ୍ତିକ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ ।'' ଭଗବାନ୍ ବା ଧର୍ମକୁ ପ୍ରଶ୍ନ କରିବା ଅର୍ଥ ନାସ୍ତିକତା ନୁହେଁ । ବରଂ ଏହା ବିଶ୍ୱାସକୁ ଦୃଢ଼କରେ । କୌଣସି ନିର୍ଦ୍ଦିଷ୍ଟ ନାମଧାରୀ ଆସ୍ତିକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ନ ହୋଇ ନାସ୍ତିକ ପରିଗଣିତ ହେଲେ ମଧ୍ୟ ଏମାନେ ସତ୍ୟର ଅନୁସନ୍ଧାନୀ । ''ମଣିଷ ସର୍ବଦା ଭ୍ରାନ୍ତିରୁ ସତ୍ୟକୁ ଗତି କରୁନାହିଁ । ସତ୍ୟରୁ ସତ୍ୟକୁ ଗତି କରୁଛି– ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟ ଆଡ଼କୁ ଗତି କରୁଛି ।''

ଭଗବାନ୍‌ଙ୍କ ବିଷୟରେ ଦୁଇଟି ଧାରଣା ଅଛି, ବୈୟକ୍ତିକ ଓ ନୈର୍ବ୍ୟକ୍ତିକ । ଗୋଟିଏ ଧାରଣା ଅନୁଯାୟୀ ଭଗବାନ୍ ସର୍ବଶକ୍ତିମାନ ଓ ଏହି ଜଗତର ସ୍ରଷ୍ଟା ଏବଂ ଅନ୍ୟଟି ହେଉଛି ଆମେ ସମସ୍ତେ 'ସେ' । ନାସ୍ତିକମାନେ ଭଗବାନ୍ ଧାରଣାକୁ ଭ୍ରାନ୍ତ କହୁଥିବାବେଳେ ଜଗତକୁ ସତ୍ୟ ବୋଲି କହନ୍ତି । ସ୍ୱାମୀ ବିବେକାନନ୍ଦ କହନ୍ତି, ''ଯିଏ ଉଭୟ ଜଗତ ଓ ଭଗବାନ୍‌ଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରେ କେବଳ ସେ ନାସ୍ତିକ ।'' ଜଣେ ଭଗବାନ୍‌ଙ୍କ ଅସ୍ତିତ୍ୱକୁ ସ୍ୱୀକାର ନ କଲେ ମଧ୍ୟ ଯଦି ନିଜର ଓ ଜଗତର ଅସ୍ତିତ୍ୱକୁ ସ୍ୱୀକାର କରୁଛି ସିଏ ନାସ୍ତିକ ନୁହେଁ । ଯେଉଁମାନେ ନିଜକୁ ନାସ୍ତିକ ବୋଲି ପ୍ରଚାର କରନ୍ତି ସେମାନେ ଅନ୍ତରରେ କେବେ ନାସ୍ତିକ ନ ଥାନ୍ତି । ସେମାନଙ୍କ ନାସ୍ତିକତା କପଟ ମାତ୍ର । କମ୍ୟୁନିଷ୍ଟ ଶାସିତ ରୁଷିଆରେ ପ୍ରାଥମିକ ପାଠ୍ୟକ୍ରମରେ ଧର୍ମର ବ୍ୟାଖ୍ୟା 'ଜନସାଧାରଣଙ୍କ ପାଇଁ ଅଫିମ' ଓ ଭଗବାନ୍‌ଙ୍କ ବ୍ୟାଖ୍ୟା 'ମନଗଢ଼ା ଅଳିକ ଶକ୍ତି' ଭାବରେ ଲିପିବଦ୍ଧ ହୋଇଥିଲା । ଥରେ ଜଣେ ଶିକ୍ଷା ବିଭାଗୀୟ ନିରୀକ୍ଷକ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ କିଛି ପ୍ରଶ୍ନ ପଚାରୁଥାନ୍ତି । ଜଣେ ଛାତ୍ରକୁ ଧର୍ମ ଓ ଭଗବାନ୍‌ଙ୍କ ବ୍ୟାଖ୍ୟା ପଚାରନ୍ତେ ସେ ଉପଯୁକ୍ତ ଉତ୍ତର ଦୁଇଟି ଦେବାରୁ ପ୍ରଶଂସିତ ହେଲା । ନିରୀକ୍ଷକ ଚାଲିଯିବା ପରେ ସେ ତା' ସାଙ୍ଗକୁ ଖୁସିରେ ଚୁପଚୁପ୍ କହିଲା, ''ମୁଁ ଠିକ୍ ଉତ୍ତର ଦେଇଛି । ଭଗବାନ୍‌ଙ୍କୁ ଧନ୍ୟବାଦ ।'' ଅଧିକାଂଶ ନାସ୍ତିକ ଏହି ଶ୍ରେଣୀୟ । ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନ୍ ମଧ୍ୟ ନିଜକୁ କେବେ ନାସ୍ତିକ କହି ନ ଥିଲେ । ସେ କହୁଥିଲେ, ''ଭଗବାନ୍‌ଙ୍କ ଅସ୍ତିତ୍ୱ ବିଷୟ ପ୍ରଶ୍ନକୁ କେବଳ 'ହଁ ବା ନା'ରେ ଉତ୍ତର ଦେଇହେବ ନାହିଁ । ଏହା ସବୁଠୁ କଷ୍ଟ ବିଷୟ ଓ ଆମର ସୀମାବଦ୍ଧ ମନ ପାଇଁ ଏହି ବିଷୟ ବିଶାଳ ଓ ବ୍ୟାପକ ।'' ଏଣୁ ଦୁନିଆରେ ସମ୍ପୂର୍ଣ୍ଣ ନାସ୍ତିକ ବିରଳ ।

ମୋ: ୯୪୩୭୩୨୯୨୬୩

# ଚନ୍ଦ୍ରୟାନ–୩ କ୍ୟାପ୍‌ଟେନ୍

ଜହ୍ନମାମୁ । ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ବା ଜହ୍ନକୁ ସମସ୍ତେ ପିଲାଟି ବେଳୁ ଏଭଳି ଚିହ୍ନି ଆସିଛନ୍ତି । ମା'ମାନେ ସନ୍ଧ୍ୟାରେ ଶିଶୁଟିକୁ ତୁନି କରାଇବାକୁ ହେଉ ବା ଖାଦ୍ୟ ଖାଉ ନ ଥିଲେ ଜହ୍ନମାମୁକୁ ଦେଖାଇଥାଆନ୍ତି । ଏବେ ବହୁଦୂରରେ ଥିବା ମାମୁ ନିକଟରେ କ'ଣସବୁ ରହିଛି ତାହାକୁ ଜାଣିବା ଲାଗି ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା ରଖିବା ସ୍ୱାଭାବିକ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ୧୪ ଜୁଲାଇରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ–୩କୁ ସଫଳତାର ସହିତ ଉତ୍କ୍ଷେପଣ କରିଛି । ଏହି ଯାନ ଭିତରେ ଲ୍ୟାଣ୍ଡର, ରୋଭର ଓ ପ୍ରପଲସନ୍ ମଡ୍ୟୁଲ ରହିଛି । ବୈଜ୍ଞାନିକଙ୍କ ସୂଚନା ଅନୁସାରେ ଆସନ୍ତା ଅଗଷ୍ଟ ୨୩ କିମ୍ବା ୨୪ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଲ୍ୟାଣ୍ଡର ଓ ରୋଭର ପହଞ୍ଚିବ ବୋଲି ଆଶା କରାଯାଉଛି । ସବୁକିଛି ଠିକ୍‌ଠାକ୍ ରହି ଏହି ବୈଜ୍ଞାନିକ ଯନ୍ତ୍ରଗୁଡ଼ିକ ଜହ୍ନପୃଷ୍ଠରେ ଧୀରେ ଓହ୍ଲାଇ ଲକ୍ଷ୍ୟ ସାଧନ ଦିଗରେ ସଫଳ ହେଲେ ମହାକାଶ ବିଜୟର ସୁପର କ୍ଲବ (ଆମେରିକା, ରୁଷିଆ ଓ ଚାଇନା)ରେ ଭାରତ ସାମିଲ ହୋଇପାରିବ । ତେବେ ଏହି ସମଗ୍ର ମିଶନକୁ ପରିଚାଳିତ କରିଥିବା ରତୁ କରିଧଲ ଶ୍ରୀବାସ୍ତବଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା । ଇସ୍ରୋର ସିନିୟର ସାଇଣ୍ଟିଷ୍ଟ ତଥା ଭାରତର ମଙ୍ଗଳ ମିଶନ 'ମଙ୍ଗଳାୟାନ'ର ଡେପୁଟୀ ଅପରେଶନ ଡାଇରେକ୍ଟର ଭାବେ ଦାୟିତ୍ୱ ତୁଲାଇଥିବା ରତୁ ଚନ୍ଦ୍ରୟାନର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିବାରୁ ସେ ଭାରତର ଅନ୍ୟତମ 'ରକେଟ ଓମେନ୍' ଆଖ୍ୟା ପାଇଛନ୍ତି ।

**ବ୍ୟକ୍ତିତ୍ୱ**



**ରତୁ କରିଧଲ ଶ୍ରୀବାସ୍ତବ**

୧୩ ଏପ୍ରିଲ ୧୯୭୫ରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ରତୁଙ୍କ ଜନ୍ମ । ଏକ ମଧ୍ୟବିତ୍ତ ପରିବାରରେ ସେ ବଢ଼ିଥିଲେ । ତାଙ୍କର ଦୁଇ ଭାଇ ଓ ଦୁଇ ଭଉଣୀ ଥିବାରୁ ପଢ଼ିବା ପାଇଁ ସବୁପ୍ରକାର ସୁବିଧା ପାଇପାରି ନ ଥିଲେ । ସମ୍ବଳର ଅଭାବ କୋଚିଂ ପାଇବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ତେଣୁ ସେ ମନସ୍ଥ କରିଥିଲେ ଯେମିତି ହେଉ ପଛେ ନିଜେ ପଢ଼ି ଉତ୍କର୍ଷ ଲଭିବେ । ରତୁ ପିଲାବେଳୁ ମହାକାଶମନସ୍କ ଥିଲେ । ସେଥିପାଇଁ ରାତିରେ ସେ ଘଣ୍ଟା ଘଣ୍ଟା ତାରାଭର୍ତ୍ତି ଆକାଶକୁ ଅନାଇ ରହୁଥିଲେ । ଚନ୍ଦ୍ରରେ କଳା ଥିବା ଅଂଶ ପଛର ରହସ୍ୟ କ'ଣ ଜାଣିବାକୁ ଚାହୁଁଥିଲେ । ସେଥିପାଇଁ ସେହି ଦିଗରେ ପ୍ରଚୁର ଅଧ୍ୟୟନ କରୁଥିଲେ । ଯୁବାବସ୍ଥା ସମୟରେ ସେ ବିଭିନ୍ନ ଖବରକାଗଜରେ ମହାକାଶ ସମ୍ବନ୍ଧୀୟ ଲେଖା ଓ ଚିତ୍ର ଦେଖିବା ମାତ୍ରେ ସେଗୁଡ଼ିକୁ ସଂଗ୍ରହ କରି ରଖୁଥିଲେ । ଭାରତର ଇସ୍ରୋ ଏବଂ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର କାର୍ଯ୍ୟ ଓ ଯାତ୍ରା ଉପରେ ସେ ଦୃଷ୍ଟି ନିବଦ୍ଧ କରିଥିଲେ । 'ଇଚ୍ଛା ଥିଲେ ଉପାୟ ଆପେ ମିଳିବା' ଭଳି ରତୁ ବିଜ୍ଞାନ ପାଠ ପ୍ରତି ଆକର୍ଷିତ ହୋଇଥିଲେ । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର କରିବା ପରେ ସେ ସେଠାକାର ପଦାର୍ଥ ବିଜ୍ଞାନ ବିଭାଗରେ ଡକ୍ଟରେଟ୍ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରିଥିଲେ । ସମୟ ଏମିତି ଆସିଥିଲା ସେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ପାଠ ପଢ଼ାଇବାର ସୁଯୋଗ ପାଇଥିଲେ । ପରବର୍ତ୍ତୀ ସମୟରେ ସେ ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ଏରୋସ୍ପେସ୍ ଇଞ୍ଜିନିୟରିଂ ପଢ଼ିବାକୁ ଯାଇଥିଲେ । ବିନା କୋଚିଂରେ ଏତେ ଯାଏ ଉଚ୍ଚଶିକ୍ଷା କରିବା ନିଶ୍ଚିତ ଭାବେ ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା ।

ରତୁଙ୍କ କର୍ମମୟ ଜୀବନ ଦେଖିଲେ ସେ ୧୯୯୭ରେ ଇସ୍ରୋରେ ଯୋଗ ଦେଇଥିଲେ । ତାଙ୍କ ପାଇଁ ମଙ୍ଗଳାୟାନରେ କାର୍ଯ୍ୟ କରିବା ଥିଲା ବଡ଼ ଦାୟିତ୍ୱ । ସେହି ମିଶନ୍‌ର ଡେପୁଟି ଅପରେଶନ ଡାଇରେକ୍ଟର ଭାବେ ସେ କାର୍ଯ୍ୟ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳାୟାନ ଇସ୍ରୋକୁ ଅନ୍ୟତମ ବୃହତ୍ ସଫଳତା ଆଣିଦେଇଥିଲା । ମଙ୍ଗଳରେ ପହଞ୍ଚିବାରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ଗୌରବ ଅର୍ଜନ କରିଥିଲା । ତେବେ ୨୦୧୯ରେ ଭାରତର ଚନ୍ଦ୍ରୟାନ–୨ର ମଧ୍ୟ ରତୁ ମିଶନ ଡାଇରେକ୍ଟର ଥିଲେ । କିନ୍ତୁ ଏହି ମିଶନ୍ ସଫଳତା ପାଇପାରି ନ ଥିଲା । ଚନ୍ଦ୍ରୟାନ–୩ର ମୁଖ୍ୟ ହେବା ତାଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ କରିଦେଇଥିଲା । ତାଙ୍କ ନେତୃତ୍ୱରେ ଟିମ୍ ପ୍ରାରମ୍ଭିକ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଗୌରବର ବିଷୟ ।

ଏକ ମଧ୍ୟବିତ୍ତ ପରିବାରରୁ ଆସି କଠିନ ଅଧ୍ୟବସାୟ ବଳରେ ରତୁ ମହକାଶ ଯାତ୍ରାରେ ଗୋଟେ ପରେ ଗୋଟେ ସୋପାନରେ ଉତ୍ତୀର୍ଣ୍ଣ ହୋଇଚାଲିଛନ୍ତି । ୨୦୦୭ରେ ତତ୍କାଳୀନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମଙ୍କ ନିକଟରୁ ସେ 'ଇସ୍ରୋ ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ' ପାଇଥିଲେ । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀ ଭାବେ ସେ ସେଠାରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପାଇବା ପରେ ଆନନ୍ଦିତ ହୋଇଥିଲେ । ଚନ୍ଦ୍ରୟାନ–୩ ମିଶନ୍‌ର କ୍ୟାପ୍‌ଟେନ ଭାବେ କାର୍ଯ୍ୟ କରିଥିବା ରତୁ ଭାରତର 'ରକେଟ ଓମେନ୍' ଭାବେ ପରିଚିତି ହାସଲ କରି ସେ ବର୍ତ୍ତମାନ ଯୁବ ବୈଜ୍ଞାନିକଙ୍କ ପାଇଁ ଆଦର୍ଶ ପାଲଟି ଯାଇଛନ୍ତି ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଟମାଟୋ ଏବେ ଅମୂଲମୂଲ । ଯେଉଁଠି କିଲେ କି ଦୁଇ କିଲେ କିଣିଲେ ବାଧୁ ନ ଥିଲା ଏବେ ୨୦୦ଗ୍ରାମ୍ କିଣିବାବେଳକୁ ଦୁଇ ଥର ଚିନ୍ତା କରିବାକୁ ପଡୁଛି । କିଛି ସପ୍ତାହ ପୂର୍ବରୁ କିଲୋଗ୍ରାମ ପିଛା ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ଟମାଟୋ ଏବେ ଦେଶର ବିଭିନ୍ନ ରାଜ୍ୟରେ ୨୦୦ଟଙ୍କା ଅତିକ୍ରମ କରିଛି । ସମାନ ସ୍ଥିତି ଦେଖିବାକୁ ମିଳିଛି ଜମ୍ମୁ–କଶ୍ମୀରରେ । ପୁଞ୍ଚରେ ୧ କିଲୋ ଟମାଟୋ ଦାମ୍ ୨୫୦ ଟଙ୍କା ଛୁଇଁଛି । ସାମ୍ବାରେ ଟମାଟୋ କିଲୋଗ୍ରାମ ପିଛା ୨୩୦ରୁ ୨୪୦ ଟଙ୍କା, କଠୁଆରେ ୨୦୦ ଟଙ୍କା, ଉଦାମପୁର ଓ ରାଜୌରୀରେ ୧୬୦ ଟଙ୍କା, ଜମ୍ମୁ ସହରରେ ୧୬୦ ରୁ ୨୦୦ ଟଙ୍କାରେ ବିକ୍ରି ହେଉଛି । ଏହାକୁ ଲକ୍ଷ୍ୟ କରି ଜମ୍ମୁ–କଶ୍ମୀରରେ କୃଷକମାନଙ୍କୁ ଟମାଟୋ କ୍ଷେତକୁ ପ୍ରାଣୀଙ୍କ ଦାଉରୁ ରକ୍ଷା କରିବା ପାଇଁ ଜଗିବାରେ ଯେତିକି ସମୟ ଦେବାକୁ ପଡୁନାହିଁ ତାହାଠାରୁ ଅଧିକ ସମୟ ଦେଉଛନ୍ତି ଚୋର ଜଗିବାରେ । ଟମାଟୋର ଆକାଶଛୁଆଁ ଦର ଦେଖି ସେମାନଙ୍କୁ ଚୋରି ଭୟ ବେଶି ଘାରିଛି । ଜମ୍ମୁ–କଶ୍ମୀର ପରଗୱାଲର ଗରଖଲ ଗାଁରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । କୃଷକମାନେ ଲାଠି ଧରି ଗୋରୁ ଓ ଚୋରମାନଙ୍କଠାରୁ ରକ୍ଷା କରିବା ପାଇଁ ଟମାଟୋ କ୍ଷେତକୁ ଦିନ ରାତି ଜଗି ରହିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୮

- ଅରୁଣାଚଳ ପ୍ରଦେଶର ପଶ୍ଚିମ ସିଆଙ୍ଗ ଜିଲାର ମେରିକା ନିକଟରେ ଏକ ଯାତ୍ରୀବାହୀ ବସ୍ ୟାମ୍‌ଗୋ ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୪୫ ମୃତ ।
- ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ବିଧାୟକ ଯୋଗେନ୍ଦ୍ର ବେହେରା ଓ ଦୁର୍ଯ୍ୟୋଧନ ମାଝି ଜନତାଦଳରୁ ବହିଷ୍କୃତ ।
- ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ରୋଗ ବ୍ୟାପି ୧୮ ଜଣଙ୍କ ମୃତ୍ୟୁ ।

## ଚିରନ୍ତନୀ

ଅଚଳ ପ୍ରାଚୀର ଆକାଶେ ଟେକିଛି ଶିର
ସକଳ ଦୁଆର ରୁଦ୍ଧ ହେଲାରେ ବୀର !
ଶୂନ୍ୟ ନୋହିଛି ତୂଣୀରୁ ତୋହର ତୀର
ନିଭିନାହିଁ ଆଶା ବିଶ୍ୱ ବିଜୟ ପାଇଁ
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚାରାରୋପଣ ବ୍ୟବସ୍ଥିତ ହେଉ

ମହାଶୟ,
ଆଜିକାଲି ଯେତିକି ପରିମାଣରେ ବୃକ୍ଷ କଟାଯାଉଛି, ଅନ୍ତତଃ ସେତିକି ବୃକ୍ଷ ରୋପଣକରି ତା'ର ରକ୍ଷଣାବେକ୍ଷଣ ପାଇଁ କେହି ଯତ୍ନବାନ୍ ହେଉନାହାନ୍ତି । ବାଡ଼ି ବଗିଚାରେ ଗଛ ଲଗାଇବା ପାଇଁ କାହାର ଉତ୍ସାହ ନାହିଁ । ଏହି କ୍ଷେତ୍ରରେ ସରକାରୀ ଯୋଜନା ସବୁ ଅନେକ ସମୟରେ ବିଫଳ ହେଉଛି । ସହର ହେଉ କି ଗ୍ରାମାଞ୍ଚଳ ସବୁଠି ଅବାଧ ବୃକ୍ଷ କଟା ଚାଲିଛି । ସରକାରୀ ଯୋଜନାରେ ଯେଉଁ ସବୁ ବୃକ୍ଷ ରୋପଣ ହେଉଛି ତାହାକୁ ବଞ୍ଚାଇ ରଖିବା ପାଇଁ କୌଣସି ଆଖିଦୃଶିଆ ଉଦ୍ୟମ ନାହିଁ । ଅବ୍ୟବସ୍ଥିତ ଭାବେ ବୃକ୍ଷରୋପଣ ହେବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏଣୁ ବର୍ଷାଦିନେ ପର୍ଯ୍ୟାପ୍ତ ପରିମାଣରେ ବ୍ୟବସ୍ଥିତ ଉପାୟରେ ବୃକ୍ଷରୋପଣ ହେଉ । ଯେମିତିକି ବୁଲାଗୋରୁଙ୍କଠାରୁ ସୁରକ୍ଷିତ ରହିପାରିବ ଏବଂ ଭବିଷ୍ୟତରେ ସେହିସବୁ ବୃକ୍ଷ ଅନ୍ୟ କୌଣସି ଜନହିତକାରୀ ଯୋଜନା ରୂପାୟନରେ ବାଧକ ସାଜି ନ ପାରିବେ,ଏଥିପାଇଁ ସରକାରଙ୍କ ସମେତ ଗ୍ରାମ୍ୟ ତଥା ସହରାଞ୍ଚଳବାସୀ ସଚେତନହୋଇ ଏ ଦିଗରେ ଯତ୍ନବାନ୍ ହେବା ବିଧେୟ ।

– ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯୁବଶକ୍ତିଙ୍କୁ ସଶକ୍ତ କରିବା ପାଇଁ ଭଲ ପଦକ୍ଷେପ: ଧର୍ମେନ୍ଦ୍ର

## ବିଶ୍ୱ ଯୁବଦକ୍ଷତା ଦିବସରେ 'ଏଆଇ ଫର୍ ଇଣ୍ଡିଆ ୨.୦'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୫।୭(ଅନିଲ ଦାସ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନୂଆଦିଲ୍ଲୀଠାରେ ବିଶ୍ୱ ଯୁବଦକ୍ଷତା ଦିବସ ଅବସରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଉପରେ ଏକ ମାଗଣା ଅନ୍‌ଲାଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଏଆଇ ଫର୍ ଇଣ୍ଡିଆ ୨.୦'ର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି, ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ, ସ୍ଥାନୀୟ ଭାଷାରେ ଅନ୍‌ଲାଇନ ଟେକ୍ନୋଲୋଜି ଶିକ୍ଷା ଦେଉଥିବା ବୈଷୟିକ ପ୍ଲାଟଫର୍ମ ଗୁଭି, ରାଷ୍ଟ୍ରୀୟ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଭିଟି) ଏବଂ ଆଇଆଇଟି ମାଡ୍ରାସର ମିଳିତ ଉଦ୍ୟମରେ ପ୍ରସ୍ତୁତ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ । ଏହି ସ୍ୱୀକୃତିପ୍ରାପ୍ତ ଅନ୍‌ଲାଇନ କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ଦକ୍ଷତା କ୍ଷେତ୍ରରେ ସଶକ୍ତ କରିବ । ଗୁଭି ଏହି କାର୍ଯ୍ୟକ୍ରମକୁ ୯ଟି ଭାରତୀୟ ଭାଷାରେ ପ୍ରସ୍ତୁତ କରିଛି । ପ୍ରଯୁକ୍ତିବିଦ୍ୟା ଶିକ୍ଷାରେ ଭାଷା ପ୍ରତିବନ୍ଧକକୁ ଦୂର କରିବା ଏବଂ ବିଶେଷ ଭାବରେ ଗ୍ରାମାଞ୍ଚଳରେ ଥିବା ଆମ ଯୁବଶକ୍ତିଙ୍କୁ ଭବିଷ୍ୟତରେ ସଶକ୍ତ କରିବା ଦିଗରେ ଏହା ଏକ ଭଲ ପଦକ୍ଷେପ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗୁଭିକୁ ସମସ୍ତ ଭାରତୀୟ ଭାଷାରେ ପାଠ୍ୟକ୍ରମ




ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାପାନ, ଜର୍ମାନୀ ଭଳି ପ୍ରଗତିଶୀଳ ରାଷ୍ଟ୍ର ଇଂଲିଶ ଭାଷାରେ ସେତେ ସଶକ୍ତ ନୁହନ୍ତି । କିନ୍ତୁ ସେମାନେ ଏଆଇ କ୍ଷେତ୍ରରେ ବହୁତ ସୁଦୃଢ଼ । ତେଣୁ ଇଂଲିଶ ନୁହେଁ ବରଂ ନିଜ ଭାଷାରେ ହିଁ ସବୁ ଶିକ୍ଷା ଓ ଟେକ୍ନୋଲୋଜି କ୍ଷେତ୍ରରେ ପ୍ରାଥମିକତା ଦେବା ଦରକାର । ଏଆଇ ବର୍ତ୍ତମାନ ସବୁ ସ୍ଥାନରେ । ଆଜି ଭାରତର ୟୁପିଆଇ ପେମେଣ୍ଟ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି । ଦେଶରେ ଜିଏସ୍‌ଟି ଅଭିବୃଦ୍ଧି ଘଟୁଛି । ଏଥିଯୋଗୁ ଦେଶ ଏହି କ୍ଷେତ୍ରରେ ଦ୍ରୁତଗତିରେ ଆଗକୁ ବଢୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ମଣିପୁର, ରାଫାଲକୁ ନେଇ ମୋଦିଙ୍କୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ, ୧୫।୭

ଫ୍ରାନ୍ସ ସହ ରାଫାଲ ଡିଲ୍ ଏବଂ ମଣିପୁର ହିଂସାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି । ରାଫାଲ ଡିଲ୍ ମୋଦିଙ୍କୁ ବାଷ୍ଟିଲ୍ ଡେ' ପ୍ୟାରେଡ୍‌ରେ ଭାଗନେବା ପାଇଁ ଏକ ଟିକେଟ ଥିଲା ବୋଲି ରାହୁଲ କହିଥିବାବେଳେ ଭାଜପା ଏହାର ଜବାବ ରଖିଛି । ନିରାଶ କଂଗ୍ରେସ ନେତା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ କଳଙ୍କିତ କରୁଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅଭିଯୋଗ କରିଛନ୍ତି । ମଣିପୁର ଜଳୁଥିବାବେଳେ ୟୁରୋପୀୟ ୟୁନିୟନ ପାର୍ଲାମେଣ୍ଟରେ ଭାରତର ଏହି ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି । ଅଥଚ ପ୍ରଧାନମନ୍ତ୍ରୀ ମଣିପୁର ହିଂସାକୁ ନେଇ ତୁଣ୍ଡ ଖୋଲୁନାହାନ୍ତି ବୋଲି ରାହୁଲ ଟୁଇଟ୍ କରିଥିଲେ । ନିଜ ଦେଶର ରାଜନୀତିକୁ ନିୟନ୍ତ୍ରଣ କରିବା ଲାଗି ରାହୁଲ ଆମେରିକାରୁ ୟୁରୋପ ବିଦେଶୀ ଶକ୍ତି ନିକଟରେ ମୁଣ୍ଡ ନୁଆଁଇଛନ୍ତି । ଭାରତର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଦିଗରେ କାର୍ଯ୍ୟ କରୁଥିବା ବିଶ୍ୱ ସିଣ୍ଡିକେଟ ସହ ରାହୁଲ ହାତ ମିଳାଇଥିବା ଭାଜପା ଅଭିଯୋଗ କରିଛି ।

**NAYAGARH KALAPARISADA**
At-Panipoila, P.O.- Balugaon,
Dist.- Nayagarh, PIN- 752070 (Odisha)
Regd.No.- 45/2458/04
E-mail: nayagarhkalaparisad@gmail.com
**ADVERTISEMENT**
Online applications are invited in Nayagarh Kalaparisad (A Govt. aided Child Care Institution) for the post of **Counsellor, PT Instructor cum Yoga Trainer, Housekeeper**.
For advertisement details & online application please go to the notification section of www.nayagarhkalaparisad.org
Sd./- Secretary
Nayagarh Kalaparisad

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/23-24/ E-Tender/48, ତା.12.07.2023ରିଖ
(1) ଟେଣ୍ଡର ସଂ. e-Tender-CenKUR-138-2023, ତା.04.07.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ଅଧୀନସ୍ଥ ବିଭିନ୍ନ ପୋଲଗୁଡ଼ିକରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଂ (Fixtures & Fastenings)ଗୁଡ଼ିକ ସହିତ 'H' ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 490 ଗୋଟି ଷ୍ଟିଲ ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 136.36 ଲକ୍ଷ, EMD : ₹ 2,18,200/-
(2) ଟେଣ୍ଡର ସଂ. e-Tender-EastKUR-139-2023, ତା.04.07.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନସ୍ଥ ରିମୋଟ୍ ଅପରେଟେଡ୍ ଭେଇକିଲ୍ (ROV)ର ବ୍ୟବହାର କରି ପୋଲଗୁଡ଼ିକର ପିଅର୍ସ (Piers) ଏବଂ ଏବୁଟମେଣ୍ଟ (Abutments)ଗୁଡ଼ିକର ଜଳମଗ୍ନ ଅଂଶର ପ୍ରସ୍ତାବିତ ପାଣି ତଳ ନିରୀକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.60 ଲକ୍ଷ, EMD : ₹ 99,200/-
ଶେଷ ହେବା ଅବଧି : 08 (ଆଠ) ମାସ (କ୍ରମ ସଂ. 1 ପାଇଁ) ଏବଂ 04 (ଚାରି) ମାସ (କ୍ରମ ସଂ. 2 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.07.2023ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-347/O/23-24

**ROURKELA DEVELOPMENT AUTHORITY**
UDITNAGAR, ROURKELA - 769012
No. 862/RDA Dated: 13.07.2023
**PROCLAMATION**
It is hereby informed to the General Public that **Sri Subasish Banerjee, S/o. Late Bachhu Chandra Banerjee** has applied for mutation of **House No. C2L2-44 under CHP-II, Chhend, Rourkela - 15** in his favour consequent upon death of his/her Father **Late Bachhu Chandra Banerjee**. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

# ପିସିସି ସଭାପତିଙ୍କୁ ଟାର୍ଗେଟ

■ଆଜି ସେ ଅଛନ୍ତି କାଲି ଆଉ କିଏ ଥିବେ: ମୋକିମ

■ଦଳ ଊର୍ଦ୍ଧ୍ୱରେ କେହି ନୁହନ୍ତି: ଶରତ

ଭୁବନେଶ୍ୱର, ୧୫।୭(ଅନିଲ ଦାସ)

କଂଗ୍ରେସରୁ ନିଲମ୍ବନ ନୋଟିସ ପାଇବା ପରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ପରୋକ୍ଷରେ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ଆମ ଉତ୍ତରରେ ଶୃଙ୍ଖଳା କମିଟି ସନ୍ତୁଷ୍ଟ ହୋଇ ନ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜାଣିବାକୁ ପାଇଛି । ମୁଁ ସେମିତି କିଛି କାର୍ଯ୍ୟ କରିନି, ଯେଉଁଥିରେ ଜଣେ ବିଧାୟକଙ୍କୁ ନିଲମ୍ବନ କରାଯିବ । ମୁଁ କଂଗ୍ରେସ ସହିତ ଅଛି । ଆଜି ଶରତ ପଟ୍ଟନାୟକ ସଭାପତି ଅଛନ୍ତି, କାଲି ଆଉ କିଏ ଥିବେ । କଂଗ୍ରେସ କୌଣସି ବ୍ୟକ୍ତିଗତ ଦଳ ନୁହେଁ, ଏହା ସାମୂହିକ ଦଳ । କାହାପାଇଁ କାହିଁକି କଂଗ୍ରେସ ଛାଡ଼ିବି । ଯଦି ପିସିସି ସଭାପତି ଭାବୁଛନ୍ତି କିଛି ଲୋକଙ୍କୁ ବାହାର କରିଦେଲେ ଦଳ ସୁଦୃଢ଼ ହୋଇଯିବ ତେବେ ଏ ବିଷୟରେ କିଛି କହିବାର ନାହିଁ । ଏ ସମ୍ପର୍କରେ ଦଳ ସହିତ ଆଲୋଚନା କରାଯିବ । କଂଗ୍ରେସକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜାନକୀ-ବସନ୍ତ ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରିଥିଲୁ । ଉକ୍ତ କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା, ପୂର୍ବତନ ସଭାପତି, ବହୁ କର୍ମୀ ଉପସ୍ଥିତ ରହିଥିଲେ । ନେତାଙ୍କ ଭିତରେ ମତାନ୍ତର ମନାନ୍ତର ଥିଲେ ହେଁ ସେମାନେ ୧୯୯୫ରେ କଂଗ୍ରେସକୁ କ୍ଷମତାକୁ ଆଣିଥିଲେ । ଏହା କଂଗ୍ରେସର କାର୍ଯ୍ୟକ୍ରମ ଥିଲା । ଏହି ସମୟରେ ଦଳ ବିରୋଧରେ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ ବୋଲି କହିଛନ୍ତି । ଭାଜପା ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରି ଭୋଟ ଦେଇଥିବାରୁ ପିସିସି ସଭାପତି ଦଳୀୟ କମିଟିକୁ ଅଭିଯୋଗ କରିଥିଲେ । ଏହାର କାରଣ ଦର୍ଶାଅ ନୋଟିସ୍ ପାଇ ପୂର୍ବରୁ ଉତ୍ତର ଦିଆଯାଇଥିଲା । ପରେ ଆଉ ଏକ ଅଭିଯୋଗ କରିଥିଲେ । ଏହି ନୋଟିସ୍ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଏହାକୁ ଗ୍ରହଣ କରିବା ସହ ଆଗକୁ ଦଳକୁ ସଂଗଠନ କରିବାକୁ କାମ କରିବି ବୋଲି ମୋକିମ କହିଛନ୍ତି । ଅନ୍ୟପକ୍ଷରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦଳଠାରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି । ଦଳ ଯାହା ନିଷ୍ପତ୍ତି ନେବ ଆମେ ଯେଉଁ ପଦବୀରେ ଥାଉନା କାହିଁକି ମାନିବାକୁ ବାଧ୍ୟ । ଏଆଇସିସି ଯାହା ନିଷ୍ପତ୍ତି ନେଇଛି, ଆମେ ତାକୁ ଗ୍ରହଣ କରୁଛୁ । କଂଗ୍ରେସ ଏକ ହୋଇ ଅଛି, ସର୍ବଦା ଏକ ହୋଇ ରହିବ । ଏକଦା ଭାଜପାର ପାର୍ଲାମେଣ୍ଟରେ ୨ ଜଣ ଏମ୍‌ପି ଥିଲେ, ଏବେ ଏହି ଦଳ ଦେଶକୁ ଶାସନ କରୁଛି । ତେଣୁ କିଛି ବି ହବନି ବୋଲି କିଏ କହୁଛି । କାଲି କ'ଣ ହେବ ତା'ର ଭବିଷ୍ୟବାଣୀ କିଏ କରିପାରିବ । ଓଡ଼ିଶାବାସୀଙ୍କ ଆଶୀର୍ବାଦରେ କଂଗ୍ରେସ ୯ରୁ ୯୦ ହେବ ବୋଲି ଆଗରୁ କହିସାରିଛି । ତେଣୁ କ'ଣ କରାଯିବ ତାହା ପରେ ଆଲୋଚନା ହେବ ବୋଲି ଶରତ କହିଛନ୍ତି ।

# ଭାଜପାରେ ବିଜେଡି ନେତା, କର୍ମୀ

**ଭୁବନେଶ୍ୱର, ୧୫।୭(ଅନିଲ ଦାସ):** ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ନୀଳାଦ୍ରିପ୍ରସାଦ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ଜାନି, ନାରାୟଣ ସାହୁ, ପୀତବାସ ନାୟକ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ରାଉତ, ରମେଶ ବେହେରା, ପବିତ୍ର ଜାନି, ଦିଗାମ୍ବର ସାମନ୍ତରାୟ, ଶୁକଦେବ ଲେଙ୍କା ପ୍ରମୁଖ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ଦଳରେ ସାମିଲ କରାଯାଇଛି । ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ମନମୋହନ ଏବଂ ସମ୍ବିତ ପାତ୍ର ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ଗରିବ କଲ୍ୟାଣ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେହି ନେତାମାନେ ଦଳରେ ସାମିଲ ହୋଇଥିବା କହିଛନ୍ତି । ରାଜ୍ୟରେ ଗଣତନ୍ତ୍ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜ୍ୟର ବିକାଶରେ ବଡ଼ ବାଧକ ସାଜିଛି । ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି । ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଭାରତୀୟ ଜନତା ପାର୍ଟି ନିଶ୍ଚିତ ଭାବେ ଡବଲ୍ ଇଞ୍ଜିନ ସରକାର ଗଠନ କରିବ । ଏହି ମିଶ୍ରଣ ପର୍ବ ପାର୍ଟିର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ରାଜ୍ୟ ସଭାପତି କହିଛନ୍ତି । ଏହି ମିଶ୍ରଣ ପର୍ବରେ ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବିଜୟ ବିଶ୍ୱାଳ, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବିଦ୍ୟୁତ୍ କାଣ୍ଡି, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

**ZILLA SWASTHYA SAMITI, DHENKANAL**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
Notice No.2291 Date: 13.07.2023
**EXPRESSION OF INTEREST**
No.E-259:- Sealed EOI documents are invited from reputed agencies/ individuals for providing of vehicles in the district. The details regarding application format, terms and conditions of the EOI may be downloaded from 14.07.2023 onwards from district website i.e. www.dhenkanal.nic.in. The EOI documents shall reach the Office of the CDM & PHO, Dhenkanal latest by 29.07.2023, 03.30 P.M. through Speed Post, Registered Post or Courier only. The EOI documents will be opened on the same date at 04.00 P.M. in the office of the undersigned in the presence of the bidders / authorized representative of the bidders. The undersigned is not responsible for any kind of postal delay and reserves all right to cancel any or all the EOI at any stage of selection / finalization process without assigning any reason thereof. Any typographical error may be exempted.
Sd./- CDM & PHO-cum-District Mission Director, Dhenkanal
OIPR-10059/11/0003/2324

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-Mail: serwbpr2004@yahoo.com, Tel/Fax: 0680-2404287)
**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e" - Procurement**
Bid Identification No. Online Tender / 18-2023-24/PMGSY/BPR
No. O-386: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronics tendering system for construction of roads & bridges under Pradhan Mantri Gram Sadak Yojana in the districts of Ganjam for 03 (Three) number of packages with estimated cost totalling to Rs.6.10 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of invitation for Bids through e-procurement Dtd.18.07.2023.
Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur//Superintending Engineer/Executive Engineer of the concerned divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.
Last Date/Time for receipt of bids through e-procurement: 01.08.2023 upto 3.00 P.M.
For further details and corrigendum (if any) please log on to **www.pmgsytenders.gov.in**.
OIPR-25071/11/0020/2324 Sd./- Chief Construction Engineer, R.W. Circle, Berhampur

# ଚିରଞ୍ଜୀବଙ୍କ ନିଲମ୍ବନ: କର୍ମୀଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା

ଜଗତ୍‌ସିଂହପୁର ଅଫିସ, ୧୫।୭

ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ କଂଗ୍ରେସରୁ ନିଲମ୍ବନ କରାଯିବା ପରେ ଜଗତ୍‌ସିଂହପୁର ଜିଲାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ଏହି ନିଷ୍ପତ୍ତି ବିରୋଧରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକଙ୍କ ସମେତ ଏକାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ଥାନା ଛକରେ ପ୍ରତିବାଦ କରି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ବିରୋଧରେ କଡ଼ା ଟିପ୍ପଣୀ ଦେଇଛନ୍ତି । ସେମାନେ ପଟ୍ଟନାୟକଙ୍କ ବିରୋଧରେ ନାରାବାଜି କରିବା ସହ ବ୍ୟାନର ପୋଡ଼ିଛନ୍ତି । ଏହି ବିକ୍ଷୋଭରେ ଜଗତ୍‌ସିଂହପୁର ବ୍ଲକ ସଭାପତି ଅଦ୍ୱୈତ ଜେନା, ପାରିଷଦ ସୁବାସ ସାହୁ, ଡୁଲୁ ପରିଡା, ଜଗଦାନନ୍ଦ ବେହେରା, ମଣ୍ଡାସାହି ସରପଞ୍ଚ ଅଶୋକ ଭୋଇ, ଝଁକୋଟି ସରପଞ୍ଚ ଭାଗତ ତରେଇଆ, କାଦୁଆପଡା ସରପଞ୍ଚ ପ୍ରମୋଦ ସାହୁ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ଯୁବ ନେତା ସ୍ୱସ୍ତି ପ୍ରସାଦ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟପଟେ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ କହିଛନ୍ତି, ତାଙ୍କ ରାଜନୈତିକ ଜୀବନରେ ଚିରଞ୍ଜୀବଙ୍କ ଭୂମିକା ଯଥେଷ୍ଟ । ତେଣୁ ବ୍ୟକ୍ତିଗତ ଭାବେ ଚିରଞ୍ଜୀବଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ରହିଛି । କିନ୍ତୁ ଦଳର ଶୃଙ୍ଖଳା ଭିତରେ ପ୍ରତ୍ୟେକେ ରହିବା ଜରୁରୀ । ବ୍ୟକ୍ତି ନୁହେଁ, ଦଳ ବଡ । ଦଳର ନିଷ୍ପତ୍ତିକୁ ସମସ୍ତେ ସମ୍ମାନ ଦେବା କଥା । କାରଣ ଦଳ ଯାହା ନିଷ୍ପତ୍ତି ନେଇଛି ତାହା ବହୁ ବୁଝି ବିଚାରି ନେଇଥିବ । ଚିରଞ୍ଜୀବଙ୍କୁ ଦଳ




ଜଗତ୍‌ସିଂହପୁର ଥାନା ଛକରେ ଯୁବ କଂଗ୍ରେସ କର୍ମୀମାନେ ନିଆଁ ଜାଳି ପ୍ରତିବାଦ କରୁଛନ୍ତି ।

ବହିଷ୍କାର କରିନାହିଁ । ତେଣୁ ପ୍ରତିବାଦ ନ କରି ଦେଖା ଦେଇଥିବା ସମସ୍ୟାର ସମାଧାନ କରିବା ଉଚିତ । ପିସିସି ସଭାପତିଙ୍କ ବ୍ୟାନର ପୋଡିବା ଦୁର୍ଭାଗ୍ୟଜନକ କଥା । ଯେଉଁମାନେ ଦଳ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି ସେମାନେ ଚିରଞ୍ଜୀବଙ୍କ ନିଲମ୍ବନ କିପରି ଉଠିବ ସେ ବିଷୟରେ ଚିନ୍ତା କରିବା କଥା । ଆଗାମୀ ନିର୍ବାଚନରେ ଚିରଞ୍ଜୀବ କଂଗ୍ରେସ ଟିକେଟରେ ପ୍ରାର୍ଥୀ ହୁଅନ୍ତୁ ବୋଲି ପ୍ରତ୍ୟେକେ ଚାହୁଁଛନ୍ତି । କିନ୍ତୁ ମହମ୍ମଦ ମୋକିମଙ୍କ ପରି ଦ୍ୱନ୍ଦ୍ୱ ଉପରୁ ପରଦା ହଟାନ୍ତୁ ବୋଲି ଚୌଧୁରୀ କହିଛନ୍ତି ।

ଚିରଞ୍ଜୀବ ରାଜ୍ୟ କଂଗ୍ରେସର ଜଣେ ଆଗଧାଡିର ନେତା ଭାବେ ପରିଚିତ । ୨୦୧୯ ସାଧାରଣ ନିର୍ବାଚନରେ ଚିରଞ୍ଜୀବଙ୍କ ପରାଜୟ ପରେ ସେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ଦୂରତ୍ୱ ଅବଲମ୍ବନ କରୁଛନ୍ତି । କାଁ ଭାଁ ଆସିବା ପ୍ରସଙ୍ଗକୁ ନେଇ ରାଜନୈତିକ ଶିବିରରେ ଚର୍ଚ୍ଚା ଜୋର ଧରୁଛି । ବଡ କଥା ହେଲା ନିକଟରେ ଜିଲା କଂଗ୍ରେସ ପରିବର୍ଦ୍ଧିତ କମିଟି ବୈଠକରେ ଚିରଞ୍ଜୀବଙ୍କ ଅନୁପସ୍ଥିତି ଅନେକ ନେତା ଓ କର୍ମୀଙ୍କୁ ଆଘାତ ଦେଇଥିଲା । କେତେଜଣ ନେତା ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେମାନେ କହିଥିଲେ, ଯେଉଁମାନେ ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିଲେ ସେମାନେ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିବା ପରିବର୍ତ୍ତେ ଦୂରେଇ ରହୁଛନ୍ତି । କର୍ମୀ ଚାହିଁଲେ କେତେ ନେତା ବାହାରିବେ । ତେଣୁ କଂଗ୍ରେସ ପାଇଁ ନେତାଙ୍କ ଅଭାବ ରହିବ ନାହିଁ । ଯେଉଁମାନଙ୍କୁ କର୍ମୀମାନେ ନେତା କରିଥିଲେ ସେମାନେ ନିରାଶ କରୁଛନ୍ତି । ଏହି ନେତାମାନଙ୍କ କାର୍ଯ୍ୟକଳାପ ପ୍ରକାରାନ୍ତରେ କଂଗ୍ରେସ କର୍ମୀ ଓ ନେତାଙ୍କୁ ସଙ୍କୁଚିତ ପାଇଁ ଷଡ଼ଯନ୍ତ୍ର ବୋଲି ସେତେବେଳେ ଅଭିଯୋଗ ହୋଇଥିଲା । ଏହା ପୂର୍ବରୁ ଚିରଞ୍ଜୀବ ଦଳ ଛାଡ଼ିବା ନେଇ ଚର୍ଚ୍ଚା ଲାଗି ରହିଥିଲା । ଏ ପରିସ୍ଥିତିରେ ଦଳର ମଙ୍ଗ କିଏ ଧରିବେ ତାକୁ ନେଇ ଦଳୀୟ ନେତା ଓ କର୍ମୀ ମହଲରେ ମାନସମନ୍ଥନ ଆରମ୍ଭ ହୋଇଥିଲା । ନିକଟରେ ଭୁବନେଶ୍ୱର ଜୟଦେବ ଭବନରେ 'ଜାନକୀ-ବସନ୍ତ ଯୋଡି ଓଡ଼ିଶା ରାଜନୀତିର ସ୍ୱର୍ଣ୍ଣିମ ଯୁଗ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଚିରଞ୍ଜୀବ ବିବାଦୀୟ ବୟାନ ଦେଇଥିଲେ । ଏହାପରେ ତାଙ୍କ ପାଇଁ ଅଡୁଆ ବଢ଼ିଥିଲା । ଏନେଇ ଚିରଞ୍ଜୀବଙ୍କୁ ପିସିସି ସଭାପତି ପଟ୍ଟନାୟକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ଏହାର ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେ ଏଆଇସିସିକୁ ଲିଖିତ ଭାବେ ଅବଗତ କରିଥିଲେ । ତା'ପରେ ଏଆଇସିସି ଶୃଙ୍ଖଳା କମିଟି ଚିରଞ୍ଜୀବଙ୍କୁ ଦଳରୁ ନିଲମ୍ବନ କରିଛନ୍ତି ।

**PRADHAN MANTRI GRAM SADAK YOJANA (PMGSY)**
**e-Procurement Notice**
**Letter No. 2343** **Dt.11.07.2023**
No. O-383: The Chief Construction Engineer, R.W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of Bridges under Pradhan Mantri Gram Sadak Yojana in the districts of Cuttack for 02 (Two) number of packages with estimated cost totaling to Rs.5.73 Cr. including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract. Date of release of invitation for Bids through e-procurement Dtd.18.07.2023.
Availability of Bid documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.C.E., R.W. Circle, Cuttack on a date not later than three working days after the opening of technical qualification part of the Bid, either by Registered Post or by hand, failing which the bids shall be declared non-responsive.
Summary for key dates is provided below:

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC-11/23 | 18.07.2023 at 10.30 A.M. | 01.08.2023 to 5.00 P.M. | 31.07.2023 upto 5.00 P.M. | 02.08.2023 at 10.30 A.M. | Will be Intimated later on |

Date of submission of original documents such as Original Bid Security, Cost of Bid Document and Affidavit: Dt.02.08.2023 at 11.00 A.M. to 04.08.2023 at 05.00 P.M.
Further details can be seen from the website **www.pmgsytenders.gov.in**.
Sd./- Chief Construction Engineer
Rural Works Circle, Cuttack
OIPR-25097/11/0013/2324

**ମୋବାଇଲ୍ ଛଡ଼ାଇନେଲେ କିନ୍ନର**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ବଡ଼ଗଡ଼ ଥାନା ଅଞ୍ଚଳରେ ମାତିଛନ୍ତି କିନ୍ନର। ରାତିରେ ବିଭିନ୍ନ ସ୍ଥାନରେ ଛିଡା ହୋଇ କିଛି କିନ୍ନର ଅନୈତିକ କାର୍ଯ୍ୟ କରିବା ସହ ଲୁଟପାଟ କରୁଛନ୍ତି। ଏହି ଲୁଟ୍‌ର ଶିକାର ହୋଇଛନ୍ତି ନୟାଗଡ଼ ଜିଲା ଫତେଗଡର ଦିପ୍ତିରଞ୍ଜନ ନାୟକ। ଦୁଇ କିନ୍ନର ତାଙ୍କୁ ମାଡ ମାରି ମୋବାଇଲ୍ ଛଡାଇ ନେଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ସଂକ୍ଷେପରେ

### ଶ୍ରମିକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା): ଲିଙ୍ଗରାଜ ଥାନା ଅନ୍ତର୍ଗତ ରବି ଟକିଜ ଅଞ୍ଚଳରେ ଜଣେ ଶ୍ରମିକ ଶନିବାର ସନ୍ଧ୍ୟାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଯାଜପୁର ଜିଲା କୋରେଇ ଥାନା କାଦୁଆପଡାର ନନ୍ଦ ଦଲେଇ। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଫେରାରବେଳେ ଛାତରୁ ଖସିପଡ଼ିଲେ

**ଜଣେ ଗିରଫ, ସହଯୋଗୀ ଫେରାର: ୫ ମୋବାଇଲ ଜବତ**

ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା): ମୋବାଇଲ ଫୋନ ଚୋରି କରି ଫେରାର ହେଉଥିବା ବେଳେ ଜଣେ ଚୋରକୁ ମହଙ୍ଗା ପଡିଛି। ଛାତରୁ ଖସିପଡିବାରୁ ଆହତ ହେବା ସହ ଉପସ୍ଥିତ ଯୁବକମାନେ ତାଙ୍କୁ କାବୁ କରି ଭରତପୁର ଥାନା ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଫୁଲେଶ୍ୱରି ବସ୍ତିରେ ରହୁଥିବା ଗଞ୍ଜାମ ଛତ୍ରପୁରର ପୂର୍ଣ୍ଣଚନ୍ଦ୍ର ନାୟକ (୩୧)। ତାଙ୍କଠାରୁ ୫ଟି ମୋବାଇଲ ଜବତ ହୋଇଛି। ସୂଚନା ମୁତାବକ, ସୁବ୍ରତ ପ୍ରଧାନ ନାମକ ଜଣକ ଯୁବକ ଆଇଗିଣିଆ ଠାରେ ଚାଲିଥିବା ଏକ କନଷ୍ଟ୍ରକ୍ସନ ସାଇଟରେ କାମ କରନ୍ତି। ଶୁକ୍ରବାର ରାତିରେ ଅନ୍ୟ ସାଥିଙ୍କ ସହ ସେ ଏକ ରୁମରେ ଶୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଏବଂ ତାଙ୍କର ଜଣେ ସହଯୋଗୀ ଘରେ ପଶି ମୋବାଇଲ ଚୋରି କରିଥିଲେ। ତେବେ ଘଟଣାସ୍ଥଳରୁ ଖସିଯିବାଲାଗି ଉଦ୍ୟମ କରିବା ବେଳେ ପୂର୍ଣ୍ଣଚନ୍ଦ୍ର ଛାତରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ସୁବ୍ରତ ଏବଂ ଅନ୍ୟମାନେ ପୂର୍ଣ୍ଣଚନ୍ଦ୍ରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସହଯୋଗୀ ଫେରାର ହୋଇଯାଇଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ୯୬ତମ ଜୟନ୍ତୀ

ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ୯୬ତମ ଜୟନ୍ତୀ ଶନିବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପୂର୍ବତନ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ବିଜୟ ସାହୁ, ପ୍ରଗତୀ ରଥ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସଂଯୁକ୍ତା ମିଶ୍ର, ଦୀପ୍ତିପ୍ରଭା ରାୟ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ମିଶ୍ର ଆଜୀବନ ଓଡ଼ିଶୀ ସଙ୍ଗୀତର ବିକାଶ ସହିତ ଏହାକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ ଉଦ୍ୟମ କରିଥିଲେ। ସିଂହାରୀ ଶ୍ୟାମସୁନ୍ଦର କର, କାଶୀନାଥ ପୂଜାପଣ୍ଡା ଓ ସଙ୍ଗୀତ ସୁଧାକର ବାଲକୃଷ୍ଣ ଦାଶଙ୍କ ସହିତ ମିଶି ଓଡ଼ିଶାରେ ସଙ୍ଗୀତ ଶିକ୍ଷା ସହିତ ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇଥିଲେ। ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସହ ମିଶି ଭୁବନ-ହରି ନାମରେ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବୋଲି ଅତିଥିମାନେ କହିଥିଲେ। ଗବେଷଣା କେନ୍ଦ୍ରର ଅନୁଜା ତାରିଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପ୍ରତିଷ୍ଠା ଦିବସରେ ଏମ୍ସରେ ଇ-ଅଫିସ୍ ବ୍ୟବସ୍ଥା

**ଏନ୍ଆଇଆର୍ଏଫ ରାଙ୍କିଙ୍ଗରେ ୧୭ତମ ସ୍ଥାନ ହାସଲ**



୧୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

ଭୁବନେଶ୍ୱର,୧୫।୭ (ଅଭିଜିତ ଦାସ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ ଭଳି ରାଜ୍ୟର ଲୋକଙ୍କ ଲାଗି ଭୁବନେଶ୍ୱରସ୍ଥିତ ଏମ୍ସ ଆଶାର କିରଣ ପାଲଟିଛି। ଏହି ଅବସରରେ ଶନିବାର ଏମ୍ସ ପରିସରରେ ୧୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ଏମ୍ସ ପାଟନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଗୋପାଳକୃଷ୍ଣ ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍ସ ଭୁବନେଶ୍ୱର ପ୍ରତିଷ୍ଠାତା ଅଟଳ ବିହାରୀ ବାଜପାୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟ ଅର୍ପଣ କରିଥିଲେ। ଭୁବନେଶ୍ୱର ଏମ୍ସକୁ ଏନ୍ଆଇଆର୍ଏଫ୍ ତାଲିକାରେ ଭୁବନେଶ୍ୱର ଏମ୍ସ ୨୬ରୁ ୧୭ତମ ସ୍ଥାନ ହାସଲ କରିଥିବାରୁ ପ୍ରଫେସର ପାଲ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ପ୍ରତିଷ୍ଠା ଦିବସରେ ଏମ୍ସ ପକ୍ଷରୁ ଇ-ଅଫିସ୍ ବ୍ୟବସ୍ଥା ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି, ଇ-ଅଫିସ୍ ବ୍ୟବସ୍ଥା ଦ୍ୱାରା ଏମ୍ସରେ ପ୍ରଶାସନିକ ସେବା ସହ ସ୍ୱାସ୍ଥ୍ୟସେବାରେ ମଧ ବେଶ୍ ଉନ୍ନତି ଆଣିବ। ସେହିପରି ଏମ୍ସ ଭୁବନେଶ୍ୱରରେ ବୃକକ୍ ପ୍ରତିରୋପଣ ସଫଳତାର ସହିତ ଆରମ୍ଭ ହୋଇଛି। ଶୀଘ୍ର ଏଠାରେ ଲିଭର ପ୍ରତିରୋପଣ ଆରମ୍ଭ ହେବାକୁ ଯାଉଥିବାବେଳେ ଏକାଧିକ ଜାତୀୟ ଅନୁଷ୍ଠାନ ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତ ଗବେଷଣା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର ନିମନ୍ତେ ଆଇଆଇଟି ଭୁବନେଶ୍ୱର ସହିତ ବୁଝାମଣା କରାଯାଇଛି। ସେହିପରି ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ, ତାଲିମ, ଗବେଷଣା ଏବଂ ଶିକ୍ଷାକେନ୍ଦ୍ର, କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ ଏବଂ ଜାତୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦ ସହିତ ମଧ ବୁଝାମଣା କରାଯାଇଛି।

**ଟ୍ରେନ୍ ଦୁର୍ଘଟଣା ମୃତକଙ୍କୁ ଚିହ୍ନଟ କରିବା ବଡ଼ ଚାଲେଞ୍ଜ ଥିଲା**

ଚଳିତବର୍ଷ ଭୁବନେଶ୍ୱର ଏମ୍ସକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା। ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତଦେହ ପରିଚାଳନା ଥିଲା ଏମ୍ସ ଲାଗି ବଡ ଚ୍ୟାଲେଞ୍ଜ। ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ସରକାର, ରେଳ ବିଭାଗ ଓ ଗଣମାଧ୍ୟମର ସମସ୍ତ ଅଂଶୀଦାରଙ୍କ ସହଯୋଗରେ ଏହାକୁ ସଫଳତାର ସହିତ ପରିଚାଳନା କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ କହିଛନ୍ତି। ଏହାକୁ ଜାତୀୟ ସ୍ତରରେ ପ୍ରଶଂସା କରାଯାଇଥିବାବେଳେ ଇଣ୍ଡିଆ ଟୁଡେର ସର୍ଭେରେ ଏମ୍ସ ଭୁବନେଶ୍ୱର ୨୦ରୁ ୧୮ତମ ସ୍ଥାନକୁ ଉନ୍ନୀତ ହୋଇଛି।

**କାର୍ଯ୍ୟକ୍ଷମ ହେଲା ଏମ୍ସ ଧର୍ମଶାଳା**

ପ୍ରତିଷ୍ଠା ଦିବସରେ ଏମ୍ସ ଧର୍ମଶାଳାକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଛି। ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଉକ୍ତ ଧର୍ମଶାଳାର ସୁବିଧା ନେବାକୁ ହେଲେ ଧର୍ମଶାଳା କମିଟି କିମ୍ବା ଏମ୍ସ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପଡିବ। ଏଥିସହ ରୋଗୀଙ୍କୁ ଚିକିତ୍ସା କରୁଥିବା ସମ୍ପୃକ୍ତ ଡାକ୍ତରଙ୍କ ନିକଟରୁ ଏକ ଫର୍ମରେ ଆବଶ୍ୟକ ଲେଖା ଆଣିବାକୁ ହେବ ବୋଲି ଡା. ବିଶ୍ୱାସ ସୂଚନା ଦେଇଛନ୍ତି।

# କଲେଜ ଛାତ୍ରୀଙ୍କୁ ଅପହରଣକରି ବିବାହ ଉଦ୍ୟମ

**୨ ଯୁବକ ଗିରଫ, କାର୍ ଜବତ**

ସାଲେପୁର,୧୫।୭ (ଅରବିନ୍ଦ ଭୁୟାଁ)

ଜଣେ ନାବାଳିକା କଲେଜ୍ ଛାତ୍ରୀଙ୍କୁ ଅପହରଣ କରି ଜବରଦସ୍ତ ବିବାହ କରିବା ଉଦ୍ୟମ ପଣ୍ଡ ହୋଇଛି। ସାଲେପୁର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶନିବାର ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଅପହରଣକାରୀ ସାଲେପୁର ଥାନା ଅନ୍ତର୍ଗତ ମହଣ ଗ୍ରାମର ସେକ୍ ଆଫରୋଜ ଓ ତାଙ୍କ ସହଯୋଗୀ ତଥା ଗାଡ଼ି ମାଲିକ ଜିତେନ୍ଦ୍ର ପାତ୍ର।

ଅଭିଯୋଗ ମୁତାବକ, ୩ଦିନ ତଳେ ସ୍ଥାନୀୟ ଏକ କଲେଜକୁ ଅଧ୍ୟୟନ କରିବାକୁ ଆସିଥିବା ଯୁକ୍ତ ୨ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ଏକ କାର୍ ଯୋଗେ ସମ୍ପୃକ୍ତ ୨ ଅଭିଯୁକ୍ତ ଅପହରଣକରି ନେଇଥିଲେ। ଏନେଇ ନାବାଳିକାଙ୍କ ବାପା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨୬/୨୩ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିଥିଲା। ସେହି ଅନୁସାରେ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଗ୍ରାମରେ ଉକ୍ତ ଟିମ୍ ଚଢ଼ାଉକରି ଅପହରଣକାରୀ ଯୁବକଙ୍କ ଭଉଣୀଘରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଅପହରଣକାରୀ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଟିମ୍ କାବୁ କରିଥିଲା। ଅପହୃତରେ ବ୍ୟବହୃତ ଏକ କାର୍‌କୁ ଜବତ କରାଯାଇଛି। ଘଟଣାରେ ଅନ୍ୟ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ପ୍ରକାଶ କରିବା ସହ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛି।

# ଶର୍ମିଷ୍ଠା ଗୁପ୍ତଙ୍କ ପୁସ୍ତକ 'ଅନ୍‌ସ୍ୱୋକନ' ଉନ୍ମୋଚିତ



ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଐତିହାସିକା ତଥା ସୁଲେଖିକା ଶର୍ମିଷ୍ଠା ଗୁପ୍ତଙ୍କ 'ଅନ୍‌ସ୍ୱୋକନ' ପୁସ୍ତକ ଶନିବାର ଓଟିଡିସି ଅଧକ୍ଷ ଡ. ଲେନିନ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବ୍ୟକ୍ତିଗତ ଅନୁଭୂତି ବେଳେବେଳେ ଅମୂଲ୍ୟ ସାବ୍ୟସ୍ତ ହୁଏ। ଅନୁଭବ ଆଣେ ସତ୍ୟ ଚେତନା। ଊର୍ଦ୍ଧ୍ୱମୁଖୀ ଚେତନା କରେ ସମାଜ କଲ୍ୟାଣ। ବିସ୍ତାରିତ ହୃଦୟର ଭାଷା ଛୁଏଁ ପ୍ରତିଟି ମନ ଓ ପ୍ରାଣକୁ। ନିଜ ଚାରିପାଖର ଏଭଳି ଚରିତ୍ର ସବୁକୁ ସାଉଁଟି ଆଣି ଅଲିଭା ସ୍ମୃତିରେ ସଜେଇଛନ୍ତି ଶର୍ମିଷ୍ଠା ଗୁପ୍ତୁ। କୋଭିଡ୍ ସମୟରେ ଲେଖିକା ଦୀର୍ଘକାଳୀନ ମାନସିକ ଅସନ୍ତୁଳନଜନିତ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବା ଓ ବାଧ ବାଧକତାରେ ଘରେ ରହିବା ସମୟରେ ଅତି ନିକଟରୁ ପରଖିଛନ୍ତି ସଂପର୍କର ପରିଭାଷା। ପୀଡିତାଙ୍କ ପ୍ରତି ସାମାଜିକ ଦୃଷ୍ଟିକୋଣ, ସଂପର୍କୀୟଙ୍କ ବ୍ୟବହାର ତଥା ପାରିବାରିକ ମନୋଭାବର ତର୍ଜମା କରିଛନ୍ତି ନିରୋଳା ସମୟରେ, ନିର୍ମଳ ଚେତନାରେ, ନିଃସାର୍ଥ ମନୋଭାବରେ। ନିଜେ ଲେଖିକା ଅଙ୍ଗେ ନିଭାଇଥିବା ଅକୁହା କଥାର ସାରମର୍ମକୁ ଏହି ପୁସ୍ତକ ପ୍ରତିଫଳିତ କରିଛି ବୋଲି ଅଧକ୍ଷ ମହାନ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ କ୍ରୀଡା ସଚିବ ଆର୍. ଭିନିଲ କ୍ରୀଷ୍ଣା, ବିଶିଷ୍ଟ କ୍ରୀଡା ଉଦ୍‌ଘୋଷକ ତଥା ଲେଖିକାଙ୍କ ସାମୀ ବୋରିଆ ମଜୁମ୍‌ଦାର ଓ ସମାଜସେବୀ ରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ଶ୍ରଦ୍ଧାଞ୍ଜଳି ସମାରୋହ



ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ ଦେବପ୍ରସାଦ ଦାସଙ୍କ ୩୭ତମ ପୁଣ୍ୟତିଥି ଅବସରରେ ତ୍ରିଧାରା ଅନୁଷ୍ଠାନ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ସହଯୋଗରେ ଶ୍ରଦ୍ଧାଞ୍ଜଳି ସମାରୋହ ଶନିବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ୨ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମରେ ମୋଟ ୮୦୦ରୁ ଊର୍ଦ୍ଧ୍ୱ କଳାକାର ଓ ୭୫ରୁ ଅଧିକ ଅନୁଷ୍ଠାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ଅଧିବେଶନରେ ପ୍ରଥମ ପ୍ରସ୍ତୁତି ଥିଲା 'ଲକ୍ଷ୍ମୀ ନୃସିଂହ ଧ୍ୟାନ'। ଏହାକୁ ପରିବେଷଣ କରିଥିଲେ ଶ୍ରେୟା ଶ୍ରଦ୍ଧାଞ୍ଜଳି। ପରେ ନୃତ୍ୟାଶ୍ରୀ ଅନୁଷ୍ଠାନ ଓ ଲିଙ୍ଗରାଜ କାଳା ନିକେତନ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ବାଗ୍ମିଶ୍ରୀ ଦାସଙ୍କ 'ମିନ ନୟନା', ରାଓ୍ୱେ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗଣେଶ ସ୍ତୁତି, ନୃତ୍ୟାଳୟ ଦ୍ୱାରା 'ନୀଳାଦ୍ରିନାଥ', ନୃତ୍ୟଧାମ ପକ୍ଷରୁ 'କିଏଲୋ ସଜନୀ କେଳି କଦମ୍ବ ମୂଳେ...', ସୁରଭି ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା କୃଷ୍ଣବନ୍ଦନା 'କସ୍ତୁରୀ ତିଳକ', ଶ୍ରୀ ଡାନ୍ସ ଏକାଡେମୀ ଦ୍ୱାରା ଅଭିନୟ 'ନଗରରାଜ' ଏବଂ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱାରା 'ଜଗନ୍ନାଥାଷ୍ଟକମ' ପରିବେଷିତ ହୋଇଥିଲା। ସନ୍ଧ୍ୟା ଅଧିବେଶନ ପ୍ରାରମ୍ଭରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା 'ଯୋଗିନୀ' ପ୍ରଦର୍ଶିତ ହୋଇଥିଲା। ପରେ କୋଲକାତାରୁ ଆସିଥିବା ଅତିଥି କଳାକାର ସୁଶ୍ରୀ ଝିନୁକ ମୁଖାର୍ଜୀ ସିହ୍ନା ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଅତିଥି କଳାକାର କବିତା ମିଶ୍ର ଏବଂ ରାଜୁ ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଂଘମିତ୍ରା ସିଂ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଭୁବନେଶ୍ୱର କଳାକେନ୍ଦ୍ରର ଶିଳ୍ପୀମାନେ ଦଳ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଗୁରୁ ନିରଞ୍ଜନ ରାଉତ, ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ ମ୍ୟୁଜିକ ସୋସାଇଟିର ସଚିବ ପ୍ରଶନ୍‌ଜିତ୍ ପୋଦ୍ଦାର, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଏମ୍ସରେ ଚାକିରି ଦେବା ନାଁରେ ୪ ଲକ୍ଷ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା)

ଏମ୍ସରେ ଚାକିରି କରାଇଦେବା ନାଁରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ତାରାପଦ ମହାନ୍ତି। ତାଙ୍କଠାରୁ ବିଏମସିର ଓ ଏନୟୁଏଚଏମର ନକଲି ଷ୍ଟାମ୍ପ ଏବଂ କାଗଜପତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ବିଏମ୍‌ସି ହସ୍ପିଟାଲରେ ଚୁକ୍ତିଭିତ୍ତିକ ଭିତ୍ତିରେ ଅଭିଜିତ ବିଶ୍ୱାଳ ଫାର୍ମାସିଷ୍ଟ ଭାବେ କାମ କରନ୍ତି। ୨୦୨୦ରେ ସେ ହସ୍ପିଟାଲର ଦୁଇ କର୍ମଚାରୀ ଓ ଜଣେ ନର୍ସଙ୍କ ଜରିଆରେ ତାରାପଦଙ୍କ ସମ୍ପର୍କରେ ଆସିଥିଲେ। ଏହି ସମୟରେ ତାରାପଦ ଭୁବନେଶ୍ୱର ଏମ୍ସରେ ସ୍ଥାୟୀ ଚାକିରି କରାଇଦେବେ ବୋଲି ଅଭିଜିତଙ୍କୁ କହିଥିଲେ। ଏପରିକି ଅଭିଜିତଙ୍କ ବିଶ୍ୱାସ ହାସଲ ପାଇଁ ଦୁଇଜଣଙ୍କ ନକଲି ନିଯୁକ୍ତିପତ୍ର ଦେଖାଇଥିଲେ। ଏହାପରେ ଅଭିଜିତଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ କୌଣସି ଚାକିରି ଦେଇନଥିଲେ। ଅଭିଜିତ୍ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ତାରାପଦଙ୍କୁ ଟଙ୍କା ମାଗିବାରୁ ସାଢେ ୨୫ହଜାର ଟଙ୍କା ଦେଇଥିଲେ। ତେବେ ଆଉ ଟଙ୍କା ନ ଦେବାରୁ ଅଭିଜିତ୍ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଚାଷୀ ଆତ୍ମହତ୍ୟା, ରାଜନୀତିର କାହାଣୀ 'ଉଦଣ୍ଡି ସୀତା'


ମାର୍କେଟ ବିଲ୍ଡିଂଠାରେ ଓଡ଼ିଆ ଚଳଚ୍ଚିତ୍ର 'ଉଦଣ୍ଡି ସୀତା'ର ଟ୍ରେଲର ରିଲିଜ୍ କରାଯାଉଛି।

ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ର 'ଉଦଣ୍ଡି ସୀତା'ର ଟ୍ରେଲର ରିଲିଜ୍ ୟୁନିଟ୍-୨ ମାର୍କେଟବିଲ୍ଡିଂଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳଚ୍ଚିତ୍ରର କାହାଣୀ ରଚନା, ପ୍ରଯୋଜନା ତଥା ନିର୍ଦ୍ଦେଶନା ଦେଇଥିବା ଯୁବ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ସଂଳାପକାର ରଜନୀ ରଞ୍ଜନ, ଅଭିନେତ୍ରୀ ଦେବଯାନୀ, ଅଭିନେତା ସୁଭାଶିଷ, ଡେଲିଭରୀ ବୟର ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ପ୍ରମୁଖ ଉପସ୍ଥିତ ଥିଲେ। ସୀତା ଭୂମିକାରେ ଦେବଯାନୀ, ମୁଖ୍ୟମନ୍ତ୍ରୀ ଭୂମିକାରେ ସମରେଶ ରାଉତରାୟ, ନେତା ଭୂମିକାରେ ସ୍ୱର୍ଗତ ପିଣ୍ଟୁ ନନ୍ଦଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣିବ। ଚାଷୀ ଜୀବନ ଓ ସଂଘର୍ଷ ବିଶେଷକରି ଚାଷୀ ଆତ୍ମହତ୍ୟା ଏବଂ ରାଜନୀତିର ପୃଷ୍ଠଭୂମି ଉପରେ ଆଧାରିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଛୁଇଁବ ବୋଲି ପ୍ରଯୋଜକ ତ୍ରିପାଠୀ ଆଶା କରିଛନ୍ତି।

# ସକାରାତ୍ମକ ମନ୍ତ୍ର ଉପରେ ଠିଆହୋଇଛି କଳିଙ୍ଗ ଟିଭି



କଳିଙ୍ଗ ଟିଭିର ନବମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ପ୍ରମିଳା ବିଶୋଇ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

କଳିଙ୍ଗ ଟିଭିର ନବମ ପ୍ରତିଷ୍ଠା ଦିବସ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ବିଶୋଇ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଫୁଲ୍ଲ ଘଡ଼େଇ, ବିଧାୟକ ସୁର ରାଉତରାୟ, କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମୁଖ୍ୟ ସମ୍ପାଦକ ସୌମ୍ୟଜିତ୍ ପଟ୍ଟନାୟକ, ଉପଦେଷ୍ଟା ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଡ. ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ସକାରାତ୍ମକ, ଗଠନମୂଳକ, ବାସ୍ତବବାଦୀ ମନ୍ତ୍ର ଉପରେ ଠିଆ ହୋଇଛି କଳିଙ୍ଗ ଟିଭି ।

ନିରପେକ୍ଷ ଗଣମାଧ୍ୟମ ଓ ସାଧାରଣ ଲୋକଙ୍କ ସ୍ୱର ଭାବେ ଖୁବ କମ ଦିନରେ ପ୍ରଥମ ପ୍ରସନ୍ଦ ପାଲଟିଛି । ଟିଆରପି ପଛରେ କଳିଙ୍ଗ ଟିଭି କେବେ ନାହିଁ। ସଠିକ ଖବର ପ୍ରସାରଣ ଉପରେ ଗୁରୁତ୍ୱ ଦିଏ ବୋଲି ଡ. ସାମନ୍ତ କହିଥିଲେ। ଦାୟିତ୍ୱ ସମ୍ପନ୍ନ ଗଣମାଧ୍ୟମ ହିସାବରେ କଳିଙ୍ଗ ଟିଭି କେବେ ବି ଲକ୍ଷ୍ୟଚ୍ୟୁତ ହୋଇନାହିଁ। ଯାହା ବାସ୍ତବ ଘଟଣା, ତାକୁ ପରିବେଷଣ କରେ। ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରି ଏହା ଲୋକଙ୍କରପ୍ରିୟ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶଶିଭୂଷଣ ବେହେରା, ସାଂସଦ ସୁଲତା ଦେଓ, ମୁକ୍ତିକାନ୍ତ ମଣ୍ଡଳ, ଅରବିନ୍ଦ ଢାଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଶୋକନଗର ମଦ ଦୋକାନ ସିଲ୍

ଭୁବନେଶ୍ୱର, ୧୫।୭ (ବନ୍ଦନା ସେଠୀ)

ପରିମଳ ନିୟମ ଖିଲାପ କରିଥିବା ଅଶୋକ ନଗରସ୍ଥିତ ମଦ ଦୋକାନକୁ ବିଏମ୍‌ସି ସିଲ୍ କରିଛି। ଏହି ମଦ ଦୋକାନ ସାମ୍ନାରେ ମଦ ବୋତଲଗୁଡ଼ିକ ପକାଯାଇଥିଲା। ଲୋକଙ୍କୁ ଏଣେତେଣେ ମଦ ବୋତଲ ନ ପକାଇବାକୁ କହିବା ଲାଗି ବିଏମ୍‌ସି ପକ୍ଷରୁ ପୂର୍ବରୁ ଦୋକାନ ମାଲିକଙ୍କୁ ସତର୍କ କରାଯାଇଥିଲା। ଏଥିସହ ୨ଟି ଡଷ୍ଟବିନ୍ ରଖିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଦୋକାନ ମାଲିକ ଏହାକୁ ଅଣଦେଖା କରିଥିଲେ। ଶନିବାର ପୂର୍ବାହ୍ନରେ ବିଏମ୍‌ସି କମିଶନର ଉକ୍ତ ଦୋକାନକୁ ସିଲ୍ କରିବା ସହ ଲକ୍ଷେ ଟଙ୍କାର ଜରିମାନା ମଧ ଆଦାୟ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସହରକୁ ସ୍ୱଚ୍ଛ ରଖିବାକୁ ବିଏମ୍‌ସି ବହୁ ପଦକ୍ଷେପ ନେଉଛି। ନିୟମିତ ପରିମଳ ଖିଲାପୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅଶୋକ ନଗର ଅଞ୍ଚଳରେ ଥିବା ବ୍ୟବସାୟୀମାନେ ବିଶେଷ ଭାବେ ପରିମଳ ନିୟମ ଖିଲାପ କରୁଥିବା ନଜରକୁ ଆସିବା ପରେ ବିଏମ୍‌ସି ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ନିଆଯାଇଛି।

# ଅଗଷ୍ଟ ୯ରେ ଆସୁଛି 'ଦ ଜେଙ୍ଗାବୁରୁ କର୍ସ'

**ସିରିଜ୍‌ରେ ରହିଛି ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ପରିବେଶ ସମ୍ପର୍କିତ ସୂଚନା**

ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ଖଣି, ପ୍ରାକୃତିକ ସମ୍ପଦକୁ ନେଇ ପ୍ରଥମଥର ପାଇଁ ପ୍ରସ୍ତୁତ ହୋଇଛି କ୍ଲାଏ-ଫାଇ ଥ୍ରୀଲର ସିରିଜ୍ 'ଦ ଜେଙ୍ଗାବୁରୁ କର୍ସ'। ଏହାର ଏକାଧିକ ଶୁଟିଂ ଓଡ଼ିଶାରେ ହୋଇଥିବାବେଳେ ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନୀଳମାଧବ ପଣ୍ଡା। ମୁଖ୍ୟ ଚରିତ୍ର ପ୍ରିୟା ଦାସଙ୍କ ବାପା ହଠାତ୍ ନିଖୋଜ ହେବା ପରେ ସେ ବାଧହୋଇ ଲଣ୍ଡନରୁ ଓଡ଼ିଶା ଆସନ୍ତି। ସେ ତାଙ୍କ ବାପାଙ୍କୁ ଖୋଜିବା ସମୟରେ ତାଙ୍କ ସହ ଏକ ଅଦ୍ଭୁତ ଘଟଣା ଘଟିଛି। ଓଡ଼ିଶାର ବଣ୍ଡା ଜନଜାତି ଓ ଖଣି ମଧ୍ୟରେ ଏକ ସଂଯୋଗ ସୃଷ୍ଟି ହୋଇଛି। ଖଣିରେ ଥିବା ଏକ ମୂଲ୍ୟବାନ ପଥର ଏହାର କାହାଣୀକୁ ଗତିଶୀଳ କରାଇଛି।

ମଣିଷର ଲୋଭ କିଭଳି ପ୍ରାକୃତିକ ସମ୍ପଦକୁ ନଷ୍ଟ କରି ଚାଲିଛି, ଜଳବାୟୁ ପରିବର୍ତ୍ତନ ହେଉଛି ଏସବୁକୁ ନେଇ ଏହି ସିରିଜ୍ ପ୍ରସ୍ତୁତ ହୋଇଛି। ମୟଙ୍କ ତିୱାରୀଙ୍କ ରଚିତ ଏହି କାହାଣୀକୁ ଅଗଷ୍ଟ ୯ରୁ ସୋନି ଲାଇଭ୍‌ରେ ଦର୍ଶକ ଦେଖିବାକୁ ପାଇବେ।




ଅଲକାନନ୍ଦ ଦାସଗୁପ୍ତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ପ୍ରଡକ୍ସନ ଡିଜାଇନର ରହିଛନ୍ତି ଦୁର୍ଗା ପ୍ରସାଦ ମହାପାତ୍ର। ଜବିନ ମର୍ଚାଣ୍ଟଙ୍କ ଦ୍ୱାରା ସମ୍ପାଦିତ ଏହି ସିରିଜ୍‌ରେ ଫରିଆ ଅବଦୁଲ୍ଲା, ନାସିର, ମାକାରନ୍ଦ ଦେଶପାଣ୍ଡେ, ସୁଦେବ ନାୟାର, ଦୀପକ ସମ୍ପତ ଓ ହିତେଶ ଡେଭ୍ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ସିରିଜକୁ ନେଇ ପଣ୍ଡା କହିଛନ୍ତି, 'ଜେଙ୍ଗାବୁରୁ କ୍ରସ୍' ହେଉଛି ପ୍ରଥମ ଭାରତୀୟ କ୍ଲାଏ-ଫାଇ ଥ୍ରୀଲର ସିରିଜ୍। ଏହି ଶୋ' ମାନବ ସମ୍ବଳର ନିରନ୍ତର ପ୍ରାକୃତିକ ସମ୍ପଦ ଉପରେ ଅନୁସନ୍ଧାନ କିଭଳି ଭୟାବହ ପରିଣାମ ସୃଷ୍ଟି କରିଛି ତାହାକୁ ନେଇ ପ୍ରସ୍ତୁତ ହୋଇଛି। ଦର୍ଶକଙ୍କୁ ମନୋରଞ୍ଜନ କରିବା ସହିତ ପରିବେଶ ସଂରକ୍ଷଣର ଅତ୍ୟଧିକ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ନେଇ ଆମର ଲକ୍ଷ୍ୟ ରହିଛି।

## ସଂକ୍ଷେପରେ

### ଜନସାଧାରଣଙ୍କୁ ଉଚିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ



ବାଲୁଗାଁ,୧୫।୭ (ସଂଗ୍ରାମ ପାଇକରାୟ): ବାଲୁଗାଁ ଥାନାରେ ନୂତନ ଆଇଆଇସି ଭାବେ ଜୟପ୍ରକାଶ ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ବାଣପୁର ଥାନା ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ତେବେ ବାଲୁଗାଁ ଥାନାରେ କାର୍ଯ୍ୟରତ ଆଇଆଇସି ରଶ୍ମୀରଞ୍ଜନ ଦାଶଙ୍କ ଜଗତସିଂହପୁର ଜିଲାକୁ ବଦଳି ହୋଇଛି। ଅଞ୍ଚଳରେ ବିଶେଷକରି ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଟ୍ରାଫିକ ସମସ୍ୟାକୁ ସୁଧାରିବା, ନିଶା କାରବାରକୁ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ମୂଳ ଲକ୍ଷ୍ୟ ରହିବ ବୋଲି ନୂତନ ଆଇଆଇସି ପରିଡ଼ା ପ୍ରକାଶ କରିଛନ୍ତି।

### ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୧୫।୭(ଦେବବ୍ରତ ହୋତା): ବୋଲଗଡ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟ ରଞ୍ଜନ ରାୟ ବୌଦ୍ଧ ଜିଲାରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଭାବେ ଯୋଗଦେବେ। ସେଠାରେ ଯୋଗଦେବା ପାଇଁ ସେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବୋଲଗଡ ବିଡିଓ ଧୋବେଇ ନାୟକ ଅଧକ୍ଷତା କରିଥିଲେ। ଏବିଡିଓ ଡ. ରତିକାନ୍ତ ମିଶ୍ର ,ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ, ହିସାବ ରକ୍ଷକ ତ୍ରିନାଥ ମହାରଣାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୌମ୍ୟ ରଞ୍ଜନ ଦୀର୍ଘଦିନ ଧରି ବୋଲଗଡ ବ୍ଲକରେ କାର୍ଯ୍ୟରତ ଥିଲେ। ସେ ମଧ ଗ୍ରାମପଞ୍ଚାୟତ ଅଧିକାରୀ ଦାୟିତ୍ୱ ବହନ କରିଥିଲେ। ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଡିଓ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଶକୁନ୍ତଳାଙ୍କ ପାଠପଢ଼ା ଦାୟିତ୍ୱ ନେଲେ ସମ୍ବିତ୍



ଖୋର୍ଦ୍ଧା,୧୫।୭(ପ୍ରଭାତ ପାଣିଗ୍ରାହୀ): ପାଠ ପଢି ବଡ଼ ମଣିଷ ହେବି ବୋଲି ଖୋର୍ଦ୍ଧା ଜିଲା ସୋରଣ ପଞ୍ଚାୟତର ଭଗବତୀପୁରର ଶକୁନ୍ତଳା ମୁଦୁଲିଙ୍କ ଇଚ୍ଛା ଥିଲା। ତେବେ ପରିବାରର ଏକମାତ୍ର ଆୟ କରୁଥିବା ବଡ଼ ଭାଇଙ୍କ ମୃତ୍ୟୁ ପରେ ଶକୁନ୍ତଳାଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଥିଲା। ଖବରପାଇ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ପହଞ୍ଚି ପରିବାର ସହ ଆଲୋଚନା କରିଥିଲେ। ଶକୁନ୍ତଳାଙ୍କ ସମସ୍ତ ପାଠପଢା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ମୁତାବକ, ଶକୁନ୍ତଳାଙ୍କ ବଡ଼ ଭାଇ ରସାନନ୍ଦ ମୁଦୁଲି କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଏହା ପରେ ପରିବାର ଲୋକେ ରୋଜଗାରକ୍ଷମ ପୁଅକୁ ହରାଇ ଭାଙ୍ଗି ପଡ଼ିଥିଲେ। ଅନ୍ୟପକ୍ଷରେ ଶକୁନ୍ତଳାଙ୍କ ପାଠପଢ଼ା ବନ୍ଦ ହୋଇଯିବା ନିଶ୍ଚିତ ହୋଇଯାଇଥିଲା। ଚିଲିକା ଭାଜପା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଖବରପାଇ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପହଞ୍ଚି ଶକୁନ୍ତଳାଙ୍କ ସମସ୍ତ ପାଠପଢା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶକୁନ୍ତଳାଙ୍କ ପାଠପଢ଼ାରେ କୌଣସି ବାଧା ସୃଷ୍ଟି ହେବାକୁ ଦେବିନି ବୋଲି ସମ୍ବିତ୍ କହିଛନ୍ତି।

### ବଡ଼ହନ୍ତୁଆଡ଼ ସେବା ସମବାୟ ସମିତି ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜନ

ଗମ୍ଭାରୀମୁଣ୍ଡା,୧୫।୭(ଦିଲୀପ ସ୍ୱାଇଁ): ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ବଡ଼ହନ୍ତୁଆଡ଼ ସେବା ସମବାୟ ସମିତିର ନୂତନ ଗୃହ ନିର୍ମାଣ ପାଇଁ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଅଛି। ବଡ଼ହନ୍ତୁଆଡ ସେବା ସମବାୟ ସମିତିର ସଭାପତି ମାଧବ ବାରିକିଙ୍କ କରକମଳରେ ଭୂମି ପୂଜା ପାଠ କରାଯାଇ ଶୁଭ ଦିଆଯାଇଛି। ଏହି ପୂଜାରେ ସେବା ସମବାୟ ସମିତିର ବରିଷ୍ଠ ସଭ୍ୟ ଭି. କାମେଶ୍ୱର ଆଚାରୀ, ବୁଦ୍ଧିଆ ବାରିକ, ସମିତି ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ, ଶାଖାପରିଚାଳକ ନାରାୟଣ ନାୟକ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ଅଡିଟ୍‌କୁ ନେଇ ଅସନ୍ତୋଷ

**ଭଗବତୀ ମହାବିଦ୍ୟାଳୟ ଅର୍ଥ ହରିଲୁଟ୍ ଘଟଣା**

■ ସମ୍ପୃକ୍ତ ପୂର୍ବତନ ମହିଳା କିରାଣିଙ୍କୁ ଅର୍ଥ ପୈଠ କରିବାକୁ କହି ଚୁପ୍

କୋଣାର୍କ,୧୫।୭(ଜ୍ୟୋତିରାଜ ମହାନ୍ତି)




କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟରେ ୨୦୧୭ରୁ ୨୦୨୨ ଡିସେମ୍ବର ୩୧ ପର୍ଯ୍ୟନ୍ତ କାର୍ଯ୍ୟରତ ପୂର୍ବତନ ମହିଳା କିରାଣି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଜାଲ୍ ରସିଦ୍ ମାଧ୍ୟମରେ ୨୩ ଲକ୍ଷ ଟଙ୍କା ହରିଲୁଟ୍ ଘଟଣାରେ କଲେଜର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଶିକ୍ଷା ନିର୍ଦ୍ଦେଶକ, ପୁରୀ ଜିଲାପାଳ, ପୁରୀ ଉପଜିଲାପାଳ ଓ ମହାବିଦ୍ୟାଳୟ ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ୫ଜଣିଆ କମିଟି ଗଠନ କରି ଏହାର ତଦନ୍ତ କରିବା ସହ ୨୩ ଲକ୍ଷ ଟଙ୍କା ହରିଲୁଟ୍ ହୋଇଥିବା ନେଇ ଉଚ୍ଚଶିକ୍ଷା ବିଭାଗକୁ ସମ୍ପୃକ୍ତ ପୂର୍ବତନ ମହିଳା କିରାଣିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଇଥିଲେ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ନାୟକଙ୍କ ନିର୍ଦ୍ଦେଶରେ ଜୁନ୍ ୯ର ଦୁଇଜଣିଆ ଅଡିଟ୍ ଟିମ୍ ଭଗବତୀ ମହାବିଦ୍ୟାଳୟକୁ ଆସି ଅଡିଟ୍ କରିଥିଲେ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଅଡିଟ୍ ୭ ଦିନ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ଅଡିଟ୍ ଟିମ୍ ଦୀର୍ଘ ୧ମାସ ୪ଦିନ ଧରି ଅଡିଟ୍ କରିବା ପରେ ୨୫ଲକ୍ଷ ଟଙ୍କା ହରିଲୁଟ୍ ହୋଇଥିବା ଜାଣିବା ପରେ ମଧ ଏହି ଘଟଣାରେ ସମ୍ପୃକ୍ତ କିରାଣିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ହରିଲୁଟ୍ ଅର୍ଥ ୧୫ଦିନ ମଧ୍ୟରେ କଲେଜ ଆକାଉଣ୍ଟରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ନିରପେକ୍ଷ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ପୁରୀ ଜିଲାପାଳଙ୍କୁ ଟୁଇଟ୍ କରି ସ୍ଥାନୀୟ ଖବରଦାତା ଭାଗୀରଥି ସ୍ୱାଇଁ ଅନୁରୋଧ କରିଥିଲେ। ଏହି ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଚ୍ଚଶିକ୍ଷା ବିଭାଗକୁ ଯୁଦ୍ଧକାଳୀନ ଭିତ୍ତିରେ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଡିଟ୍ ଟିମ୍ ୭ଦିନ ମଧ୍ୟରେ ଅଡିଟ୍ ଶେଷ କରିବା ପାଇଁ ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କ ତାଗିଦ ଥିବା ବେଳେ ଏହା ୧ମାସ ୪ଦିନ ସମୟ ଲାଗିବା କେତେଦୂର ସମୀଚୀନ ତାହା କଲେଜର ପୁରାତନ ଓ ଅଧୟନରତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ପକ୍ଷରୁ ଅଡିଟ୍ ଟିମ୍‌ର କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଚାକିରି ଦେବା ନାଁରେ ୪ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା)

ଏମ୍ସରେ ଚାକିରି ଦେବା ନାଁରେ ବିଏମସି ହସ୍ପିଟାଲରେ ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟରତ ଥିବା ଫାର୍ମାସିଷ୍ଟଙ୍କଠାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଠକ ଜଣଙ୍କ ହେଲେ ସ୍ଥାନୀୟ ଅଞ୍ଚଳର ତାରାପଦ ମହାନ୍ତି। ତାଙ୍କଠାରୁ ବିଏମସିର ଓ ଏନୟୁଏଚଏମର ନକଲି ଷ୍ଟାମ ଏବଂ କାଗଜପତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଅଭିଯୋଗକାରୀ ଅଭିଜିତ ବିଶ୍ୱାଳ ବିଏମସି ହସ୍ପିଟାଲରେ ଚୁକ୍ତିଭିତ୍ତିକ ଭିତ୍ତିରେ ଫାର୍ମାସିଷ୍ଟ ଭାବେ କାମ କରନ୍ତି। ସେ ହସ୍ପିଟାଲର ଦୁଇଜଣ କର୍ମଚାରୀ ଓ ଜଣେ ନର୍ସଙ୍କ ଜରିଆରେ ୨୦୨୦ ରେ ତାରାପଦ ସହିତ ଯୋଗାଯୋଗ କରିଥିଲେ। ଏହିସମୟରେ ତାରାପଦ ଭୁବନେଶ୍ୱରର ଏମ୍ସରେ ବରିଷ୍ଠ ଡାକ୍ତରଙ୍କ ସହ ଘନିଷ୍ଠ ସମ୍ପର୍କ ରହିଛି ଏବଂ ସ୍ଥାୟୀ ଚାକିରି ଦେବାରେ ସାହାଯ୍ୟ କରିବେ ବୋଲି ଅଭିଜିତଙ୍କୁ କହିଥିଲେ। ଏହାସହ ଅଭିଜିତଙ୍କ ବିଶ୍ୱାସ ହାସଲ ପାଇଁ ଠକ ଜଣଙ୍କ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ନକଲ ଦସ୍ତଖତ ଏବଂ ଷ୍ଟାମ୍ପ ନେଇଥିବା ଦୁଇ କର୍ମଚାରୀଙ୍କ ଦୁଇଟି ନକଲି ନିଯୁକ୍ତି ପତ୍ର ଦେଖାଇଥିଲେ। ଏହାପରେ ଅଭିଜିତଙ୍କଠାରୁ ଚାକିରି ପାଇଁ ବିଭିନ୍ନ ବାହାନା କରି ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତ ୪.୯ ଲକ୍ଷ ନେଇଥିଲେ। ହେଲେ କୌଣସି ଚାକିରି ଦେଇନଥିଲେ, କିନ୍ତୁ ଟଙ୍କା ମାଗିବାରୁ ଅଭିଯୁକ୍ତ ବିଭିନ୍ନ କିସ୍ତିରେ ମାତ୍ର ସାଢେ ୨୫ ହଜାର ଟଙ୍କା ଫେରସ୍ତ କରିଥିଲେ। ବାକି ଟଙ୍କା ନ ଫେରାଇବାରୁ ଅଭିଜିତ ଠକାମିର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ଫେରାରବେଳେ ଛାତରୁ ଖସିପଡ଼ିଲେ

**ଜଣେ ଗିରଫ, ସହଯୋଗୀ ଫେରାର: ୫ ମୋବାଇଲ ଜବତ**

ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା)

ମୋବାଇଲ ଚୋରି କରି ଫେରାର ହେଉଥିବା ବେଳେ ଜଣେ ଚୋରକୁ ମହଙ୍ଗା ପଡିଛି। ଛାତରୁ ଗଳିପଡିବାରୁ ଆହତ ହେବା ସହ ଉପସ୍ଥିତ ଥିବା ଯୁବକମାନେ କାବୁ କରି ଭରତପୁର ଥାନା ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ସ୍ଥାନୀୟ ଥାନା ଫୁଲେଶ୍ୱରି ବସ୍ତିରେ ରହୁଥିବା ଗଞ୍ଜାମ ଛତ୍ରପୁରର ପୂର୍ଣ୍ଣ ଚନ୍ଦ୍ର ନାୟକ (୩୧)। ତାଙ୍କଠାରୁ ୫ଟି ମୋବାଇଲ ହୋଇଛି। ସୂଚନା ଅନୁସାରେ ସୁବ୍ରତ ପ୍ରଧାନ ନାମକ ଜଣକ ଯୁବକ ଆଇଗିଣିଆ ଠାରେ ଚାଲିଥିବା ଏକ କନଷ୍ଟ୍ରକସନ ସାଇଟରେ କାମ କରନ୍ତି। ଶୁକ୍ରବାର ରାତିରେ ଅନ୍ୟ ସାଥିଙ୍କ ସହ ସେ ଏକ ରୁମରେ ଶୋଇଥିବା ସମୟରେ, ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ଘରେ ପଶି ମୋବାଇଲ ଫୋନ ଚୋରି କରି ଘଟଣାସ୍ଥଳରୁ ଖସିଯିବା ଲାଗି ଉଦ୍ୟମ କରିବା ବେଳେ ଅଭିଯୁକ୍ତ ପୂର୍ଣ୍ଣ ଛାତ ଉପରୁ ତଳେ ପଡିଯାଇଥିଲେ। ତଳେ ପଡିଯିବା କାରଣରୁ ଅଭିଯୁକ୍ତ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଅଭିଯୋଗକାରୀ ଏବଂ ଅନ୍ୟ ସାଥିମାନେ ତାଙ୍କୁ କାବୁ କରି ପିସିଆର ସହାୟତାରେ ଥାନା ଜିମା ଦେବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ମାମଲାର ସମ୍ପୃକ୍ତ ଥିବା ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଛନ୍ତି।




ପୁରୀସ୍ଥିତ ଏକ ହୋଟେଲରେ ଶନିବାର ବିଶ୍ୱ ଫାଉଣ୍ଡେଶନର ପ୍ରାଦେଶିକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବିଶ୍ୱ ଫାଉଣ୍ଡେଶନର ପ୍ରାଦେଶିକ ଅଧିବେଶନ

ପୁରୀ,୧୫।୭(ଅଜିତ୍ ମହାନ୍ତି)

ବିଶ୍ୱ ଫାଉଣ୍ଡେଶନ ଓଡ଼ିଶା ଜୋନ୍ ୧୦ର ରାଜ୍ୟ ସମ୍ମିଳନୀ ଓ କାର୍ଯ୍ୟକାରିଣୀ ବୈଠକ ଶନିବାର ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ରାଜ୍ୟ ସମ୍ମିଳନୀ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ସଂଗଠନର ସାଧାରଣ ସମ୍ପାଦକ ଶରଦ ଶର୍ମା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହି ପ୍ରାଦେଶିକ ସମ୍ମିଳନୀରେ ଫାଉଣ୍ଡେଶନର ବହୁ ସଂଖ୍ୟକ ପ୍ରାଦେଶିକ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାନୀୟ ଶାଖାର କର୍ମକର୍ତ୍ତା, ରାଜ୍ୟର କୋଣ ଅନୁକୋଣରୁ ମହିଳା ସେଲ୍‌ର କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ସଂଗଠନର ଉଦ୍ଦେଶ୍ୟ, ସାମ୍ପ୍ରତିକ କାର୍ଯ୍ୟକଳାପ ଏବଂ ଭବିଷ୍ୟତ ଯୋଜନା ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ଶର୍ମା କହିଥିଲେ। ତେବେ ବୈଠକର ପ୍ରଥମ ଦିନରେ ପ୍ରାଦେଶିକ ଦଳ ଓ ପ୍ରାଦେଶିକ ମହିଳା ସେଲ୍ କର୍ମକର୍ତ୍ତା ବୈଠକ, ପ୍ରାଦେଶିକ ଓ ସମସ୍ତ ଅଧ୍ୟାୟ କର୍ମକର୍ତ୍ତା (ସହ-ମହିଳା ସେଲ୍) ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସଂଗଠନ ମନ୍ତ୍ରୀ ସି.ଏ. ସୁନୀଲ ଜି ଶର୍ମା ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପ୍ରାଦେଶିକ ପ୍ରଭାରୀ କଟ୍ଟୁ ପ୍ରସାଦ ଶର୍ମାଙ୍କ ସହ ସମସ୍ତ କର୍ମୀ କର୍ମଶାଳାରେ ଯୋଗଦେଇଥିଲେ। ଏହାସହ ପ୍ରାଦେଶିକ ଉପାଧ୍ୟକ୍ଷ ଦିନେଶ ଜି ଯୋଶୀଙ୍କ ସଂଯୋଜନାରେ ଏକ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠାତା ଆବାହକ ସୁଶୀଲ ଓଝା ସଂଗଠନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପ୍ରାଦେଶିକ ସାଧାରଣ ସମ୍ପାଦକ ଅଶୋକ ଚୌବେ ଏବଂ ମହେଶ ଶର୍ମା କହିଛନ୍ତି, ବ୍ରାହ୍ମଣମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ଏବଂ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏହି ପ୍ରାଦେଶିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଜାତୀୟ ପୃଷ୍ଠପୋଷକ ଜଗଦୀଶ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର, ମୁରଲୀ ମନୋହର ଶର୍ମା, ମୋନିକା ଶର୍ମା, ମହିଳା ସେଲ୍ ସଭାପତି ପୁନମ ଶର୍ମା, ପ୍ରାଦେଶିକ ଉପସଭାପତି ପ୍ରଦୀପ ଚୌବେ, ପୱନ ଶର୍ମା, ଦିନେଶ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜମିବାଡ଼ିକୁ ନେଇ ଗଣ୍ଡଗୋଳ

ବଲଙ୍ଗା,୧୫।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଖଇରିକୁଣ୍ଡ ଗ୍ରାମରେ ଘରତୋଳାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ଜଣେ ଗୁରୁତର ଆହତ ହୋଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ କୈଳାସ ପ୍ରଧାନ (୬୦)। ଏ ନେଇ ଉଭୟ ପରିବାର ପକ୍ଷରୁ ବଲଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୨୩/୨୩ ଓ ୧୨୪/୨୩ରେ ୨ଟି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ବିଶ୍ୱନାଥ ପ୍ରଧାନଙ୍କ ଘରକୁ ଲାଗି ପଡ଼ୋଶୀ ସିନ୍ଧୁଆ ବରାଳଙ୍କ ପରିବାର ଶାବଳ ଓ କୋଦାଳ ଧରି କୋଠ ଜାଗାରେ ମାଟି ଖୋଳୁଥିଲେ। ଏହାକୁ ବିଶ୍ୱନାଥଙ୍କ ଦାଦା କୈଳାସ ପ୍ରତିବାଦ କରିବାରୁ ସିନ୍ଧୁଆ ଓ ପୁଅ ଜୟପ୍ରକାଶ ତାଙ୍କୁ ଗାଳି କରିଥିଲେ।

### କାର୍ କାଚ ଭାଙ୍ଗି ଚୋରି ଘଟଣା: ତୃତୀୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା)

ପାର୍କରେ ଥିବା କାରର କାଚ ଭାଙ୍ଗି ଟଙ୍କା ସମେତ ଜିନିଷ ନେବା ଘଟଣାରେ ଫେରାର ଅଭିଯୁକ୍ତକୁ ଖାରବେଳ ନଗର ଥାନା ପୋଲିସ ୪ ମାସ ପରେ ଗିରଫ କରିଛି। ସେ ହେଲେ ୟୁନିଟ-୩ ର ସେକ ହମିଦ (୨୬)। ସୂଚନାନୁସାରେ ଅଭିଯୋଗକାରୀ ଶରଦ ଦାସ ଗତ ଫେବୃୟାରୀ ୧୨ ତାରିଖରେ ରାତି ପ୍ରାୟ ୨.୩୦ରେ ତାଙ୍କର କାର ଟିଙ୍କୁ ଶ୍ରୀୟା ଛକ ନିକଟରେ ଥିବା ହୋଟେଲ ନିକଟରେ ପାର୍କ କରି ପାଣି ବଟଲ ଆଣିବା ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଏବଂ ତାଙ୍କର ସହଯୋଗୀ ଶେଖ ରାଜେଶ ଏବଂ ଶେଖ ଅନୁସ ଉକ୍ତ କାରର କାଚ ଭାଙ୍ଗି ୨୦୦୦/- ୟୁଏସଡି ୪୦-୫୦ ଡଲାର, ଗୋଟିଏ ଜ୍ୟାକେଟ, ଆଇ ଫୋନ କେବଲ, ପେନଡ୍ରାଇଭ ଏବଂ ୨ଟି ଟାଇପ-ସି କେବଲ ଚୋରୀ କରି ନେଇଯାଇଥିଲେ। ଅଭିଯୋଗକାରୀ ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଘଟଣାର ୨ ଦିନ ପରେ ଅଭିଯୁକ୍ତ ରାଜେଶ ଏବଂ ଅନୁସଙ୍କ ହେପାଜତରୁ କିଛି ଚୋରୀ ସାମଗ୍ରୀ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲେ। ଅଭିଯୁକ୍ତଙ୍କ ନାମରେ ୨୦୧୪ ମସିହାରୁ ଏଯାବତ ୧୦ ମାମଲା ରୁଜୁ ହୋଇସାରିଥିବା ଜଣାପଡିଛି। ତେଣୁ ଅଭିଯୁକ୍ତ ଅଭ୍ୟାସଗତ ଭାବରେ ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୁଦ୍ଧରେ ସିଆରପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପକ୍ରିୟା ଆରମ୍ଭ ହୋଇଛି।

# ବିଶ୍ୱ ଯୁବ ଦକ୍ଷତା ଦିବସ

ପୁରୀ,୧୫।୭(ଅଜିତ ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠ ପୁରୀଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୩ ଶନିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମାନ୍ନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ଜିଲା ନିୟୋଜନ ଅଧିକାରୀ ସୁବାସଚନ୍ଦ୍ର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଦକ୍ଷତା ବିକାଶ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ କିପରି ନିଜକୁ ଦେଶ ଗଠନରେ ସୁଦକ୍ଷ ସୁଯୋଗ କରି ଯୁଗ ଉପଯୋଗୀ ହେବା ସହ ଏକ ଉଜ୍ଜ୍ୱଳ ତଥା ସମୃଦ୍ଧ ଦେଶ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଦଶମ ଶ୍ରେଣୀର ଆଶୁତୋଷ ଦେବ ପ୍ରଥମ, ଚିତ୍ରାଙ୍କନରେ ଦଶମ ଶ୍ରେଣୀର ସ୍ନେହସ୍ମିତା ସାହୁ ପ୍ରଥମ ଓ ପ୍ରବନ୍ଧରେ ନବମ ଶ୍ରେଣୀର ଛାତ୍ର ସୋମ୍ରତିକ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀଛାତ୍ରମାନେ ନିଜକୁ ଦେଶ ଗଠନରେ ସାମିଲ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ବିଦ୍ୟାଳୟରେ କ୍ୟାରିୟର କାଉନସିଲିଂ, ପ୍ରଶିକ୍ଷଣ ଓ ପରାମର୍ଶ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଦକ୍ଷତା ବୃଦ୍ଧି କରି ବ୍ୟକ୍ତିଗତ ବିକାଶ ତଥା ସମାଜର ବିକାଶରେ ନିଜକୁ ବର୍ତ୍ତି କରିପାରିବେ ସେଥିପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରି ସହଯୋଗ କରିଥିଲେ।




ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଏମ୍ସରେ ଆରମ୍ଭ ହେଲା ଇ-ଅଫିସ୍ ବ୍ୟବସ୍ଥା

ଭୁବନେଶ୍ୱର,୧୫।୭(ଅଭିଜିତ ଦାସ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟର ଲୋକଙ୍କ ଲାଗି ଭୁବନେଶ୍ୱର ସ୍ଥିତ ଏମ୍ସ ଆଶାର କିରଣ ପାଲଟିଛି। ଇତି ମଧ୍ୟରେ ଏମ୍ସ ୧୦ବର୍ଷ ପୂରଣ କରିଥିବା ବେଳେ ଶନିବାର ଏମ୍ସ ପରିସରରେ ୧୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପ୍ରତିଷ୍ଠା ଦିବସରେ ଏମ୍ସ ପାଟନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଗୋପାଳ କୃଷ୍ଣ ପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏମ୍ସ ଭୁବନେଶ୍ୱର ପ୍ରତିଷ୍ଠାତା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଗୋପାଳ କୃଷ୍ଣ ପାଲ ଭୁବନେଶ୍ୱର ଏମ୍ସକୁ ଏନଆଇଆରଏଫ ତାଲିକାରେ୨୬ରୁ ୧୭ତମ ସ୍ଥାନ ହାସଲ କରିଥିବାରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସକୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ପ୍ରତିଷ୍ଠା ଦିବସରେ ଏମ୍ସ ପକ୍ଷରୁ ଇ-ଅଫିସ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସଙ୍କ କହିବା ଅନୁଯାୟୀ, ଇ-ଅଫିସ୍ ଦ୍ୱାରା ଏମ୍ସରେ ପ୍ରଶାସନିକ ସେବା ସହ ସ୍ୱାସ୍ଥ୍ୟ ସେବାରେ ମଧ ବେଶ ଉନ୍ନତି ଆଣିବ। ସେହିପରି ଏମ୍ସ ଭୁବନେଶ୍ୱରରେ ବୃକକ ପ୍ରତିରୋପଣ ସଫଳତାର ସହିତ




ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ଅତିଥି।

**ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗ୍ ୧୭ତମ ସ୍ଥାନ ହାସଲ**

ଆରମ୍ଭ ହୋଇସାରିଛି। ଶୀଘ୍ର ଏଠାରେ ଲିଭର ପ୍ରତିରୋପଣ ଆରମ୍ଭ ହେବାକୁ ଯାଉଥିବା ବେଳେ ଏକାଧିକ ଜାତୀୟ ଅନୁଷ୍ଠାନ ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତ ଗବେଷଣା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତା(ଏଆଇ)ର ବ୍ୟବହାର ନିମନ୍ତେ ଆଇଆଇଟି ଭୁବନେଶ୍ୱର ସହିତ ବୁଝାମଣା କରାଯାଇଛି। ସେହିପରି ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ, ତାଲିମ, ଗବେଷଣା ଏବଂ ଶିକ୍ଷା କେନ୍ଦ୍ର, କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ(ସିସିଆରଏଚ) ଏବଂ ଜାତୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦ ସହିତ ମଧ ବୁଝାମଣା କରାଯାଇଛି।

### ବଡ ଚ୍ୟାଲେଞ୍ଜ ଥିଲା ବାହନଗା ରେଳ ଦୁର୍ଘଟଣା

ଚଳିତ ବର୍ଷ ଏମ୍ସ ଭୁବନେଶ୍ୱରକୁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଦାୟିତ୍ୱ ମିଳିଥିଲା। ଭୟଙ୍କର ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତ ଶରୀର ପରିଚାଳନା ଥିଲା ଏମ୍ସ ଲାଗି ବଡ ଚ୍ୟାଲେଞ୍ଜ। ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ସରକାର, ରେଳ ବିଭାଗ ଓ ଗଣମାଧ୍ୟମର ସମସ୍ତ ଅଂଶୀଦାରଙ୍କ କଠିନ ପରିଶ୍ରମ ଫଳରେ ଏହାକୁ ସଫଳତାର ସହିତ ପରିଚାଳନା କରାଯାଇଥିଲା ବୋଲି ୧୧ତମ ପ୍ରତିଷ୍ଠା ଦିବସରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି। ଜାତୀୟ ସ୍ତରରେ ପ୍ରଶଂସା କରାଯାଇଥିବା ବେଳେ ଇଣ୍ଡିଆ ଟୁଡେର ସର୍ଭେରେ ଏମ୍ସ ଭୁବନେଶ୍ୱର ୨୦ରୁ ୧୮ତମ ସ୍ଥାନକୁ ଉନ୍ନୀତ ହୋଇଛି।

### ଆରମ୍ଭ ହେଲା ଏମ୍ସ ଧର୍ମଶାଳା

୧୧ତମ ପ୍ରତିଷ୍ଠା ଦିବସରେ ଏମ୍ସ ଧର୍ମଶାଳାକୁ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକ୍ଷମ କରାଯାଇଛି। ରୋଗୀ କିମ୍ବା ରୋଗୀଙ୍କର ସମ୍ପର୍କୀୟ ଉକ୍ତ ଧର୍ମଶାଳାର ସୁବିଧା ନେବାକୁ ହେଲେ ଧର୍ମଶାଳା କମିଟି କିମ୍ବା ଏମ୍ସ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପଡିବ। ତେବେ ଉକ୍ତ ସୁବିଧାର ସୁଯୋଗ ନେବାକୁ ହେଲେ ରୋଗୀଙ୍କୁ ଚିକିତ୍ସା କରୁଥିବା ସମ୍ପୃକ୍ତ ଡାକ୍ତରଙ୍କ ନିକଟରୁ ଏକ ଫର୍ମରେ ଆବଶ୍ୟକ ଲେଖା ଆଣିବାକୁ ହେବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି।

## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ୍

ଅସ୍ତରଙ୍ଗ,୧୫।୭ (ମମତା ଜେନା)- ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ପୁରୀ ଜିଲା ଆପଦ କାଳୀନ ବିଭାଗ ସହଯୋଗରେ ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକର ସୁହାଗପୁର, ହରିଦାସପୁର, ରୁଙ୍କେଇ, ଧନିତ୍ରୀ, ଆଡୁଆଳ ଓ ଅସ୍ତରଙ୍ଗ ବ୍ଲକର ମୁଦୁଗଲ, ବନ୍ତିଲୋ, ଖଣ୍ଡାସାହି, ପତସୁନ୍ଦରପୁର, ତାଳଦା, ଡିହକରଡ଼ା, ତଣ୍ଡାଘର ଆଦି ୧୨ଟି ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ମକଡ୍ରିଲ ହୋଇଥିଲା। ଏହି ଦୁଇ ବ୍ଲକର ଏନଜିଓ "ଆଶା" ର ସମ୍ପାଦକ ଭାସ୍କର ସାହୁ, ଅନୁସୟା ପରିଡ଼ା, ଚିତ୍ତରଞ୍ଜନ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଭୋଇ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚମ୍ପାହାର ଅଗ୍ନିଶମ ବାହିନୀର ଅଧିକାରୀ ଜ୍ୟୋତିପ୍ରକାଶ ରଥ, ଅନାମ ଚରଣ ମଲ୍ଲିକ, ତାପସ କୁମାର ରାଉତ ପ୍ରମୁଖ ମକଡ୍ରିଲ କୌଶଳ ପ୍ରଦର୍ଶନ କରିଥିଲେ। କାକଟପୁର ବିଡିଓ ତୁଷାର ଜ୍ୟୋତିରଞ୍ଜନ, ତହସିଲଦାର ବିରଞ୍ଚି ନାରାୟଣ ବେହେରା, ଜିପିଓ ସୁବ୍ରତ କୁମାର ପରିଡ଼ା ଏବଂ ସମସ୍ତ ଆଶ୍ରୟସ୍ଥଳୀର ସରପଞ୍ଚ ମକଡ୍ରିଲ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ସେହିପରି ଅସ୍ତରଙ୍ଗ ବ୍ଲକ ମଧୁପୁର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ ମକଡ୍ରିଲରେ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ଝାଡ଼ଲିଙ୍ଗ ସରପଞ୍ଚ, "ଆଶା "ଏନଜିଓର ଅନୁସୟା ପରିଡ଼ା ଉପସ୍ଥିତ ଥିଲେ। କାହାଲସ୍ଥିତ ଅଗ୍ନିଶମ ବାହିନୀର ଅଧିକାରୀ ଓ କର୍ମଚାରୀମାନେ ଗ୍ରାମବାସୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ମକଡ୍ରିଲର କୌଶଳ ଓ ସାମୂହିକ ଅଭ୍ୟାସ କରାଇଥିଲେ।

### ସାକ୍ଷୀଗୋପାଳ କଲେଜ ପରିସରରେ ଚାରାରୋପଣ

ସାକ୍ଷୀଗୋପାଳ,୧୫।୭(ଭରତ ରାଉତ)- ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ପରିସରରେ ପୁରୀର ହାପିନେସ୍ ସଂଘର ସ୍ୱେଚ୍ଛାସେବୀଗଣ ଏବଂ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସର ମିଳିତ ଆନୁକୂଲ୍ୟରେ ଚାରାରୋପଣ ଏବଂ ସଫେଇ କାର୍ଯ୍ୟକ୍ରମ ସହ ଏକ ସଚେତନତା ସଭା ହୋଇଯାଇଛି। କାର୍ଯ୍ୟକ୍ରମରେ ୧୫୦ଜଣ ସ୍ୱେଚ୍ଛାସେବୀ ଏବଂ କର୍ମକର୍ତ୍ତାଙ୍କ ଦ୍ୱାରା ପଣସ, ଆମ୍ବ, ଜାମୁ, ବଉଳ, ବାଦାମ ଚାରା ଲଗାଯାଇଛି। ସ୍ୱେଚ୍ଛାସେବୀମାନେ ବିଭିନ୍ନ ଅନାବନାଗଛକୁ ଉପାଡି ସଫା କରିଥିଲେ। ଏହାପରେ ମହାବିଦ୍ୟାଳୟର ସଭା ପ୍ରକୋଷ୍ଠରେ ଏକ ସଚେତନ ସଭାରେ ମହାବିଦ୍ୟାଳୟର ଅଧକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଅଧିକାରୀ ଅଧାପକ ଡ.ସଙ୍କର୍ଷଣ ପ୍ରଧାନ ଉକ୍ତ ସଭାକୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ପୁରୀର ମୁଖ୍ୟ ପ୍ରଦୀପ୍ତ କୁମାର ପ୍ରଧାନ ଯୋଗଦେଇ ଚାରାରୋପଣ କରିବାର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥିଭାବେ ପୁରୀର ସୁରଜମଲ୍ଲ ମହାବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଯୋଜନାର ଅଧିକାରୀ ପ୍ରାଧାପକ ସୁକାନ୍ତ କୁମାର ମହାନ୍ତି ସେବା ମାଧ୍ୟମରେ ସମାଜର ତଥା ନିଜର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଅଧାପକ ଅଧାପିକା ମନୋଜ କୁମାର ପରିଡା, ସ୍ୱର୍ଣ୍ଣଲତା ମାହାରୀ, ଜିତେନ କୁମାର ଦାସ, ପୁପୁଲ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜାତୀୟ ସେବା ଯୋଜନାର ଅଧିକାରୀ ଅଧାପକ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ଅଡିଟ୍‌କୁ ନେଇ ଅସନ୍ତୋଷ

**ଭଗବତୀ ମହାବିଦ୍ୟାଳୟ ଅର୍ଥ ହରିଲୁଟ୍ ଘଟଣା**

- ସମ୍ପୃକ୍ତ ପୂର୍ବତନ ମହିଳା କିରାଣିଙ୍କୁ ଅର୍ଥ ପୈଠ କରିବାକୁ କହି ଚୁପ୍

କୋଣାର୍କ,୧୫।୭(ଜ୍ୟୋତିରାଜ ମହାନ୍ତି)




କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟରେ ୨୦୧୭ରୁ ୨୦୨୨ ଡିସେମ୍ବର ୩୧ ପର୍ଯ୍ୟନ୍ତ କାର୍ଯ୍ୟରତ ପୂର୍ବତନ ମହିଳା କିରାଣି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଜାଲ୍ ରସିଦ୍ ମାଧ୍ୟମରେ ୨୩ ଲକ୍ଷ ଟଙ୍କା ହରିଲୁଟ୍ ଘଟଣାରେ କଲେଜର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଶିକ୍ଷା ନିର୍ଦ୍ଦେଶକ, ପୁରୀ ଜିଲାପାଳ, ପୁରୀ ଉପଜିଲାପାଳ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ୫ଜଣିଆ କମିଟି ଗଠନ କରି ଏହାର ତଦନ୍ତ କରିବା ସହ ୨୩ ଲକ୍ଷ ଟଙ୍କା ହରିଲୁଟ୍ ହୋଇଥିବା ନେଇ ଉଚ୍ଚଶିକ୍ଷା ବିଭାଗକୁ ସମ୍ପୃକ୍ତ ପୂର୍ବତନ ମହିଳା କିରାଣିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଇଥିଲେ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ନାୟକଙ୍କ ନିର୍ଦ୍ଦେଶରେ ଜୁନ୍ ୯ର ଦୁଇଜଣିଆ ଅଡିଟ୍ ଟିମ୍ ଭଗବତୀ ମହାବିଦ୍ୟାଳୟକୁ ଆସି ଅଡିଟ୍ କରିଥିଲେ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଅଡିଟ୍ ୭ ଦିନ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ଅଡିଟ୍ ଟିମ୍ ଦୀର୍ଘ ୧ମାସ ୪ଦିନ ଧରି ଅଡିଟ୍ କରିବା ପରେ ୨୫ଲକ୍ଷ ଟଙ୍କା ହରିଲୁଟ୍ ହୋଇଥିବା ଜାଣିବା ପରେ ମଧ୍ୟ ଏହି ଘଟଣାରେ ସମ୍ପୃକ୍ତ କିରାଣିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ହରିଲୁଟ୍ ଅର୍ଥ ୧୫ଦିନ ମଧ୍ୟରେ କଲେଜ ଆକାଉଣ୍ଟରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ନିରପେକ୍ଷ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ପୁରୀ ଜିଲାପାଳଙ୍କୁ ଟୁଇଟ୍ କରି ସ୍ଥାନୀୟ ଖବରଦାତା ଭାଗୀରଥି ସ୍ୱାଇଁ ଅନୁରୋଧ କରିଥିଲେ। ଏହି ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଚ୍ଚଶିକ୍ଷା ବିଭାଗକୁ ଯୁଦ୍ଧକାଳୀନ ଭିତ୍ତିରେ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଡିଟ୍ ଟିମ୍ ୭ଦିନ ମଧ୍ୟରେ ଅଡିଟ୍ ଶେଷ କରିବା ପାଇଁ ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କ ତାଗିଦ ଥିବା ବେଳେ ଏହା ୧ମାସ ୪ଦିନ ସମୟ ଲାଗିବା କେତେଦୂର ସମୀଚୀନ ତାହା କଲେଜର ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ପକ୍ଷରୁ ଅଡିଟ୍ ଟିମ୍‌ର କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର, କର୍ମୀ ସମ୍ମିଳନୀ



ପୁସ୍ତକ 'ମୁକ୍ତିର ନବଦିଗନ୍ତ'କୁ ଅତିଥିମାନେ ପ୍ରଦର୍ଶିତ କରୁଛନ୍ତି।

ନିମାପଡ଼ା,୧୫।୭(ବିଚିତ୍ରାନନ୍ଦ ସାହୁ)

ଭାରତର ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଦିବ୍ୟଦ୍ରଷ୍ଟା ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶନିବାର ପୁରୀ ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବ୍ଲକ ଅଧୀନ ଶେଉଳ ସାହିସ୍ଥିତ ମାତୃସେବା ସଦନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଅତିଥି ଭାବେ ଶ୍ରୀଅରବିନ୍ଦ ସାଧକ ତଥା ନବଜୀବନ ଶିକ୍ଷା ସଂସଦ ସଭାପତି ଗଦାଧର ମିଶ୍ର, ଓଡ଼ିଶାର ଶ୍ରୀଅରବିନ୍ଦ ଚେତନାର ମୁଖ୍ୟ ପ୍ରବକ୍ତା ନବଜୀବନ ଶିକ୍ଷା ସଂସଦ ସମ୍ପାଦକ ପ୍ରସାଦ ତ୍ରିପାଠୀ, ଅରବିନ୍ଦ ସାଧକ କପିଳାସ ପ୍ରସାଦ ଦାସ, ଓଡ଼ିଶା ମହିଳା ପାଠଚକ୍ର ସଂଗଠକ ପ୍ରଫେସର ଡ. ବିଜୟିନୀ ମହାପାତ୍ର, ପୁରୀ ଜିଲା ନିଷ୍ଠା ଜୋନ୍‌ର ପାଠଚକ୍ର ସଂଗଠକ ତାରେଶ୍ୱର ରଥ, ସୁରଥ ସ୍ୱାଇଁ, ଗଙ୍ଗାଧର ମହାପାତ୍ର, କପିଳେଶ୍ୱର ମିଶ୍ର, ମିନତି ସେନାପତି ପ୍ରମୁଖ ଯୋଗଦେଇଥିଲେ। ବୀରଭୂମି ଭାରତବର୍ଷ ଦିନେ ବିଶ୍ୱଗୁରୁ ରୂପେ ଚିରବନ୍ଦିତା ହେବ, ସମଗ୍ର ବିଶ୍ୱକୁ ଏସିଆ ମହାଦେଶ ଆଲୋକିତ କରିବ, ବିଶ୍ୱରେ ସଂହତି ସ୍ଥାପନ ପାଇଁ ବିଶ୍ୱ ସଂଘ ପ୍ରତିଷ୍ଠା ହେବ, ମାନବ ସମାଜ ରୂପାନ୍ତରିତ ଅତିମାନବରେ ପରିଣତ ହେବ ବୋଲି ଭବିଷ୍ୟଦ୍ରଷ୍ଟା ମହାମାନବ ଶ୍ରୀଅରବିନ୍ଦଙ୍କ ଏହା ଭବିଷ୍ୟବାଣୀ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଅରବିନ୍ଦଙ୍କ ଚେତନାକୁ ଲୋକାଭିମୁଖୀ କରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀ ଓ କାର୍ଯ୍ୟକ୍ରମକୁ ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ପୁରୀ ଜିଲା ପାଠଚକ୍ରର ସଂଗଠକ ସୁକାନ୍ତ ଜେନା, ନିମାପଡ଼ା ଶହୀଦ ସ୍ମୃତି ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ସମାରୋହରେ ରାଜଧାନୀ ପୁସ୍ତକ ମେଳାରେ ସମ୍ମାନିତ ଓ ପୁରସ୍କୃତ ପୁସ୍ତିକା 'ମୁକ୍ତିର ନବଦିଗନ୍ତ' ଅତିଥିଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ପୁରୀ ଜିଲାର ଶତାଧିକ ଅରବିନ୍ଦ ସାଧକ ଯୋଗଦେଇଥିଲେ।




ପୁରୀର ଏକ ହୋଟେଲରେ ଶନିବାର ବିଶ୍ୱ ଫାଉଣ୍ଡେଶନ ଓଡ଼ିଶା ଜୋନ୍ ୧୦ର ଆୟୋଜିତ ରାଜ୍ୟ ସମ୍ମିଳନୀ ଓ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ ।

# ବିଶ୍ୱ ଫାଉଣ୍ଡେଶନର ପ୍ରାଦେଶିକ ସମ୍ମିଳନୀ

ପୁରୀ,୧୫।୭(ଅଜିତ୍ ମହାନ୍ତି)

ବିଶ୍ୱ ଫାଉଣ୍ଡେଶନ ଓଡ଼ିଶା ଜୋନ୍ ୧୦ର ରାଜ୍ୟ ସମ୍ମିଳନୀ ଓ କାର୍ଯ୍ୟକାରିଣୀ ବୈଠକ ଶନିବାର ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ରାଜ୍ୟ ସମ୍ମିଳନୀ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ସଂଗଠନର ସାଧାରଣ ସମ୍ପାଦକ ଶରଦ ଶର୍ମା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହି ପ୍ରାଦେଶିକ ସମ୍ମିଳନୀରେ ଫାଉଣ୍ଡେଶନର ବହୁ ସଂଖ୍ୟକ ପ୍ରାଦେଶିକ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାନୀୟ ଶାଖାର କର୍ମକର୍ତ୍ତା, ରାଜ୍ୟର କୋଣ ଅନୁକୋଣରୁ ମହିଳା ସେଲ୍‌ର କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ସଂଗଠନର ଉଦ୍ଦେଶ୍ୟ, ସାମ୍ପ୍ରତିକ କାର୍ଯ୍ୟକଳାପ ଏବଂ ଭବିଷ୍ୟତ ଯୋଜନା ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ଶର୍ମା କହିଥିଲେ। ତେବେ ବୈଠକର ପ୍ରଥମ ଦିନରେ ପ୍ରାଦେଶିକ ଦଳ ଓ ପ୍ରାଦେଶିକ ମହିଳା ସେଲ୍ କର୍ମକର୍ତ୍ତା ବୈଠକ, ପ୍ରାଦେଶିକ ଓ ସମସ୍ତ ଅଧ୍ୟାୟ କର୍ମକର୍ତ୍ତା (ସହ-ମହିଳା ସେଲ୍) ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସଂଗଠନ ମନ୍ତ୍ରୀ ସି.ଏ. ସୁନୀଲ ଜି ଶର୍ମା ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପ୍ରାଦେଶିକ ପ୍ରଭାରୀ କନ୍ଧୁ ପ୍ରସାଦ ଶର୍ମାଙ୍କ ସହ ସମସ୍ତ କର୍ମୀ କର୍ମଶାଳାରେ ଯୋଗଦେଇଥିଲେ। ଏହାସହ ପ୍ରାଦେଶିକ ଉପାଧ୍ୟକ୍ଷ ଦିନେଶ ଜି ଯୋଶୀଙ୍କ ସଂଯୋଜନାରେ ଏକ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠାତା ଆବାହକ ସୁଶୀଲ ଓଝା ସଂଗଠନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପ୍ରାଦେଶିକ ସାଧାରଣ ସମ୍ପାଦକ ଅଶୋକ ଚୌବେ ଏବଂ ମହେଶ ଶର୍ମା କହିଛନ୍ତି, ବ୍ରାହ୍ମଣମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ଏବଂ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏହି ପ୍ରାଦେଶିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଜାତୀୟ ପୃଷ୍ଠପୋଷକ ଜଗଦୀଶ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର, ମୁରଲୀ ମନୋହର ଶର୍ମା, ମୋନିକା ଶର୍ମା, ମହିଳା ସେଲ୍ ସଭାପତି ପୁନମ ଶର୍ମା, ପ୍ରାଦେଶିକ ଉପସଭାପତି ପ୍ରଦୀପ ଚୌବେ, ପଓନ ଶର୍ମା, ଦିନେଶ ଯୋଶୀ, କମଲ ଶର୍ମା, ପ୍ରାଦେଶିକ ସମ୍ପାଦକ ଅଜୟ ଶର୍ମା, ଦୁର୍ଗା ପ୍ରସାଦ ଶର୍ମା ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଟ୍ରକ୍ ବ୍ୟାଟେରି ଜବତ, ଜଣେ ଗିରଫ

ଜଟଣୀ,୧୫।୭(ରବୀନ୍ଦ୍ର ନାଥ ମହାକୁଡ଼): ଟ୍ରକ୍ ବ୍ୟାଟେରି ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଡ଼ତୋଟା ଗ୍ରାମର କାଲୁ ଓରଫ ଅର୍ଜୁନ ମହାପାତ୍ର(୨୬)। ତାଙ୍କ ନିକଟରୁ ଚୋରି ଟ୍ରକ୍ ବ୍ୟାଟେରି ଜବତ ହୋଇଛି। ସୂଚନା ମୁତାବକ, ବଡ଼ତୋଟା ଅଞ୍ଚଳର ଶଙ୍କର୍ଷଣ ମହାପାତ୍ର ପ୍ରତିଦିନ ନିଜ ଟ୍ରକ୍‌କୁ ବାଟମହାବୀର ଦେବଙ୍କ ମନ୍ଦିର ନିକଟରେ ରଖିଥାନ୍ତି। ଗତ ଶୁକ୍ରବାର ଶଙ୍କର୍ଷଣ ଟ୍ରକ୍ ନିକଟକୁ ଯାଇଥିବା ବେଳେ କାଲୁ ଏବଂ ତାଙ୍କର କେତେଜଣ ସହଯୋଗୀ ଟ୍ରକ୍‌ରୁ ବ୍ୟାଟେରି ଚୋରି କରୁଥିବା ଦେଖିବାକୁ ପାଇଥିଲେ। ଶଙ୍କର୍ଷଣ ଓ ସ୍ଥାନୀୟ ଲୋକେ କାଲୁଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ।

# ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଏମ୍‌ପିଙ୍କୁ ଦାବିପତ୍ର

ପୁରୀ,୧୫।୭(ଅଜିତ୍ ମହାନ୍ତି)

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପୁରୀ ଜିଲା କମିଟିର ସଦସ୍ୟମାନେ ସେମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ପୁରୀ ଲୋକସଭା ଏମ୍‌ପି ପିନାକୀ ମିଶ୍ରଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଇପିଏଫ୍ ଆସୋସିଏଶନର ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧିଙ୍କ ଆହ୍ୱାନକ୍ରମେ ଜିଲା କମିଟିର ସଦସ୍ୟମାନେ ଏମ୍‌ପିଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆସୋସିଏଶନ୍ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛିକି, ଇପିଏଫ୍ ସଂସ୍ଥାର ପେନସନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀ ମାସକୁ ୧୦୦୦ ଟଙ୍କାରୁ ୩୦୦୦ ଟଙ୍କା ପାଉଛନ୍ତି। ଏପରିକି କେହି କେହି ୧୦୦୦ ଟଙ୍କାରୁ କମ, ବିନା ମହଙ୍ଗଭତ୍ତାରେ ବଡ଼ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି। ତେଣୁ ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କୁ ମାସକୁ ୯୦୦୦ ଟଙ୍କା ସହ ମହଙ୍ଗାଭତ୍ତା ଏବଂ ସରକାରୀ ଚିକିତ୍ସା ଯୋଗାଇଦେବାକୁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ଏମ୍‌ପି ମିଶ୍ର ଇପିଏଫ ଲୋକମାନଙ୍କ ଦୁଃଖ ଲୋକ ସଭାରେ ସରକାରଙ୍କ ଦୃଷ୍ଟିରେ ପକାଇବାକୁ ଆସୋସିଏଶନ୍ ଅନୁରୋଧ କରିଛି। ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଆସୋସିଏଶନ ସମ୍ପାଦକ ସୁବିଦ୍ଧିଙ୍କ ସମେତ ବିଦ୍ୟାଧର ସାହୁ, ବିଜୟ ଦାସ, ଦାଶରଥି ଆଚାର୍ଯ୍ୟ, କମଳଲୋଚନ ମହାନ୍ତି, ରଘୁନାଥ ଜେନା ଏବଂ ପି.ସି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଫେଇ ନାଳ ଉପରେ ସେତୁ ନିର୍ମାଣ ବିଳମ୍ବ

**ଅସ୍ଥାୟୀ ରାସ୍ତା ଯୋଗୁ ଜମି ରହୁଛି ପାଣି**

ଡେଲାଙ୍ଗ,୧୫।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ -ପିପିଲି ରାସ୍ତାର ରେଞ୍ଚଠାରୁ ଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବା ୧୨କି.ମି. ରାସ୍ତାରେ ଯୋକନଡୁଆ ଓ ପଲ୍ଲୀ ଗ୍ରାମ ମଧ୍ୟରେ ଯାଇଥିବା ସଫେଇ ନାଳ ଉପରେ ଏକ ସେତୁ ନିର୍ମାଣ ୪ମାସରୁ ଊର୍ଦ୍ଧ୍ୱ ମାସ ଧରି କାର୍ଯ୍ୟ ହେଉଛି। କାର୍ଯ୍ୟ ସରି ନ ଥିବାବେଳେ ଏବେ ବର୍ଷାଦିନ ଥିବାରୁ ଚାଷୀମାନେ ତଳିଘେରା ପ୍ରସ୍ତୁତ କରିବା ସହିତ ବୁଣାଧାନରେ ବେଉଷଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ ଚାଷରେ ବାଧକ ସୃଷ୍ଟି କରିଛି। ସେତୁ ସନ୍ନିକଟରେ କରାଯାଇଥିବା ଏକ ଅସ୍ଥାୟୀ ରାସ୍ତା ଯୋଗୁ ଜଳାର୍ଣ୍ଣବ ହୋଇଛି ଚାଷଜମି। ତଳିଘେରା ପାଣିରେ ବୁଡିବା ସହିତ ବୁଣାଧାନ ମଧ୍ୟ ବୁଡିଲାଣି। ଏଥିରେ ବ୍ରାହ୍ମଣ ତରବୋଇ, ଓଡ଼ତରବୋଇ, ରେଞ୍ଚ, ଜୋକନଡୁଆ, ପଲ୍ଲୀ ଓ ସହଜପୁର ପ୍ରମୁଖ ମୌଜାର ଗହୀରରୁ ଜଳ ନିଷ୍କାସନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଏହି ପୋଲ ନିକଟରେ କରାଯାଇଥିବା ଅସ୍ଥାୟୀ ରାସ୍ତା ଏବେ ବାଧକ ସାଜିଛି। ଜଳ ନିଷ୍କାସନ ହୋଇ ନ ପାରି ଜମିରେ ରହୁଛି। ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ଜଳ ନିଷ୍କାସନ ପାଇଁ ଅସ୍ଥାୟୀ ରାସ୍ତାକୁ କାଟିବା ଲାଗି ଦାବି କରିଛନ୍ତି। ଏହି ସେତୁଟି ଜନସାଧାରଣଙ୍କ ଯାତାୟାତ ପାଇଁ ଯେତିକି ଆବଶ୍ୟକ ସେତିକି ଚାଷୀଙ୍କ ପାଇଁ ମଧ୍ୟ ଜରୁରୀ। ତେବେ କାର୍ଯ୍ୟକୁ ବର୍ଷାଦିନ ପୂର୍ବରୁ କାହିଁକି ଶେଷ ନ କରାଯାଇ ଅଧିକଦିନ ବୃଦ୍ଧି କରାଯାଉଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅସ୍ଥାୟୀ ରାସ୍ତାଟି ବର୍ଷା ଯୋଗୁ କାଦୁଅ ହୋଇଗଲାଣି। ବିଭାଗୀୟ ଅଧିକାରୀ ମନମୁଖି କାର୍ଯ୍ୟ ଯୋଗୁ ଯାତାୟାତ କି ଚାଷ କାର୍ଯ୍ୟ ହୋଇପାରୁନି। ଅନ୍ୟପଟେ ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲୁଥିବାରୁ କାର୍ଯ୍ୟ ସମ୍ପର୍କରେ ଲୋକେ ଜାଣିପାରୁ ନାହାନ୍ତି। ଫଳରେ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ପଣ୍ଡା କୁହନ୍ତି, ସେତୁ ନିର୍ମାଣ କାର୍ଯ୍ୟରେ ସାଧାରଣରେ ବହୁତ ଦିନ ଲାଗେ। ଏହି ସେତୁରେ ମୋଟ ୩ଟି ସ୍ଲାବ୍ ନିର୍ମାଣ କରିବାକୁ ଥିବାବେଳେ ମୋ ଉପସ୍ଥିତିରେ ଗୋଟିଏ ସ୍ଲାବ୍ ପଡିଛି। ଆଉ ୨ଟି ସ୍ଲାବ ଖୁବ୍‌ଶୀଘ୍ର ପଡ଼ିବ। ଏହାପରେ ଅସ୍ଥାୟୀ ରାସ୍ତା କଟାଯାଇ ଜଳ ନିଷ୍କାସନ କରାଯିବ।

# କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେଲେ କୃଷି କର୍ମଚାରୀ

ଅସ୍ତରଙ୍ଗ,୧୫।୭ (ମମତା ଜେନା)



ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କୃଷି କର୍ମଚାରୀ ବିଭିନ୍ନ ଦାବିକୁ ଆଧାର କରି ଶନିବାର କୃଷି କାର୍ଯ୍ୟାଳୟରେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦାବି ମୁତାବକ ଗ୍ରାମ କୃଷି କର୍ମଚାରୀ ବଦଳରେ କୃଷି ସମ୍ପ୍ରସାରଣ ଅଧିକାରୀ, ଗ୍ରେଡ୍ ପେ' ୨୦୦୦ରୁ ୪୨୦୦ ଟଙ୍କାକୁ ବୃଦ୍ଧି, ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ ସହ ୬ ବର୍ଷ ଚୁକ୍ତିଭିତ୍ତିକ ସମୟସୀମାକୁ ମୂଳ ଚାକିରିରେ ଗଣନା, ଚାକିରିକାଳ ମଧ୍ୟରେ ୩ରୁ ୪ ଗୋଟି ପଦୋନ୍ନତି, ପଞ୍ଚାୟତରେ କାର୍ଯ୍ୟାଳୟ ସହ କମ୍ପ୍ୟୁଟର ପ୍ରଦାନ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସଂଶୋଧିତ ଜବ୍‌ଚାର୍ଟ ଘୋଷଣା କରିବା ଓ ଦୈନନ୍ଦିନ ପାରିଶ୍ରମିକ ପ୍ରଦାନ ଦାବିରେ ୨୦ ତାରିଖ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ମାନସ ଚନ୍ଦ୍ର ଲେଙ୍କା, ବିଶ୍ୱଜିତ୍ ମହାନ୍ତି, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଆସନ୍ତା ଅଗଷ୍ଟ ୧ ସୁଦ୍ଧା ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ସମସ୍ତ କର୍ମଚାରୀ ସମୂହ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ନାହିଁ, ନିଜ ଘରେ ପଢ଼ାଉଛନ୍ତି କର୍ମୀ

ଅସ୍ତରଙ୍ଗ,୧୫।୭(ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଅସ୍ତରଙ୍ଗ ପଞ୍ଚାୟତର ୫ ନମ୍ବର ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ ପିଲାମାନେ ପଢାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଭଡ଼ା ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ବେଳେ ବର୍ତ୍ତମାନ ଅଙ୍ଗନୱାଡି କର୍ମୀଙ୍କ ଘରେ ଚାଲିଛି କେନ୍ଦ୍ର। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତୁରନ୍ତ ଏହି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ନିଜସ୍ୱ ଗୃହ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି ହେଉଛି। ଏହି ଅଙ୍ଗନୱାଡି କେନ୍ଦ୍ରରେ ୧୬ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଦୀର୍ଘ ବର୍ଷ ହେବ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ଖଣ୍ଡେ ନାହିଁ। କେନ୍ଦ୍ର ପାଇଁ ଜମି ଚୟନ ହୋଇ ନ ଥିବାରୁ ଏକ ଭଡ଼ା ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ଭଡ଼ା ଘରେ ମଧ୍ୟ କେନ୍ଦ୍ର ବନ୍ଦ କରାଯାଇଥିଲା। ଫଳରେ ପିଲାଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଇ ଅଙ୍ଗନୱାଡ଼ି କେନ୍ଦ୍ରରେ ଥିବା କର୍ମୀ ସଂଯୁକ୍ତା ବେହେରା ବେଳେବେଳେ ନିଜ ଘରେ ପିଲାଙ୍କୁ ଡକାଇ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ଅଙ୍ଗନୱାଡି କର୍ମୀ ସଂଯୁକ୍ତା ବେହେରା କହିଛନ୍ତି, ପୂର୍ବରୁ ଏହି ଅଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଜାଗା ଚୟନ ହୋଇ ନ ଥିଲା। ଫଳରେ ଏକ ଭଡ଼ା ଘରେ କେନ୍ଦ୍ର ଚାଲୁଥିଲା। କିନ୍ତୁ କିଛିମାସ ପରେ ସେଠାରେ ମଧ୍ୟ କୌଣସି କାରଣରୁ କେନ୍ଦ୍ରକୁ ବନ୍ଦ କରିଦିଆଯାଇଥିଲା। ତେଣୁ ବେଳେବେଳେ ପିଲାଙ୍କୁ ଘରକୁ ଡକାଇ ଶିକ୍ଷାଦାନ କରୁଛି ବୋଲି କହିଛନ୍ତି। କେନ୍ଦ୍ରର ଏକ ପକ୍କାଗୃହ କରିବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛି। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ସରକାର ତରଫରୁ ନିର୍ଦ୍ଦିଷ୍ଟ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ଯଥାଶୀଘ୍ର ନିର୍ମାଣ କରିବା ପାଇଁ ପିଲାମାନଙ୍କ ଅଭିଭାବକ ଓ ସ୍ଥାନୀୟ ୱାର୍ଡ ସଭ୍ୟ ପ୍ରଶାସନ ନିକଟରେ ଦାବି କରିଛନ୍ତି ।



# ପିପିଲି ଥାନାରେ କାମ କରୁନି ବଦଳି ନିୟମ

**ଦୀର୍ଘଦିନ ହେବ ଏକାଧିକ କର୍ମଚାରୀ ଗୋଟିଏ ଜାଗାରେ ରହିଛନ୍ତି**

ପିପିଲି,୧୫।୭(ଦୁର୍ଗାମାଧବ ମିଶ୍ର)

ରାଜ୍ୟରେ ବଢୁଥିବା ଅପରାଧକୁ ରୋକିବା, ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଜନସାସଧାରଣଙ୍କୁ ସୁରକ୍ଷା ଦେବା, ଅପରାଧ ସଂଖ୍ୟା କମାଇବା ପାଇଁ ପୋଲିସ ବିଭାଗର କାର୍ଯ୍ୟ ଗୁରୁଦାୟିତ୍ୱ ରହିଛି। ସାଧାରଣତଃ ପୋଲିସ ବିଭାଗ ଏକତା, ଶାନ୍ତି ଓ ଶୃଙ୍ଖଳିତ ଉପରେ ଗୁରୁତ୍ୱ ଦେଇଥାଏ। କିନ୍ତୁ ପୁରୀ ଜିଲା ପିପିଲି ଥାନା ଏବଂ ଏହାର ଅଧୀନରେ ଥିବା ଫାଣ୍ଡିଗୁଡ଼ିକରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପିପିଲି ଥାନା ଓ ଫାଣ୍ଡିଗୁଡ଼ିକରେ ଥିବା କର୍ମଚାରୀମାନଙ୍କ ବଦଳି ନିୟମ ଠିକ୍ ଭାବେ ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ପିପିଲି ଥାନା ଏବଂ ଏହି ଥାନା ଅଧୀନରେ ୩ଟି ଫାଣ୍ଡି କାର୍ଯ୍ୟ କରୁଛି। ଯଥା କୌଶଲ୍ୟାଗଙ୍ଗ ଫାଣ୍ଡି, ସାତଶଙ୍ଖ ଫାଣ୍ଡି ଓ ନିଜଗଡ଼କୁରୁଖି ଫାଣ୍ଡି। ତେବେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଗୋଟିଏ ଜିଲାରେ ୩ବର୍ଷ ଯାଏଁ କାର୍ଯ୍ୟ କରିପାରିବେ। କିନ୍ତୁ ପିପିଲି ଥାନା ଓ ଫାଣ୍ଡିଗୁଡ଼ିକରେ ଥିବା କର୍ମଚାରୀମାନଙ୍କ କ୍ଷେତ୍ରରେ ଏହି ନିୟମରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଅନେକ କର୍ମଚାରୀ ରହିଆସିଥିବା ଜଣାପଡ଼ିଛି। ବଦଳି ସମୟ ଆସିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଧରାଧରି କରି ଏ ଫାଣ୍ଡିରୁ ସେ ଫାଣ୍ଡିକୁ ବଦଳି ହୋଇ ପିପିଲି ଥାନା ଅଞ୍ଚଳରେ କାର୍ଯ୍ୟ କରନ୍ତି। ଏପରିକି କେତେଜଣ କନଷ୍ଟେବଲ୍‌ଙ୍କ ହାବିଲଦାର ଭାବେ ପଦୋନ୍ନତି ହୋଇ ମଧ୍ୟ ସେହିଠାରେ ହିଁ ଅବସ୍ଥାପିତ ଅଛନ୍ତି। ଅପରପକ୍ଷେ କେତେଜଣ ପୁରୁଷ କନଷ୍ଟେବଲ ବର୍ଷ ବର୍ଷ ଧରି ସରକାରୀ ବାସଗୃହକୁ ନିଜ ଅକ୍ତିଆରରେ ରଖିବା ଫଳରେ ମହିଳା କନଷ୍ଟେବଲ ବାସଗୃହ ନ ପାଇଁ ବହୁ ହଇରାଣ ହେଉଛନ୍ତି। ଦୀର୍ଘଦିନ ରହି ଗୋଟିଏ ଅଞ୍ଚଳରେ ରହିଯିବାରୁ ସେମାନେ ନିଜ ମନ ମୁତାବକ କାର୍ଯ୍ୟ କରୁଛନ୍ତି। ସେହିପରି ନିଶା କାରବାର କରୁଥିବା ଯୁବକ, ସ୍ଥାନୀୟ ଅପରାଧୀମାନେ ଦୀର୍ଘଦିନ ଧରି ରହିଥିବା ପୋଲିସ କର୍ମଚାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ କିଛି ହାତଗୁଞ୍ଜା ଦେଇ ମାମଲାଗୁଡ଼ିକ ରଫାଦଫା କରି ଦିଅନ୍ତି। ଅନ୍ୟପଟେ ଉକ୍ତ କର୍ମଚାରୀମାନେ ଲୋକଙ୍କ ପ୍ରତି ରୁକ୍ଷ ବ୍ୟବହାର କରିବା ସହ ଆଇନଶୃଙ୍ଖଳାରେ ବ୍ୟାଘାତ ହେଉଛି। ବିଶେଷ କରି ଅଧିକ ଦିନ ଧରି ରହିବା ଯୋଗୁ କର୍ମଚାରୀମାନେ ଅଧିକାରୀମାନଙ୍କୁ ହାତ କରି ନିଜ କାର୍ଯ୍ୟ ହାସଲ କରିଥାନ୍ତି। ଏଥିଯୋଗୁ ମାମଲାଗୁଡ଼ିକ ମଧ୍ୟ ସମାଧାନ ଦିଗରେ ବିଳମ୍ବ ହେଉଥିବା ପରିଲକ୍ଷିତ ହେଉଛି। ତେଣୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପିପିଲି ଏସ୍‌ଡିପିଓ ଦାୟିତ୍ୱରେ ଥିବା ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର କହିଛନ୍ତି, ଏହି ଅଭିଯୋଗ ପାଇବା ପରେ ଏଥିପ୍ରତି ତଦନ୍ତ କରାଯିବ। ଖୁବ୍‌ଶୀଘ୍ର କର୍ମଚାରୀ କାର୍ଯ୍ୟକାଳ ଦେଖି ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ତାର ଚୋରି, ଅଭିଯୁକ୍ତ ଗିରଫ

**ମଙ୍ଗୁଳି-ଜଗତପୁର,୧୫।୭(ମାନସ ସାମଲ):** ତାର ଚୋରି ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚଲାଣ କରିଛି। ସେ ହେଲେ କେଉଁଝର ଜିଲା ଘଟଗାଁ ଅଞ୍ଚଳର ରାଉତ ମୁଣ୍ଡା(୫୦)। ତାଙ୍କ ନିକଟରୁ ତାର ଜବତ କରାଯାଇଛି। ଶୁକ୍ରବାର ଅପରାହ୍ନ ୪ଟାରେ ମହାନଦୀ ବ୍ରିଜ ପାର୍ଶ୍ୱରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଖୁଣ୍ଟରୁ ରାଉତ ତାର ଚୋରି କରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଏନ୍ଏଚ୍ଏଆଇର ଏକ ଟିମ୍ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲା। ଏ ନେଇ ଟାଙ୍ଗୀ ବନ୍ଦାଳ ଟୋଲ୍ପ୍ଲାଜା ଏସ୍ଜେଇପିଏଲ୍ ଇଲେକ୍ଟ୍ରିକାଲ ମ୍ୟାନେଜର ସୁରେଶ ନାୟକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫୨/୨୩) ରୁଜୁ କରିଥିଲା। ଅଭିଯୁକ୍ତ ଜଣଙ୍କ ଗତ ଏକ ମାସ ମଧ୍ୟରେ ଜଗତପୁର ଅଞ୍ଚଳର ବିଭିନ୍ନ ସ୍ଥାନରୁ ତାର ଚୋରି କରିଛି ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିବା ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି।

### ହାଇୱା ଚାଳକଙ୍କୁ ଗାଳିଗୁଲଜ, ୫ ଅଭିଯୁକ୍ତ କୋର୍ଟ ଚାଲାଣ

**ଫୁଲନଖରା, ୧୫।୭(ସତ୍ୟରଞ୍ଜନ ଦାସମହାପାତ୍ର):** ହାଇୱା ଚାଳକଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମନ୍ଦାରିଆ ପାଟଣା ଗ୍ରାମର ରଜତ କୁମାର ସାହୁ, ଲୋକନାଥ ସାହୁ, ପ୍ରଶାନ୍ତ କୁମାର ସାହୁ, ବିଶ୍ୱନାଥ ସାହୁ ଓ ଭବାନୀ ଶଙ୍କର ସାହୁ। ପୋଲିସ ସୂତ୍ରରୁ ପ୍ରକାଶ, ରବି ନାରାୟଣ ବିଶୋଇ ପେସାରେ ଜଣେ ଗାଡି ଚାଳକ। ଗତ ଗୁରୁବାର ସନ୍ଧ୍ୟାରେ ମନ୍ଦାରିଆ ପାଟଣା ଗ୍ରାମ ରାସ୍ତାରେ ଏକ ହାଇୱା ଯାଉଥିଲା। ଏହି ସମୟରେ ଅଭିଯୁକ୍ତମାନେ ହାଇୱାକୁ ଅଟକାଇ ଚାଳକ ରବି ନାରାୟଣ ବିଶୋଇଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୧/୨୩) ରୁଜୁ କରିଥିଲା।

### ଚକ୍ଷୁ ପରୀକ୍ଷା ଶିବିର

**ଚୌଦ୍ୱାର,୧୫।୭(ଆଶୁତୋଷ ଦାସ):** ଚୌଦ୍ୱାର ବ୍ୟାରେଜ ରୋଡ୍ ହିଙ୍ଗୁଳାଇ ଛକସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଆଖିଧରା ରୋଗ ବ୍ୟାପୁଥିବାରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ରହୁଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଅଧକ୍ଷ ଶକ୍ତି ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ଆଖିଧରା ପ୍ରତିଷେଧକ ଦିଆଯିବା ସହିତ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଭୁବନେଶ୍ୱର କେୟାର ନେତ୍ରମ୍ ସହାୟତାରେ ଆୟୋଜିତ ଶିବିରରେ ପ୍ରାୟ ୩୨୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ମହାନ୍ତି, ସାମାଜିକ କର୍ମୀ ନରୋତ୍ତମ ଦାସଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ।


ଶନିବାର ଲଗାଣ ବର୍ଷାରେ କଟକ ପଚ୍ଚାପୋଲ ଅଞ୍ଚଳ ରାସ୍ତା ଜଳାର୍ଣ୍ଣବ।


ସୟଦ୍ ସେମିନାରି ରୋଡ୍‌ରେ ଜମି ରହିଥିବା ବର୍ଷାପାଣି।

# ବର୍ଷାରେ କଟକ ଜଳାର୍ଣ୍ଣବ

**କଟକ,୧୫।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ଲଘୁଚାପଜନିତ ଲଗାଣ ବର୍ଷାରେ କଟକ ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଛି। ଅନେକ ଗଳି ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ସେହିପରି ଆଉ କେତେକ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଯାଇଛି। ଏଥିପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ପ୍ରତିବର୍ଷ ସହରବାସୀ ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ତୁରନ୍ତ ଏହାର ସ୍ଥାୟୀ ସମାଧାନ ପାଇଁ ସହରବାସୀ ଦାବି କରିଛନ୍ତି।

ବର୍ଷା ପୂର୍ବରୁ ସହରରେ ପଙ୍କୋଦ୍ଧାର କାର୍ଯ୍ୟ ସରିନାହିଁ। ଏପରି କି ଡ୍ରେନ୍‌ଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜଳବନ୍ଦୀ ସ୍ଥିତି ଉପୁଜିଛି। ବିଶେଷକରି ବାଦାମବାଡ଼ି, ମେହେନ୍ଦିପିର, ଦିୱାନ ବଜାର, ଖଟବିନ୍ ସାହି, ମହମ୍ମଦିଆ ବଜାର ଅଞ୍ଚଳର ରାସ୍ତାରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ସେହିପରି ମେରିଆ ବଜାର, ନୂଆ ରାଉସାପାଟଣା, ସୂତାହାଟ, ରୋଭର ଷ୍ଟ୍ରିଟ୍, ପଚ୍ଚାପୋଲ ଅଞ୍ଚଳରେ


ମକରବା ସାହି ରାସ୍ତାରେ ବର୍ଷାପାଣି।

■ ଘରେ ପଶିଲା ପାଣି
■ ଯାତାୟାତରେ ସମସ୍ୟା

ଲୋକମାନେ ଘରେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ସିଏମ୍‌ସି ପକ୍ଷରୁ ଜୋରସୋରରେ ପ୍ରଚାର କରାଯାଉଛି। ବର୍ଷାକୁ ନଜରରେ ରଖି ସିଏମ୍‌ସି କାର୍ଯ୍ୟ ଆରମ୍ଭ କରିଛି। ଚଳିତବର୍ଷ ବର୍ଷାଦିନେ ସହର ଜଳମୟ ହେବନି ବୋଲି ମେୟର କହିଥିବାବେଳେ ଶନିବାର ସ୍ଥିତି ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି।

### ଜିଲାରେ ୬୪୭ ମିମି ବର୍ଷା ରେକର୍ଡ

ଲଘୁଚାପ ଯୋଗୁ କଟକ ଜିଲାର ବିଭିନ୍ନ ବ୍ଲକରେ ବର୍ଷା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ୫ଟା ସୁଦ୍ଧା ଜିଲାରେ ୬୪୭ ମିମି ବର୍ଷା ରେକର୍ଡ କରାଯାଇଛି। କଣ୍ଟାପଡା ବ୍ଲକରେ ସର୍ବାଧିକ ୧୨୭ ମିମି ବର୍ଷା ହୋଇଛି। ସେହିପରି ଆଠଗଡ଼ ବ୍ଲକରେ ୩୯ ମିମି, ବାଙ୍କୀ-ଡମପଡାରେ ୨୨ ମିମି, ବାରଙ୍ଗରେ ୪୭ ମିମି, ବଡ଼ମ୍ବାରେ ୪ ମିମି, କଟକ ସଦରରେ ୫୬ ମିମି, ମାହାଙ୍ଗାରେ ୩୪ ମିମି, ନିଆଳିରେ ୪୨ ମିମି, ନିଶ୍ଚିନ୍ତକୋଇଲିରେ ୩୪ ମିମି, ନରସିଂହପୁରରେ ୧୯ ମିମି, ସାଲେପୁରରେ ୩୨ ମିମି, ଟାଙ୍ଗୀ-ଚୌଦ୍ୱାରରେ ୪୦ ମିମି, ତିଗିରିଆରେ ୫ ମିମି ବର୍ଷା ରେକର୍ଡ କରାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ସହୀଦଭବନଠାରେ ୩୪.୨ ମିମି, ବିକାଶ ଭବନଠାରେ ୩୫.୪ ମିମି, ସିଡିଏ ସେକ୍ଟର-୬ଠାରେ ୩୧.୩ ମିମି ଏବଂ ଓଏମ୍‌ପିଠାରେ ୪୫.୪ ମିମି ବର୍ଷା ରେକର୍ଡ କରାଯାଇଛି।


ବାଦାମବାଡ଼ି ରାସ୍ତାରେ ବର୍ଷାପାଣିର ସୁଅ।


ଲିଙ୍କ୍‌ରୋଡ୍‌ରେ ଜମି ରହିଥିବା ବର୍ଷାପାଣି।


ମେରିଆ ବଜାର ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି।



କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଛାତ୍ରୀଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯାଉଛି।

# ପାଠପଢ଼ାରେ ସ୍ମାର୍ଟଫୋନ୍ ବ୍ୟବହାର କରିବାକୁ ପରାମର୍ଶ

**କଟକ,୧୫।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆଭାସି ମାଧ୍ୟମରେ ଶିକ୍ଷାଦାନ ପ୍ରକ୍ରିୟାକୁ ସୁଦୂରପ୍ରସାରୀ କରିବା ତଥା ଛାତ୍ରୀଛାତ୍ରମାନଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା ଲକ୍ଷ୍ୟନେଇ ରାଜ୍ୟ ସରକାର ସ୍ମାର୍ଟଫୋନ ବିତରଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କଟକ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆଜିର ଇଣ୍ଟରନେଟ୍ ଯୁଗରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନେ ଯେପରି ସ୍ମାର୍ଟ ଫୋନର ସୁବିଧା ପାଇପାରିବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ବିଦ୍ୟାଳୟର ୫୬ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ ଜଣ, ଶୈଳବାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୧ ଜଣ ଏବଂ ଜିଲାର ଅନ୍ୟାନ୍ୟ ବିଦ୍ୟାଳୟର ୭ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ର ସାମିଲ ଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ତତ୍ତ୍ୱାବଧାନରେ ସ୍ମାର୍ଟଫୋନ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟଫୋନ ବଣ୍ଟନ କରିବା ସହ ପାଠପଢା କ୍ଷେତ୍ରରେ ଏହାର ବ୍ୟବହାର କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ବର୍ଲିନଠାରେ ଅନୁଷ୍ଠିତ ଅଲିମ୍ପିକ୍ସ କ୍ରୀଡାର ସାଇକେଲ ଚାଳନା ପ୍ରତିଯୋଗିତାରେ ଭାଗନେଇ ରୌପ୍ୟପଦକ ଜିତିଥିବା ଛାତ୍ରୀ କଳ୍ପନା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟଫୋନ ବଣ୍ଟନ**

# ଜମି କିସମ ପରିବର୍ତ୍ତନ ହୋଇପାରୁନାହିଁ

**କଟକ,୧୫।୭ (ସୁପ୍ରିୟା ପ୍ରିୟାଦର୍ଶିନୀ)**

ସହରର କେତେକ ଅଞ୍ଚଳରେ ଜମି କିସମ ପରିବର୍ତ୍ତନ ପାଇଁ ବିଭିନ୍ନ ଅଫିସ୍‌କୁ ଲୋକେ ଦୌଡୁଛନ୍ତି। ହେଲେ ସେମାନଙ୍କ କାର୍ଯ୍ୟ ହୋଇପାରୁନାହିଁ। ଏହାକୁ ନେଇ କଟକ ଜିଲା କଂଗ୍ରେସ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଓ ଚାନ୍ଦିନୀଚୌକ ଅଞ୍ଚଳର କେତେକ ବାସିନ୍ଦା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେମାନଙ୍କ ସମସ୍ୟା ଉପସ୍ଥାପନ କରି ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଜିଲା କଂଗ୍ରେସ ସଭାପତି ଚୌଧୁରୀ କହିଛନ୍ତି, କଟକ ସହରର ୟୁନିଟ୍ ନମ୍ବର ୧୦, ୧୧, ୧୨, ୧୩, ୧୪, ୨୦, ୨୧, ୨୨ର ପ୍ରାୟ ୧୦୦ ଏକର ଜାଗା ଉପରେ ୫୦୦୦ରୁ ଉର୍ଦ୍ଧ୍ୱ କେସ୍‌ରେ ଲୋକେ ନିଜ ଜାଗାର ସ୍ଥିତିବାନ ଷ୍ଟାଟସର ଅଧିକାର ରେକର୍ଡ (ଆରଓଆର) ପାଇପାରୁନାହାନ୍ତି। ୨୦୦୩ରେ ରିନ୍ୟୁଆଲ ପାଇଁ ଏହି ଜମି ମାଲିକମାନେ ଆବେଦନ କରିଥିଲେ। ସେମାନଙ୍କୁ ପ୍ରଦତ୍ତ ହୋଇଥିବା ଖାସମାହଲ ପଟ୍ଟାକୁ ସେମାନେ ସ୍ଥିତିବାନରେ ପରିଣତ କରିବା ପାଇଁ ଆର୍ଆଇ, ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଉଁଛନ୍ତି। ମାତ୍ର ଉପରୋକ୍ତ କାର୍ଯ୍ୟାଳୟ ସେହି ଜାଗା ମାଲିକଙ୍କ କାମ ନ କରିବାର ଉଦ୍ଦେଶ୍ୟ ରଖି ଗତ ୫୦ ବର୍ଷର ରେକର୍ଡ ମାଗୁଛନ୍ତି। ଯାହାଫଳରେ କିସମ ପରିବର୍ତ୍ତନ ହୋଇପାରୁନାହିଁ। ପ୍ରଶାସନ ପକ୍ଷରୁ ଏଭଳି ଟାଳଟୁଳ ନୀତି ଅବଲମ୍ବନ କରାଗଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଜମି ମାଲିକମାନଙ୍କର ପ୍ରତିନିଧି ଭାବେ ପତିତପାବନ ମହାରଣା, ରବୀନ ଶତପଥୀ, ପ୍ରେମାନନ୍ଦ ବେହେରା, ବିଶ୍ୱନାଥ ବେହେରା ଓ ରୀତା ମହାପାତ୍ର ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

**କାର୍ଯ୍ୟାଳୟକୁ ଯାଇ ନିରାଶ ହେଉଛନ୍ତି ଲୋକେ**


ଖବରଦାତା ସମ୍ମିଳନୀରେ କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ବକ୍ତବ୍ୟ ଦେଉଛନ୍ତି।

# ପରିଶ୍ରମକଲେ ସଫଳତା ମିଳିବ

**କଟକ,୧୫।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ଓଷ୍ଟା ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ଶନିବାର ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମୁଖ୍ୟବକ୍ତା ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ସମ୍ପାଦିକା ସୁମିତା ସରକାର, ସମ୍ମାନିତ ଅତିଥି ଭାବେ କଟକ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଆମ ରାଜ୍ୟ ଓ ଦେଶର ଭବିଷ୍ୟତ। ନିରନ୍ତର ପରିଶ୍ରମ ଦ୍ୱାରା ଜଣେ ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଓଷ୍ଟା ଦ୍ୱାରା ଆୟୋଜିତ ମେଧାବୃତ୍ତି ଅନ୍ୱେଷଣ ପରୀକ୍ଷା ଓଡ଼ିଶାର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ। ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ ଓ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ୧୦୯ ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହ ୩୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଓଷ୍ଟାର ନେତୃମଣ୍ଡଳୀ ସାରଙ୍ଗଧର ଠାକୁର, ମାଣିକେଶ୍ୱର ସ୍ୱାଇଁ, ଗୋପୀ ବଲ୍ଲଭ ଭୂୟାଁ, ହିରଣ୍ୟମୟୀ ସାମଲ, ରାଜଲକ୍ଷ୍ମୀ ବେହେରା, ନିର୍ମଳ ଜେନା, ପ୍ରମୋଦ କୁମାର ସ୍ୱାଇଁ, ରମାକାନ୍ତ ମହାପାତ୍ର, ସନ୍ତୋଷ ସାହୁ, ପ୍ରଦୀପ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସମାରୋହରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଗହଣରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଅନ୍ୟମାନେ।

**ଓଷ୍ଟା ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ**
■ ୧୦୯ ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

# ଦିନସାରା ବର୍ଷିଲା

## ଘରେ ପଶିଲା ଡ୍ରେନ୍ ପାଣି



ପୁରୁଣା ଭୁବନେଶ୍ୱର ଗୋସାଗୋରେଶ୍ୱର ଛକରେ ବର୍ଷା ପାଣି ସୁଅ ଛୁଟୁଛି। (ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର )

ଭୁବନେଶ୍ୱର, ୧୫।୭ (ବନ୍ଦନା ସେଠୀ)

ରାଜ୍ୟ ରାଜଧାନୀରେ ଶନିବାର ଦିନସାରା ବର୍ଷା ଛେଚିଛି। ଫଳରେ ଏହି ଲଗାଣ ବର୍ଷା ଯୋଗୁ ବେହାଲ ହୋଇଛି ସ୍ମାର୍ଟସିଟିର ସ୍ମାର୍ଟ ବ୍ୟବସ୍ଥା। ରାସ୍ତାଘାଟ, ନାଳ ସବୁ ଏକାକାର। ଆଣ୍ଠୁଏ ଉଚ୍ଚର ପାଣିରେ ପଶି ଯାତାୟାତ କଲେ ଲୋକେ। ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିବା ସହ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଲୋକେ। ବର୍ଷର ପ୍ରଥମ ଲଗାଣ ବର୍ଷାରେ ସ୍ଥିତି ଏପରି ହୋଇଥିବାବେଳେ ଆଗକୁ ବର୍ଷା ହେଲେ ସହରର ଅବସ୍ଥା କ'ଣ ହେବ ତାକୁ ନେଇ ଚିନ୍ତିତ ଜନସାଧାରଣ। ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ଫଳରେ ରାଜ୍ୟର ସବୁଆଡ଼େ ବର୍ଷା ହୋଇଥିଲା। ସକାଳୁ ହିଁ ଭୁବନେଶ୍ୱରରେ ପ୍ରବଳ ମାତ୍ରାରେ ବର୍ଷା ହୋଇଥିଲା। ଏହାପରେ ଦିନତମାମ ଝିପିଝିପି ବର୍ଷା ଲାଗିରହିଥିଲା। ଭୁବନେଶ୍ୱରରେ ୪୬.୪ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପ୍ରଥମ ଅବସ୍ଥାରୁ ସହରର ଜଳବନ୍ଦୀ ସ୍ଥିତି ବିଏମ୍‌ସିର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ପୁରୁଣା ଭୁବନେଶ୍ୱରର ରଥରୋଡ୍‌ରେ ଏତେ ପାଣି ଜମିଥିଲା ଯେ ତାହା ନଦୀର ଭ୍ରମ ସୃଷ୍ଟି କରୁଥିଲା। ଏହି ସମୟରେ ଏକ ଅଟୋ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ସେଥିରେ ପାଣି ପଶିଯିବାରୁ ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକମାନେ ଠେଲିଠେଲି ଅଟୋକୁ ପାଣିରୁ ବାହାର କରିଥିଲେ। ବର୍ଷାଜଳ ସାଙ୍ଗକୁ ଖରାପ ରାସ୍ତା ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଥିଲା। କେବଳ ସେତିକି ନୁହେଁ, ସହରର ଅନ୍ୟତମ ପ୍ରମୁଖ ସ୍ଥାନ କୁହାଯାଉଥିବା କମିଶନରେଟ୍ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ମଧ୍ୟ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇଥିଲା। ବଡ଼ କଥା ହେଉଛି ସେଠାରେ ବର୍ଷା ପାଣି ଡ୍ରେନ୍‌କୁ ନ ଯାଇ ଓଲଟି ଡ୍ରେନ୍ ପାଣି ରାସ୍ତା ଉପରକୁ ଉଛୁଳୁଥିଲା। ଯେଉଁ କାରଣରୁ ଲୋକମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ରସୁଲଗଡ଼, ବମିଖାଲ ରାସ୍ତାର ଅବସ୍ଥା ମଧ୍ୟ ସମାନ। ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ବର୍ଷା ସମୟ ଆସିଲେ ରାଜଧାନୀବାସୀ ଏଭଳି ଅସୁବିଧା ଭୋଗୁଛନ୍ତି। ଚିରାଚରିତ ଭାବେ ଇସ୍କନ ମନ୍ଦିର ସମ୍ମୁଖରେ ମଧ୍ୟ ବର୍ଷା ପାଣି ଲହଡ଼ି ଭାଙ୍ଗିଥିଲା। ସକାଳୁ ଆରମ୍ଭ ହୋଇଥିବା ବର୍ଷାରେ ୧୬ନଂ. ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ବର୍ଷାପାଣି ଜମା ହୋଇଥିଲା। ମନ୍ଦିର ନିକଟରେ ଥିବା କାର୍ ଅଧା ବୁଡ଼ିଯାଉଥିବାବେଳେ ବାଇକ୍‌ର ଅବସ୍ଥା ନ କହିବା ଭଲ। କେବଳ ରାସ୍ତାଘାଟ ନୁହେଁ ଲକ୍ଷ୍ମୀସାଗର ମଣ୍ଡପ ସାହିରେ ଡ୍ରେନ୍ ଭର୍ତ୍ତି ହୋଇଯିବା ପରେ ସକାଳୁ ସକାଳୁ ଲୋକଙ୍କ ଘରେ ପାଣି ପଶିଥିଲା। ପାଣି ପଶିଯିବାରୁ ଘରର ଆସବାବପତ୍ର ଓଦା ହୋଇଯାଇଥିଲା। ଲୋକମାନେ ଗିନା ତାଟିଆ ଧରି ଘରୁ ପାଣି ବାହାର କରୁଥିବା ଦେଖିବାକୁ ମିଳିଥିଲା। ପରେ ଅଗ୍ନିଶମ ବାହିନୀ ଆସି ଜଳ ନିଷ୍କାସନ କରିବା ପରେ ସ୍ଥିତି ଟିକିଏ ସୁଧୁରିଥିଲା। କେବଳ ଏହି ଗୋଟିଏ ଅଞ୍ଚଳ ନୁହେଁ ପାଣ୍ଡବ ନଗର, ବଡ଼ଗଡ଼ ବ୍ରିଟ୍ କଲୋନୀ, ମେଘେଶ୍ୱର କଲୋନୀ, ବଡ଼ଗଡ଼ ଇଏ କଲୋନୀ, ସୌଭାଗ୍ୟ ନଗର, ଶିରିପୁର, ମହିଷାଖାଲ ଭଳି ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେବାରୁ ବିଭିନ୍ନ ସମସ୍ୟା ଦେଖାଦେଇଥିଲା।

### ଫେଲ୍ ମାରୁଛି ବିଏମ୍‌ସି ରଣନୀତି

ସହରକୁ ଜଳବନ୍ଦୀରୁ ରକ୍ଷା କରିବା ପାଇଁ ବିଏମ୍‌ସି ବିଭିନ୍ନ ରଣନୀତି ଆପଣାଉଥିବାବେଳେ ଏହା ବାରମ୍ବାର ଫେଲ୍ ମାରୁଛି। ବୈଠକ ପରେ ବୈଠକ କରି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଥିଲେ ବି ଅସରାଏ ବର୍ଷା ସବୁ ବିଗାଡ଼ି ଦେଉଛି। ବିଶେଷକରି ଡ୍ରେନ୍ ନିର୍ମାଣ, ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି।

### ଇସ୍କନ ମନ୍ଦିର ଆଗରେ ବୁଡ଼ ପକାଇଲେ ଯୁବକ



ରାଜପଥ ପାର୍ଶ୍ୱ ଇସ୍କନ ସମ୍ମୁଖରେ ଚିରାଚରିତ ଭାବେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିବାବେଳେ ହଠାତ୍ ଜଣେ ଯୁବକ ସେଠାକୁ ଆସି ପାଣିରେ ବୁଡ଼ ପକାଇବାକୁ ଲାଗିଥିଲେ। ମନ୍ଦିର ସମ୍ମୁଖ ବର୍ଷାପାଣିରେ ଯୁବକଙ୍କ ଏଭଳି କାର୍ଯ୍ୟକୁ କିଛି ଲୋକ ବେଶ୍ ଉପଭୋଗ କରିଥିଲେ।




ଚିନ୍ତାମଣିଶ୍ୱରରେ ବର୍ଷା ପାଣି ଘରେ ପଶିଛି।

### ଦିଲ୍ଲୀ କଥା କହିଲେ ମେୟର

ସହରର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇଥିବାରୁ ମେୟର ସୁଲୋଚନା ଦାସ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ପରଖିଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଦିଲ୍ଲୀରେ ବି ବର୍ଷା ପାଇଁ ବିଭିନ୍ନ ସମସ୍ୟା ହେଉଛି। ପାର୍ଲାମେଣ୍ଟ, ଲାଲ୍‌କିଲା ପର୍ଯ୍ୟନ୍ତ ବର୍ଷାପାଣି ଆସୁଛି। ତେବେ ସହରର ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ସର୍ବଦା ତତ୍ପର ରହିଛି ବୋଲି ସେ ସଫେଇ ଦେଇଥିଲେ।



ଚିନ୍ତାମଣିଶ୍ୱର।



ପାଣ୍ଡବନଗର।



ଲକ୍ଷ୍ମୀସାଗର କେନାଲ ରୋଡ୍।

# ସତ୍ତା ହରାଇଲାଣି ଦୟା ୱେଷ୍ଟ କେନାଲ

## ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦେଲା ଏକାମ୍ର ଜନଜାଗରଣ ମଞ୍ଚ

ଭୁବନେଶ୍ୱର, ୧୫।୭ (ବନ୍ଦନା ସେଠୀ)

ଦୟାନଦୀକୁ ଏକଦା ସହରର ପ୍ରମୁଖ ପ୍ରାକୃତିକ ଜଳ ଉତ୍ସ ଭାବେ ବିବେଚନା କରାଯାଉଥିଲା। ଏହି ନଦୀର ଏକ ଶାଖା କେନାଲ ଭାବେ ବହି ଆସି ପୁରୁଣା ଭୁବନେଶ୍ୱର ସହର ମଧ୍ୟରେ ପ୍ରବାହିତ ହୋଇଛି। ଯାହା 'ଦୟା ୱେଷ୍ଟ' କେନାଲ ଭାବେ ଜଣାଯାଏ। ସହର ଭିତରର ଜଳସ୍ତରକୁ ସ୍ୱାଭାବିକ ରଖିବା ସହ ଗ୍ରୀଷ୍ମକାଳରେ ଜଳ ସଙ୍କଟ ଭଳି ସ୍ଥିତିର ମୁକାବିଲା କ୍ଷେତ୍ରରେ ଏହି କେନାଲ ପ୍ରମୁଖ ଭୂମିକା ନିର୍ବାହ କରୁଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବ କାରଣରୁ ଏବେ କେନାଲଟି ସମ୍ପୂର୍ଣ୍ଣ ରୂପେ ପୋତି ହୋଇଯାଇଛି। ଆବର୍ଜନା ଏବଂ ଦଳ ଭିତରେ କେନାଲଟି ଏବେ ଲୁଚିଯିବାକୁ ବସିଛି। ଫଳରେ ସହରର ଜଳ ପରିଚାଳନା ବ୍ୟାପକ ଭାବେ ପ୍ରଭାବିତ ହେଉଛି। ତେବେ ସରକାର କେନାଲର ପୁନରୁଦ୍ଧାର କରିବା ପରିବର୍ତ୍ତେ ଏହାକୁ ସମ୍ପୂର୍ଣ୍ଣ ରୂପେ ପୋତିଦେବାକୁ ମସୁଧା କରିଛନ୍ତି। ସମ୍ପୃକ୍ତ ନାଳକୁ ପୋତି ସେଠାରେ ୬ଥାକିଆ ରାସ୍ତା ନିର୍ମାଣ କରିବା ଯୋଜନା କରାଯାଉଛି, ଯାହାକୁ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ସରକାର ସହରର ଜଳ ଉତ୍ସର ପୁନରୁଦ୍ଧାର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଦୟା ୱେଷ୍ଟ କେନାଲକୁ ଅଣଦେଖା କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦୟା ୱେଷ୍ଟ କେନାଲ ପୁରୀ ହାଇଲେଭଲ କେନାଲରୁ ବାହାରି ବାରଙ୍ଗ, କେନ୍ଦୁପାଟଣା, ରଙ୍ଗମାଟିଆ, ମଞ୍ଚେଶ୍ୱର, କଳାରାହାଙ୍ଗ, ରସୁଲଗଡ଼, ବମିଖାଲ, ଲକ୍ଷ୍ମୀସାଗର, ବଡ଼ଗଡ଼, ବ୍ରହ୍ମେଶ୍ୱର, ଗ୍ୟାରେଜ ଛକ, କପିଳେଶ୍ୱର, ସୁନ୍ଦରପଦା, କୋଟିଲାପୁଟ, ସରକନ୍ତରା, ଯଦୁପୁର, ରେତଙ୍ଗ ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ। ପୂର୍ବରୁ ଏହି ଜଳସ୍ରୋତ ଚାଷ ଜମିକୁ ଜଳସେଚନ କରାଇବା ସହ ପ୍ରବାହିତ ହେଉଥିବା ଅଞ୍ଚଳର ଭୂତଳ ଜଳସ୍ତରକୁ ଠିକ୍ ରଖିବା ପାଇଁ ସହାୟକ ହେଉଥିଲା। ମାତ୍ର ଏବେ ତାହା ସମ୍ପୂର୍ଣ୍ଣ ପରିତ୍ୟକ୍ତ ହୋଇ ପଡ଼ିଛି। ସେହିପରି ଜଳସ୍ରୋତର ପୁନରୁଦ୍ଧାର ନ କରି ଏହାକୁ ପୋତି ରାସ୍ତା ନିର୍ମାଣ କରିବାର ପ୍ରସ୍ତାବ ଆଣିବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।



ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ କ୍ଷେତ୍ରମୋହନ ଦାଶଙ୍କ ରଚିତ ପୁସ୍ତକ 'ସ୍ମୃତିର ଅନ୍ତରାଳେ'କୁ ଲୋକାର୍ପଣ କରୁଛନ୍ତି।

# ରାଜ୍ୟ ଗ୍ରନ୍ଥାଗାର ପରିଦର୍ଶନ କଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ଗ୍ରନ୍ଥାଗାରରେ ଶନିବାର ଅଡଶପୁରସ୍ଥିତ ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ୨୦ଜଣ ଛାତ୍ରୀଛାତ୍ର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ପଞ୍ଜିକରଣ, ଗ୍ରନ୍ଥାଗାର ପରିଚାଳନା, ଇ-ଗ୍ରନ୍ଥାଗାର, ଡାଟା ଏଣ୍ଟ୍ରି, ଅଟୋମେଶନ, ଆକ୍ସେସିଙ୍ଗ,କାଟାଲଗିଙ୍ଗ, ଡିଜିଟାଇଜେସନ ଆଦି ପ୍ରକ୍ରିୟା ଉପରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକା ପ୍ରିୟଙ୍କା ମଞ୍ଜରୀ ବେହେରା ଏବଂ ନିରୂପମା ମିଶ୍ର ମଧ୍ୟ ଛାତ୍ରୀଛାତ୍ରଙ୍କ ସହ ସାମିଲ ଥିଲେ। ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ତଥା ରାଜ୍ୟ ପାଠାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅତସୀ ଦାସ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଲୟୋଲା ସ୍କୁଲର ବାର୍ଷିକ ପ୍ରଦର୍ଶନୀ 'ସିନର୍ଜୀ'

## ବିଜ୍ଞାନ, କଳା ଓ ସଂସ୍କୃତି ସମ୍ପର୍କିତ ୧୨ଶହରୁ ଅଧିକ ମଡେଲ ପ୍ରଦର୍ଶିତ

ଭୁବନେଶ୍ୱର,୧୫।୭ (ଅନୁରାଧା ମହାରଣା)



ପ୍ରକଳ୍ପ ସହ ଛାତ୍ରୀଛାତ୍ର, ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ ଓ ଶିକ୍ଷୟିତ୍ରୀମାନେ।

ଲୟୋଲା ସ୍କୁଲ ପରିସରରେ ବାର୍ଷିକ ପ୍ରଦର୍ଶନୀ ସିନର୍ଜୀ -୨୦୨୩ ଅନୁଷ୍ଠିତ ହୋଇଯାଇଛି। ଶନିବାର ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ଛାତ୍ରୀଛାତ୍ର ସେମାନଙ୍କ ହାତ ତିଆରି ମଡେଲ ଓ ପ୍ରକଳ୍ପ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍ ମିସ୍‌କୁଇଥ୍ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜୁନିୟର ସ୍କୁଲର ଛାତ୍ରୀଛାତ୍ର ପରିବେଶ, ବିଜ୍ଞାନ, କଳା, ସଂସ୍କୃତି ତଥା ଧର୍ମ ସମ୍ବନ୍ଧୀୟ ବିଭିନ୍ନ ମଡେଲ ପ୍ରସ୍ତୁତ କରି ପ୍ରଦର୍ଶନ କରିବା ସହ ବୁଝାଇଥିଲେ। ମାନବ ସଭ୍ୟତାର କ୍ରମବିକାଶଠାରୁ ଆରମ୍ଭ କରି ସମ୍ପ୍ରତି ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସମ୍ପର୍କରେ ପ୍ରସ୍ତୁତ ମଡେଲଗୁଡ଼ିକ ଅତି ଆକର୍ଷଣୀୟ ତଥା ଶିକ୍ଷଣୀୟ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଅଭିଭାବକ ସହ ବହୁ ଶିକ୍ଷାବିତ୍ ଓ ବିଶିଷ୍ଟ ବ୍ୟକ୍ତିତ୍ୱ ପିଲାଙ୍କ ସହ ଭାବର ଆଦାନ ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୧୨ଶହରୁ ଅଧିକ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। କୁନ ଛାତ୍ରୀଛାତ୍ରଙ୍କ ଏହି ପ୍ରୟାସ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିପରି ସିନିୟର ସ୍କୁଲର ଛାତ୍ରୀଛାତ୍ର ମଣିଷ ବର୍ତ୍ତମାନ ସମୟରେ ସମ୍ମୁଖୀନ କରୁଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିଜ ପ୍ରକଳ୍ପ ମାଧ୍ୟମରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ନବମ ଶ୍ରେଣୀର କୋମଳମତି ଉଦ୍ୟୋଗୀଙ୍କ ଦ୍ୱାରା ଆୟୋଜିତ 'ଷ୍ଟାର୍ଟ-ଅପ୍' ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି ପ୍ରଦର୍ଶନୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ସହିତ ସେମାନଙ୍କ ସୃଜନାତ୍ମକ ଚିନ୍ତାଧାରାର ଉନ୍ନତି କରିବାରେ ସହାୟକ ହୋଇଥିଲା। ଶିକ୍ଷୟିତ୍ରୀଶିକ୍ଷକ ତଥା ଅଭିଭାବକଙ୍କ ସହଯୋଗରେ ପିଲାମାନେ ନିଜେ ମଡେଲଗୁଡ଼ିକ ପ୍ରସ୍ତୁତ କରିବା ବିଦ୍ୟାଳୟ ପାଇଁ ଗୌରବର ବିଷୟ ବୋଲି ଭାଇସ ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟାର୍ଥୀମାନଙ୍କ ମୌଳିକ ସାକ୍ଷରତାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

#### କ୍ଲଷ୍ଟରସ୍ତରୀୟ ସମୀକ୍ଷା ବୈଠକ

ମାହାଙ୍ଗା,୧୫ା୭(ଯଯାତି ସିଂହ)
ଶିକ୍ଷାର ବିଭିନ୍ନ ଦିଗକୁ ନେଇ ମାହାଙ୍ଗାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ଲକ ଅନ୍ତର୍ଗତ ରାମଚଣ୍ଡୀ କ୍ଲଷ୍ଟରର ମାସିକ ସମୀକ୍ଷା ବୈଠକ ସ୍ଥାନୀୟ ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ମନୋଜ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସିଆରସିସି ଦାସ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କିଭଳି ବିଦ୍ୟାର୍ଥୀମାନଙ୍କ ଦ୍ୱାରା ହାସଲ ହୋଇପାରିବ ଓ ଏଥିରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସେହିଭଳି ବିଦ୍ୟାଳୟସ୍ତରରେ ମଧ୍ୟାହ୍ନଭୋଜନ ଓ ବିଭିନ୍ନ ଅନୁଦାନର ସୁପରିଚାଳନା ସହ ସମସ୍ତ କାଗଜପତ୍ର ଠିକ୍ ଭାବେ ପ୍ରସ୍ତୁତ କରିବାକୁ ସେ କହିଥିଲେ । ଏହି ବୈଠକରେ କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଯୋଗଦେଇଥିଲେ ।

### ଏସ୍ଏଚ୍‌ଜି ସଦସ୍ୟାଙ୍କ ସମସ୍ୟା ବୁଝିଲେ ମିଶନ ଶକ୍ତି ଉପଦେଷ୍ଟା

ମାହାଙ୍ଗା, ୧୫ା୭(ଯଯାତି ସିଂହ): ଓଡିଶା ସରକାରଙ୍କ ମହିଳା ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର ଓ ଜିଲା ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା ଶନିବାର ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଏସ୍ଏଚଜି କର୍ମକର୍ତ୍ତାଙ୍କୁ ଭେଟି ସମସ୍ୟା ବୁଝିଥିଲେ । ଏହି ଅବସରରେ ସେମାନେ ବ୍ଲକ ପରିସରର ସମ୍ମିଳନୀ କକ୍ଷରେ ମହିଳା ସଶକ୍ତୀକରଣ ଓ ନବନିଯୁକ୍ତ ଏମ୍‌ବିକେ ଓ ସିଆରପିମାନଙ୍କ ସହ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ସିଡିପିଓ ପ୍ରମୋଦିନୀ ଦାସ, ବିବିସି ଜ୍ୟୋତିରଞ୍ଜନ ସାହୁ ,ରୋଜାଲିନ ଦାସ, ତପନ କୁମାର ବେହେରା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ ,ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଫେରାରବେଳେ ଛାତରୁ ଖସିପଡ଼ିଲେ

ଭୁବନେଶ୍ୱର,୧୫ା୭ (ସୂର୍ଯ୍ୟକାନ୍ତ ବେହେରା) ମୋବାଇଲ ଚୋରି କରି ଫେରାର ହେଉଥିବା ବେଳେ ଜଣେ ଚୋରକୁ ମହଙ୍ଗା ପଡିଛି। ଛାତରୁ ଗଳିପଡିବାରୁ ଆହତ ହେବା ସହ ଉପସ୍ଥିତ ଥିବା ଯୁବକମାନେ କାବୁ କରି ଭରତପୁର ଥାନା ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ସ୍ଥାନୀୟ ଥାନା ଫୁଲେଶ୍ୱରି ବସ୍ତିରେ ରହୁଥିବା ଗଞ୍ଜାମ ଛତ୍ରପୁରର ପୂର୍ଣ୍ଣ ଚନ୍ଦ୍ର ନାୟକ (୩୧)। ତାଙ୍କଠାରୁ ୫ଟି ମୋବାଇଲ ହୋଇଛି। ସୂଚନା ଅନୁସାରେ ସୁବ୍ରତ ପ୍ରଧାନ ନାମକ ଜଣକ ଯୁବକ ଆଇଗିଣିଆ ଠାରେ ଚାଲିଥିବା ଏକ କନଷ୍ଟ୍ରକସନ ସାଇଟରେ କାମ କରନ୍ତି। ଶୁକ୍ରବାର ରାତିରେ ଅନ୍ୟ ସାଥିଙ୍କ ସହ ସେ ଏକ ରୁମରେ ଶୋଇଥିବା ସମୟରେ, ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ଘରେ ପଶି ମୋବାଇଲ ଫୋନ ଚୋରି କରି ଘଟଣାସ୍ଥଳରୁ ଖସିଯିବା ଲାଗି ଉଦ୍ୟମ କରିବା ବେଳେ ଅଭିଯୁକ୍ତ ପୂର୍ଣ୍ଣ ଛାତ ଉପରୁ ତଳେ ପଡିଯାଇଥିଲେ। ତଳେ ପଡିଯିବା କାରଣରୁ ଅଭିଯୁକ୍ତ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଅଭିଯୋଗକାରୀ ଏବଂ ଅନ୍ୟ ସାଥିମାନେ ତାଙ୍କୁ କାବୁ କରି ପିସିଆର ସହାୟତାରେ ଥାନା ଜିମା ଦେବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ମାମଲାର ସମ୍ପୃକ୍ତ ଥିବା ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଛନ୍ତି ।

# ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲରେ ୬୦ ଫୁଟ ଘାଇ

## ୩୦୦ ଏକର ଚାଷଜମି ଜଳମଗ୍ନ

ଖୁଣ୍ଟୁଣୀ,୧୫ା୭ (ସଚ୍ଚିଦାନନ୍ଦ ପଣ୍ଡା)


ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲରେ ଘାଇ ।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଶନିବାର ଅପରାହ୍ନରେ ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମଠାରେ ନିର୍ମାଣାଧୀନ ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲର ଉଭୟ ପାର୍ଶ୍ୱରେ ୩୦ ଫୁଟ୍ ଲେଖାଏ ଘାଇ ସୃଷ୍ଟି ହୋଇଛି । ଉଦ୍‌ବୃତ୍ତ ବର୍ଷାଜଳ ମାଡିଯିବାରୁ କଣ୍ଟରେଇ, ଡାଲୁଆ, ବାଉଁଶଟାଙ୍ଗର ଓ ସାବିତ୍ରୀପୁର ଗ୍ରାମର ଚାଷୀଙ୍କ ୩୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇଛି। ଫଳରେ ଧାନତଳି ପକାଇଥିବା ଚାଷୀମାନେ ଏବେ ଚିନ୍ତାରେ ପଡିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଓ ଶନିବାର ଦୁଇଦିନ ହେବ ବର୍ଷା ଲାଗି ରହିଛି। ଫଳରେ କପିଳାସ ମୁଣ୍ଡିଆରୁ ପାଣି ଆସି ଡାଲୁଆ ସମେତ ଖଣ୍ଡୁଆଳି ଗ୍ରାମ ପାର୍ଶ୍ୱ ବିଭିନ୍ନ ନାଳ ଓ ଜୋର ଦେଇ ରେଙ୍ଗାଲି କେନାଲରେ ପ୍ରବେଶ କରିଥିଲା। ଏହି କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଡେରା ପର୍ଯ୍ୟନ୍ତ ଖୋଲାଯାଇଥିବାରୁ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ଯାଇପାରି ନ ଥିଲା। ଡାଲୁଆ ଗ୍ରାମଠାରେ ରେଙ୍ଗାଲି କେନାଲର ବନ୍ଧ ସ୍ୱାଭାବିକ ଉଚ୍ଚତାଠାରୁ କମ୍ ରହିଥିବାରୁ ଘାଇ ସୃଷ୍ଟି ହୋଇଥିବା କୁହାଯାଉଛି। ଗତବର୍ଷ ମଧ୍ୟ ଖଣ୍ଡୁଆଳିଠାରେ ଏହି ବନ୍ଧ ଭାଙ୍ଗି ୫୦୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇଥିଲା। ଏପର୍ଯ୍ୟନ୍ତ ଚାଷୀମାନେ ସେମାନଙ୍କ କ୍ଷତିପୂରଣ ପାଇ ନ ଥିବାବେଳେ ଚଳିତବର୍ଷ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ଏ ସମ୍ପର୍କରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ ଜଗତପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ବିନୟ ବିଶ୍ୱାଳ କହିଛନ୍ତି, ରବିବାର ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଯାହା ପଦକ୍ଷେପ ନିଆଯିବ। କେନାଲ କାମ ସମ୍ପୂର୍ଣ୍ଣ ହୋଇଗଲେ ଆଉ ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ସେ କହିଛନ୍ତି।


ମହିଳା ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର ଓ ଜିଲା ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡା ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତର ଏସ୍ଏଚ୍‌ଜି କର୍ମକର୍ତ୍ତାଙ୍କୁ ଭେଟି ସମସ୍ୟା ବୁଝୁଛନ୍ତି ।

# କଲେଜ ଛାତ୍ରୀଙ୍କୁ ଅପହରଣକରି ବିବାହ ଉଦ୍ୟମ

## ୨ ଯୁବକ ଗିରଫ, କାର୍ ଜବତ

ସାଲେପୁର,୧୫ା୭(ଅରବିନ୍ଦ ଭୂୟାଁ):
ଜଣେ ନାବାଳିକା କଲେଜ୍ ଛାତ୍ରୀଙ୍କୁ ଅପହରଣ କରି ଜବରଦସ୍ତ ବିବାହ କରିବା ଉଦ୍ୟମ ପଣ୍ଡ ହୋଇଛି। ସାଲେପୁର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶନିବାର ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଅପହରଣକାରୀ ସାଲେପୁର ଥାନା ଅନ୍ତର୍ଗତ ମହଣ ଗ୍ରାମର ସେକ୍ ଆଫରୋଜ ଓ ତାଙ୍କ ସହଯୋଗୀ ତଥା ଗାଡ଼ି ମାଲିକ ଜିତେନ୍ଦ୍ର ପାତ୍ର।

ଅଭିଯୋଗ ମୁତାବକ, ୩ଦିନ ତଳେ ସ୍ଥାନୀୟ ଏକ କଲେଜକୁ ଅଧ୍ୟୟନ କରିବାକୁ ଆସିଥିବା ଯୁକ୍ତ ୨ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ଏକ କାର୍ ଯୋଗେ ସମ୍ପୃକ୍ତ ୨ ଅଭିଯୁକ୍ତ ଅପହରଣକରି ନେଇଥିଲେ। ଏନେଇ ନାବାଳିକାଙ୍କ ବାପା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨୬/୨୩ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିଥିଲା। ସେହି ଅନୁସାରେ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଗ୍ରାମରେ ଉକ୍ତ ଟିମ୍ ଚଢ଼ାଉକରି ଅପହରଣକାରୀ ଯୁବକଙ୍କ ଭଉଣୀଘରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଅପହରଣକାରୀ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଟିମ୍ କାବୁ କରିଥିଲା। ଅପହୃତରେ ବ୍ୟବହୃତ ଏକ କାର୍‌କୁ ଜବତ କରାଯାଇଛି। ଘଟଣାରେ ଅନ୍ୟ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ପ୍ରକାଶ କରିବା ସହ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛି।

# 'ନିର୍ଦ୍ଦେଶକ ତୃପ୍ତି ବିଶ୍ୱାଳଙ୍କ ଜୀବନ ସଂଘର୍ଷମୟ'

କଟକ,୧୫ା୭ (କାର୍ତ୍ତିକ ସାହୁ)
ମର୍କତ ନଗରସ୍ଥିତ ଇଣ୍ଡିଗୋ ଉଚ୍ଚ ମାଧ୍ୟମିକ ବିଜ୍ଞାନ ଓ ବାଣିଜ୍ୟ ବିଦ୍ୟାଳୟରେ ସିନେ ନିର୍ଦ୍ଦେଶକ ତୃପ୍ତି ବିଶ୍ୱାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା 'ସ୍ମୃତି ତୁମେ ତୃପ୍ତି' ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଭାଗବତ ଶୁକ୍ଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସିନେ କଳାକାର ସଙ୍ଗଠନର ସମ୍ପାଦକ ଶ୍ରୀତମ ଦାସ ଯୋଗଦେଇ କହିଥିଲେ, ତୃପ୍ତି ଭାଇ ଭଲ ନିର୍ଦ୍ଦେଶକ ସହିତ ଜଣେ ଭଲ ମଣିଷ ଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତ୍ରିନୟନ ରଥ ଯୋଗଦେଇ ତୃପ୍ତି ବିଶ୍ୱାଳଙ୍କ ଜୀବନ ସଂଘର୍ଷମୟ ଥିଲା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅଭିନେତ୍ରୀ ମେଘନା ମିଶ୍ର ଯୋଗଦେଇଥିଲେ। ଇଣ୍ଡିଗୋ ବିଦ୍ୟାଳୟର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟେଲି କଳାକାର ଡ. ଧର୍ମଛଡା କୃତଜ୍ଞତା ଜ୍ଞାପନ କରିଥିଲେ। ନିର୍ଦ୍ଦେଶକ ବାସୁଦେବ ବରାଡ, ନିବାରଣ ଷଡ଼ଙ୍ଗୀ, ଅଭିନେତା ସ୍ମୃତି, ହିମାଂଶୁ ଶେଖର ଖୁଣ୍ଟିଆ, ମମତା ଜେନା, ବଳଭଦ୍ର ଦାସ, ମୀନି ସେଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଅଭିନେତା ଶ୍ରୀତମ ଦାସ ଓ ଅଭିନେତ୍ରୀ ମେଘନା ମିଶ୍ରଙ୍କ ସହ ଅନ୍ୟମାନେ ।

## ରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟ ନୂତନ ଗୃହ ପ୍ରତିଷ୍ଠା ଉତ୍ସବ

ବାଙ୍କୀ,୧୫ା୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)
ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତ ରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ମୋ ସ୍କୁଲ ଅଭିଯାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ଅଭିଯାନର ସଭାପତି ରମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ସରପଞ୍ଚ ପ୍ରତିନିଧି ଲଳିତ ମୋହନ ମହାପାତ୍ର, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ରଣା, କାଉନ୍‌ସିଲର ସନାତନ ବେହେରା, ପ୍ରଭାସିନୀ ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତି ସଭ୍ୟ ଶ୍ରୀକାନ୍ତ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସୋମନାଥ ଖଟୁଆ ସଭା ପରିଚାଳନା କରିଥିଲେ। ପୁରାତନ ଛାତ୍ର ବିଜୟ ଗୋଛି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ଦ୍ୱିତୀୟ ଦିବସରେ ୫ ପ୍ରାର୍ଥିପତ୍ର ଦାଖଲ

## ଗୋତରା, ନୃର୍ତାଙ୍ଗ ସରପଞ୍ଚ ଉପନିର୍ବାଚନ

ମାହାଙ୍ଗା,୧୫ା୭(ଯଯାତି ସିଂହ)
ମାହାଙ୍ଗା ବ୍ଲକ ନୃର୍ତାଙ୍ଗ ଓ ଗୋତରା ସରପଞ୍ଚଙ୍କ ବିୟୋଗ ପରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅଗଷ୍ଟ ୯ରେ ନିର୍ବାଚନ ହେବା ପାଇଁ ତାରିଖ ଘୋଷଣା କରାଯାଇଛି । ଏହି ୨ ପଦବୀ ନିମନ୍ତେ ଶନିବାର ନାମାଙ୍କନପତ୍ର ଦାଖଲର ଦ୍ୱିତୀୟ ଦିବସ ଥିଲା। ଏହି ଅବସରରେ ୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନୃର୍ତାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଭାଇ ରଞ୍ଜିତ ବରାଳ ହୋଇଥିବାବେଳେ ଅନ୍ୟ ଜଣେ ହେଲେ ଅଭିରାମ ମହାପାତ୍ର। ସେହିପରି ଗୋତରା ପଞ୍ଚାୟତରେ ସୂର୍ଯ୍ୟକାନ୍ତ ପଣ୍ଡା, ଜଗନ୍ନାଥ ଦାସ ଓ ମନୋରଞ୍ଜନ ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରାଳ ଓ ପଣ୍ଡା ନାମାଙ୍କନପତ୍ର ଦାଖଲ ପାଇଁ ସମର୍ଥକମାନଙ୍କ ସହ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ଏହି ସମୟରେ କଟକ ଜିଲା ମହିଳା ଭାଜପା ସଭାନେତ୍ରୀ ଯାଜ୍ଞସେନୀ ଜେନା, କଟକ ଜିଲା ଉପସଭାପତି ମନୋରଞ୍ଜନ ନାୟକ, ଆଇନଜୀବୀ ଗୌତମ ଶତପଥୀ, ଜିତେନ୍ଦ୍ର ଶତପଥୀ, ରୁଷିକୁମାର ରାଉତ, ଭକ୍ତଚରଣ ସ୍ୱାଇଁ, ଭ୍ରମରବର ବେହେରା, ରତ୍ନାକର ସ୍ୱାଇଁ,ତ୍ରୈଲୋକ୍ୟ ବେହେରା ଓ ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ବିଜେଡି ସଭାପତିଙ୍କ ଭାଇ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ସାଲେପୁର,୧୫ା୭(ଅରବିନ୍ଦ ଭୂୟାଁ)
ସାଲେପୁର ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶଙ୍କ ବଡ଼ଭାଇ ସୁବ୍ରତ ଦାଶଙ୍କ ଅକାଳ ବିୟୋଗ ଘଟିଛି। ଏନେଇ ପାଟପୁର ଗ୍ରାମରେ ତାଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସଞ୍ଜୟ ବେହୁରା, ପ୍ରଭାତ ପାତ୍ର, ଚଳଚ୍ଚିତ୍ର ପ୍ରଯୋଜକ ଦିଲୀପ ଦାଶ, ଜିଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ପୂର୍ବତନ ସରପଞ୍ଚ ବିଭୁତିଭୂଷଣ ଦାଶ, ସରପଞ୍ଚ ପବିତ୍ର ସାମଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିନା ନୋଟିସରେ ଗହଣା ନିଲାମ

## ଋଣ ପ୍ରଦାନକାରୀ ସଂସ୍ଥା ବିରୋଧରେ ଥାନାରେ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୫ା୭
(ଅଶୋକ କୁମାର ମହାପାତ୍ର)
ଋଣ ପ୍ରଦାନକାରୀ ସଂସ୍ଥାରେ ସୁନା ଅଳଙ୍କାର ବନ୍ଧକ ରଖି ଜଣେ ମହିଳା ଟଙ୍କା ନେଇଥିଲେ। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଉକ୍ତ ଅଳଙ୍କାରଗୁଡ଼ିକୁ ବିନା ନୋଟିସ୍‌ରେ ନିଲାମ କରିଦିଆଯାଇଛି। ଏଭଳି ଅଭିଯୋଗ କରିଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ପଞ୍ଚାୟତ ବୋଧଙ୍ଗ ଗ୍ରାମର ଅୟାସ ଅଲ୍ଲୀ ଖାଁଙ୍କ ସ୍ତ୍ରୀ ସିତାରା ଖାତୁନ। ଅଭିଯୋଗ ଅନୁଯାୟୀ, ୨୦୨୨ ମେ' ୧୦ରେ ଖାତୁନ ସାଲେପୁରସ୍ଥିତ ଏକ ଋଣ ପ୍ରଦାନକାରୀ ସଂସ୍ଥାରେ ସୁନା ଅଳଙ୍କାର ବନ୍ଧକ ରଖି ୫୨ ହଜାର ୨୧୦ ଟଙ୍କା ଆଣିଥିଲେ। ସେସବୁ ଅଳଙ୍କାର ମଧ୍ୟରେ ୧୦ ଗ୍ରାମ୍ ୬୦ ମିଲିଗ୍ରାମ୍ ଓଜନର ଏକ ସୁନାହାର, ୩ ଗ୍ରାମ ଓଜନର ଏକ ସୁନା କାନଫୁଲ, ୧ ଗ୍ରାମ ୫୦ ମିଲିଗ୍ରାମ ଓଜନର ଏକ ସୁନାମୁଦି ଥିଲା। ଗତ ୧୩ ତାରିଖରେ ଖାତୁନ ବନ୍ଧକ ସୁନା ଗହଣାକୁ ଆଣିବାକୁ ଉକ୍ତ ସଂସ୍ଥାକୁ ଯାଇଥିଲେ। ସେ ସମୂଳ ସୁଧ ପରିଶୋଧ କରି ବନ୍ଧକ ସୁନାଅଳଙ୍କାର ଫେରାଇ ଦେବା ନିମନ୍ତେ କହିଥିଲେ। ଉକ୍ତ ଅଳଙ୍କାରଗୁଡ଼ିକୁ ନିଲାମ କରିଦିଆଯାଇଥିବାରୁ ଫେରାଇ ହେବ ନାହିଁ ବୋଲି ସେତେବେଳେ ସଂସ୍ଥା ପକ୍ଷରୁ ଖାତୁନଙ୍କୁ କୁହାଯାଇଥିଲା। ବିନା ନୋଟିସରେ ଏପରି କିପରି କଲ ବୋଲି ଖାତୁନ ପଚାରିବାରୁ ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଏ ସମ୍ପର୍କରେ ଋଣ ପ୍ରଦାନକାରୀ ସଂସ୍ଥା କର୍ତ୍ତୃପକ୍ଷ କହିଛନ୍ତି, ସୁନା ବନ୍ଧକ ଲୋନ ନେଇ ସୁଧ ନ ଦେବାରୁ ନୋଟିସ ଜାରି କରାଯାଇଥିଲା। ନିୟମ ଅନୁଯାୟୀ ନିଲାମ କରାଯାଇଛି। ଏ ବିଷୟରେ ଥାନା କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଥାନା ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ କୁହନ୍ତି, ଏନେଇ ତଦନ୍ତ ଜାରି ରହିଛି। ସତ୍ୟାସତ୍ୟ ଥିଲେ ମାମଲା ରୁଜୁ ହେବ।

# ଗୋଷ୍ଠୀ ଶୌଚାଳୟରେ ତାଲା: ଲୋକେ ହଟହଟା

ନିଶ୍ଚିନ୍ତକୋଇଲି,୧୫ା୭
(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ଆଦର୍ଶ ହାଟରେ ଥିବା ଗୋଷ୍ଠୀ ଶୌଚାଳୟ ତାଲା ପଡ଼ିଛି ।

କଟକ ଜିଲା ନିଶ୍ଚିନ୍ତକୋଇଲି ଆଦର୍ଶ ହାଟରେ ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ଗୋଷ୍ଠୀ ଶୌଚାଳୟ ତାଲା ପଡ଼ି ରହୁଛି। ଫଳରେ ହାଟକୁ ଆସୁଥିବା ଚାଷୀ, ବ୍ୟବସାୟୀ ଓ ଖାଉଟି ଶୌଚ ନିମନ୍ତେ ହଟହଟା ହେଉଛନ୍ତି। ଏହି ଶୌଚାଳୟ ଲୋକାର୍ପଣ ହୋଇଥିଲେ ହେଁ ଏହା କୌଣସି କାମରେ ଆସୁ ନ ଥିବା କାରଣରୁ ସରକାରଙ୍କ ବିନିଯୋଗ ଅର୍ଥ ପାଣିରେ ପଡ଼ିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏହି ଆଦର୍ଶ ହାଟକୁ ସୁଦୂର ରାଉରକେଲା, କଟକ, ଭୁବନେଶ୍ୱର, ପାରାଦୀପ, କେନ୍ଦ୍ରାପଡା, ରାଜନଗର, ଯାଜପୁରରୁ ବହୁ ବ୍ୟବସାୟୀ ଆସୁଥିବାବେଳେ ସ୍ଥାନୀୟ ସାଲେପୁର, ମାହାଙ୍ଗା, ଡେରାବିଶ, ନିଶ୍ଚିନ୍ତକୋଇଲି ଆଦି ଅଞ୍ଚଳର ବହୁ ଚାଷୀ, ଖାଉଟି ଓ ବ୍ୟବସାୟୀ ନିର୍ଭରଶୀଳ। ପୂର୍ବରୁ ଏହି ହାଟରେ କୌଣସି ଶୌଚାଳୟ ନ ଥିଲା। ଲୋକଙ୍କ ସମସ୍ୟାକୁ ଆଖି ଆଗରେ ରଖି ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ହାଟ ନିର୍ମାଣ କରିବା ସହ ଏହି ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଗତ ୨୦୨୧ ଡିସେମ୍ବର ୧୯ରେ ବିଧାୟକ ଜେନା ଏହି ଗୋଷ୍ଠୀ ଶୌଚାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କଟକ ଜିଲା ପରିମଳ ମିଶନ ବିଭାଗ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। ଏଠାରେ ପୁରୁଷ, ମହିଳାଙ୍କ ସମେତ ଦିବ୍ୟାଙ୍ଗମାନଙ୍କ ସ୍ନାନ ଓ ମଳମୂତ୍ର ତ୍ୟାଗ ପାଇଁ ବ୍ୟବସ୍ଥା କରାଯାଇଥିଲା। ବିଶେଷକରି ନିଶ୍ଚିନ୍ତକୋଇଲି ବ୍ୟବସାୟୀ ସଂଘ ସଭ୍ୟମାନେ ଏଥିଯୋଗୁ ଉପକୃତ ହେଉଥିଲେ। କିନ୍ତୁ ଉଦ୍‌ଘାଟନର ମାତ୍ର ଅଳ୍ପଦିନ ପରେ ଏହି ଗୋଷ୍ଠୀ ଶୌଚାଳୟଟି କୌଣସି କାମରେ ନ ଆସି ଅଚଳ ହୋଇଯାଇଛି। ପ୍ରଶାସନ ତରଫରୁ ଏହି ଶୌଚାଳୟରେ ତାଲା ଝୁଲାଇ ଦିଆଯାଇଛି। ଫଳରେ ଲୋକେ ଶୌଚ ହେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ସିଂ କୁହନ୍ତି, ହାଟରେ ହୋଇଥିବା ଶୌଚାଳୟକୁ ଲୋକେ ଠିକ୍ ଭାବେ ଉପଯୋଗ କରୁ ନ ଥିବାବେଳେ ଅପରିଷ୍କାର କରୁଛନ୍ତି। ତେଣୁ ସେଠାରେ କେବଳ ୨ଟି ଶୌଚାଳୟ ଖୋଲା ରଖାଯାଇଛି। ଅନ୍ୟ ୨ଟି ବନ୍ଦ ରହିଛି।


ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ କଟକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


କଟକ ସହିଦ ଭବନରେ ସହୋଦୟ ପୂର୍ବାଞ୍ଚଳ ବିଦ୍ୟାଳୟ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ୩୫ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



ଜଟଣୀ,୧୫।୭ (ରବୀନ୍ଦ୍ର ନାଥ ମହାକୁଡ଼): ଗଞ୍ଜେଇ ଚାଲାଣ ଅଭିଯୋଗରେ ଖୋର୍ଦ୍ଧାରୋଡ୍ ଜିଆରପି ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ନାଉଗାଁ ଅଞ୍ଚଳର ବବୁଲାଲ ସାହୁ(୩୫)। ତାଙ୍କ ନିକଟରୁ ୩୫ କେଜି ୮୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ଏନଡିପିଏସ ଆକ୍ଟରେ ଜିଆରପି ଥାନାରେ ଏକ ମାମଲା (ନଂ.୫୯/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ସୂଚନା ମୁତାବକ, ଗତ ଶୁକ୍ରବାର ଖୋର୍ଦ୍ଧାରୋଡ ରେଲୱେ ସୁରକ୍ଷା ବଳ ଏବଂ ଜିଆରପି ରେଳ ଷ୍ଟେଶନରେ ଚଢ଼ାଉ କରିଥିଲେ। ବାବୁଲାଲ ଟ୍ରେନକୁ ଅପେକ୍ଷା କରିଥିବା ଦେଖିବାକୁ ପାଇଥିଲେ। ସନ୍ଦେହରେ ତାଙ୍କୁ ପଚରାଉଚରା କରିବା ବେଳେ ବିଳାସପୁରକୁ ଗଞ୍ଜେଇ ଚାଲାଣ କରିବା ପାଇଁ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଟ୍ରେନ ପାଇଁ ଅପେକ୍ଷା କରିଥିଲେ ବୋଲି ସ୍ୱୀକାର କରିଥିଲେ। ଏହା ପରେ ତାଙ୍କୁ ଗିରଫ କରାଯାଇଥିଲା।

### ଟ୍ରକ୍ ବ୍ୟାଟେରି ଜବତ, ଜଣେ ଗିରଫ

ଜଟଣୀ,୧୫।୭(ରବୀନ୍ଦ୍ର ନାଥ ମହାକୁଡ଼): ଟ୍ରକ୍ ବ୍ୟାଟେରି ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଡ଼ତୋଟା ଗ୍ରାମର କାଲୁ ଓରଫ ଅର୍ଜୁନ ମହାପାତ୍ର(୨୬)। ତାଙ୍କ ନିକଟରୁ ଚୋରି ଟ୍ରକ ବ୍ୟାଟେରି ଜବତ ହୋଇଛି। ସୂଚନା ମୁତାବକ, ବଡ଼ତୋଟା ଅଞ୍ଚଳର ଶଙ୍କର୍ଷଣ ମହାପାତ୍ର ପ୍ରତିଦିନ ନିଜ ଟ୍ରକକୁ ବାଟମହାବୀର ଦେବଙ୍କ ମନ୍ଦିର ନିକଟରେ ରଖିଥାନ୍ତି। ଗତ ଶୁକ୍ରବାର ଶଙ୍କର୍ଷଣ ଟ୍ରକ ନିକଟକୁ ଯାଇଥିବା ବେଳେ କାଲୁ ଏବଂ ତାର କେତେଜଣ ସହଯୋଗୀ ଟ୍ରକରୁ ବ୍ୟାଟେରି ଚୋରି କରୁଥିବା ଦେଖିବାକୁ ପାଇଥିଲେ। ଶଙ୍କର୍ଷଣ ଓ ସ୍ଥାନୀୟ ଲୋକେ କାଲୁଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଏନେଇ ଶଙ୍କର୍ଷଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬୧/୨୩) ରୁଜୁ କରି କାଲୁଙ୍କୁ ଗିରଫ କରିଥିଲା।

### ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଜଟଣୀ,୧୫।୭(ରବୀନ୍ଦ୍ର ନାଥ ମହାକୁଡ଼): ଗଣେଶ ପୂଜା ପାଇଁ ଶନିବାର ଜଟଣୀ ଗୋପବନ୍ଧୁ ବଜାର ଗଣେଶ ପୂଜା କମିଟି ପକ୍ଷରୁ ସ୍ଥାନୀୟ ବିଷ୍ଣୁ ଦେବଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘର ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଗଣେଶ ପୂଜାକୁ କିପରି ସରସ ସୁନ୍ଦର ଏବଂ ଜନାଦୃତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ପୂଜା କମିଟିର ସମ୍ପାଦକ ବିଷ୍ଣୁପ୍ରସାଦ ରାଉତ ଚଳିତ ବର୍ଷ ପୂଜା ଆୟୋଜନର ବ୍ୟୟ ଅଟକଳ ହିସାବ ରଖିଥିଲେ। ଚଳିତ ବର୍ଷ ୧୫ ଲକ୍ଷ ଟଙ୍କାରେ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଯୋଜନା ରହିଛି। ଲଡୁ ନିଲାମ ପ୍ରକ୍ରିୟା, ପୂଜା ସମୟରେ ସାଜସଜ୍ଜା, ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭସାଣକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟୀ ସଂଘର ବିଜୟ ରାଉତ, ଇରାନୀ ସ୍ୱାଇଁ, ଆଶିଷ ଅଗ୍ରୱାଲ, ସନ୍ତୋଷ ବାରିକ, ଏ.କେ. ପଟଯୋଶୀ, ରଞ୍ଜନ କୁମାର ସସମଲ, ହିମାଂଶୁ ଦାସ, କ୍ଷୀରୋଦ ସାହୁ, ରଙ୍ଗ ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୧୨ବର୍ଷ ହେଲା ରେଗୁଲାର ପେନ୍‌ସନ ପାଉନାହାନ୍ତି ଶିକ୍ଷକ

## ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା

ଖୋର୍ଦ୍ଧା,୧୫।୭(ପ୍ରଭାତ ପାଣିଗ୍ରାହୀ)



ପେନ୍‌ସନ ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ଲାଗି ନିକଟରେ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଖୋର୍ଦ୍ଧା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅବସରପ୍ରାପ୍ତ କର୍ମଚାରୀ ପେନ୍‌ସନ ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ସେମାନଙ୍କୁ ବିଭିନ୍ନ ଆଳ ଦେଖାଇ ବିଳମ୍ବ କରାଯାଉଛି ବୋଲି ଅଭିଯୋଗ ଆଣି ରାସ୍ତାକୁ ଓହ୍ଲାଇଛନ୍ତି ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ। ଶନିବାର ସଂଘ ସମ୍ପାଦକ ଦେବରାଜ ପ୍ରଧାନଙ୍କ ନେତୃତ୍ୱରେ ଏକାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଥିଲେ। ଜିଲା ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି, ବରିଷ୍ଠ ଶିକ୍ଷକ ନେତା ବଟକୃଷ୍ଣ ପରିଡ଼ା, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଉପସଭାପତି ଅକ୍ଷୟ ଦାସ, ପ୍ୟାରୀମୋହନ ଦାସ ପ୍ରମୁଖ ପହଞ୍ଚି ପେନସନ୍ ପ୍ରଦାନରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଅବଗତ ସତ୍ତ୍ୱେ ବିଇଓଙ୍କ ପକ୍ଷରୁ କୌଣସି ସମାଧାନ କରାଯାଉନାହିଁ। ପ୍ରାୟ ୧୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପେନ୍‌ସନ୍ ସମ୍ବନ୍ଧୀୟ କାଗଜପତ୍ର ତ୍ୱରାନ୍ୱିତ କରାଯାଉନାହିଁ। ଫଳରେ ଶିକ୍ଷକମାନେ ପ୍ରାପ୍ୟ ପାଇବାକୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଫେବୃୟାରୀରେ ପେନ୍‌ସନ୍ ସମ୍ବନ୍ଧୀୟ ସାମୂହିକ ଅଭିଯୋଗ ଉପରେ ସପ୍ତାହକ ମଧ୍ୟରେ ସମସ୍ତ ଯାଞ୍ଚ ସାରିବାକୁ ବିଇଓଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାରି ମାସ ହେବ କୌଣସି ପଦକ୍ଷେପ ନେଲେନାହିଁ। ସେବା ପୁସ୍ତିକା ବିଳମ୍ବରେ ପଠାଇଲେ। ସିସିଆର୍, ରିଜୋଲୁଶନ କପି ନ ପଠାଇ ଶିକ୍ଷକମାନଙ୍କୁ ହଇରାଣ କରୁଛନ୍ତି। ଶିକ୍ଷକଙ୍କ ସର୍ଭିସ୍ ରେଗୁଲାର କରୁନାହାନ୍ତି । କେତେଜଣ ଶିକ୍ଷକଙ୍କ ମାଧ୍ୟମରେ ଟଙ୍କା ଆଦାୟ କରାଯାଉଛି। କେତେକ ଶିକ୍ଷକ ୧୨ରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ଦେଇ ପେନ୍‌ସନ୍ ସମ୍ବନ୍ଧୀୟ କାର୍ଯ୍ୟ କରିଛନ୍ତି । ବିଭିନ୍ନ ସମୟରେ କାର୍ଯ୍ୟାଳୟକୁ ଅଭିଯୋଗ ଏବଂ ସାକ୍ଷାତ୍ ପାଇଁ ଆସୁଥିବା ଶିକ୍ଷକମାନଙ୍କୁ ଅଫିସ୍ କାମରେ ବ୍ୟସ୍ତ, ମିଟିଂରେ ଅଛି ଆଳ ଦେଖାଇ ସହଯୋଗ କରୁନାହାନ୍ତି । ପ୍ରତିବାଦ କଲେ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ମଧ୍ୟ ଦିଆଯାଉଛି। ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅଦାଲତର ଆଶ୍ରୟ ନେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସ ଏହାର ଅନୁସନ୍ଧାନ ଆରମ୍ଭ କରିଛି ବୋଲି ସଂଘର ଏକାଧିକ କର୍ମୀ କହିଛନ୍ତି। ଦୀର୍ଘ ୧୨ରୁ ୧୩ ବର୍ଷ ହେବ ଶିକ୍ଷକମାନେ ରେଗୁଲାର ପେନସନ୍ ପାଉନାହାନ୍ତି। ଏ ଦିଗରେ ବିଇଓ ଆବଶ୍ୟକ କାଗଜପତ୍ର ତ୍ୱରାନ୍ୱିତ କରୁନହାନ୍ତି। ଖୋର୍ଦ୍ଧା ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ସୁଧାକର ମହାପାତ୍ର, ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ପ୍ରସନ୍ନ ମହାପାତ୍ର, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ଜିଲା ସମ୍ପାଦକ ଅଗାଧୁ ସେଠୀ, ବରିଷ୍ଠ ଶିକ୍ଷକ ନେତା ଅଭିରାମ ବେହେରା, ଶିକ୍ଷକ ମହାସଂଘର ବୈକୁଣ୍ଠ ମହାରଣା, ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟି ଓ ଖୋର୍ଦ୍ଧା ଜିଲା ମଜଦୁର ସଂଘର କିଶୋର ପରମଗୁରୁ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ସଂଘର ଦାବିକୁ ସମର୍ଥନ ଜଣାଇଥିଲେ। ଅବସରପ୍ରାପ୍ତ ଶିକ୍ଷକମାନଙ୍କ ପେନସନ୍ ସମସ୍ୟାକୁ ବିଭାଗୀୟ ଅଧିକାରୀ ତୁରନ୍ତ ସମାଧାନ କରିବାକୁ ବକ୍ତବ୍ୟ ରଖିଥିଲେ । ଅପରାହ୍ନରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ମଣ୍ଡଳ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଆସନ୍ତା ୨୫ ତାରିଖ ମଧ୍ୟରେ ପେନସନ୍ ପାଉ ନ ଥିବା ୧୪ ଜଣ ଶିକ୍ଷକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଧାରଣା ସ୍ଥଗିତ ରଖାଗଲା ବୋଲି ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପ୍ରଧାନ, ବିଜୟିନୀ ତ୍ରିପାଠୀ, ରୋଜାଲିନ୍ ଦାସ, ପଦ୍ମଚରଣ ମହାପାତ୍ର, ଭକ୍ତବତ୍ସଳ ଜେନା, ଗୌରଚରଣ ତ୍ରିପାଠୀ, ବିନୟ କୁମାର ତ୍ରିପାଠୀ, ସତ୍ୟବାନ୍ ଶ୍ରୀଚନ୍ଦନ ପ୍ରମୁଖ କହିଛନ୍ତି।

## ରାଜ୍ୟସ୍ତରୀୟ ମେଧାବୃତ୍ତି: ପଞ୍ଚମ ସ୍ଥାନରେ ରୁଦ୍ରନାରାୟଣ



ବୋଲଗଡ଼,୧୫।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ା ଗ୍ରାମର ଉପେନ୍ଦ୍ର କୁମାର ସୁବୁଦ୍ଧି ଏବଂ ତିଳୋତ୍ତମା ସାହୁଙ୍କ ପୁଅ ରୁଦ୍ରନାରାୟଣ ସୁବୁଦ୍ଧି ଭାରତୀୟ ଶିକ୍ଷା ପରିଷଦ ଓଡ଼ିଶା, ଭୁବନେଶ୍ୱର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ମେଧାବୃତ୍ତି ପରୀକ୍ଷାରେ ୮୨ ନମ୍ବର ରଖି ସମଗ୍ର ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେ ମାଣିକାଗୋଡ଼ା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ଥ ଶ୍ରେଣୀର ଛାତ୍ର। ଏହି ପରୀକ୍ଷାରେ ସମଗ୍ର ରାଜ୍ୟରୁ ୩୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ଖୋର୍ଦ୍ଧା ଜିଲାର ଦୁଇ ଜଣ ପ୍ରଥମ ପାଞ୍ଚଜଣଙ୍କ ମଧ୍ୟରେ ରହିଛନ୍ତି। ଉକ୍ତ ସଫଳତା ପାଇଁ ରୁଦ୍ରନାରାୟଣ ସ୍କୁଲର ସମସ୍ତ ଗୁରୁଜୀ, ଗୁରୁମା ଏବଂ ମା'ବାପାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।



ବୋଲଗଡ଼ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ଲାକାର୍ଡ ମାଧ୍ୟମରେ ଡେଙ୍ଗୁ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଡେଙ୍ଗୁ ସଚେତନତା ବାର୍ତ୍ତା ନେଇ ଗାଁ ପରିକ୍ରମା

ବୋଲଗଡ଼,୧୫।୭(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଡେଙ୍ଗୁ ସଚେତନତା ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଓ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରଙ୍ଗଣି ସମାଜର ସଭାପତି ଡମ୍ବରୁଧର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ବିଚିତ୍ର ଘଡ଼େଇ, ସ୍ମିତାସିନ୍ଧୁ ମହାପାତ୍ର, ସମ୍ବିତ୍ କେଦାର କର, ଶ୍ରଦ୍ଧାଞ୍ଜଳି ବେହେରା, ବିଶ୍ୱଜିତ୍ ସରୋଜ କୁମାର, ପ୍ରମୋଦ କୁମାର ସାହୁ, ସୌଦାମିନୀ ପରିଡ଼ାଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ସଂପୁର ଗ୍ରାମର ପ୍ରତ୍ୟେକ ସାହିରେ ପ୍ଲାକାର୍ଡ ଧରି ଜଳପାତ୍ର ଘୋଡ଼ାଇ ରଖିବା, ମଶା ଜମିବା ସ୍ଥାନ ନଷ୍ଟ କରିବା, ଡେଙ୍ଗୁର ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ କରିବା ଆଦି ସ୍ଲୋଗାନ୍ ଦେଇ ଜନସଚେତନତା କରାଇଥିଲେ। ଏଥିରେ ବିଭୁ ପ୍ରସାଦ ମହାପାତ୍ର, ଶ୍ରୋତାଲିନୀ ସାହୁ, ସ୍ନେହଲତା ପାଇକରାୟ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ

ବୋଲଗଡ଼,୧୫।୭(ଦେବବ୍ରତ ହୋତା)

ମଣ୍ଡି ମାଧ୍ୟମରେ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଅଗଷ୍ଟ ୧୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା ୨୨ଟି ସେବା ସମବାୟ ସମିତି କାର୍ଯ୍ୟାଳୟରୁ ଚାଷୀମାନେ ନିର୍ଦ୍ଧାରିତ ଫର୍ମ ଗ୍ରହଣ କରି ସେଥିରେ ଆବଶ୍ୟକୀୟ ବିଷଦ ବିବରଣୀ ପୂରଣ କରି ଆବେଦନ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜୀକରଣ କାର୍ଯ୍ୟକ୍ରମରେ ଭାଗ ନେବେ। ବିଷଦ ବିବରଣୀ ସହ ଦରଖାସ୍ତ କରି ଚାଷୀ ସମିତିରେ ନୂତନ ଭାବେ ପଞ୍ଜୀକରଣ କରିବା ଆବଶ୍ୟକ ବୋଲି ପିଠୁକୁଳି ସେବା ସମବାୟ ସମିତି ସଭାପତି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ପବିତ୍ର ମୋହନ ମାଝି କହିଛନ୍ତି। ସେହିପରି ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ସଭାପତି ପ୍ରକାଶ ରାଉତରାୟଙ୍କ କହିବା ଅନୁଯାୟୀ, ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନ କରି ଶୀଘ୍ର ପଞ୍ଜୀକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କଲେ ଏହା ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବାରେ ସହାୟକ ହେବ। ପ୍ରକାଶ ଯେ, ଏହି ଖରିଫ ଧାନ ସଂଗ୍ରହ ନଭେମ୍ବର ୧ରୁ ୨୦୨୪ ମାର୍ଚ୍ଚ ୩୧ ମଧ୍ୟରେ ମଣ୍ଡି ମାଧ୍ୟମରେ ପରିଚାଳିତ ହେବ।

## ଗଣେଶ୍ୱର ସଭାପତି, ରତିକାନ୍ତ ସମ୍ପାଦକ

ବେଗୁନିଆ,୧୫।୭(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ-ଜୟମଙ୍ଗଳ ସରକାରୀ ପଞ୍ଚପଲ୍ଲୀ ବାଉତି ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓଷ୍ଟା ଆନୁକୂଲ୍ୟରେ ଆୟୋଜିତ ବୈଠକରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସମ୍ପାଦକ ସୁଧାକର ମହାପାତ୍ର, କାର୍ଯ୍ୟକାରୀ କମିଟିର ସଭ୍ୟ ବିଶ୍ୱନାଥ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ଗଣେଶ୍ୱର ମିଶ୍ର, ସମ୍ପାଦକ ରତିକାନ୍ତ କହଲସିଂହ, କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ମିଶ୍ର, ଉପସଭାପତି ବ୍ରହ୍ମାନନ୍ଦ ମିଶ୍ର, ପ୍ରଭାତ ସାହୁ, ଲୋପାମୁଦ୍ରା ସେଠୀ, ସହସମ୍ପାଦକ ଅକ୍ଷୟ ମହାପାତ୍ର, ସ୍ୱର୍ଣ୍ଣପ୍ରଭା ଦେଈ, ନିରଞ୍ଜନ ବଡ଼ଜେନା ଓ ସଙ୍ଗଠନ ସମ୍ପାଦକ ଭାବେ ବଂଶୀଧର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି। ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ ସଭିଏଁ ଏକ ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ସଙ୍କଳ୍ପ କରିଥିଲେ। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଡ. ଗଣେଶ୍ୱର ସ୍ୱାଇଁ, ସନ୍ତୋଷ କୁମାର ପଟ୍ଟନାୟକ, ନମିତାରାଣୀ ମହାରଥୀ, ଅମରେନ୍ଦ୍ର ସାମନ୍ତରାୟ, କବିତା ଦତ୍ତ, ଗୁରୁବାରି ସାହୁ, ପ୍ରତିଭାରାଣୀ ମହାପାତ୍ର ଏବଂ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ସୀତାକାନ୍ତ ମିଶ୍ର, ଶିଶିର କୁମାର ଦାସ, ରିତା ନାୟକ, ଚିନ୍ମୟୀ ପରିଡା, ଶିବାନୀ ବେହେରା, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।


ଜଟଣୀ ରେଲ୍‌ୱେ ଗୋଲେଇ ମାର୍କେଟ ଅଞ୍ଚଳରେ ଦୀର୍ଘଦିନ ଧରି ପଡ଼ିରହିଥିବା ଅଳିଆଆବର୍ଜନା।

## କଣ୍ଟେନର ପଛକୁ ଧକ୍କାଦେଲା ଟାଟା ଏସିଇ, ଜଣେ ମୃତ

ବାଲୁଗାଁ,୧୫।୭(ସଂଗ୍ରାମ ପାଇକରାୟ)



୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତାର କୋତରୀ ଛକଠାରେ ଶୁକ୍ରବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ମରାମତି ପାଇଁ ରହିଥିବା ଏକ କଣ୍ଟେନର ପଛକୁ ଟାଟା ଏସିଇ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଲେଶ୍ୱର ଅଞ୍ଚଳର ମଙ୍ଗୁଳୁଧର ମଲ୍ଲିକ। ଆହତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କୋତରୀ ଛକଠାରେ ଏକ କଣ୍ଟେନର ବ୍ରେକ୍‌ଡାଉନ ହୋଇ ରାସ୍ତାପାର୍ଶ୍ୱରେ ମରାମତି ପାଇଁ ଠିଆ ହୋଇଥିଲା। ରାତି ପ୍ରାୟ ୩ଟାରେ ଗଞ୍ଜାମ ଜିଲା ହୁମ୍ମା ଅଞ୍ଚଳରୁ ଶୁଖୁଆ ବୋଝେଇ ଏକ ଟାଟା ଏସିଇ ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଉକ୍ତ କଣ୍ଟେନର ପଛକୁ ଧକ୍କା ଦେଇଥିଲା। ଫଳରେ ଟାଟା ଏସିଇ ଗାଡ଼ି ସମ୍ମୁଖରେ ବସିଥିବା ମଙ୍ଗୁଳୁ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଖରେ ବସିଥିବା କୃଷ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିଲା। ଟାଟା ଏସିଇ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୫/୨୩) ରୁଜୁକରି ତଦନ୍ତ ଚଳାଇଛି।

## ଧାର୍ଯ୍ୟ ସମୟରେ ସରିଲାନି ଜଟଣୀ ଓଭରବ୍ରିଜ୍ କାମ

ଜଟଣୀ,୧୫।୭(ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ସୀତାରାମ ଛକ (ଆନ୍ଧ୍ରବ୍ୟାଙ୍କ)ଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଚାଲିଥିବା ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆସନ୍ତା ୧୫ ତାରିଖରେ ସରିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ କୁଦିଆରୀ ବଜାର ଓଭରବ୍ରିଜ୍ ନିକଟରେ ସୂଚନା ଫଳକ ଲଗାଯାଇ ଉକ୍ତ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟର ବିବରଣୀ ପ୍ରଦାନ କରାଯାଇଛି। ତେବେ ଓଭରବ୍ରିଜ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରିଲା ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଓଭରବ୍ରିଜ୍ କାମ ଶେଷ ହୋଇଛି ବୋଲି ଗତ ୧୧ତାରିଖରେ ବିଧାୟକ ସୁରେଶ କୁମାର ରାଉତରାୟ କହିବା ସହିତ ଓଭରବ୍ରିଜ୍ ପରିଦର୍ଶନ କରି ଦୀପ, ଧୂପ ଲଗାଇ ନଡ଼ିଆ ବାଡ଼େଇଥିଲେ। ଆସନ୍ତା ଅଗଷ୍ଟ ୧୫ରେ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଓଭରବ୍ରିଜ୍‌ର ଉଦ୍‌ଘାଟନ କରିବେ। ଓଭରବ୍ରିଜ ଉପରେ ଲୋକମାନେ ଯାତାୟାତ କରିପାରିବେ ବୋଲି ବିଧାୟକ ରାଉତରାୟ ଉକ୍ତ ସମୟରେ କହିଥିଲେ। ତେବେ ଓଭରବ୍ରିଜ୍ କାମ ସରି ନ ଥିବାବେଳେ ଖୋର୍ଦ୍ଧା ଆର୍‌ଆଣ୍ଡବି ଏସ୍‌ଡିଓ ଅବିନାଶ ଲେଙ୍କା କହିଛନ୍ତି, ଓଭରବ୍ରିଜ୍ କାମ ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା ଜାରି ରଖିଛୁ। ତେଣୁ ଏହା ଉପରେ ଏବେ ଯାତାୟାତ କରିବା ବିପଜ୍ଜନକ।


ଜଟଣୀ ଓଭରବ୍ରିଜ୍ କାମ ଚାଲୁ ରହିଛି।

## 'ଶାନ୍ତି ପ୍ରତିଷ୍ଠା ପାଇଁ ସଦ୍‌ଭାବନା ମନୋଭାବକୁ ଶାଣିତ କର'

ବେଗୁନିଆ,୧୫।୭(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବଡ଼ବେରଣା ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହ ପରିସରରେ ଶନିବାର ସାରସ୍ୱତ ଆସର ତଥା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନ୍ୟାୟବିତ୍ ସ୍ୱର୍ଗତ ସଚ୍ଚିଦାନନ୍ଦ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ 'ମାନବତାର ଆହ୍ୱାନ ଶାନ୍ତି, ମୈତ୍ରୀ ଓ ସମଦର୍ଶନ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂସଦର ସମ୍ପାଦକ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବୋଲଗଡ଼ ବ୍ଲକ ଏବିଡିଓ ରତିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା ବକ୍ତା ଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ବନଖଣ୍ଡ ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡା, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ନ୍ୟାୟବିତ୍ ସ୍ୱର୍ଗତ ସଚ୍ଚିଦାନନ୍ଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କ ପୁଅ ତଥା କାର୍ଯ୍ୟକ୍ରମର ଆବାହକ ଡା. ଅମରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ମଙ୍ଗଳାଚରଣ ପାଠ କରାଯାଇଥିଲା। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପାଶ୍ଚାତ୍ୟ ସଭ୍ୟତାରେ ମାନବ ସମାଜର ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ମନୋଭାବକୁ ଶାଣିତ କଲେ ସାରା ବିଶ୍ୱ ବ୍ରହ୍ମାଣ୍ଡରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ପ୍ରସନ୍ନ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଜିଲ୍ଲାର ବହୁ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। କବି ଗଙ୍ଗାଧର ଓଝା, ନରୋତ୍ତମ ବେହେରା, ବ୍ରଜବନ୍ଧୁ ପଣ୍ଡା, ହରିବନ୍ଧୁ ପଣ୍ଡା, ବସନ୍ତ ହୋତା, ବସନ୍ତ ସାହୁ, ଜଗଦୀଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୭।୨୦୨୩

| ୪,୦୧,୭୫୭ ଟଙ୍କା | |
|---|---|
| ସୁନା | ୩ ଗ୍ରାମ୍ |
| ରୁପା | ୭୨ ଗ୍ରାମ୍ |

# ବର୍ଷାରେ ଅସ୍ତବ୍ୟସ୍ତ ପୁରୀବାସୀ

ପୁରୀ,୧୫।୭(ଅଜିତ୍ ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନିଭୂତ ହୋଇ ଲଘୁଚାପ ରୂପ ନେଉଥିବା ସୂଚନା ମିଳିଛି। ଏହାର ପ୍ରଭାବରେ ପୁରୀ ସମେତ ରାଜ୍ୟର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଲଘୁଚାପ କାରଣରୁ ଶୁକ୍ରବାର ମଧ୍ୟ ରାତିରୁ ସହରରେ ବର୍ଷା ଲାଗି ରହିଥିଲା। ମୂଷଳ ଧାରାରେ ବର୍ଷା ରାତି ତମାମ ହୋଇଥିଲା। ଏପରିକି ଶନିବାର ଦିନ ସାରା ମଧ୍ୟ ବର୍ଷା ହୋଇଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲଗାଣ ବର୍ଷା ଫଳରେ ପୁରୀ ସହରର କିଛି ଅଞ୍ଚଳ ଏବଂ ବିଶେଷ କରି ତଳିଆ ଅଞ୍ଚଳରେ ଆସ୍ତେ ଆସ୍ତେ ବର୍ଷାଜଳ ଜମିବା ଆରମ୍ଭ କରିଛି। ଯଦି ଏପରି ବର୍ଷା କିଛି ଦିନ ଲାଗି ରହେ, ତେବେ ବିଶେଷ କରି ପୁରୀର ସୁଜାତା ନଗର, ମାଟି ତୋଟା, ବାଲି ଘାଟ, ବଳିଆ ପଣ୍ଡା, ପରୀ ସହରର ଅନେକ ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଜଳ ବନ୍ଦୀ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ସେହିଭଳି ଲଘୁଚାପ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରରେ ଧୀବରମାନଙ୍କୁ ମାଛ ଧରିବାରେ ମଧ୍ୟ ବାରଣ କରାଯାଉଛି। ଅନ୍ୟପଟେ ଅନେକ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ



ଶନିବାର ଲଗାଣ ବର୍ଷା ସତ୍ତ୍ୱେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁ ଛତା ଧରି ଧାଡିରେ ଅପେକ୍ଷା କରିଛନ୍ତି ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ମଧ୍ୟ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ବର୍ଷା କାରଣରୁ ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ଦେଖିବକୁ ମିଳିଛି।

ଅପରପକ୍ଷରେ ପୁରୀ ସହର



ମଙ୍ଗଳାନଦୀର ମୁହାଣ ପୋତି ହେବା ଯୋଗୁ ସମୁଦ୍ରକୁ ଯାଉଥିବା ବନ୍ୟାଜଳ ଅଟକି ଯାଉଛି ।

ଉପକଣ୍ଠ ଦେଇ ମଙ୍ଗଳା ନଦୀ ପ୍ରବାହିତ ହେଉଛି। ମଙ୍ଗଳା ନଦୀର ଜଳ ପୁରୀ ସହର ପାଖ ଦେଇ ଷ୍ଟଲିନ୍ ନିକଟରେ ସମୁଦ୍ରରେ ମିଶିଥାଏ। ବର୍ଷା ଋତୁ ସମୟରେ ପ୍ରବଳ ଜଳ ଉକ୍ତ ନଦୀରେ ପ୍ରବାହିତ ହେଉଥିବା କାରଣରୁ ନଦୀ ଉଗ୍ରରୂପ ନେବା ସହ ପୁରୀ ଉପକଣ୍ଠରେ ଥିବା ତଳିଆ ଅଞ୍ଚଳ ଏବଂ ଜନବସତିରେ ଜଳ ପଶିଥାଏ। ଫଳରେ ଲୋକମାନେ ଜଳ ବନ୍ଦି ହୋଇ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେବେ ନଦୀର ଜଳ ଷ୍ଟଲିନ ନିକଟରେ ଥିବା ମଙ୍ଗଳା ମୁହାଣ ଦେଇ ସମୁଦ୍ର ମଧ୍ୟକୁ ପ୍ରବେଶ କରିବା ସହ ସମୁଦ୍ରରେ ନଦୀ ପାଣି ମିଶିଥାଏ। ତେବେ ଏହି ନଦୀ ଜଳ ନିଷ୍କାସିତ ହେଉଥିବା ମୁହାଣ କିଛି ବର୍ଷ ହେବ ପୋତି ହୋଇଯାଉଛି। ଫଳରେ ନଦୀ ପାଣି ସମୁଦ୍ରକୁ ନିଷ୍କାସନ ହୋଇପାରୁ ନାହିଁ। ଅନେକ ସମୟରେ ନୂତନ ମହାଣ ସୃଷ୍ଟି ହେବା ସହ ସମୁଦ୍ର କୂଳ ଖାଉଥିବା ଦେଖିବାକୁ ମିଳିଥାଏ। ବର୍ତ୍ତମାନ ମୁହାଣଟି ପୋତି ହୋଇ ପ୍ରାୟତଃ ବନ୍ଦ ହୋଇ ରହିଛି। ଫଳରେ ଆଗାମୀ ଦିନରେ ଲଗାଣ ବର୍ଷା ସହ ବନ୍ୟା ସମୟରେ ନଦୀର ବନ୍ୟା ଜଳ ନିଷ୍କାସନ ନ ହୋଇ ପାରି ପୁରୀ ସହରର ତଳିଆ ଅଞ୍ଚଳ ତଥା ଉପକଣ୍ଠରେ ଏକ କୃତିମ ବନ୍ଯା ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ତେଣୁ ପ୍ରଶାସନ ମୁହାଣର ଯାଞ୍ଚ କରି ମୁହାଣ ଖନନ କରିବାକୁ ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି।

## ଫନୀ ସହାୟତା ନେଇ ପ୍ରଶାସନ ସହ କମିଟିର ଆଲୋଚନା

ପୁରୀ,୧୫।୭(ଅଜିତ ମହାନ୍ତି)

ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାରେ ବିଳମ୍ବ, ଉଚିତ ହିତାଧିକାରୀଙ୍କୁ ଚୟନ କରା ନଯାଇ ଯାହାର ତିନିତାଲା କୋଠା କିଛି ନହୋଇ ଫନି ସହାୟତାରେ ଘର ପାଇଥିବା ନେଇ ହୋଇଥିବା ଅଭିଯୋଗରେ ପ୍ରଶାସନ ସହ ଆଲୋଚନା କରିଛନ୍ତି। କମିଟି ପକ୍ଷରୁ ଉଲ୍ଲେଖ କରାଯାଇଛି କି, ଫନୀ ବାତ୍ୟାରେ ଜିଲାର ୭୬୬୯ ପରିବାରକୁ ଏପର୍ଯ୍ୟନ୍ତ କୌଣସି ସହାୟତା ମିଳିନାହିଁ। ଯେଉଁମାନେ ପ୍ରକୃତରେ କ୍ଷତିଗ୍ରସ୍ତ ହୋଇଥିଲେ, ସେମାନଙ୍କୁ କୌଣସି ପ୍ରକାର ସହାୟତା ପ୍ରଦାନ କରାଗଲାନାହିଁ। ଫଳରେ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଗରିବମାନେ ଜରି ଜୀବନ କାଟୁଛନ୍ତି। ମାତ୍ର ଯେଉଁମାନେ ପ୍ରକୃତରେ କ୍ଷତିଗ୍ରସ୍ତ ନୁହନ୍ତି, ସେମାନଙ୍କୁ ସହାୟତା ମିଳିଛି। ଏ ନେଇ ଅତିତରେ ଅନେକ ଥର ପ୍ରତିବାଦ କରି ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏପରିକି ସଚିବାଳୟ ଘେରାଉ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିଲେ ଉପଯୁକ୍ତ କ୍ଷତିଗ୍ରସ୍ତମାନଙ୍କୁ କ୍ଷତିପୂରଣ ଟଙ୍କା ମିଳିବା ସହ ବାତ୍ୟା ପ୍ରତିରୋଧକ ଟଙ୍କା ପ୍ରଦାନ କରାଯିବ। ମାତ୍ର ଅନେକ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ସରକାରଙ୍କ ପକ୍ଷରୁ ଗ୍ରହଣ କରାଗଲା ନାହିଁ। ତେଣୁ ସରକାର ତୁରନ୍ତ କ୍ଷତିଗ୍ରସ୍ତମାନଙ୍କୁ ଫନୀ ସହାୟତା ପ୍ରଦାନ କରନ୍ତୁ। ନଚେତ ରାଜରାସ୍ତା ଅବରୋଧ କରାଯିବା ସହ କମିଟି ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ସାମାଜିକ କର୍ମୀ ସୁଦର୍ଶନ ପ୍ରଧାନଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରି ଶୋକ ପ୍ରକାଶ କରାଯାଇଥିଲା। ଆଲୋଚନା ସମୟରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ କ୍ରିୟାନୁଷ୍ଠାନ କମିଟିର ଆବାହକ ବିହାରୀବନ୍ଧୁ ପଲାଇଙ୍କ ସହିତ ଅନୁଷ୍ଠାନର ସଭାପତି ଦେବରାଜ ବଳିୟାରସିଂ, ସମ୍ପାଦକ ରଘୁନାଥ ସାହୁ, ସୁଦର୍ଶନ ପଲାଇ, ବାଙ୍କନିଧି ମଲ୍ଲିକ, ଈଶ୍ୱର ଚନ୍ଦ୍ର ଜେନା, ଦୀନବନ୍ଧୁ ପ୍ରଧାନ, ଆଲୋକ ବାରିକ, ଅଜୟ ଜେନା, ବାଉରୀବନ୍ଧୁ ପାଇକରାୟ ଓ ଭାଗିରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ବିଜ୍ଞାନମେଳା



ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନେ ନିଜ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି ।

ପୁରୀ,୧୫।୭(ଅଜିତ୍ ମହାନ୍ତି)

### ୧୧୭ ପ୍ରକଳ୍ପ ପ୍ରଦର୍ଶିତ

ଚନ୍ଦ୍ରଯାନ-୩ର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଭାରତର ଏହି ବୃହତ ମହାକାଶ ଅଭିଯାନର ସଫଳତା କାମନା କରି ଅଠରନଳା ଶିକ୍ଷାଶ୍ରୀ ଲେନସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଶନିବାର ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୋଟ ୧୧୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଶିଷ୍ଟ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଅନିତା ମିଶ୍ର, ବରିଷ୍ଠ ବିଜ୍ଞାନ ଶିକ୍ଷକ ଦିବାକର ଦଳେଇ, କାମଦେବ ପ୍ରଧାନ, ଶଙ୍କର ପଲେଇ ପ୍ରମୁଖ ବିଚାରକ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝି, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରାତଃ ବିଭାଗ ସଂଚାଳିକା ମମତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନମେଳା ମାଧମରେ କୁନି କୁନି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅନିସନ୍ଧିତ୍ସୁ ମନୋଭାବ ସୃଷ୍ଟି କରିବା ସହିତ ବିଜ୍ଞାନର ସଦୁପଯୋଗ ହିଁ ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ମେଳାରେ ୧୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ଅର୍ଗାନିକ ଫାର୍ମ, ସଡକ ସୁରକ୍ଷା, ବର୍ଷାଜଳ ସଂରକ୍ଷଣ, ମିନି ୱାଟର ପମ୍ପ, ସ୍ମାର୍ଟସିଟି, ଜଳର ସାନ୍ଦ୍ରତା, ସୋଲାର ପାୱାର ଇରିଗେସନ, ଲେଜର ହୋମ ସିକ୍ୟୁରିଟ ପ୍ରଭୃତି ବେଶ୍ ଆକର୍ଷଣୀୟ ହୋଇଥିଲା। ମମତା ନାୟକ, ସବିତା ପରିଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ମେଳା ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଏହି ପ୍ରକଳ୍ପ ପ୍ରଦର୍ଶନୀ ବୁଲି ଦେଖିଥିଲେ। ପ୍ରୀତିମୟୀ ମହାପାତ୍ରଙ୍କ ନେତୃତ୍ୱରେ କ୍ୟାଡେଟମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଆୟୁର୍ବେଦ ଜନକ ସୁଶ୍ରୁତଙ୍କ ଜୀବନୀ ଆଲୋଚନା

ପୁରୀ,୧୫।୭(ଅଜିତ୍ ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଶଲ୍ୟତନ୍ତ୍ର ବିଭାଗ ଆନୁକୂଲ୍ୟରେ ଆୟୁର୍ବେଦ ଜନକ ସୁଶ୍ରୁତଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଜରାଟର ଜାମ୍‌ନଗରସ୍ଥିତ ଆଇଟିଆରଏର ପ୍ରଫେସର ଡ. ଚତୁର୍ଭୁଜ ଭୂୟାଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍‌ସର ବର୍ନ ଏବଂ ପ୍ଲାଷ୍ଟିକ୍ ସର୍ଜରି ବିଭାଗର ପ୍ରଫେସର ଡ. ରଞ୍ଜିତ କୁମାର ସାହୁ ଯୋଗଦେଇ ଆୟୁର୍ବେଦ ଓ ସୁଶ୍ରୁତଙ୍କ ବିଷୟରେ ଆଲୋକପାତ କରିଥିଲେ। ଏହାସହ ଶଲ୍ୟ ଚିକିତ୍ସା ଉପରେ ସୁଶ୍ରୁତଙ୍କ ବିଷୟରେ ଅବଦାନ ଓ ଧନ୍ୱନ୍ତରୀ ସମ୍ପ୍ରଦାୟ ପରମ୍ପରାକୁ ଆଗେଇନେବା ପାଇଁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ସୁଦର୍ଶନ ବେହେରା, ଆୟୁଷ ବିଭାଗର ମୁଖ୍ୟ ଡା. ପ୍ରଶାନ୍ତ କୁମାର ସାହୁ, ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ. ରଞ୍ଜନ କୁମାର କାସ୍ତା, ଶଲ୍ୟ ବିଭାଗର ଅଧାପକ ଡା. ସନ୍ଧ୍ୟାରାଣୀ ବେହେରା, ଡା. ତପନ ନାୟକ, ଡା. ଆଶିଷ ପ୍ରଧାନ ଓ ଅଧାପକ, ଅଧାପିକା, ଚିକିତ୍ସକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଶଲ୍ୟ କର୍ମ ଶିବିର ଏବଂ ଛାତ୍ରୀଛାତ୍ରଙ୍କ ପ୍ରୋତ୍ସାହନ ନିମନ୍ତେ 'ପ୍ରସ୍‌ପେକ୍ଟ ଅନ୍ ସାନ୍ଧନ କର୍ମ (ପ୍ଲାଷ୍ଟିକ୍ ସର୍ଜରି) ଫ୍ରମ୍ ଅନ୍‌ସିଏଣ୍ଟ ଟୁ ପ୍ରେଜେଣ୍ଟାରି' ବିଷୟରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଚିକିତ୍ସାଳୟ ପ୍ରାଙ୍ଗଣରେ ମହର୍ଷି ସୁଶ୍ରୁତଙ୍କ ଏକ ପ୍ରତିମୂର୍ତ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଓଡ଼ିଶାରେ ପ୍ରଥମଥର ପାଇଁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ 'ସୁଶ୍ରୁତ ଜୟନ୍ତୀ' ପାଳନ କରାଯାଇଥିଲା। ଡା. ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।



ସୁଶ୍ରୁତଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ୩୫ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

ଜଟଣୀ,୧୫।୭(ରବୀନ୍ଦ୍ର ନାଥ ମହାକୁଡ଼):

ଗଞ୍ଜେଇ ଚାଲାଣ ଅଭିଯୋଗରେ ଖୋର୍ଦ୍ଧାରୋଡ୍ ଜିଆର୍‌ପି ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ନାଉଗାଁ ଅଞ୍ଚଳର ବାବୁଲାଲ ସାହୁ(୩୫)। ତାଙ୍କ ନିକଟରୁ ୩୫ କେଜି ୮୫୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଜିଆରପି ଥାନାରେ ଏକ ମାମଲା (ନଂ.୫୯/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି। ସୂଚନା ମୁତାବକ, ଗତ ଶୁକ୍ରବାର ଖୋର୍ଦ୍ଧାରୋଡ ରେଲୱେ ସୁରକ୍ଷା ବଳ ଏବଂ ଜିଆରପି ରେଳ ଷ୍ଟେଶନରେ ଚଢ଼ାଉ କରିଥିଲେ। ବାବୁଲାଲ ଟ୍ରେନ୍‌କୁ ଅପେକ୍ଷା କରିଥିବା ଦେଖିବାକୁ ପାଇଥିଲେ। ସନ୍ଦେହରେ ତାଙ୍କୁ ପଚରାଉଚରା କରିବା ବେଳେ ବିଳାସପୁରକୁ ଗଞ୍ଜେଇ ଚାଲାଣ କରିବା ପାଇଁ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଟ୍ରେନ୍‌କୁ ଅପେକ୍ଷା କରିଥିବା ନେଇ ସ୍ୱୀକାର କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା।

## ସଂକ୍ଷେପରେ

### ଜମିବାଡ଼ିକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

ବଲଙ୍ଗା,୧୫।୭(କେଦାରେଶ୍ୱର ନନ୍ଦ)- ବଲଙ୍ଗା ଥାନା ଅଧୀନ ଖଇରିକୁଣ୍ଡ ଗ୍ରାମରେ ଘରତୋଳାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ଜଣେ ଗୁରୁତର ଆହତ ହୋଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ କୈଳାସ ପ୍ରଧାନ (୬୦)। ଏ ନେଇ ଉଭୟ ପରିବାର ପକ୍ଷରୁ ବଲଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୨୩/୨୩ ଓ ୧୨୪/୨୩ରେ ୨ଟି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ବିଶ୍ୱନାଥ ପ୍ରଧାନଙ୍କ ଘରକୁ ଲାଗି ପଡ଼ୋଶୀ ସିନ୍ଧୁଆ ବରାଳଙ୍କ ପରିବାର ଶାବଳ ଓ କୋଦାଳ ଧରି କୋଠ ଜାଗାରେ ମାଟି ଖୋଳୁଥିଲେ। ଏହାକୁ ବିଶ୍ୱନାଥଙ୍କ ଦାଦା କୈଳାସ ପ୍ରତିବାଦ କରିବାରୁ ସିନ୍ଧୁଆ ଓ ପୁଅ ଜୟପ୍ରକାଶ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ହାତରେ ଧରିଥିବା କୋଦାଳରେ ଆକ୍ରମଣ କରିଥିଲେ। ଆକ୍ରମଣରେ କୈଳାସ ଘଟଣାସ୍ଥଳରେ ଗୁରୁତର ଆହତ ହୋଇ ଚେତା ହରାଇ ତଳେ ପଡ଼ିଯାଇଥିଲେ। ପାଟି ଶୁଣି ସାହିପଡ଼ିଶା ଲୋକେ ଆସିବାରୁ ଆକ୍ରମଣକାରୀ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ। ପରିବାର ଲୋକେ କୈଳାସଙ୍କୁ ତୁରନ୍ତ ନିକଟ ସାକ୍ଷୀଗୋପାଳ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ସିନ୍ଧୁଆଙ୍କ ଜାଗା କୈଳାସଙ୍କ ଘରକୁ ଲାଗି ରହିଥିବାରୁ ସେହି ଜାଗାରେ ଘର ନିର୍ମାଣ ପାଇଁ ସେ ସଫା କରୁଥିଲେ। କୈଳାସ ଆସି କ'ଣ ପାଇଁ ଏହି ଜାଗାକୁ ସଫା କରୁଛ କହି ସିନ୍ଧୁଆଙ୍କୁ ଗାଳି କରିବା ସହ ବିଧା ଗୋଇଠା ମାରି ସେ ପିନ୍ଧିଥିବା ଗଞ୍ଜିକୁ ଧରି ଘୋଷାଡ଼ି ନେବାବେଳେ ଗଞ୍ଜି ଚିରିଯିବାରୁ ତଳେ ପଡ଼ି ଆହତ ହୋଇଥିବା ଅଭିଯୋଗ ହୋଇଛି।

### ୨ ସ୍କୁଲ୍‌ରୁ ଚୋରି ଅଭିଯୋଗ

ବଲଙ୍ଗା,୧୫।୭(କେଦାରେଶ୍ୱର ନନ୍ଦ)-ବଲଙ୍ଗା ସରକାରୀ ନୋଡାଲ ୫-ଟି ହାଇସ୍କୁଲରୁ ବିଭିନ୍ନ ଖେଳସାମଗ୍ରୀ ଚୋରି ହୋଇଥିବା ଓ ସିସି କ୍ୟାମେରା ଭାଙ୍ଗି ଦେଇଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଏଲିଜା ବେହେରା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବଲଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି। ବିଦ୍ୟାଳୟର କେତେକ ଛାତ୍ର ଏହି କାଣ୍ଡ ଘଟାଇଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସେହିଭଳି ଗଡ଼ପଦନପୁର ପଞ୍ଚାୟତ ଭାଣପୁର ୫-ଟି ହାଇସ୍କୁଲର ଇ-ଲାଇବ୍ରେରି ଗ୍ରିଲ୍‌କୁ କାଟି ୨ଟି କମ୍ପ୍ୟୁଟର ଚୋରି ହୋଇଥିବା ପ୍ରଧାନ ଶିକ୍ଷକ ନିରଞ୍ଜନ କର ଅଭିଯୋଗ କରିଛନ୍ତି।

### ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ ଲଗାଇବା ପାଇଁ ଦାବିପତ୍ର

ପୁରୀ,୧୫।୭( ଅଜିତ୍ ମହାନ୍ତି)- ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ ଲଗାଇବା ପାଇଁ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ କୌଣସି କର୍ମଚାରୀ ଠିକ୍ ସମୟରେ ଆସୁନାହାନ୍ତି। କର୍ମଚାରୀ ଓ ଅଧିକାରୀମାନେ ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଆଉ ଯାଉଛନ୍ତି। କର୍ମଚାରୀ ଏବଂ ଅଧିକାରୀମାନେ ସରକାରୀ କାର୍ଯ୍ୟାଳୟକୁ କେତେବେଳେ ଆସି ପହଞ୍ଚୁଛନ୍ତି ଏବଂ କେତେବେଳେ କାର୍ଯ୍ୟ ସାରି କାର୍ଯ୍ୟାଳୟରୁ ଫେରୁଛନ୍ତି, ତାହାର ତଥ୍ୟ ରଖିବା ପାଇଁ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ୍ ଲାଗାଯିବାର ଆବଶ୍ୟକତା ରହିଛି। ତେଣୁ ଘଟଣାକୁ ଗୁରୁତର ସହ ନେଇ କାର୍ଯ୍ୟାଳୟରେ ବାୟୋ ମେଟ୍ରିକ ମେଶିନ ଲଗାଇବା ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବା ପାଇଁ ବରାଳ ଅନୁରୋଧ କରିଛନ୍ତି।

## ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ

ପୁରୀ,୧୫।୭(ଅଜିତ ମହାନ୍ତି)

ବିଶ୍ୱମ୍ଭର ବିଦ୍ୟପୀଠ ପୁରୀଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୩ ଶନିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ଜିଲା ନିୟୋଜନ ଅଧିକାରୀ ସୁବାସଚନ୍ଦ୍ର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଦକ୍ଷତା ବିକାଶ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ କିପରି ନିଜକୁ ଦେଶ ଗଠନରେ ସୁଦକ୍ଷ ସୁଯୋଗ କରି ଯୁଗ ଉପଯୋଗୀ ହେବା ସହ ଏକ ଉଜ୍ଜ୍ୱଳ ତଥା ସମୃଦ୍ଧ ଦେଶ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଦଶମ ଶ୍ରେଣୀର ଆଶୁତୋଷ ଦେବ ପ୍ରଥମ, ଚିତ୍ରାଙ୍କନରେ ଦଶମ ଶ୍ରେଣୀର ସ୍ନେହସ୍ମିତା ସାହୁ ପ୍ରଥମ ଓ ପ୍ରବନ୍ଧରେ ନବମ ଶ୍ରେଣୀର ଛାତ୍ର ସୋମ୍ରତିକ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀଛାତ୍ରମାନେ ନିଜକୁ ଦେଶ ଗଠନରେ ସାମିଲ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ବିଦ୍ୟାଳୟରେ କ୍ୟାରିୟର କାଉନସିଲିଂ, ପ୍ରଶିକ୍ଷଣ ଓ ପରାମର୍ଶ ମାଧମରେ ଛାତ୍ରୀଛାତ୍ରମାନେ ଦକ୍ଷତା ବୃଦ୍ଧି କରି ବ୍ୟକ୍ତିଗତ ବିକାଶ ତଥା ସମାଜର ବିକାଶରେ ନିଜକୁ ବର୍ତ୍ତି କରିପାରିବେ ସେଥିପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରି ସହଯୋଗ କରିଥିଲେ।




ଯୁବ ଦକ୍ଷତା ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

## ବଜାର ରାସ୍ତାରେ ଜମୁଛି ବର୍ଷାଜଳ, ଯାତ୍ରୀ ହନ୍ତସନ୍ତ



ସାକ୍ଷୀଗୋପାଳ ବଜାର ରାସ୍ତାରେ ଜମି ରହିଛି ବର୍ଷା ପାଣି ।

ସାକ୍ଷୀଗୋପାଳ,୧୫।୭
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

### ବିଭାଗୀୟ ଅଧିକାରୀଙ୍କୁ ଦାୟୀ

ସତ୍ୟବାଦୀ ଅଞ୍ଚଳର ସାକ୍ଷୀଗୋପାଳ ମନ୍ଦିରସ୍ଥ ବଜାର ଏକ ମୁଖ୍ୟ ସ୍ଥାନ। ତେଣୁ ଏହି ବଜାର ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏହାବ୍ୟତୀତ ଏଠାରେ ଥାନା, ପୋଷ୍ଟ ଅଫିସ, ତହସିଲ କାର୍ଯ୍ୟାଳୟ ଏବଂ ସରକାରୀ ବିଦ୍ୟାଳୟ ପ୍ରଭୃତି ରହିଛି। ହେଲେ ଅସରାଏ ବର୍ଷାରେ ସାକ୍ଷୀଗୋପାଳ ବଜାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ବିଶେଷକରି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ଫାଟକ ସମ୍ମୁଖରେ ବର୍ଷା ସମୟରେ ଏକ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ବର୍ଷାଜଳ ଯୋଗୁ ପଥଚାରୀମାନେ ନାନା ହଇରାଣ ହେଉଥିବାବେଳେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ସାମାନ୍ୟ ବର୍ଷା ହେବାରୁ ଏଠାରେ ଦୀର୍ଘ ସମୟ ଧରି ପାଣି ଜମି ରହିଥିଲା। ଏହି ସମୟରେ ସ୍କୁଲ ଛାତ୍ରୀଛାତ୍ର ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍ ଏକ ଯାତ୍ରୀବାହୀ ବସ୍ ଆସିଯାଇଥିଲା। ଫଳରେ ଜମିରହିଥିବା ଗୋଳିଆ ପାଣି ସେମାନଙ୍କ ଉପରେ ପଡ଼ି ଡ୍ରେସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏପରିକି ସେହି ରାସ୍ତାରେ ଯାଉଥିବା ଅନ୍ୟ ଲୋକଙ୍କ ଉପରେ ପଡ଼ିଥିଲା। ଅନେକ ସମୟରେ ଏପରି ହେଉଥିବାରୁ ଏଠାରୁ ବର୍ଷାଜଳ ନିଷ୍କାସନ କରିବାକୁ ଦାବି ହେଉଛି।

### ଏମାନେ ଯାହା କୁହନ୍ତି...

“ କଲେଜ ଯିବା ସମୟରେ ଉକ୍ତ ସ୍ଥାନରେ ଏକ ମୋଟରସାଇକେଲ ଯିବା ଫଳରେ ଜମା ହୋଇଥିବା ଗୋଳିଆ ପାଣି ତାଙ୍କ ଆଖିରେ ପଡ଼ିଥିଲା। ଫଳରେ ସେ ଦୀର୍ଘଦିନ ଧରି ଆଖି ପୀଡ଼ା ହେବାରୁ ଔଷଧ ଖାଇବା ପରେ ଭଲ ହେଲା। କିଛିଦିନ ହେବ ଅସରାଏ ବର୍ଷା ହୋଇ ଗୋଳିଆ ପାଣି ଜମି ରହିଥିବାବେଳେ ନିଷ୍କାସନ ପାଇଁ ବିଭାଗୀୟ ଅଧିକାରୀ କିଛି କରୁନାହାନ୍ତି।

**-ଅଭିଜିତ୍ ପ୍ରିୟରଞ୍ଜନ, ଛାତ୍ର**

“ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ଫାଟକ ସମେତ ବଡ଼ବଜାର ଓ ସତ୍ୟବାଦୀ ହାଇସ୍କୁଲ ପଛପଟେ ଥିବା ଅଳଗୁମ ରାସ୍ତାରେ ଥିବା ଖାଲ ସାମାନ୍ୟ ବର୍ଷା ହେଲେ ସେଠାରେ ଗୋଳିଆ ପାଣି ଦୀର୍ଘସମୟ ଜମି ରହୁଛି। ଫଳରେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ହଠାତ୍ ଜଣା ନ ପଡ଼ି ଅନେକ ଦୁର୍ଘଟଣା ଘଟୁଛି। ବିଶେଷକରି ବରିଷ୍ଠ ନାଗରିକ, ଛୋଟ ଛୋଟ ପିଲାମାନେ ଅଧିକାଂଶ ସମୟ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏଥିପ୍ରତି ଧ୍ୟାନ ଦିଆଯାଉ।

**-ଗୁଣ୍ଡିଚା ବରାଳ, ଆଇନଜୀବୀ**

“ ଯେତେବେଳେ ରାସ୍ତା କାମ ହେଉଛି, ସେତେବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି। ରାସ୍ତା ଲେଭଲଠାରୁ ରାସ୍ତାର ମାନ ଯାଞ୍ଚ ଠିକ୍ ଭାବେ ହେଉ ନ ଥିବାରୁ ଏଭଳି ସମସ୍ୟା ହେଉଛି। ସାମାନ୍ୟ ବର୍ଷାରେ ଦୁଇ ଫୁଟର ପାଣି ଜମାହୋଇ ରହୁଛି । ଫଳରେ ପଥଚାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**-ଅଶୋକ ମିଶ୍ର, ବୁଦ୍ଧିଜୀବୀ**

“ ଏହି ଅଭିଯୋଗ ପାଇବା ପରେ ଉକ୍ତ ରାସ୍ତାରେ ରହିଥିବା ଥିବା ସମସ୍ତ ଖାଲ ସ୍ଥାନକୁ ଅନୁଧ୍ୟାନ କରାଯିବ। ପରେ ଜଳ ନିଷ୍କାସନ କରାଯାଇ ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବ।

**-ଜିତେନ୍ଦ୍ର ପ୍ରଧାନ, ବିଭାଗୀୟ ଯନ୍ତ୍ରୀ**

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଗ୍ରୀନାଥନ୍ ୱାକାଥନ୍, ଫରେଷ୍ଟ ପାର୍କ, ସକାଳ ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିପ୍ଲବୀ ଚକ୍ରଧର ବେହେରାଙ୍କ ୧୨୯ତମ ଜୟନ୍ତୀ, ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ୩୭ତମ ଶ୍ରାଦ୍ଧୋତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା ୩୦।
- ଭାଷା, ସଂସ୍କୃତି, ସମାଜର ମାସିକ ସାହିତ୍ୟ ଆସର, ୟୁନିଟ୍-୩, ଅପରାହ୍ନ ୪ଟା।
- କୋକିଳା ଡ୍ୟାନ୍ସ ମ୍ୟୁଜିକ୍ ଏକାଡେମୀର ୨ୟ ଫାଉଣ୍ଡେଶନ ଦିବସ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- କଳିଙ୍ଗ ଏଜୁକେଶନାଲ ଆଣ୍ଡ ସୋସିଆଲ ୱେଲ୍‌ଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ବିଜୁ ବାବୁ ଦି ଲିଜେଣ୍ଡ ପୁସ୍ତକ ଉନ୍ମୋଚନ ଓ ଆଲୋଚନାଚକ୍ର, ରେଡ୍‌କ୍ରସ ଭବନ ସଭାକକ୍ଷ, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ ଗେଷ୍ଟ, ବିଜୁ ନାଟ୍ୟକେନ୍ଦ୍ର, ସନ୍ଧ୍ୟା ୬ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ୭ମ ନୃତ୍ୟ ଉତ୍ସବ ପରିପୂର୍ଣ୍ଣା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶ୍ରୀମଦ୍ ଭାଗବତ କଥାମୃତ, ଡି.ଏଲ୍ କଲୋନୀ, ମା' ଭୁବନେଶ୍ୱରୀ ମନ୍ଦିର ପରିସର, ସନ୍ଧ୍ୟା ୭ଟା ୩୦।
- ତ୍ରିଧାରା ପକ୍ଷରୁ ୩୭ତମ ଶ୍ରଦ୍ଧାଞ୍ଜଳି ସମାରୋହ, ଉତ୍କଳ ରଙ୍ଗମଞ୍ଚ, ରାତି ୯ଟା ୩୦।

# ବଜ୍ରପାତରେ ରାମେଶ୍ୱର ମନ୍ଦିରର ଦଧିନଉତି ଖସିପଡ଼ିଲା

ପୁରୁଣା ଭୁବନେଶ୍ୱର,୧୫।୭
(ସୁବାସ ଚନ୍ଦ୍ର ପ୍ରଧାନ)


ରାମେଶ୍ୱର ମନ୍ଦିର ଚୂଡ଼ାରେ ଥିବା ଦଧିନଉତି ଖସିପଡ଼ିଛି।


ଏକାଠି ରଖଯାଇଥିବା ଖଣ୍ଡବିଖଣ୍ଡିତ ଦଧିନଉତି। (ଫଟୋ– ବିକାଶ ନାୟକ)

ରାଜଧାନୀ ଭୁବନେଶ୍ୱରରେ ଶନିବାର ତୁହାକୁ ତୁହା ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ମାଉସୀ ମା' ଛକରେ ଥିବା ରାମେଶ୍ୱର ମନ୍ଦିରର ଦଧିନଉତି ବଜ୍ରପାତରେ ଭାଙ୍ଗି ଖସିପଡ଼ିଛି। ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗି ମନ୍ଦିର ପରିସରରେ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ମନ୍ଦିର ସେବାୟତ ଓ ଶ୍ରଦ୍ଧାଳୁ ଭୟଭୀତ ହୋଇପଡ଼ିଥିଲେ। ତେବେ ଏଥିରେ କାହାର କିଛି କ୍ଷତି ହୋଇନାହିଁ।

ମନ୍ଦିର ସେବାୟତଙ୍କ କହିବାନୁଯାୟୀ, ସକାଳ ୯ଟା ୩୦ରୁ ୧୦ଟା ମଧ୍ୟରେ ସେବାୟତମାନେ ମନ୍ଦିର ଭିତରେ ଠାକୁରଙ୍କ ରୋଷକାର୍ଯ୍ୟ ଓ ପୂଜାର୍ଚ୍ଚନା କରୁଥିଲେ। ହଠାତ୍ ଜୋରରେ ଶବ୍ଦ ହେବା ସହ ଆଲୋକ ଦେଖାଯାଇଥିଲା। ସେବାୟତମାନେ ମନ୍ଦିର ବାହାରକୁ ଆସି ଦେଖିବା ବେଳକୁ ମନ୍ଦିରର ଦଧିନଉତିଟି ଭାଙ୍ଗି ତଳେ ପଡ଼ିଛି। ଖବରପାଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଏହାପରେ ଅପରାହ୍ନ ୫ଟାରେ ଏଏସ୍‌ଆଇ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବୈଷୟିକ ଟିମ୍ ସହିତ ଅନ୍ୟ କର୍ମଚାରୀମାନେ ପହଞ୍ଚି ଲୁହା ଭାରାରେ ମନ୍ଦିର ଚୂଡ଼ାକୁ ଉଠିଥିଲେ।

- ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ନ ଥିଲା
- ନୂତନ ଦଧିନଉତି ନିର୍ମାଣ କରାଯାଇ ଲଗାଯିବ: ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ

ମନ୍ଦିର ଗର୍ଭଗୃହକୁ ଯେପରି ବର୍ଷାଜଳ ନ ଝରିବ ସେଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ବାଲିବସ୍ତା ଏବଂ ଜରି ପଲିଥିନ କଳସ ଉପରେ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହାର ସ୍ଥାୟୀ ସମାଧାନ କରାଯାଇ ପୁନଃ ଦଧିନଉତି ବସାଯିବ ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର କର କହିଛନ୍ତି।

ସୂଚନାଥାଉ କି, ତ୍ରୟୋଦଶ ଶତାବ୍ଦୀର ଏହି ଐତିହ୍ୟ ରାମେଶ୍ୱର ମନ୍ଦିର ସହିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ବିଭିନ୍ନ ଯାନିଯାତ୍ରା ସହିତ ରୁକୁଣା ରଥଯାତ୍ରାରେ ଶ୍ରୀଲିଙ୍ଗରାଜ ରାମେଶ୍ୱର ମନ୍ଦିର ଯାତ୍ରା କରି ଏଠାରେ ୫ଦିନ ଅବସ୍ଥାନ କରିଥାନ୍ତି। ତେବେ ରାମେଶ୍ୱର ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍‌ଆଇ ଅଧୀନରେ ରହିଛି। ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ନ ଥିବାରୁ ବଜ୍ରପାତରେ ଦଧିନଉତି ଭାଙ୍ଗିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ କର କହିଛନ୍ତି, ରାମେଶ୍ୱର ମନ୍ଦିରର ଦଧିନଉତି କେତେବର୍ଷ ତଳର ଆକଳନ କରିହେବନାହିଁ। କୁଣ୍ଡାପଥରରେ ନିର୍ମିତ ଏହି ଦଧିନଉତି। ମନ୍ଦିରରେ ଆର୍ଥିଂ ନ ଥିବାରୁ ବଜ୍ରପାତରେ ଦଧିନଉତି ଭାଙ୍ଗି ଏଣେତେଣେ ପଡ଼ିଥିଲା। ଖୁବ୍‌ଶୀଘ୍ର ଏଏସ୍‌ଆଇ ପକ୍ଷରୁ ନୂତନ ଦଧିନଉତି ନିର୍ମାଣ କରାଯାଇ ମନ୍ଦିର ଚୂଡ଼ାରେ ଅବସ୍ଥାପିତ କରାଯିବ ବୋଲି କର କହିଛନ୍ତି। ସେହିପରି ଶ୍ରୀଲିଙ୍ଗରାଜଙ୍କ ସେବାୟତ ଦାଶରଥି ଗରାବଡୁ କହିଛନ୍ତି, ରାମେଶ୍ୱର ମନ୍ଦିରର ମରାମତି ପାଇଁ ୪ରୁ ୫ମାସ ହେବ ଏଏସଆଇ ପକ୍ଷରୁ ଲୁହାବାଡ଼ ବନ୍ଧାଯାଇଛି। ବର୍ଷାଦିନ ପୂର୍ବରୁ ଲୁହାବାଡ଼ ନ ଖୋଲାଯିବା ଏବଂ ଆର୍ଥିଂ ନ ଥିବାରୁ ଏଭଳି ଅଘଟଣ ଘଟିଲା।

## ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ

### ପ୍ରଥମଦିନରେ ୭ ହଜାର ଛାତ୍ରୀଛାତ୍ର ନାମ ଲେଖାଇଲେ

**ଭୁବନେଶ୍ୱର,୧୫।୭ (ଅନୁରାଧା ମହାରଣା):** ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩(ଯୁଜି) ନାମଲେଖା ଶନିବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ନାମଲେଖା ପାଇଁ ୨ଲକ୍ଷ ୭୦ ହଜାର୫୪୭ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୪ହଜାର ୧୯୫ଜଣ ମନୋନୀତ ହୋଇଛନ୍ତି। ତେବେ ପ୍ରଥମ ଦିନ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ମୋଟ ୭ ହଜାର ୨୧ଜଣ ନାମଲେଖାଇଛନ୍ତି। କଳାରେ ସର୍ବାଧିକ ୧ ଲକ୍ଷ ୮ହଜାର ୪୮୩ଜଣ ନାମଲେଖା ପାଇଁ ମନୋନୀତ ହୋଇଥିବାବେଳେ ପ୍ରଥମଦିନ ୪ହଜାର ୭୧୨ଜଣ ନାମ ଲେଖାଇଛନ୍ତି। ସେହିଭଳି ସେଲ୍ଫ ଫାଇନାନ୍ସରେ ୧୩୬୭ଜଣଙ୍କ ମଧ୍ୟରୁ ୫୭ ଜଣ , ବାଣିଜ୍ୟରେ ୧୭,୨୧୭ ମନୋନୀତଙ୍କ ମଧ୍ୟରୁ ୮୮୨, ଫିଜିକାଲ୍ ସାଇନ୍ସରେ ୨୪,୩୩୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୭୫, ବାୟୋଲୋଜିକାଲ୍ ସାଇନ୍ସରେ ୧୮,୯୧୯ ଜଣଙ୍କ ମଧ୍ୟରୁ ୫୨୩ଜଣ ଓ ଉପଶାସ୍ତ୍ରୀରେ ୭୨ ଜଣଙ୍କୁ ମିଶାଇ ମୋଟ ୭ ହଜାର ୨୧ ଜଣ ନାମଲେଖାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ପିଲାଙ୍କ ନାମଲେଖା ୧୯ ତାରିଖ ମଧ୍ୟରେ ସରିବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ଜୁଲାଇ ୨୭ରେ ପ୍ରକାଶ ପାଇବ ଓ ୨୯ରୁ ୩୧ ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ। ମୋଟ୍ ୬ଟି ପର୍ଯ୍ୟାୟରେ ପିଲାଙ୍କ ନାମଲେଖା ହେବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶାବାସୀଙ୍କ ପାଇଁ ଦୀପ ଜାଳିଲେ ଉତ୍ତରକାଶୀର ସାଲାଡ୍ ଗ୍ରାମବାସୀ


ଉତ୍ତରାଖଣ୍ଡର ଉତ୍ତରକାଶୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସାଲଡ ଗ୍ରାମବାସୀ ସମୂହ ଦୀପଜାଳି ପ୍ରାର୍ଥନା କରୁଛନ୍ତି।

ଭୁବନେଶ୍ୱର, ୧୫।୭ (ବନ୍ଦନା ସେଠୀ)

ଉତ୍ତରାଖଣ୍ଡର ଉତ୍ତରକାଶୀ ଜଗନ୍ନାଥ ମନ୍ଦିରର ବିକାଶ ପାଇଁ ବାଟ ଫିଟିଥିବାବେଳେ ଏହାକୁ ନେଇ ନିଜ ଖୁସିବ୍ୟକ୍ତ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଓଡ଼ିଶାବାସୀ ତଥା ସମଗ୍ର ଜଗନ୍ନାଥ ଭକ୍ତଙ୍କ ମଙ୍ଗଳ କାମନା କରି ଉତ୍ତରକାଶୀର ସାଲଡ ଗ୍ରାମବାସୀ ସମୂହ ଦୀପଜାଳି ପ୍ରାର୍ଥନା କରିଛନ୍ତି। ଉତ୍ତରକାଶୀର ଏହି ଜଗନ୍ନାଥ ମନ୍ଦିର ଦୀର୍ଘ ବର୍ଷ ହେବ ଅବହେଳିତ ହୋଇ ପଡି ରହିଥିଲା। କିଛିଦିନ ତଳେ ଅଭିନେତା ସବ୍ୟସାଚୀ, ଅର୍ଚ୍ଚିତା ଓ ଜନାର୍ଦ୍ଦନ ପାଢୟୋଶୀ ମହାପାତ୍ର ସେଠାକୁ ଯାଇ ସମ୍ପୃକ୍ତ ମନ୍ଦିର ବିଷୟରେ ସୋସିଆଲ ମିଡିଆରେ ପ୍ରଚାର କରିଥିଲେ। ଏହାପରେ ମନ୍ଦିର ଉପରେ ସରକାରଙ୍କ ଦୃଷ୍ଟି ପଡିବା ସହ ଏହାର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥିବା ଏହି ମନ୍ଦିରକୁ ନେଇ ଏବେ ଚର୍ଚ୍ଚା ଚାଲିଥିବାରୁ ଏହା ସ୍ଥାନୀୟ ପାହାଡ ଗ୍ରାମବାସୀଙ୍କ ମନରେ ଅନେକ ଆନନ୍ଦ ଓ ଉତ୍ସାହ ଆଣି ଦେଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ଏକାଠି ହୋଇ ସମସ୍ତ ଜଗନ୍ନାଥ ଭକ୍ତଙ୍କୁ ଧନ୍ୟବାଦ ଦେବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମନ୍ଦିର ଉନ୍ନୟନ ପାଇଁ ଘୋଷଣା କରିଥିବାରୁ ଗ୍ରାମବାସୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ, ସ୍ଥାନୀୟ ସାଂସଦ ଓ ଅନ୍ୟ ବୁଦ୍ଧିଜୀବୀଙ୍କ ଚେଷ୍ଟାକୁ ମଧ ସାଧୁବାଦ ଜଣାଇଛନ୍ତି। ଗ୍ରାମର ବୟସ୍କ ବ୍ୟକ୍ତିମାନେ ଏହିଭଳି ଏକ ଦିନକୁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ବେଳେ ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ଚେଷ୍ଟା ପାଇଁ ତାଙ୍କୁ ଗ୍ରାମର ଝିଅ ଓ ଜ୍ୱାଇଁର ଆଖ୍ୟା ଦେବାସହ ଅନେକ ଆଶୀର୍ବାଦ ଦେଇଛନ୍ତି।

### ରାଜ୍ୟର ସବୁ କ୍ଲଷ୍ଟରରେ ମାସିକ ବୈଠକ

## ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୫।୭, (ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବ ନିର୍ଦ୍ଦେଶ ଅନୁସାରେ ମାସର ତୃତୀୟ ଶନିବାର ରାଜ୍ୟର ପ୍ରତ୍ୟେକ କ୍ଲଷ୍ଟରରେ ମାସିକ ବୈଠକ ଅନୁଷ୍ଠିତ ହୋଇଛି। ସିଆର୍‌ସିସିଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟର ସ୍ତରରେ ସମସ୍ତ ପ୍ରଧାନ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବିଶେଷ ଭାବେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକର ସୁପରିଚାଳନା ପାଇଁ ଶିକ୍ଷା ବିଭାଗର ସମସ୍ତ ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ନିରୀକ୍ଷଣ କରିଥିଲେ। ଡିଆଇଇଟିର ପ୍ରଶିକ୍ଷକମାନେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ପାଇଁ ଏହି ମାସିକ ବୈଠକ ଆୟୋଜନ କରାଯାଇଥିଲା। ଏହାସହ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କର ଶିକ୍ଷା ଦକ୍ଷତା ବୃଦ୍ଧି, ଶିକ୍ଷଣ ସାମଗ୍ରୀର ଉପଯୁକ୍ତ ବ୍ୟବହାର, ଗୁଣାତ୍ମକ ଶିକ୍ଷାଦାନ, ସ୍କୁଲ ପରିବେଶର ତଦାରଖ, ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ସ୍କୁଲ ଆଣିବା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୟୁନିଫର୍ମ ବଣ୍ଟନ, ସ୍କୁଲ ଡାଏରୀ ଓ ନୋଟ୍ ବୁକ୍ ବଣ୍ଟନ ତଥା ବ୍ୟବହାର, ଅନଲାଇନ ପ୍ଲାଟଫର୍ମ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଓସେପା(ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରାଧିକରଣ)ର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଖୋର୍ଦ୍ଧା ଜିଲାର ବିଭିନ୍ନ କ୍ଲଷ୍ଟରରେ ବୈଠକର ତଦାରଖ କରିଥିଲେ।

## ଚଳିତବର୍ଷରୁ ୧୧୦ ଉନ୍ନୀତ ବିଦ୍ୟାଳୟରେ ପାଠପଢ଼ା

**ଭୁବନେଶ୍ୱର,୧୫।୭ (ଅନୁରାଧା ମହାରଣା):** ୨୦୨୩-୨୪ ଶିକ୍ଷାବର୍ଷରୁ ୧୧୦ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ। ଏଥିମଧ୍ୟରୁ ସମଗ୍ର ଶିକ୍ଷା ଅଧୀନରେ ୬୩ଟି ଉନ୍ନୀତ ହୋଇଥିବାବେଳେ ଷ୍ଟାର୍ସ ଅଧୀନରେ ୪୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ବ୍ୟବସ୍ଥା ଅନୁମୋଦିତ ହୋଇଛି। ୬୪ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ନେଇ ଦୁଇଟି ସେକ୍ସନ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ଏମାନଙ୍କ ପାଇ ଆବଶ୍ୟକ ଫର୍ଣ୍ଣିଚର ଲାଗି ପାଣ୍ଠି ମଞ୍ଜୁର କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଛି। ଅଗଷ୍ଟ ୧ରୁ ଏକାଦଶ ଶ୍ରେଣୀ ପାଠପଢ଼ାରୁ ଆରମ୍ଭ ହେଉଥିବାରୁ ଏଦିଗରେ ଶୀଘ୍ର ପଦକ୍ଷେପ ନେବାକୁ କୁହାଯାଇଛି। ସୂଚନାଥାଉ କି, ୧୦୬ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପୂର୍ବରୁ ଉନ୍ନିତ କରାଯାଇଥିବାବେଳେ ଆଉ ୪ଟି ଉଚ୍ଚ ବିଦ୍ୟାଳୟ ଉନ୍ନିତ ହୋଇଛି। ଏହା ମଧ୍ୟରେ ଭୁବନେଶ୍ୱରସ୍ଥିତ ଭୀମଭୋଇ ଦୃଷ୍ଟିବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି।

# ରମାଦେବୀ ବିଶ୍ୱବିଦ୍ୟାଳୟରୁ ଅଲଗା ହେବ ଜୁନିୟର କଲେଜ

ଭୁବନେଶ୍ୱର,୧୫।୭
(ଅନୁରାଧା ମହାରଣା)




### ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର ହେବ

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ଜୁନିୟର କଲେଜ ଅଲଗା ହେବ। ଖୋର୍ଦ୍ଧା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସକ୍ରମେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଉକ୍ତ ନିଷ୍ପତ୍ତି ଅନୁସାରେ, ଜୁନିୟର କଲେଜ ବା ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅଲଗା କରାଯାଇ ନିକଟରେ ଥିବା ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୟୁନିଟ୍-୯ ବାଳକ ବିଦ୍ୟାଳୟରେ ସାମିଲ କରାଯିବ। ଏହି ପୃଥକୀକରଣ ପ୍ରକ୍ରିୟାକୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀ ଗୁରୁତ୍ୱର ସହ ନେଇଛନ୍ତି। ରମାଦେବୀ ମହିଳା ଡିଗ୍ରୀ କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପରେ ଗୋଟିଏ କ୍ୟାମ୍ପସରେ ବିଶ୍ୱବିଦ୍ୟାଳୟ ସହ ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର(ଯୁକ୍ତ୨) ଚାଲୁଥିବାରୁ ବିଭିନ୍ନ ଅସୁବିଧା ହେଉଛି। ଶ୍ରେଣୀଗୃହ ଅଭାବରୁ ଯୁକ୍ତ୨ ପାଠପଢ଼ା ଦିନକୁ ମାତ୍ର ତିନି ଘଣ୍ଟା ଅର୍ଥାତ୍ ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ଚାଲୁଛି। ଏହାଦ୍ୱାରା ଯୁକ୍ତ ୨ର ପ୍ରାୟ ୨୪୦୦ ଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ତେବେ ସ୍ଥାନାନ୍ତର ନିଷ୍ପତ୍ତି ହେବା ପରେ ଉଚ୍ଚଶିକ୍ଷା ସଚିବ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ଓ ରମାଦେବୀ ଯୁକ୍ତ୨ କଲେଜର ପ୍ରିନ୍ସିପାଲ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶ୍ରେଣୀଗୃହରେ କିଛି ମାତ୍ରାରେ ଭିତ୍ତିଭୂମି ସଜାଡ଼ିଲେ କଳା ଏବଂ ବାଣିଜ୍ୟ ବିଭାଗ ସ୍ଥାନାନ୍ତରିତ ହୋଇପାରିବ। ଏହାସହ ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ କ୍ଲାସ କରାଯାଇପାରିବ। ତେବେ କୋଠା ନିର୍ମାଣ ହେବା ପର୍ଯ୍ୟନ୍ତ ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବିଜ୍ଞାନ କ୍ଲାସ ଜାରି ରହିବ। ଅନ୍ୟପଟେ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ଓ ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ଉନ୍ନତି ପାଇଁ ଭିତ୍ତିଭୂମିର ବିକାଶ ତଥା ନୂତନ ଶ୍ରେଣୀଗୃହ ପ୍ରସ୍ତୁତି, ଅଡିଟୋରିୟମ, ଲାଇବ୍ରେରି, ବିଜ୍ଞାନ ଲାବୋରେଟୋରି, ହଷ୍ଟେଲ ଆଦି ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ।

ସୂଚନାଥାଉ କି, ଚଳିତବର୍ଷ ୟୁନିଟ-୯ ବାଳକ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୫୨ଜଣ ଛାତ୍ରୀଛାତ୍ର (ବାଳକ ୪୪୦ ଓ ବାଳିକା ୩୧୨ ଜଣ) ନାମ ଲେଖାଇଛନ୍ତି। ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୮୧ଜଣ ଛାତ୍ରୀଛାତ୍ର ରହିଛନ୍ତି। ତେବେ ମିଶ୍ରଣ ପରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୧୩୩ରେ ପହଞ୍ଚିଛି। ୟୁନିଟ-୯ ଉଚ୍ଚ ବିଦ୍ୟାଳୟରେ ୨୦ଜଣ ଶିକ୍ଷକ ଏବଂ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭ଜଣ ଶିକ୍ଷକ କାର୍ଯ୍ୟ କରୁଥିବାରୁ ମିଶ୍ରଣ ପରେ ଏମାନଙ୍କ ସଂଖ୍ୟା ୩୭ରେ ପହଞ୍ଚିବ। ଫଳରେ ଶିକ୍ଷକଙ୍କ ଅଭାବର ସମସ୍ୟା ସମାଧାନ ହୋଇପାରିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମନମୋହନ


@ ସତ୍ୟବ୍ରତ


@ ବିଶ୍ୱଜିତ୍


@ ବାଦଲ


@ ଲିଙ୍ଗରାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଲଳିତ ମୋହନ ପଣ୍ଡା ଓ ନିରଞ୍ଜନ ମହାପାତ୍ର ହେଲେ ଜାତୀୟ ଟୁରିଷ୍ଟ ଗାଇଡ୍

ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)



ଲଳିତ ମୋହନ ପଣ୍ଡା ଓ ନିରଞ୍ଜନ ମହାପାତ୍ର

ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ୨ଟୁରିଷ୍ଟ ଗାଇଡ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଲଳିତ ମୋହନ ପଣ୍ଡା ଓ ନିରଞ୍ଜନ ମହାପାତ୍ର। ଜାତୀୟ ଟୁରିଷ୍ଟ ଗାଇଡ୍ ଭାବେ ପରିଚୟପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ଥିବା ପର୍ଯ୍ୟଟନ ସମ୍ପର୍କିତ ସମସ୍ତ ସୂଚନା ପ୍ରଦାନ ଲାଗି ଏହି ଦୁଇଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ଉଭୟ ଟୁରିଷ୍ଟ ଗାଇଡ୍ ପ୍ରଶିକ୍ଷଣ ନେଇ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଓ ଦେଶର ପ୍ରକୃତି ପରିବେଶ ସହିତ ସଂସ୍କୃତି ତଥା ଐତିହ୍ୟ ସହିତ ପରିଚିତ କରାଇବା ପାଇଁ ରାଜ୍ୟ ଟୁରିଷ୍ଟ ଗାଇଡ୍ ଭାବେ ୮ବର୍ଷ ହେବ କାମ କରି ଆସୁଛନ୍ତି। ଲଳିତ ଫ୍ରେଞ୍ଚ ଓ ନିରଞ୍ଜନ ଇଟାଲୀ ଭାଷାରେ ଅଧ୍ୟୟନରତ ଅଛନ୍ତି। ୨୦୧୬ରେ ସେମାନେ ଜାତୀୟ ଟୁରିଷ୍ଟ ଗାଇଡ୍ ହେବାକୁ ପରୀକ୍ଷା ଦେଇ ମନୋନୀତ ହୋଇଥିଲେ। ଏହାପରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରର ଟୁରିଷ୍ଟ ଗାଇଡ୍ ଭାବେ ପରିଚୟପତ୍ର ଦିଆଯାଇଛି। ଲଳିତ ଜାତୀୟ ସ୍ତରରେ 'ଶ୍ରେଷ୍ଠ ୱାଇଲ୍ଡ ଲାଇଫ ଗାଇଡ୍' ଓ 'ରାଜ୍ୟ ପର୍ଯ୍ୟଟନ ପୁରସ୍କାର' ପାଇଛନ୍ତି। ବର୍ତ୍ତମାନ ମିଳିଥିବା ଜାତୀୟ ଟୁରିଷ୍ଟ ଗାଇଡ୍ ପରିଚୟପତ୍ର ତାଙ୍କୁ ଓଡ଼ିଶାର ଐତିହ୍ୟ, ପ୍ରକୃତି ଏବଂ ବନ୍ୟପ୍ରାଣୀଙ୍କୁ ବିଶ୍ୱ ଦରବାର ପହଞ୍ଚାଇବାରେ ସାହାଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ପରିବେଶର ବନ୍ଧୁ

ସାପ ପରିବେଶର ବନ୍ଧୁ। ଏହି ସରୀସୃପ ଜୈବ ବିବିଧତାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ସାପଙ୍କୁ କ୍ଷତି ନ ପହଞ୍ଚାଇବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜୁଲାଇ ୧୬ରେ ବିଶ୍ୱ ସାପ ଦିବସ ପାଳନ କରାଯାଇଆସୁଛି। ସାପଙ୍କ ପ୍ରତି ନିଜ ସ୍ନେହ ଦେଖାଇବା ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରେ ଲୋକେ ଭିନ୍ନ ଭିନ୍ନ ଆୟୋଜନ କରିଥା'ନ୍ତି। ତେବେ ଭୟରେ ଲୋକେ ମାରିଦେଉଥିବା ସାପଙ୍କ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ବିଷାକ୍ତ ଥାଆନ୍ତି। ସାପ ଏକ ଶୀତଳ ରକ୍ତବିଶିଷ୍ଟ ପ୍ରାଣୀ। ବିଶ୍ୱରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ୩,୫୦୦ ପ୍ରଜାତିର ସର୍ପ ଦୃଷ୍ଟିଗୋଚର ହୋଇଥାଆନ୍ତି। ବିଶେଷକରି ଗ୍ରୀଷ୍ମମଣ୍ଡଳୀୟ ଆର୍ଦ୍ରତାପୂର୍ଣ୍ଣ ଅଞ୍ଚଳରେ ସବୁ ଶ୍ରେଣୀର ଓ ପ୍ରଜାତିର ସାପ ଦେଖିବାକୁ ମିଳିଥାଆନ୍ତି। ସୂଚନାଯୋଗ୍ୟ ଆଣ୍ଟାର୍କଟିକାକୁ ଛାଡ଼ି ସମସ୍ତ ମହାଦ୍ୱୀପରେ ସାପ ଦେଖାଯାଆନ୍ତି। ସମୁଦ୍ର, ଜଙ୍ଗଲ, ମରୁଭୂମିରେ ସାପ ମଧ୍ୟ ରହିଥା'ନ୍ତି।



ଭାରତରେ ପ୍ରାୟ ୩୦୦ ପ୍ରଜାତିର ସାପ ଅଛନ୍ତି। ସେଥିମଧ୍ୟରୁ କେବଳ ୫୦ ପ୍ରଜାତି ବିଷାକ୍ତ। ସାପ ନିଜ ଶିକାରକୁ ଚୋବାଇ ନ ଥାଏ ଗିଳି ଦେଇଥାଏ। ସାପମାନଙ୍କର ବୟସ ୪ ରୁ ୨୫ବର୍ଷ ପର୍ଯ୍ୟନ୍ତ ହୋଇଥାଏ। ବିଷାକ୍ତ ସାପମାନଙ୍କ ମଧ୍ୟରେ କିଙ୍ଗ୍ କୋବ୍ରା ସବୁଠାରୁ ଅଧିକ ଲମ୍ବା। ବ୍ରାଜିଲର ସ୍ନେକ୍ ଆଇଲାଣ୍ଡରେ ସାପମାନଙ୍କ ସଂଖ୍ୟା ଅଧିକ। କିଛି ସାପଙ୍କର ଦୁଇଟି ମୁହଁ ଥାଏ। ଏପରି ସାପମାନେ ନିଜ ସୁବିଧା ଅନୁସାରେ ଶରୀରକୁ ନିୟନ୍ତ୍ରଣ କରିଥା'ନ୍ତି। କେବେ କେବେ ନିଜ ଶିକାରକୁ ନେଇ ଏହି ଦୁଇ ମୁହଁ ଭିତରେ ଝଗଡ଼ା ମଧ୍ୟ ହୋଇଥାଏ। ଏମିତି କିଛି ପ୍ରଜାତିର ସାପ ଅଛନ୍ତି, ଯେଉଁମାନେ ପୁରୁଷ ସାପ ବିନା ଅଣ୍ଡା ଦେଇଥା'ନ୍ତି। ଗ୍ରାସ୍ ସ୍ନେକ୍ ଏବଂ ହୋଗ୍ନୋଜ୍ କୋବ୍ରାର ଏକ ପ୍ରଜାତିର ସାପ ବିପଦ ଆସିଲେ ମରିବା ଭଳି ପଡ଼ି ରହିଥାଏ। ସେମାନଙ୍କ ଶରୀର ସଙ୍କୁଚିତ ହୋଇଯିବା ସହ ଜିଭ ବାହାରକୁ ବାହାରି ଆସେ। ଏମିତି ଅବସ୍ଥା ଦେଖି ଲୋକେ ସାପକୁ ମୃତ ଭାବି ଚାଲିଯିବା ପରେ ସେମାନେ ନିଜର ପ୍ରକୃତ ଅବସ୍ଥାକୁ ଫେରିଆସିଥା'ନ୍ତି। ୧୯୭୦ ଜୁଲାଇ ୧୬ରେ ସାପମାନଙ୍କୁ ନେଇ ଟେକ୍ସାସରେ ଏକ ଅଭିଯାନ ଆରମ୍ଭ ହୋଇଥିଲା। ଏହା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସାପକୁ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ଜୁଲାଇ ୧୬କୁ ବିଶ୍ୱ ସାପ ଦିବସ ରୂପେ ଘୋଷଣା କରାଯାଇଥିଲା। ବିଶ୍ୱ ସାପ ଦିବସ ଲୋକମାନଙ୍କୁ ଏହି ପ୍ରଜାତିର ସରୀସୃପଙ୍କ ବିଷୟରେ ଅଧିକ ଜାଣିବା ପାଇଁ ପାଳନ କରାଯାଇଥାଏ। ଦୁନିଆରେ ଥିବା ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସାପ ସବୁଠାରୁ ପୁରାତନ। ବିଶ୍ୱ ସାପ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଏହା ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରଜାତିର ସାପ ବିଷୟରେ ସଚେତନତା ସୃଷ୍ଟି କରିଥାଏ। ସାପମାନଙ୍କ ସମ୍ପର୍କରେ ଲୋକଙ୍କ ମଧ୍ୟରେ ଏକ ନକାରାତ୍ମକ ଧାରଣା ରହିଥାଏ। ଅନେକେ ସାପକୁ ଭୟ କରନ୍ତି। ସମଗ୍ର ପୃଥିବୀରେ ଥିବା ୩,୫୦୦ ପ୍ରଜାତି ସାପ ମଧ୍ୟରୁ କେବଳ ୬୦୦ ପ୍ରଜାତି ବିଷାକ୍ତ। ଏହା ସାପଙ୍କ ପ୍ରଜାତିର ୨୫%ରୁ କମ୍। ସେମାନଙ୍କ ମଧ୍ୟରେ କେବଳ ୨୦୦ ପ୍ରଜାତିର ସାପ ମାନବ ଜୀବନ ପାଇଁ ବିପଦ ସୃଷ୍ଟି କରିଥା'ନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତିର ସନ୍ତୁଳନ ବଜାୟ ରଖିବାରେ ସାପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି।

### ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ବିଶ୍ୱ ସାପ ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସ (ଜୁଲାଇ ୧୬) ଲାଗି ବାର୍ତ୍ତା ରହିଛି 'ଆମର ଜୈବପରିବେଶର ପରିଚର୍ଯ୍ୟା ରକ୍ଷାରେ ନାୟକମାନଙ୍କୁ ପ୍ରଶଂସା କରିବା (ଆପ୍ରିସିଏଟିଂ ଦ ଇକୋଲୋଜିକାଲ ହିରୋଜ ଇନ ଆୱାର ଇକୋସିଷ୍ଟମ୍)'।

# ସାପ: ଏବେବି ରହିଛି ଭ୍ରାନ୍ତଧାରଣା

**ସାପଙ୍କୁ ନେଇ ଏବେ ବି ଲୋକଙ୍କ ମନରେ ଭ୍ରାନ୍ତଧାରଣା ରହିଛି। ଫଳରେ କେତେକ ସ୍ଥାନରେ ଲୋକଙ୍କର ଜୀବନହାନି ହେଉଥିବାବେଳେ ଆଉ କେତେକ ସ୍ଥଳରେ ସାପଙ୍କୁ ମାରିଦିଆ ଯାଉଛି। ତେଣୁ ସଚେତନତା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭୟ ଓ ଭ୍ରାନ୍ତଧାରଣାକୁ ଦୂରେଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୬ ତାରିଖରେ 'ବିଶ୍ୱ ସର୍ପ ଦିବସ' ପାଳନ କରାଯାଉଛି। ଏହି ଅବସରରେ ଓଡ଼ିଶାର ପୁରପଲ୍ଲୀରେ ରହି ଆସିଥିବା ସେଭଳି କିଛି ଭ୍ରାନ୍ତଧାରଣା ସମ୍ପର୍କରେ...**

### ଧଣ୍ଡ ସାପ କାମୁଡ଼ିଲେ ଆଉ କେଉଁ ସାପ କାମୁଡ଼ନ୍ତିନି

ସାଧାରଣରେ ଏକ ଧାରଣା ଅଛିଯେ, ଧଣ୍ଡ ସାପ ସର୍ପଜାତିର ସବୁଠାରୁ ଛୋଟ। ତେଣୁ ସେ କାମୁଡିଥିବା ଲୋକଙ୍କୁ ଭବିଷ୍ୟତରେ ଆଉ କୌଣସି ସାପ କାମୁଡେ ନାହିଁ। ମାତ୍ର ବାସ୍ତବରେ ସାପ କାମୁଡିଥିବା ବ୍ୟକ୍ତି ଟି ଏଭଳି ଘଟଣା ପରେ ଅତ୍ୟଧିକ ସତର୍କ ହୋଇ ଯାଇଥାଏ। ଫଳରେ ଭବିଷ୍ୟତରେ ସାପଠାରୁ ଦୂରେଇ ରହିବାକୁ ଚେଷ୍ଟା କରିଥାନ୍ତି।

### ଧଣ୍ଡ ସାପର ଗୁରୁବାର, ଢମଣାର ଶୁକ୍ରବାର ବିଷ ଥାଏ

ଧଣ୍ଡ ଓ ଢମଣା ସାପର ବିଷ ନ ଥାଏ। ତେବେ ଧଣ୍ଡ ସାପ ଗୁରୁବାର ଓ ଢମଣା ସାପର ଶୁକ୍ରବାର ବିଷଥାଏ। ତେଣୁ ଏହି ଦୁଇଦିନରେ ସମ୍ପୃକ୍ତ ସାପ କାମୁଡିଲେ ଲୋକଙ୍କ କ୍ଷତି ହୁଏ ବା ସେମାନେ ମୃତ୍ୟୁମୁଖରେ ପଡନ୍ତି ବୋଲି ଅନେକାଂଶରେ ଧାରଣା ରହିଛି। ମାତ୍ର ଏହା ଠିକ୍ ନୁହେଁ। ଧଣ୍ଡ ଓ ଢମଣା ସାପର ବିଷ ଦାନ୍ତ, ବିଷ ଗ୍ରନ୍ଥି ଏବଂ ବିଷ ପରିବହନ ପାଇଁ କମ୍ପ୍ରେସର ମସଲସ୍ ନ ଥାଏ। ଏଥିଯୋଗୁ ସେମାନେ ବିଷହୀନ ସର୍ପ ପରିଗଣିତ ହୁଅନ୍ତି। ତେଣୁ କେବଳ ଗୁରୁବାର ଏବଂ ଶୁକ୍ରବାର ସେମାନଙ୍କ କାମୁଡ଼ାରେ ବିଷ ଆସିବା ଅସମ୍ଭବ।

### ଲାଉଡଙ୍କିଆ ସାପ ଆଖିକୁ ଚୋଟ ମାରେ

ଏହି ସାପର ରଙ୍ଗ ସବୁଜ ଆଉ ଲାଉ ଡଙ୍କ ଭଳି ସରୁଆ। ତେଣୁ ଏହାର ନାମ ଲାଉଡଙ୍କିଆ ସାପ। ସାପଟି ଗଛରେ ରହୁଥିବାରୁ ଗଛତଳେ ଥିବା ଲୋକର ମୁଣ୍ଡକୁ ଆଘାତ କରେ। ମାତ୍ର ଆଖିକୁ ଚୋଟ ମାରିବା ଭଳି ଘଟଣା କେବେ ବି ସାମ୍ନାକୁ ଆସିନାହିଁ। ତେବେ ଗଛରେ ଥିବା ଏଣ୍ଡୁଅ, ଝିଟିପିଟି ଆଦି ସମ୍ମୁଖକୁ ଆସିଲେ ଲାଉଡଙ୍କିଆ ସେମାନଙ୍କ ଆଖିକୁ ଦେଖି ଶିକାର କରିବାକୁ ଚେଷ୍ଟା କରେ। ତେବେ ମଣିଷ ଆଖିକୁ ଚୋଟ ମାରିବା କଥା ଏକ ଭ୍ରାନ୍ତ ଧାରଣା।

**ସାପ କ୍ଷୀର ପିଏ:** ଅନେକ ଲୋକ ନାଗ ସାପକୁ କ୍ଷୀର ପିଇବାକୁ ଦେଇଥାନ୍ତି। କାରଣ ସାପମାନେ କ୍ଷୀର ପିଅନ୍ତି ବୋଲି ଧାରଣା ଥାଏ। ମାତ୍ର ତାହା ସତ୍ୟ ନୁହେଁ। ଏଥିସହ ଢମଣା ସାପ ଗାଇଠାରୁ କ୍ଷୀର ପିଇଦିଏ ବୋଲି ଭ୍ରାନ୍ତ ଧାରଣା ରହିଛି। ତେବେ କ୍ଷୀରକୁ ହଜମ କରିବା ପାଇଁ ସ୍ତନ୍ୟପାୟୀ ପ୍ରାଣୀଙ୍କର ଯେଉଁ ଏନ୍‌ଜାଇମ୍ ଥାଏ, ତାହା ସାପମାନଙ୍କ ଦେହରେ ନ ଥାଏ। ତେଣୁ ସେମାନେ କ୍ଷୀର ପିଅନ୍ତି ନାହିଁ କିମ୍ବା କୌଣସି ସ୍ଥଳରେ ପିଇଲେ ତାକୁ ହଜମ କରି ପାରନ୍ତି ନାହିଁ। ଯାହାକି ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ।

**ନାଗ ମୁଣ୍ଡରେ ମଣି:** ନାଗ ମୁଣ୍ଡରେ ଥିବା ମଣି ପାଖରେ ରହିଲେ ଧନ ଲାଭ ହେବା ସହ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଧାରଣା ରହିଛି। କେତେକ ସାପୁଆ କେଳା ନିଜ ସହିତ ନାଗ ମଣି ଆଣି ବିକ୍ରି କରିଥାନ୍ତି। ମାତ୍ର ତାହା ନାଗମଣି ନୁହେଁ। ମାଛର ଆଖିକୁ ଦୀର୍ଘ ସମୟ ଧରି ହଳଦୀ ପାଣିରେ ପକାଇ ରଖିବା ପରେ ତାକୁ ନାଗମଣି କହି କେତେକ ବିକ୍ରି କରିଥାନ୍ତି। ବାସ୍ତବରେ ସାପ ମୁଣ୍ଡରେ କୌଣସି ମଣି ନ ଥାଏ। ଏ ସମ୍ପର୍କରେ ସ୍ନେକ ହେଲ୍‌ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ସାପମାନଙ୍କୁ ନେଇ ଆମ ମଧ୍ୟରେ ଭୟ ସହିତ ବହୁ ଭ୍ରାନ୍ତ ଧାରଣା ରହିଛି। ଏହାକୁ ଦୂର କରିବା ପାଇଁ ବ୍ୟାପକ ଆଲୋଚନା ଏବଂ ସଚେତନତା ଆବଶ୍ୟକ। କେବଳ ଏତିକି ନୁହେଁ ସାପକୁ ମୁଣ୍ଡରେ ପକାଇଲେ ବିବାହ ଯୋଗ ଫିଟିବା, ନାଗର ଛୁଆ ଢମଣା, ସାପ କାମୁଡ଼ିଲେ ମନ୍ଦିରରେ ପାଣି ଢାଳି ବିଷ ଝାଡିବା ଭଳି ବହୁ ଭ୍ରାନ୍ତ ଧାରଣା ଲୋକଙ୍କ ମଧ୍ୟରେ ରହି ଆସିଛି। ଏ ସବୁ ଦୂର ହେବା ନିହାତି ଆବଶ୍ୟକ। ସେହିପରି ସାପ ଆମ ପରିବେଶରେ ସନ୍ତୁଳନ ରକ୍ଷାରେ ସହାୟକ ହୋଇଥାନ୍ତି। ତେଣୁ ସେମାନଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ସୁରକ୍ଷା ପ୍ରତି ସଚେତନ ହେବା ଆବଶ୍ୟକ।



### ଓଡ଼ିଶାରେ ଦେଖାଯାଉଥିବା ସାପ

ଓଡ଼ିଶାରେ ସାଧାରଣତଃ ଦେଖାଯାଉଥିବା ସାପଙ୍କ ମଧ୍ୟରେ ନାଗ, ତମ୍ପ, ଚିତି, ରଣା, ଚନ୍ଦନ ବୋଡା (ରସଲ ଭାଇପର୍), ଧୂଳିଆ ବୋଡା (ସ' ସ୍କେଲ୍‌ଡ ଭାଇପର୍), ତାଳୁଆ ବୋଡା (ବାମ୍ବୋ ପିଟ୍ ଭାଇପର୍), ଅହିରାଜ (କିଙ୍ଗ୍‌କୋବ୍ରା)ଆଦି ବିଷଧର ଅଟନ୍ତି। ସେହିପରି ବିଷହୀନ ସାପଙ୍କ ମଧ୍ୟରେ ଧଣ୍ଡ, ଢମଣା, ମାଟି ବିରାଡି, ଅଜଗର, କାଣ୍ଡନାଳ, ବାଲିବୋଡା, ଦୋମୁଣ୍ଡିଆ ଆଦି ରହିଛନ୍ତି। ଏମାନଙ୍କ ବ୍ୟତୀତ ଲାଉ ଡଙ୍କିଆ, ତାଳି ସାପ ଆଦି କିଛି ସାପ ସ୍ୱଳ୍ପ ବିଷଧାରୀ। ଏମାନେ ଏଣ୍ଡୁଅ, ଝିଟିପିଟି ଏବଂ ଛୋଟଛୋଟ ପକ୍ଷୀମାନଙ୍କ ପାଇଁ ବିଷଧର ସାଜୁଥିବାବେଳେ ମଣିଷଙ୍କ କ୍ଷେତ୍ରରେ ସେତେଟା ବିଷାକ୍ତ ନୁହନ୍ତି।

ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର

## ରାଜ୍ୟଖବର

# ବେଆଇନ ପଥର ଖଣିରେ ଏସ୍‌ଟିଏଫ୍ ଚଢ଼ାଉ, ୫ ଗିରଫ

**ଭୁବନେଶ୍ୱର,୧୫।୭ (ସୂର୍ଯ୍ୟକାନ୍ତ ବେହେରା)**





ଢେଙ୍କାନାଳ ଜିଲାର ରାସୋଳ, ବାଲିମି ଓ ମୋଟଙ୍ଗା ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ପଥର ଖନନ ଚାଲିଥିଲା। ପୋଲିସ ଓ ପ୍ରଶାସନ ସବୁ ଜାଣି ଚୁପ୍ ବସିଥିଲା। ଖବର ପାଇବା ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ଶନିବାର ୩ଟି ଖଣିରେ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ୫ ଜଣଙ୍କୁ ଗିରଫ କରାଯିବା ସହ ପଥର ଫଟାରେ ବ୍ୟବହୃତ ବିପୁଳ ବିସ୍ଫୋରକ (୨ ଶହ ଖଣ୍ଡ ଡିଟୋନେଟର, ୭୫ଖଣ୍ଡ ଜିଲୋଟିନ, ୫୦ କେଜି ଆମୋନିୟମ ନାଇଟ୍ରେଟ୍), ୨ଟି ହିଟାଚି ବ୍ରେକର, ୨ଟି ପ୍ରୋକ୍ଲିନ୍, ୧ ଜେସିବି, ୨ କଂପ୍ରେସର, ୨ଟି ଟ୍ରକ୍ ଜବତ କରିଛି ଏସ୍‌ଟିଏଫ୍। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁରର ବିଷ୍ଣୁ ମୁଣ୍ଡା, ଅନୁଗୋଳର ନଗେନ୍ଦ୍ର ଭୋଇ, ଢେଙ୍କାନାଳର ଧନମଣି ଦେହୁରୀ, ଅଜୟ କୁମାର ବିଶ୍ୱାଳ ଓ ମାନସ ସାମଲ। ଏମାନଙ୍କ ମଧ୍ୟରୁ ଧନମଣୀ ଖଣି ମାଲିକ ହୋଇଥିବାବେଳେ ଅଜୟ କ୍ରସର ମ୍ୟାନେଜର ଏବଂ ଅନ୍ୟମାନେ କର୍ମଚାରୀ ବୋଲି ଜଣାପଡିଛି। ବେଆଇନ ଖଣି ଖନନ ପାଇଁ କାର୍ଯ୍ୟାନୁଷ୍ଠାନ ଲାଗି ଏସ୍‌ଟିଏଫ୍ ସମସ୍ତ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଛି। ଏନେଇ ରାସୋଳ, ବାଲିମି ଓ ମୋଟଙ୍ଗା ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ ଜଙ୍ଗଲ ଜମିରେ ଦିନ ଦ୍ୱିପହରରେ ଖଣି ମାଫିଆମାନେ ବେଧଡ଼କ ଭାବେ ବ୍ଲାଷ୍ଟିଂ କରି କୋଟି କୋଟି ଟଙ୍କାର ଏହି ଲଘୁ ଖଣିଜ ଲୁଟିବା ସହ ରାଜସ୍ୱ ଫାଙ୍କି ଚାଲିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିଭଳି ଜାଣିପାରୁ ନ ଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ଅନେକ ଘଟଣାରେ ପୋଲିସ କେବଳ ଖଣି ଖନନ ଓ ବେଆଇନ ପରିବହନରେ ଲାଗୁଥିବା ଗାଡ଼ି, ଜେସିବି ଡ୍ରାଇଭର, ହେଲ୍‌ପରଙ୍କୁ ଧରି ବାହାଃବା ନେଉଥିବାବେଳେ ପ୍ରକୃତ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେମାନେ ଏଭଳି ବେଆଇନ ଖନନ ଜାରି ରଖିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାନୁସାରେ, ରାଜ୍ୟର ଅଧିକାଂଶ ସ୍ଥାନରେ ବେଆଇନ ପଥର ଖନନ ଚାଲୁଥିବାବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ତାହା ଜାରି ରହିଛି। ବ୍ଲାଷ୍ଟିଂ ଯୋଗୁ ଆଖପାଖ ଅଞ୍ଚଳର ବାସିନ୍ଦା କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରତିବାଦ କଲେ ଧମକ ଦେବା ସହ ଜୀବନ ବି ନେଉଛନ୍ତି। ସ୍ଥାନୀୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ହାତଗୁଞ୍ଜା ନେଇ ସେମାନଙ୍କୁ ଏପରି ବେଆଇନ କାର୍ଯ୍ୟ କରିବାକୁ ସୁଯୋଗ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ଅନେକ ସମୟରେ ପ୍ରଶାସନିକ ଅଧିକାରୀ ଚଢ଼ାଉ ବେଳେ ଆକ୍ରମଣର ଶିକାର ହେଉଥିବା ନଜିର ରହିଛି।

### ବିପୁଳ ବିସ୍ଫୋରକ, ଜେସିବି, ଟ୍ରକ୍ ଆଦି ଜବତ

# ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୧୦ ବର୍ଷ ଜେଲ

**ବାରିପଦା,୧୫।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ) :** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତ ରାଇରଙ୍ଗପୁର ରୁରାଲ ଥାନା ଅଧୀନ ନିରଞ୍ଜନ ଗ୍ରାମର ଗୁରୁ ପ୍ରସାଦ ମୁର୍ମୁ(୩୧)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏଥିସହ ୭ ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୫ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାବ୍ୟତୀତ ପୀଡ଼ିତା ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଗୁରୁ ପ୍ରସାଦ ଘରୁ ନେଇ ଯାଇଥିଲେ। ବିଭିନ୍ନ ସ୍ଥାନରେ ରଖି ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ପରିବାର ଲୋକେ ନାବାଳିକାଙ୍କୁ ନ ପାଇ ୨୦୧୫ ମାର୍ଚ୍ଚ ୬ରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗୁରୁ ପ୍ରସାଦଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ୧୪ ସାକ୍ଷୀଙ୍କ ବୟାନ, ପୋଲିସ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ଶୁଣାଣୀ କରିଛନ୍ତି। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।


**[GOVERNMENT OF ODISHA]**
**OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail - eepwdbgh@gmail.com, Phone/Fax-06646-234819
**INVITATIONS FOR BIDS (I.F.B.)**
**e-Procurement Notice**
IDENTIFICATION NO.IFB-SE PWD BGH No.15 OF 2023-24
No. 3468, Dated, 13.07.2023

**No.B-483:**1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Double** Cover System **in ONLINE MODE** for the **Civil works (Civil+EI+PH) (Composite work)** as detailed in the **Detailed Tender Call Notice [D.T.C.N)** from the eligible class of contractors.
2) No. of Building work:- **1 No.**
3) Cost of Tender Paper:- **Rs.10,000/-**
4) Class of contractor:- **"B" Class Contractor**
5) Date & Time of available in website & receipt of Bids: - **11:00 Hrs. of 20/07/2023 to 17:00 Hrs. of 31/08/2023.**
6) Date of opening of Technical Bid:- **02.08.2023 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website https://tendersodisha.gov.in only.

**Sd./- Superintending Engineer, Bargarh (R&B) Division**
OIPR-34039/11/0013/2324



**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone: 0680-2404096, E-Mail: eerwgmt@yahoo.co.in
**Government of Odisha e-Procurement Notice**
**Bid Identification No. Online Tender /09/SERWD-II/2023-24**
No.O-389 **Memo No.4342/RWD-IIGB, Date: 14.7.23**

| | | | |
|---|---|---|---|
| 1 | Name of the work | : | Building works |
| 2 | Estimated cost | : | Rs.96.00 lakhs |
| 3 | Period of completion | : | 6 (Six) calendar months |
| 4 | Date & time of availability of bid documents in the portal | : | 24.07.2023 at 10.00 A.M. to 07.08.2023 upto 3.00 P.M. |
| 5 | Last date / time for receipt of bids in the portal | : | 07.08.2023 upto 3.00 P.M. |
| 6 | Name and address of the officer inviting bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**
**Sd./- Superintending Engineer, R.W. Division-II, Ganjam, Berhampur**
OIPR-25073/11/0008/2324



**OFFICE OF THE EXECUTIVE ENGINEER**
**MECHANICAL DIVISION, UIDC, KHATIGUDA**
**AT/P.O.- KHATIGUDA, DIST.- NABARANGPUR, Pin- 764085**
**E mail-id- exengeer123@gmail.com**
Letter No.733 Dated: 12.07.2023
**TENDER CALL NOTICE NO.: EE-MDK-02/2023-24 Dated 17.07.2023**

No.A-338:- The Executive Engineer, Mechanical Division, At/P.O.: Khatiguda, Dist. Nabarangpur (Odisha) on behalf of Hon'ble Governor of Odisha invites tender in the prescribed form to be eventually drawn in P.W.D. F2 form from the Registered Travel Agency / Tour Operators/ Private Individuals Light Vehicle Owners authorized to use the vehicle for commercial purpose, having Commercial Registration Certificate, GST Registration No. & PAN of IT, for "Deployment of One Light Commercial Vehicle (Bolero / TUV300/Sumo Gold/ Ertiga) on hire basis to be engaged for official use of the Sub-Divisional Officer, Workshop & Heavy Machinery of Mechanical Division, UIDC, Khatiguda for one year/12 calendar months" from the date of Agreement along with driver.
**N.B.: All details can be seen in the tender booklet from the Office of the Executive Engineer, Mechanical Division, UIDC, Khatiguda, Dist.: Nabarangpur from Dt.17.07.2023, 11.00 A.M. to 29.07.2023 upto 1.00 P.M. regarding tender.**

**Sd./-Executive Engineer, Mechanical Division, Khatiguda**
OIPR-32511/11/0002/2324



**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR**
**TENDER NOTICE**
No. KK-112: Tenders are hereby invited for up-gradation of Educational Museum of OUAT. Interested bidders can download the tender related documents from the university website from **17.07.2023 to 14.08.2023**. The last date for submission of tender papers is **16.08.2023**. For further details, please visit the University website: **www.ouat.nic.in / www.ouat.ac.in**.
**Sd./- Dean Extension Education, OUAT, Bhubaneswar**
OIPR-01502/11/0002/2324



No.CAD-1270
CDA
**Cuttack Development Authority**
**Cuttack Development Authority, Arunodaya Bhawan, Link Road, Cuttack-12, Odisha**
RFP No.001/PLG/2023/CDA Dated: 15.07.2023
**REQUEST FOR PROPOSAL FOR SELECTION OF CONSULTANTS FOR PREPARATION OF GIS BASED OR ANY STATE OF ART TECHNOLOGY COMPREHENSIVE DEVELOPMENT PLAN FOR CUTTACK**

Cuttack Development Authority (CDA) proposes to undertake Preparation of GIS-based or any State of Art Technology CDP for newly included 145 villages of CDPA and integration with existing CDP-2012 in Odisha State under the provision of Odisha Development Authorities Act.

Proposals are invited from the reputed consultants to undertake the assignment and submit the deliverables as per the RFP conditions.

Details may be accessed and the RFP / application forms can be downloaded from the website: www.cdacuttack.nic.in. The completed application, as per instructions in the RFP document, should reach the following address latest by 18.08.2023 upto 3.00 P.M. Please refer the RFP documents for further details. A pre-bid meeting shall be organized for the same on 27.07.2023 at 11.30 A.M. in Conference Hall of CDA. In case of any queries / clarifications, please contact in our official mail id: cda.cuttack@nic.in, tinkuiqbalali@gmail.com, bishnu42sahoo@gmail.com, swasti.das@ap.jll.com __________.

CDA reserves the sole right to accept or reject any or all proposals without assigning any reason whatsoever.

**Sd./- Secretary, Cuttack Development Authority**
OIPR-13037/11/0087/2324



**OFFICE OF THE COMMANDANT**
**OSAP 2ND BATTALION, JHARSUGUDA**
**ADVERTISEMENT NOTICE**
To, No.D-83
S/442 Subash Shrestha
S/o. Ganesh Prasad Shrestha
Vill.- Chiti-8, P.O.- Dalal, P.S.- Chiti
Dist: Lamjung, West Nepal, Pin-33600

It is to intimate you through this Advertisement Notice that, you have overstayed the leave since 30.05.2022 AM without any intimation and prior permission from the competent authority, OSAP 2nd Bn., Jharsuguda, Departmental Proceeding No.07 dtd.16.09.2022 was initiated against you as you did not respond to the several recall notices issued from this office to resume your duty. The inquiring Officer conducted the proceeding inquiry exparte as you failed to attend the Proceeding inquiry inspite of several information issued to you and she submitted her findings holding you guilty of the charges leveled against you.

Basing on the evidence on record, statement of P.Ws. and findings of Inquiring Officer, it has been proposed to award you the punishment of "Dismissal from Service" and to treat the entire overatayal period w.e.f. 30.05.2022 AM to till your dismissal from service as " No Pay" on the basis of no work no pay for your gross indisciplined conduct and disobedience of order. The 2nd show cause notice was issued in your home address to submit your representation by 05.07.2023 positively against the proposed punishment, but you have not submitted any representation against the 2nd show cause notice till date.

Hence you are again directed to submit your representation against the proposed punishment within 15 days positively from the date of publication of this notice, which will be duly considered before passing the final order, failing which, final order will be passed accordingly.

**Sd./- Commandant**
**OSAP 2nd Bn., Jharsuguda, Odisha, India**
OIPR-12029/11/0012/2324



**OFFICE OF THE MUNICIPAL COUNCIL, GUNUPUR**
**Tender Reference No. GUN-MUN-58/2023-24**
**Letter No. 2030/23 Dt. 14.07.2023**
**CORRIGENDUM**
No. C-821: The Project "Construction of drain at the back side of Dera Street in Ward No. 05 mentioned at DTCN Sl. No. 18" vide this office Bid Identification No. GUN-MUN-58/2023-24 is hereby cancelled due to unavoidable circumstances.
Other contents of the e-procurement notice remain unchanged.
**Sd./- Executive Officer, Gunupur Municipality**
OIPR-13104/11/0006/2324



**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer**
No.A-340 **Drainage Circle, Balasore**
**"e" PROCUREMENT NOTICE NO.-ACEDCBLS-03/2023-24**

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 2 Nos. of individual work |
| 3 | Estimated cost of individual works | : | Varies from Rs.2,46,92,529/- to 5,36,68,712/- (Excluding GST) |
| 4 | Period of completion | : | 11 (Eleven) calendar months |
| 5 | Bid identification number | : | ACEDCBLS/DDBLS-01-03/2023-24 ACEDCBLS/DDBLS-02-03/2023-24 |
| 6 | Date & time of availability of bid document in the portal | : | From Dt.17.07.2023 at 10.00 hours to Dt.31.07.2023 at 17.00 hours |
| 7 | Date of opening of technical bid | : | Dt.01.08.2023 at 11.30 hrs in the O/o the Additional Chief Engineer, Drainage Circle, Balasore |
| 8 | Date of opening of financial bid | : | To be uploaded in portal |
| 9 | Date of lottery (if required) | : | To be notified |
| 10 | Procurement Officer/ Name & address of the officer inviting bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in
**Sd./- Additional Chief Engineer, Drainage Circle, Balasore**
OIPR-32190/11/0004/2324



**GOVERNMENT OF ODISHA** No. O-384
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
No. 2656/WE Date: 12.07.2023
**"e" procurement Notice**

1. Name of the Work : "Building Work"
2. Estimated Cost : Rs.439.97 lakh to Rs.619.15 lakh (Approximately)
3. Time for Completion : As per Annexure including rainy season
4. No. of Work : 06 (Six) Nos.
5. Summary for key dates is provided below :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 11 of 2023-24 | Dt. 17.07.2023 at 11.00 A.M. | Dt. 01.08.2023 upto 5.00 P.M. | Dt. 31.07.2023 upto 1.00 P.M. | Dt. 02.08.2023 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
Any other changes/Corrigendums may be seen only in website **www.tendersodisha.gov.in**.
**OIPR-25105/11/0011/2324** **Sd./- Er. S.K. Mishra, Chief Construction Engineer, Rural Works Circle, Balasore**

# କିଆ ଇଣ୍ଡିଆର ନୂଆ ମାଇଲଖୁଣ୍ଟ

## ୪୬ ମାସରେ ୧୦ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନ




ନୂଆଦିଲ୍ଲୀ,୧୫।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆ ନିକଟରେ ଏକ ଐତିହାସିକ ସଫଳତା ହାସଲ ସହ ବିଗତ ୪୬ ମାସରେ ୧୦ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନକରି ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏପରିକି ଆନ୍ଧ୍ରପ୍ରଦେଶସ୍ଥିତ ଅନନ୍ତପୁରଠାରେ ଥିବା କିଆ ଇଣ୍ଡିଆର ଆଧୁନିକ ଉତ୍ପାଦନ କେନ୍ଦ୍ରରୁ ଏକ ନିୟୁତ (୧୦ଲକ୍ଷ) ତମ ଯାନ ଉତ୍ପାଦନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଆନ୍ଧ୍ରପ୍ରଦେଶର ଅର୍ଥ,ଯୋଜନା ଏବଂ ଲେଜିସ୍‌ଲେଟିଭ ବ୍ୟାପାର ମନ୍ତ୍ରୀ ବୁଗାନା ରାଜେନ୍ଦ୍ରନାଥ ରେଡ୍ଡୀ, ଉଦ୍ୟୋଗ, ଭିତ୍ତିଭୂମି, ନିବେଶ ଓ ବାଣିଜ୍ୟ, ସୂଚନା ପ୍ରଯୁକ୍ତିମନ୍ତ୍ରୀ ଗୁଡ଼ିଭଡ଼ା ଅମରନାଥ, ସାଂସଦ ଗୋରାନ୍ତଲା ମାଧବ ଓ ପେନୁକୋଣ୍ଡାର ବିଧାୟକ ଜି. ଶଙ୍କର ନାରାୟଣଙ୍କ ସମେତ କିଆ ଇଣ୍ଡିଆର ଏମ୍‌ଡି ତଥା ସିଇଓ ତାଏ-ଜିନ୍ ପାର୍କ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ତାଏ-ଜିନ୍ ପାର୍କ କହିଛନ୍ତି, ଏହା ଆମ ପାଇଁ ଖୁସିର ଦିନ ହୋଇଥିବା ବେଳେ ଆମ କର୍ମଚାରୀ ଓ ପାର୍ଟନରଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ ପାଲଟିଛି। ସେହିଭଳି ଆମେ ସର୍ବଦା ଭାରତୀୟ ବଜାରରେ ଅଟୋମୋଟିଭ ଉତ୍କର୍ଷ ଦିଗରେ କାର୍ଯ୍ୟ କରୁଛୁ ବୋଲି ପାର୍କ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, କିଆ ଇଣ୍ଡିଆର ଆଧୁନିକ ଉତ୍ପାଦନ କେନ୍ଦ୍ରରୁ ମୋଟ ୫,୩୨,୪୫୦ ୟୁନିଟ୍ କିଆ ସେଲ୍‌ଟସ, ୩,୩୨,୪୫୦ ୟୁନିଟ୍ କିଆ ସୋନେଟ୍, ୧,୨୦,୫୧୬ ୟୁନିଟ୍ କିଆ କାରେନ୍ସ ଏବଂ ୧୪,୫୮୪ ୟୁନିଟ୍ କିଆ କାର୍ନିଭାଲ ଭଳି ଯାନ ଉତ୍ପାଦନ କରାଯାଇଛି । ଅପରପକ୍ଷରେ କିଆର ଏହି ଉଲ୍ଲେଖନୀୟ ସଫଳତା ତଥା ଭାରତୀୟ ବଜାର ପ୍ରତି କିଆର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି ଏବଂ ଏହାର ରଣନୈତିକ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଛି। ବିଶେଷକରି ୨୦୧୯ ଅଗଷ୍ଟରେ କିଆ ଇଣ୍ଡିଆର ବ୍ରାଣ୍ଡ୍ ସେଲ୍‌ଟସ୍ ମଡେଲର ଶୁଭାରମ୍ଭ ସହ ଭାରତୀୟ ବଜାରରେ କିଆ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରିଥିଲା। ବିଗତ ୪୬ ମାସ ମଧ୍ୟରେ କିଆ ୧୦,୦୦,୦୦୦ ବିକ୍ରୟ ସଫଳତା ହାସଲ କରିପାରିଛି।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୭

ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ନୂଆ ପାର୍ଟି ସ୍ପିକର ଏସ୍‌ଆର୍‌ଏସ୍-ଏକ୍ସଭି୮୦୦କୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଏଥିରେ ସବୁ ଦିଗକୁ ମୁହଁ କରିଥିବା ପାର୍ଟି ସାଉଣ୍ଡ ରହିଛି, ଯାହା କୋଠରିର ପ୍ରତିଟି କୋଣରେ ସ୍ପଷ୍ଟ ସାଉଣ୍ଡ ପହଞ୍ଚାଇବ। ଏକ୍ସ-ବାଲାନ୍ସ ସ୍ପିକର ୟୁନିଟ୍‌ର ଡିଜାଇନ ଶକ୍ତିଶାଳୀ ଓ ଗଭୀର ବେସ୍ ଉତ୍ପନ୍ନ କରିବ। ଏପରିକି ସାମ୍ନା ଓ ପଛ ସ୍ପିକରରେ ୫ ଟୁଇଟର ସ୍ପଷ୍ଟ ଓ ଉଚ୍ଚ ମାନର ସାଉଣ୍ଡ ପ୍ରଦାନ କରିବ। ଏସ୍‌ଆର୍‌ଏସ୍-ଏକ୍ସଭି୮୦୦ରେ ଏକ ବୃହତ୍ ବ୍ୟାଟେରି ରହିଛି, ଯାହା ୨୫ ଘଣ୍ଟା ପର୍ଯ୍ୟନ୍ତ ଚାଲିବ। ମାତ୍ର ୧୦ ମିନିଟ୍ ଚାର୍ଜକଲେ ତାହା ୩ ଘଣ୍ଟା ପର୍ଯ୍ୟନ୍ତ ଚାଲିପାରିବ। ସେହିଭଳି ଟିଭି ଦେଖିବା ବେଳେ ମଧ୍ୟ ଏସ୍‌ଆର୍‌ସି-ଏକ୍ସଭି୮୦୦କୁ ବ୍ୟବହାର କରାଯାଇପାରିବ। ଏହାର ଟିଭି ସାଉଣ୍ଡ୍ ବୁଷ୍ଟର ଟିଭିରେ କୌଣସି କାର୍ଯ୍ୟକ୍ରମକୁ ଉପଭୋଗ କରିବା ବେଳେ ଏକ ଉନ୍ନତ ଅନୁଭୂତି ପ୍ରଦାନ କରିବ।

## ମାଲାବାରର ନ୍ୟୁ ଡାଇମଣ୍ଡ କଲେକ୍ସନ

ଭୁବନେଶ୍ୱର,୧୫।୭




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ନ୍ୟୁ ଡାଇମଣ୍ଡ କଲେକ୍ସନ 'ସ୍ପାର୍କଲେ ଅଫ୍ ହେଭେନ୍' ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ମାଲାବାରର ସବ୍ ବ୍ରାଣ୍ଡ୍ ମାଇନ ଡାଇମଣ୍ଡ ଜୁଏଲେରିର ମଧ୍ୟ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ମାଲାବାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଯଥା ଭୁବନେଶ୍ୱରର ଶହୀଦନଗର ଓ ଚନ୍ଦ୍ରଶେଖରପୁର ସହିତ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ଠାରେ ମଧ୍ୟ ଉପରୋକ୍ତ ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ।

ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ବ୍ରାଣ୍ଡ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌ଗୁଡିକରେ ଡାଇମଣ୍ଡର ନୂତନ ଉତ୍ପାଦ ତଥା କଲେକ୍ସନ ଉପଲବ୍ଧ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ବ୍ରାଣ୍ଡ୍‌ର ନୂତନ କଲେକ୍ସନ ଜରିଆରେ ଆମେ ଆମର ଗ୍ରାହକଙ୍କ ନିକଟତର ହୋଇପାରିବୁ। ସେହିଭଳି ବ୍ରାଣ୍ଡ୍‌ର ଆକର୍ଷଣୀୟ ଡିଜାଇନ ଓ କଳାକୃତିର ଗହଣା ସମ୍ଭାରକୁ ଓଡ଼ିଶାର ୩ଟି ପ୍ରମୁଖ ଷ୍ଟୋର ଜରିଆରେ ରାଜ୍ୟବାସୀଙ୍କୁ ସେମାନଙ୍କର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଗହଣା ଯୋଗାଇବା ସହ ଉଭୟ ବିକ୍ରି ଓ ବିକ୍ରି ପରବର୍ତ୍ତୀ ସୁବିଧାର ବ୍ୟବସ୍ଥା ମଧ୍ୟ ଯୋଗାଇଦେଉଛି।

## କିମ୍ସରେ ଖୁବ୍‌ଶୀଘ୍ର ବର୍ନ ୟୁନିଟ୍

- ମାଗଣାରେ ହେବ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର
- କିମ୍ସ ହସ୍ପିଟାଲ ପକ୍ଷରୁ ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରି ଦିବସ

ଭୁବନେଶ୍ୱର,୧୫।୭

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍ ବା କିମ୍ସ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ବିଶେଷ ଘୋଷଣା କରାଯାଇଛି। ଏପରିକି ହସ୍ପିଟାଲ ପକ୍ଷରୁ କୁହାଯାଇଛି, ଖୁବ୍‌ଶୀଘ୍ର କିମ୍ସ ହସ୍ପିଟାଲରେ ବର୍ନ ୟୁନିଟ୍ କାର୍ଯ୍ୟକାରୀ କରାଯିବା ସହ ଗ୍ରହଣ ଖଣ୍ଡିଆ ରୋଗୀର ମାଗଣା ଅସ୍ତ୍ରୋପଚାର କିମ୍ସରେ କରାଯିବ। ଅପରପକ୍ଷରେ ଶନିବାର ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିମ୍ସ ମେଡିକାଲ କଲେଜର ଅଧ୍ୟକ୍ଷ ଡା.ଅମ୍ବିକା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଡା. ଶୁଭ୍ରାଂଶୁ ପାତ୍ର, କିମ୍ସ ସୁପର ସ୍ପେଶିଆଲିଟି ହସ୍ପିଟାଲ ଏବଂ କିମ୍ସ କ୍ୟାନ୍‌ସର ସେଣ୍ଟରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର, କିମ୍ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ ହସ୍ପିଟାଲ ଅଧୀକ୍ଷକ ଡା. ଆର୍.ସି.ଦାସ, ଉପ ଅଧୀକ୍ଷକ ଡା. ଅଶ୍ୱିନୀ ଶର୍ମା, ଡା,ହରିବନ୍ଧୁ ମହାନ୍ତି, ପ୍ଲାଷ୍ଟିକ୍ ସର୍ଜରି ବିଭାଗର ବିଭାଗୀୟ ମୁଖ୍ୟ ଡା. ସୁନୀଲ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ ସର୍ଜରି ଉପରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଅଂଶ ଗ୍ରହଣ କରିଥିବା ଚିକିତ୍ସକମାନେ କହିଥିଲେ, ସାଧାରଣ ଲୋକଙ୍କ ମନରେ ପ୍ଲାଷ୍ଟିକ ସର୍ଜରିକୁ ନେଇ ବର୍ତ୍ତମାନ ଅନେକ ଦ୍ୱନ୍ଦ୍ୱ ରହିଛି। ଏପରିକି ପ୍ଲାଷ୍ଟିକ ସର୍ଜରି ବିଷୟରେ ଅଧିକ ସୂଚନା ନ ଥିବାବେଳେ ଏହାକୁ ନେଇ ଲୋକଙ୍କ ମନରେ ଅନେକ ଦ୍ୱନ୍ଦ୍ୱ ରହିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ଜେଏସ୍‌ପିକୁ ସିଏସ୍‌ଆର୍ ହେଲ୍‌ଥ ଇମ୍ପାକ୍ଟ ଗୋଲ୍ଡ ଆୱାର୍ଡ

ଭୁବନେଶ୍ୱର,୧୫।୭




ଦେଶର ପ୍ରମୁଖ ଇସ୍ପାତ ନିର୍ମାତା ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି କୋଭିଡ ରିଲିଫ୍ ପଦକ୍ଷେପ ପାଇଁ ଜେଏସ୍‌ପିକୁ ସିଏସ୍‌ଆର୍ ହେଲ୍‌ଥ ଇମ୍ପାକ୍ଟ ଗୋଲ୍ଡ ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମେଗା ପ୍ରୋଜେକ୍ଟ ବର୍ଗରେ ଜେଏସ୍‌ପିକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଯୋଗଦେଇ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ କୁମାର ହୋତା ପୁଡୁଚେରୀର ପୂର୍ବତନ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଡ. କିରଣ ବେଦୀଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହୋତା କହିଥିଲେ, କୋଭିଡ୍ ମହାମାରୀ ସମଗ୍ର ମାନବିକତା ପାଇଁ ଏକ ଆହ୍ୱାନପୂର୍ଣ୍ଣ ସମୟ ଥିଲା। ଏହି ସମୟରେ ଜେଏସ୍‌ପିର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଥିଲା। ବିଶେଷକରି ଜନସାଧାରଣ ତଥା ପ୍ରଶାସନକୁ ଜେଏସ୍‌ପି ଆବଶ୍ୟକ ସମର୍ଥନ ଯୋଗାଇବା ସହ କୋଭିଡ୍-୧୯ର ମୁକାବିଲା ନିମନ୍ତେ ଆମେ ଆଗଭର ହେବା ସହ ଲକ୍‌ଡାଉନ ସମୟରେ ଲୋକମାନଙ୍କୁ ଖାଦ୍ୟ ଯୋଗାଇବାଠାରୁ ଆରମ୍ଭ କରି ଡାକ୍ତରଖାନାଗୁଡ଼ିକୁ ଲିକ୍ୱିଡ ମେଡିକାଲ ଅକ୍ସିଜେନ ଯୋଗାଇବା ପର୍ଯ୍ୟନ୍ତ ବିଭିନ୍ନ ଉଦ୍ୟମ କରିଥିଲୁ। ଏପରିକି ଉକ୍ତ ପୁରସ୍କାର ପାଇଁ ସେ ଜୁରି ଏବଂ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମର ଏକ ପ୍ୟାନେଲ ବକ୍ତାଭାବେ ଯୋଗଦେଇ ହୋତା ବିଗତ ବର୍ଷଗୁଡ଼ିକରେ ସିଏସ୍‌ଆର୍‌ର ରୂପାନ୍ତରଣ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

## ଡା.ଏସ୍.କେ.ଦାଶଙ୍କୁ ମାନବବାଦୀ ସମ୍ମାନ

ଭୁବନେଶ୍ୱର,୧୫।୭



ଡା. ଏସ୍ .କେ.ଦାଶ

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଅଧ୍ୟକ୍ଷ ଡା. ଏସ୍ .କେ.ଦାଶଙ୍କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଛି। ଡା.ଦାଶଙ୍କୁ ଆର୍କ କ୍ଲମ୍ପ ସୋସାଇଟିର ସମ୍ମାନଜନକ ସଦସ୍ୟତା ସହ ଆମେରିକାର ମିନେସୋଟାର ରୋଟାରି କ୍ଲବ ଦ୍ୱାରା ମାନବବାଦୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ସମ୍ପର୍କରେ ରୋଟାରି କ୍ଲବ ଏଡିନାର ସଭାପତି ସେଲି ଲୋବେର୍ଗ କହିଛନ୍ତି, ଡା. ଦାଶଙ୍କର ଏହି ମହତ୍ କାର୍ଯ୍ୟକୁ ସମଗ୍ର ବିଶ୍ୱରେ ସ୍ୱୀକୃତି ଦେଇ ଆମେ ବେଶ୍ ଗର୍ବିତ। ସେହିଭଳି ଇଣ୍ଡିଆନ ଆସୋସିଏସନ ଅଫ୍ ମିନେସୋଟାର ସଭାପତି ତାନ୍‌ୱି ପ୍ରିଜେ ଡା. ଦାଶଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଡା. ଦାଶ ପ୍ରୋବାଇଓଟିକେସ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବହୁଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ଗ୍ରହଣ କରିଛନ୍ତି। ସେହିପରି ଡା. ଦାଶଙ୍କ ନାମରେ ନାମିତ ମିନେସୋଟା ଇତିହାସ ସଂଗ୍ରହାଳୟର ରୋଟୁଣ୍ଡା ସହ ଦାଶଙ୍କୁ ସମ୍ମାନିତ କରାଯାଇଥିଲା ବୋଲି ମିନେସୋଟା ବ୍ଲୁକ୍ରସ୍ ବ୍ଲୁସିଲ୍‌ଡର ମୁଖ୍ୟ ନାଶ ସେଖ୍ କହିଛନ୍ତି। ସେହିଭଳି ମିନେସୋଟା କନକର୍ଡିଆ ବିଶ୍ୱବିଦ୍ୟାଳୟର ଆସୋସିଏଟ ଉପାଧ୍ୟକ୍ଷ ଡା. ବ୍ରୁସ୍ କୋରୀ ଡା. ଦାଶଙ୍କ ସମ୍ପର୍କରେ ଅନେକ ରୋଚକ କଥାର ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଡା. ଦାଶ ଜଣେ ଉଦ୍ୟୋଗୀ ତଥା ଉଦ୍ଭାବକ ଯିଏ କି ତାଙ୍କର କାର୍ଯ୍ୟ ମାଧ୍ୟମରେ ୧୦୦ ବିଲିୟନ ଡଲାରର ପ୍ରୋବାଇଓଟିକ ଶିଳ୍ପ ଗଠନ କରିବାରେ ସାହାଯ୍ୟ କରିଛନ୍ତି।

ଫୁର୍‌ସତ୍

## ଶିଶୁଙ୍କ ପାଇଁ ଦାନ କଲେଣି ୧୦,୩୫୦ ଲିଟର ଦୁଗ୍ଧ


ଏଲିଜାବେଥ୍ ଏଣ୍ଡରସନ

ୱାଶିଂଟନ୍: ମା'ଙ୍କ ଦୁଗ୍ଧ ଶିଶୁ ପାଇଁ ଅମୃତ ସମାନ। ଡାକ୍ତରଙ୍କ ମୁତାବକ, ଶିଶୁଙ୍କୁ ଜନ୍ମର ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଦିଆଯିବା ଉଚିତ୍। କାରଣ ଏଥିରେ ଅଧିକ ମାତ୍ରାରେ ପୋଷକତତ୍ତ୍ୱ ରହିଥାଏ, ଯାହା ଶିଶୁଙ୍କ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ତାଙ୍କ ମାନସିକ ବିକାଶରେ ମଧ୍ୟ ସାହାଯ୍ୟ କରେ। ଏଥିପାଇଁ ମା'ମାନେ ବହୁତ ସାବଧାନ ଅବଲମ୍ବନ କରିଥା'ନ୍ତି। ହେଲେ ଏପରି ଜଣେ ମହିଳା ଅଛନ୍ତି, ଯିଏ ତାଙ୍କ ସ୍ତନର ଦୁଗ୍ଧକୁ ଅନ୍ୟ ଶିଶୁଙ୍କ ପାଇଁ ଦାନ କରୁଛନ୍ତି। ଏହା କରି ସେ ବର୍ତ୍ତମାନ ହଜାରେରୁ ଅଧିକ ଶିଶୁଙ୍କ ଜୀବନ ବଞ୍ଚାଇ ସାରିଲେଣି। ତାଙ୍କର ଏପରି କାର୍ଯ୍ୟ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ତାଙ୍କ ନାମ ସ୍ଥାନ ପାଇଛି। ରିପୋର୍ଟ ମୁତାବକ, ଆମେରିକାର ବାସିନ୍ଦା ଏଲିଜାବେଥ୍ ଏଣ୍ଡରସନ ଗତ କିଛି ବର୍ଷ ହେବ ଏହି କାମ କରିଆସୁଛନ୍ତି। ଏଣ୍ଡରସନଙ୍କ ୨ ପିଲା ଅଛନ୍ତି। ଏଥିସହ ସେ ହଜାରେ ସଂଖ୍ୟାରେ ଶିଶୁଙ୍କୁ ଲାଳନ ପାଳନ କରୁଛନ୍ତି। ଅନେକ ପ୍ରିମାଚ୍ୟୁରର ଶିଶୁ (ସମୟ ପୂର୍ବରୁ ଜନ୍ମ ହୋଇଥିବା)ଙ୍କ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଛନ୍ତି। ଗିନିଜ୍ ବୁକ୍ ରେକର୍ଡ ମୁତାବକ, ସେ ୨୦୧୫ ଫେବୃୟାରୀ ୨୦ରୁ ୨୦୧୮ ଜୁନ୍ ୨୦ ପର୍ଯ୍ୟନ୍ତ ଏକ କ୍ଷୀର ବ୍ୟାଙ୍କକୁ ୧୬୦୦ ଲିଟର ସ୍ତନ ଦୁଗ୍ଧ ଦାନ କରିସାରିଲେଣି। ସେ ଏବେ ବି ତାଙ୍କର ଏହି ପ୍ରୟାସ ଜାରି ରଖିଛନ୍ତି। ଏହାଛଡ଼ା ସେ ଅନେକ ପିଲାଙ୍କୁ ମଧ୍ୟ କ୍ଷୀର ଦେଇଛନ୍ତି। ଏଣ୍ଡରସନ ଗତ ୯ ବର୍ଷ ମଧ୍ୟରେ ୧୦ ହଜାର ୩୫୦ ଲିଟର ଦୁଗ୍ଧ ଦାନ କରିସାରିଲେଣି। ତାଙ୍କ କହିବା ମୁତାବକ, ସେ କେବଳ ଏପରି ଲୋକଙ୍କୁ ଦୁଗ୍ଧ ଯୋଗାନ୍ତି, ଯେଉଁମାନଙ୍କୁ ଏହାର ଅଧିକ ଆବଶ୍ୟକତା ରହିଥାଏ। ପୂର୍ବରୁ ସେ ଦୁଗ୍ଧକୁ ଫିଙ୍ଗି ଦେଉଥିଲେ। ହେଲେ ଏହି କ୍ଷୀରକୁ ଯଦି ଠିକ୍‌ରେ ବ୍ୟବହାର କରାଯାଏ, ତେବେ ବହୁ ଶିଶୁଙ୍କ ଜୀବନ ବଞ୍ଚାଇପାରିବେ ବୋଲି ଚିନ୍ତା କଲେ। ଯେତେବେଳେ ତାଙ୍କର ଦ୍ୱିତୀୟ ସନ୍ତାନ ଜନ୍ମ ହେଲା, ତା'ର ଏକ ସପ୍ତାହ ପରେ ସେ ଦୁଗ୍ଧ ଦାନ କରିବା ଆରମ୍ଭ କରିଦେଲେ। ସେ ପ୍ରତିଦିନ କ୍ଷୀର ପମ୍ପ ସାହାଯ୍ୟରେ ୬ ଲିଟର କ୍ଷୀର ବାହାର କରି ବ୍ୟାଗରେ ଭର୍ତ୍ତି କରି ଏକ ବ୍ୟାଙ୍କକୁ ଦିଅନ୍ତି। ତେବେ ଏଣ୍ଡରସନ୍‌ଙ୍କ ହାଇପରଲାକ୍ଟେସନ ସିଣ୍ଡ୍ରୋମ ପାଇଁ ସ୍ତନରୁ ଅଧିକ କ୍ଷୀର ନିର୍ଗତ ହେଉଥିଲା। ଏଥିସହ ତାଙ୍କ ଦେହରେ ଅଧିକ ମାତ୍ରାରେ ପ୍ରୋଲାକ୍ଟିନ ନାମକ ହରମୋନ୍ ଥିବାରୁ ତାଙ୍କର ମିଲ୍କ ପ୍ରଡକ୍ସନ ଅଧିକ ହେଉଥିଲା। ଏହା ବ୍ୟତୀତ ଏଣ୍ଡରସନ କହିଛନ୍ତି, ଯିଏ ଠିକ୍ ଉପାୟରେ ପମ୍ପର ବ୍ୟବହାର ଜାଣିଥିବ, ସେ ଅଧିକ କ୍ଷୀର ମଧ୍ୟ ବାହାର କରିପାରିବ।

## ୪୦ ବର୍ଷରେ କ୍ୟାଟ୍ରିନା

ମୁମ୍ବାଇ

ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବଂ ସ୍ୱାମୀ ଭିକ୍କି କୌଶଲଙ୍କୁ ଶନିବାର ବିମାନ ବନ୍ଦରରେ ଦେଖିବାକୁ ମିଳିଛି। ଦୁହେଁ ହାତ ଧରାଧରି ହୋଇ ଯାଉଥିବା ଜଣାପଡ଼ିଛି। କ୍ୟାଟ୍ରିନା ତାଙ୍କ ୪୦ତମ ଜନ୍ମଦିନ ପାଳିବାକୁ ସ୍ୱାମୀଙ୍କ ସହ ମୁମ୍ବାଇରୁ ବାହାରକୁ ଯାଉଛନ୍ତି। କ୍ୟାଟ୍ରିନା ଧଳା ରଙ୍ଗର ଶାର୍ଟ ସହ ନୀଳ ରଙ୍ଗର ଜିନ୍ସ ଏବଂ ଭିକ୍କି କାଜୁଆଲ ଧଳା ଶାର୍ଟ ଓ କଳା ପ୍ୟାଣ୍ଟ ଜ୍ୟାକେଟ୍‌ରେ ଦେଖିବାକୁ ମିଳିଛନ୍ତି। ଦୁହେଁ ଡିସେମ୍ବର ୨୦୨୧ରେ ରାଜସ୍ଥାନର ଜୟସାଲମେର୍‌ର ଏକ ଦୁର୍ଗରେ ବିବାହ କରିଥିଲେ। ସେମାନଙ୍କ ସମ୍ପର୍କ କଫି ଉଇଥ୍ କରନ୍ ସିଜନ୍ ୭ରୁ ଆରମ୍ଭ ହୋଇଥିଲା। ତେବେ କ୍ୟାଟ୍ରିନା ୨୦୦୩ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ପ୍ରଶଂସକଙ୍କୁ ତାଙ୍କ ଅନେକ ହିଟ୍ ଫିଲ୍ମ ଭେଟି ଦେଇସାରିଛନ୍ତି। ଶେଷଥର ପାଇଁ ତାଙ୍କୁ 'ଫୋନ ବୁଥ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ 'ଟାଇଗର-୩' ଏବଂ 'ମେରି କ୍ରିସ୍‌ମାସ' ମୁଭି ରହିଛି। ଯେଉଁଥିରେ ସେ ନିଜକୁ ବ୍ୟସ୍ତ ରଖିଛନ୍ତି। ଏଥିସହ ତାଙ୍କୁ ମଧ୍ୟ କିଛି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଛି।



## ଜ୍ୱାଳାମୁଖୀରେ ପିଜ୍ଜା ପ୍ରସ୍ତୁତ



ଗୁଆଟେମାଲା ସିଟି

ବହୁତ ଲୋକଙ୍କ ଦେଶ ଓ ଦୁନିଆ ବୁଲିବାର ସଉକ ରହିଥାଏ। ଏହା ତାଙ୍କୁ ଭିନ୍ନ ଜୀବନଶୈଳୀ ଏବଂ ଅନେକ କିଛି ଶିଖିବାରେ ସାହାଯ୍ୟ କରେ। ଏଥିସହ ସେମାନେ ଭିନ୍ନ ଅନୁଭୂତି ମଧ୍ୟ ନେଇଥାନ୍ତି। ନିକଟରେ ଜଣେ ମହିଳା ତାଙ୍କର ଏପରି ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ କିଛି ନୂଆ ଚେଷ୍ଟା କରିବାକୁ ଯାଇ ସେଥିରେ ସଫଳ ହୋଇଛନ୍ତି। ନିକଟରେ ଆଲେକ୍‌ଜେଣ୍ଡ୍ରା ବ୍ଲୋଡଗେଟ୍ ନାମ୍ନୀ ଜଣେ ମହିଳା ଗୁଆଟେମାଲା ଯାଇଥିଲେ। ସେଠାରେ ସେ ଏକ ପିଜ୍ଜାକୁ ଭିନ୍ନ ଉପାୟରେ ପ୍ରସ୍ତୁତ କରିଛନ୍ତି। ପିଜ୍ଜାଟି ସକ୍ରିୟ ଜ୍ୱାଳାମୁଖୀ ଆଞ୍ଚରେ ତିଆରି କରିଛନ୍ତି। ସେ ଏହାର ଏକ ଭିଡିଓ ଶେୟାର କରିଛନ୍ତି। ଏହାର କ୍ୟାପ୍ସନରେ ଲେଖିଛନ୍ତି, ଗୁଆଟେମାଲା ଆସିଛନ୍ତି ଜ୍ୱାଳାମୁଖୀରେ ପିଜ୍ଜା ଖାଇବାକୁ। ୨୦୨୧ରେ ଏଠାରେ ଜ୍ୱାଳାମୁଖୀ ଫାଟିଥିଲା। କିନ୍ତୁ ଏହା ଏବେ ବି ସକ୍ରିୟ ରହିଛି। ଏଠାରେ ବହୁତ ଥଣ୍ଡା ଥିବାରୁ ସେମାନଙ୍କୁ ଅଧିକ କପଡ଼ା ପିନ୍ଧି ଆସିବାକୁ ପଡ଼ିଥିଲା। ଭିଡିଓରେ ଏକ କଞ୍ଚା ପିଜ୍ଜାକୁ ତଳେ ଥୋଇ ତାକୁ ଘୋଡ଼ାଇ ଦିଆଯାଇଥିଲା। କିଛି ସମୟ ପରେ ତାହା ପ୍ରସ୍ତୁତ ହୋଇଯାଇଥିଲା। ଏହାପରେ ଆଲେକ୍‌ଜେଣ୍ଡ୍ରା ତାକୁ ଆରାମରେ ଖାଉଥିବା ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ, ଗୁଆଟେମାଲାର ସାନ୍ ଭିସେଣ୍ଟି ହେଉଛି ଏପରି ଏକ ସହର, ଯେଉଁଠାରେ ଜ୍ୱାଳାମୁଖୀ ଭିତରେ ପିଜ୍ଜା ପ୍ରସ୍ତୁତ ହୋଇଥାଏ।

## ୭୨ ବର୍ଷରେ ଭାରିଯାନ ଚାଳନା ନିଶା




**କାନବେରା:** ବର୍ତ୍ତମାନ ସମୟରେ ଚାକିରି ପାଇବାକୁ ବହୁତ କଷ୍ଟ କରିବାକୁ ପଡୁଛି। ଏପରି ସ୍ଥଳେ ଜଣେ ୭୨ ବର୍ଷୀୟ ବ୍ୟକ୍ତି ଟ୍ରକ ଚଳାଇବା ପାଇଁ ତାଙ୍କ ଲକ୍ଷେ ଟଙ୍କାର ଚାକିରିକୁ ଛାଡ଼ି ଦେଇଛନ୍ତି। ତାଙ୍କର ଏପରି କାର୍ଯ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ମୁତାବକ, ଅଷ୍ଟ୍ରେଲିଆର ବାସିନ୍ଦା ଗ୍ରେଗ୍ ରୋସ୍ ଥିଏଟର କମ୍ପାନୀର ସିଇଓ ଥିଲେ। ତାଙ୍କୁ ୬୦ ବର୍ଷ ହେବା ବେଳକୁ ତାଙ୍କ କାମ ପାଇଁ ତାଙ୍କୁ ଦୁର୍ବଳ ଅନୁଭୂତ ହେଉଛି। ତାଙ୍କୁ ଲାଗିଲା କି ଜୀବନରେ କିଛି ବଡ଼ ଚ୍ୟାଲେଞ୍ଜ ନେବା ଉଚିତ୍। ସେଥିପାଇଁ ସେ ତାଙ୍କ ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଲେ। ସେ କହିଛନ୍ତି, କିଛି ସମୟରୁ ତାଙ୍କର କାମରେ ମନ ଲାଗୁ ନ ଥିଲା। ପରେ ତାଙ୍କୁ ଥାଇରଏଡ କ୍ୟାନ୍ସର ହୋଇଥିବା ସେ ଜାଣିବାକୁ ପାଇଲେ। ମନ ସନ୍ତୁଷ୍ଟ ରହିବାକୁ କିଛି ଅଲଗା କରିବାକୁ ସେ ୨୦୦୮ରେ ଭାବିଲେ। ତାଙ୍କର ଜୀବନରେ ବିଭିନ୍ନ ପ୍ରକାରର ଏକ୍ସପେରିଏନ୍ସ ଥିଲା। କିନ୍ତୁ ସେ କେବେ ଟ୍ରକ ଚଲାଇବାର ସୁଯୋଗ ପାଇ ନ ଥିଲେ। ସେ ଏକ କମ୍ପାନୀ ସହ କଥା ହୋଇ ଡ୍ରାଇଭିଂ ବାବଦରେ ବୁଝିଲେ ଏବଂ ତାଙ୍କ ଚାକିରି ଛାଡ଼ି ଟ୍ରକ ଚଳାଇବା ପେସାକୁ ଆପଣାଇନେଲେ। ଏହାପରେ ଭାରିଯାନ ଚଳାଇବା ତାଙ୍କ ନିଶାରେ ପରିଣତ ହୋଇଯାଇଛି। ସେ ୧୨ ବର୍ଷ ହେବ ଭାରି ଯାନ ଚଳାଉଛନ୍ତି।

**ନକଲି ସୁନା ଶଙ୍ଖ କାରବାର ଅଭିଯୋଗରେ ୨ ଗିରଫ**

ଉମରକୋଟ, ୧୫।୭ (ସନ୍ତୋଷ ଶତପଥୀ): ନକଲି ସୁନାଶଙ୍ଖ କାରବାରରେ ଉମରକୋଟ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉମରକୋଟ ଥାନା ଅଧୀନ କାନାକୋଟ ଗ୍ରାମର ସୁରେନ୍ଦ୍ର ହରିଜନ (୨୭) ଓ ଡାବୁଗାଁ ଥାନା ଅଧିନ କଇଗାଁ ଗ୍ରାମର ବଳରାମ ପନକା (୨୪)। ଅଭିଯୁକ୍ତମାନେ ତାମିଲନାଡୁ ଗୁଡାଲୁର ଜିଲାର ସମ୍ପାତୀକୁପାମ ଗ୍ରାମର ଏ.ମାଣିଗନ୍ଦନ (୪୦)ଙ୍କୁ ୮ ଲକ୍ଷ ଟଙ୍କାରେ ନକଲି ଶଙ୍ଖ ବିକ୍ରି କରିଥିବା ନେଇ ଉମରକୋଟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ନଗଦ ୨ଲକ୍ଷ ୬୮ ହଜାର ଟଙ୍କା ଓ ୪ କେଜି ୧୭୦ ଗ୍ରାମର ନକଲି ଶଙ୍ଖ ଜବତ କରିଛି।

## ସଂକ୍ଷେପରେ

### ଯୁବକଙ୍କୁ ପିଟି ହତ୍ୟା, ୩ ଅଟକ

ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ଥାନୀୟ ଗାନ୍ଧିଛକ ନିକଟ ବିଦ୍ୟୁତ ଅଫିସରୁ ଶକ୍ତିନଗର ପଟକୁ ଯାଇଥିବା ଗଳିରାସ୍ତାରେ ଶନିବାର ସକାଳୁ ବରଗଡ଼ ଟାଉନ ଥାନା ପୋଲିସ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣକ ହେଲେ ବରଗଡ଼ ପୌର ପରିଷଦ ଅଧୀନ ମଙ୍ଗଳାଝୁମ୍ପୁଡ଼ିର ସୁରଜ ନାଗ(୨୦)। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ଅନ୍ୟତ୍ର ପିଟିପିଟି ହତ୍ୟା ପରେ ମୃତଦେହକୁ ଗାନ୍ଧିଛକ ନିକଟ ଗଳିରାସ୍ତାରେ ଅଭିଯୁକ୍ତମାନେ ପକାଇ ଦେଇଥିବା ଅନୁମାନ କରାଯାଉଛି। ମୃତଦେହକୁ ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏକ ହତ୍ୟା ମାମଲା (ନଂ.୪୬୭/୨୩) ରୁଜୁ ହୋଇଛି। ପୋଲିସ ୩ସନ୍ଦିଗ୍ଧ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଏପରିକି ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଭିଆଉଥିବାବେଳେ ସେହି ସମୟର ଭିଡିଓ ରେକର୍ଡ଼ିଂ ମଧ୍ୟ କରିଥିବା ସାଧାରଣରେ ଆଲୋଚିତ ହେଉଛି।

### ୧୬ ଶିକ୍ଷକଙ୍କୁ ତାଲା ପକାଇଲେ ଅଭିଭାବକ

■ ଶିକ୍ଷକ ନିଯୁକ୍ତି ଦାବି ଜୋର୍ ଧରିଲା

ମାର୍ଶାଘାଇ,୧୫।୭(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ କରିଲୋପାଟଣା ଗ୍ରାମ ଜୟରାମ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ୧୦ ଶିକ୍ଷକ ପଦବୀ ଖାଲିପଡିଛି । ଅଭିଭାବକମାନେ ବିଭାଗୀୟ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହାକୁ ନେଇ ଶନିବାର ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ସ୍କୁଲକୁ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ୧୬ଜଣ ଶିକ୍ଷକଙ୍କୁ ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କ ଅଫିସ ଭିତରେ ଭର୍ତ୍ତି କରି ତାଲା ପକାଇ ରଖିଥିଲେ। ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକଙ୍କ ଅଫିସ ଭିତରେ ରହିଥିଲେ। ପ୍ରତିଶ୍ରୁତି ମିଳିବା ପରେ ଅଭିଭାବକମାନେ ତାଲା ଖୋଲିବା ପରେ ଶିକ୍ଷକମାନେ ମୁକ୍ତ ହୋଇଥିଲେ। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ଜୟରାମ ଉଚ୍ଚ ବିଦ୍ୟାଳୟ ମାର୍ଶାଘାଇ ବ୍ଲକ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ । ଶିକ୍ଷାଦାନ କ୍ଷେତ୍ରରେ ଏହି ସ୍କୁଲର ସୁନାମ ରହିଛି । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲରେ ୫୩୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ମାତ୍ର ଦୀର୍ଘଦିନ ହେବ ଉକ୍ତ ସ୍କୁଲରେ ୧୦ ଶିକ୍ଷକ ପଦବୀ ଖାଲି ଥିବାରୁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅଭିଭାବକମାନେ ଜଣାଇ ଥିଲେ ବି କୌଣସି ସୁଫଳ ମିଳିପାରିନାହିଁ। ଶନିବାର ଉକ୍ତ ସ୍କୁଲରେ କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା । ବିଭିନ୍ନ ସ୍କୁଲର ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବ୍ଲକ ଶିକ୍ଷାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବାର ସୂଚନା ମିଳିବା ପରେ ଅଭିଭାବକମାନେ ପ୍ରତିବାଦ କରିଥିଲେ । ସେମାନେ ପ୍ରଥମେ ସ୍କୁଲରେ ତାଲା ପକାଇ ଦେଇଥିଲେ । ଏହାପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ୧୬ଜଣ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକଙ୍କ ଅଫିସରେ ଭର୍ତ୍ତି କରି ତାଲା ପକାଇ ରଖିଥିଲେ ।

# ଅନୁକୂଳ ପରିବେଶର ସୁଯୋଗ ନେବାକୁ ପୁଞ୍ଜିପତିଙ୍କୁ ଆହ୍ୱାନ

**ରାୟପୁରରେ ଓଡ଼ିଶା ନିବେଶକ ସମ୍ମିଳନୀ**

ଭୁବନେଶ୍ୱର,୧୫।୭(ଅନିଲ ଦାସ)




ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଛତିଶଗଡ଼ର ରାୟପୁରଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଜୁଲାଇ ୧୪ ଓ ୧୫ ଦୁଇଦିନ ଧରି 'ଓଡ଼ିଶା ନିବେଶକ ସମ୍ମିଳନୀ' ଅନୁଷ୍ଠିତ ହୋଇଛି। ବିଜୁ ଏକ୍ସପ୍ରେସ୍ ୱେରେ ବିଜୁ ଅର୍ଥନୈତିକ କରିଡରର ବିପୁଳ ସମ୍ଭାବନା ଏବଂ ଏହି କ୍ଷେତ୍ରରେ ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଉଥିବା ଅନୁକୂଳ ବ୍ୟବସାୟିକ ସୁଯୋଗ ନେବା ପାଇଁ ନିବେଶକମାନଙ୍କୁ ଆହ୍ୱାନ କରାଯାଇଛି । ଏହି ରୋଡ୍ ଶୋ'ରେ ଛତିଶଗଡ଼ର ବିଭିନ୍ନ ଶିଳ୍ପକୁ ପ୍ରତିନିଧିତ୍ୱ କରୁଥିବା ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ରୋଡ୍ ଶୋ'ର ଶୁଭାରମ୍ଭ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଧାତବ ଓ ଧାତବ ଶିଳ୍ପ ସହ ଜଡ଼ିତ ବିଭିନ୍ନ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ଥିବା ଓଡ଼ିଶାର ଔଦ୍ୟୋଗିକ ପରିଦୃଶ୍ୟ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରିଥିଲେ। ଏ ଦିଗରେ ଓଡ଼ିଶା ସରକାରଙ୍କ ରହିଥିବା ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ଓଡ଼ିଶା ଆଜି ଉତ୍ପାଦନ କ୍ଷେତ୍ରରେ ଶିଳ୍ପ ବିପ୍ଳବ ପରବର୍ତ୍ତୀ ଦ୍ୱାରରେ ପହଞ୍ଚିଛି ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓଡ଼ିଶାକୁ ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ମିଳିଥିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ବିପୁଳ ପ୍ରାକୃତିକ ସମ୍ପଦ ଏବଂ ଦକ୍ଷିଣ-ପୂର୍ବ ଏସିଆ ଦେଶଗୁଡ଼ିକ ପାଇଁ ପ୍ରମୁଖ ସ୍ଥାନରେ ଅବସ୍ଥିତି ଯୋଗୁ ରାଜ୍ୟର ଅଭିବୃଦ୍ଧି ହାର ଜାତୀୟ ହାରାହାରିଠାରୁ କ୍ରମାଗତ ଅଭିବୃଦ୍ଧି ଘଟୁଥିବା ଉପରେ ସେ ଆଲୋକପାତ କରିଥିଲେ । ଏଥିସହିତ ରାଜ୍ୟର ଦକ୍ଷ ଓ ଉତ୍ପାଦନଶୀଳ ମାନବସମ୍ବଳ, ପ୍ରଗତିଶୀଳ ନୀତି ଏବଂ ଫଳାଫଳଭିତ୍ତିକ ଶାସନ ଉପରେ ଗୁରୁତ୍ୱାରୋପ କରି ନିବେଶକମାନଙ୍କ ପାଇଁ ଓଡ଼ିଶାରେ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା ସକାଶେ ସୃଷ୍ଟି କରାଯାଉଥିବା ପରିବେଶ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାକୁ ନିଜର ପରବର୍ତ୍ତୀ ପୁଞ୍ଜିନିବେଶ ସ୍ଥଳ ଭାବେ ଗ୍ରହଣ କରିବା ପାଇଁ ସେ ଉପସ୍ଥିତ ଶିଳ୍ପପତି, ବିଭିନ୍ନ ସଂଘ ଓ ସେମାନଙ୍କ ସଦସ୍ୟମାନଙ୍କୁ ପ୍ରସ୍ତାବ ଦେଇଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଓଡ଼ିଶାର ସୁଦୃଢ଼ ଶିଳ୍ପ ଇକୋସିଷ୍ଟମ ଉପରେ ଏକ ବିସ୍ତୃତ ଉପସ୍ଥାପନ କରିଥିଲେ। ଦୁଇ ଦଶନ୍ଧିର ସ୍ଥିର ଶାସନ, ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ସୂଚକାଙ୍କରେ ଉଚ୍ଚ ମାନ୍ୟତା, ପ୍ରତିଯୋଗିତାମୂଳକ ପରିଚାଳନା ଖର୍ଚ୍ଚ, ପ୍ରଭାବଶାଳୀ ନିବେଶ ସୁବିଧା, ଆକର୍ଷଣୀୟ ପ୍ରୋତ୍ସାହନ ଏବଂ କୁଶଳୀ କର୍ମଚାରୀଙ୍କ ଉପରେ ଆଧାରିତ ରାଜ୍ୟର ଅନୁକୂଳ ବ୍ୟବସାୟିକ ବାତାବରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ପୂର୍ବ ଭାରତର ଶିଳ୍ପ କେନ୍ଦ୍ର ଏବଂ ପୂର୍ବ ଓ ଦକ୍ଷିଣ-ପୂର୍ବ ଏସୀୟ ବଜାରର ପ୍ରବେଶ ଦ୍ୱାର ଭାବରେ ଉଭା ହେଉଛି ବୋଲି ସେ କହିଥିଲେ। ସମ୍ମିଳନୀରେ ବେଦାନ୍ତ, ଜେଏସ୍‌ପିଏଲ୍ ଭଳି କମ୍ପାନୀର ପ୍ରତିନିଧିମାନେ ଓଡ଼ିଶାରେ ପୁଞ୍ଜିନିବେଶ ଓ କାର୍ଯ୍ୟ କରିବାର ସକାରାତ୍ମକ ଅନୁଭୂତି ବାଣ୍ଟିଥିଲେ । ସେମାନେ ରାଜ୍ୟର ଶିଳ୍ପ ଭିତ୍ତିଭୂମି, ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଏବଂ ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ଅତୁଟ ସହଯୋଗକୁ ପ୍ରଶଂସା କରିଥିଲେ। ସେମାନେ ନିଜର ଉତ୍ସାହ ପ୍ରକାଶ କରି ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଏବଂ ସ୍ଥାନୀୟ ଜନସମୁଦାୟମାନଙ୍କ ସହିତ ସ୍ଥାୟୀ ଭାଗୀଦାରିକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଅଧିବେଶନ ଶେଷରେ ଇଡ୍‌କୋ ଏବଂ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ରାୟପୁର ରୋଡ୍ ଶୋ'ରେ ଅଂଶଗ୍ରହଣ କରିଥିବା ସମସ୍ତ ନିବେଶକଙ୍କୁ ଧନ୍ୟବାଦ ଜଣାଇଥିଲେ । ଓଡ଼ିଶାକୁ ନିଜର ପସନ୍ଦର ନିବେଶ ସ୍ଥଳ ଭାବେ ବିଚାର କରିବାକୁ ସେ ନିବେଶକମାନଙ୍କୁ ଅନୁରୋଧ କରିଥିଲେ । ରୋଡ୍ ଶୋ' ବ୍ୟତୀତ ଓଡ଼ିଶା ସରକାରଙ୍କ ପ୍ରତିନିଧି ଦଳ ବିଭିନ୍ନ କ୍ଷେତ୍ରର ୫୦ରୁ ଅଧିକ ଶିଳ୍ପପତିଙ୍କ ସହ ଆଲୋଚନା କରି ସେମାନଙ୍କ ନିବେଶ ଯୋଜନା ସମ୍ପର୍କରେ ବୁଝିଥିଲେ ।

## ସାପ କାମୁଡ଼ାରେ ୪ ମୃତ

ରାଇରଙ୍ଗପୁର(ମାନସ ମହାନ୍ତି ସୋର(ଜନ୍ମେଜୟ ମିଶ୍ର), ୧୫।୭

ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସାପ କାମୁଡାରେ ୪ଜଣଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଭଦ୍ରକରେ ଜଣେ ଓ ବାଲେଶ୍ୱର ଜିଲାରେ ଜଣଙ୍କର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ଯାମଦା ଥାନା ଅଧୀନ ଟେଣ୍ଡରା ପଞ୍ଚାୟତ ସାକଯୋଡି ଗ୍ରାମର ଶିବାଜୀ ବାଗେ (୨୨) ନାମକ ଯୁବକ ଶୁକ୍ରବାର ରାତିରେ ଚଟାଣରେ ଶୋଇଥିବା ଏକ ବିଷଧର ସାପ କାମୁଡ଼ିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ରାଇହରି ପଞ୍ଚାୟତ ଭୋଦୁଗୋଡା ଗ୍ରାମର ଚୈତନ୍ୟ ମୁଣ୍ଡା ( ୭୦ ) ନାମକ ବୃଦ୍ଧ ଶନିବାର ସକାଳେ ଘର ନିକଟସ୍ଥ ଛଣ ଗଦାରୁ ଛଣ କାଢୁଥିବା ବେଳେ ଏକ ସାପ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡିଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେହିପରି ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ଭୂଇଁପୁର ଗ୍ରାମର ଚାଷୀ ଦିବାକର ବିଶ୍ୱାଳ(୬୪) ଶନିବାର ସକାଳେ ବିଲରେ ହିଡ଼ ଦେବାକୁ ଯାଉଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ବାଲେଶ୍ୱର ଜିଲା ସୋର ଥାନା ବାଳଙ୍ଗ ପଞ୍ଚାୟତ ମୁକ୍ତେଶ୍ୱରପୁର ଗ୍ରାମର ପଦ୍ମିନୀ ଦାସ ନାମ୍ନୀ ମହିଳା ଶୁକ୍ରବାର ରାତିରେ ଖାଇପିଇ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ପଦ୍ମିନୀଙ୍କର ମୃତ୍ୟୁ ହୋଇଯାଇଥିଲା।

## ଖରିଫ ଚାଷ ସମୀକ୍ଷା: ଚାଷୀଙ୍କ ନିକଟରେ ବିହନ, ସାର ପହଞ୍ଚାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୫।୭(ଅନିଲ ଦାସ)

ଚଳିତ ଖରିଫରେ ମୌସୁମୀ ବୃଷ୍ଟିପାତକୁ ଆଖିଆଗରେ ରଖି ଚାଷୀମାନଙ୍କୁ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଯୋଗାଣ ଉପରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଶନିବାର କୃଷି ଭବନସ୍ଥିତ ଡିଜିଟାଲ୍ ପ୍ଲାଟ୍‌ଫର୍ମ 'କୃଷି ସମୀକ୍ଷା କେନ୍ଦ୍ର' ମାଧ୍ୟମରେ ମନ୍ତ୍ରୀ ରାଜ୍ୟର ବିଭିନ୍ନ ଜିଲାର ଖରିଫ ଚାଷ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୌସୁମୀଜନିତ ବର୍ଷା ଆରମ୍ଭ ହୋଇଥିବାରୁ ତଳିପକା ଓ ରୋଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତ। ଏଥିସହିତ ଜିଲାଗୁଡ଼ିକରେ ବୃଷ୍ଟିପାତର ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ସମ୍ଭାବ୍ୟ ଶୁଷ୍କ ପରିସ୍ଥିତି ଉପୁଜିଲେ ତାହାର ଉପଯୁକ୍ତ ପରିଚାଳନା ପାଇଁ କ୍ଷେତ୍ର ଅଧିକାରୀମାନଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ଜିଲାର ଫସଲର ସଦ୍ୟତମ ସ୍ଥିତି, ବିହନ ଓ ସାରର ଯୋଗାଣ, ଆଳୁ, ପନିପରିବା ଓ ମସଲା ଚାଷର ପ୍ରଗତି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଫାର୍ମପଣ୍ଡ ସମ୍ବନ୍ଧରେ ମଧ୍ୟ ସମୀକ୍ଷା କରିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଖରିଫ ଚାଷର ସ୍ଥିତି ସମ୍ପର୍କରେ ଆଲୋକପାତ କରିଛନ୍ତି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତ୍ତିକା ଓ ଜଳ ବିଭାଜିକା ନିର୍ଦ୍ଦେଶକ ଶୁଭମ୍ ସାକ୍‌ସେନାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ମୁଖ୍ୟ ଜିଲା କୃଷି ଅଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ ।



ଶନିବାର ଲଗାଣ ବର୍ଷା ଫଳରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ଆଉଟଡୋର ଓ ମେଡିସିନ ୱାର୍ଡରେ ପାଣି ପଶିଯାଇଥିଲା । ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି ଓ ଡ୍ରେନ୍ ସଫା ହୋଇ ନ ଥିବା କାରଣରୁ ଜଳ ନିଷ୍କାସନ ହୋଇ ନ ପାରି ଏପରି ସ୍ଥିତି ସୃଷ୍ଟି ହୋଇଛି।

## ୪୨ ମେଣ୍ଢାଙ୍କ କ୍ଷତାକ୍ତ ମୃତଦେହ ଠାବ

**ଅଜଣା ଜନ୍ତୁ ଆତଙ୍କ**

ଢେଙ୍କାନାଳ, ୧୫।୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ସୋଗରପଶି ପଞ୍ଚାୟତ ଅନ୍ତର୍ଗତ ଆରଦା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମେଷପାଳକ ସାଧୁଚରଣ ରାଉତଙ୍କ ଗୁହାଳରୁ ୪୨ ମେଣ୍ଢାଙ୍କ କ୍ଷତାକ୍ତ ମୃତଦେହ ଠାବ କରାଯାଇଛି। କୌଣସି ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସାଧୁଙ୍କ କହିବା କଥା, ସେ ୮୦ ମେଣ୍ଢା ପାଳିଥିଲେ। ସବୁଦିନ ପରି ଶୁକ୍ରବାର ସନ୍ଧ୍ୟାରେ ମେଣ୍ଢାଙ୍କୁ ଗୁହାଳରେ ରଖି ଘରକୁ ଯାଇଥିଲେ। ଭୋର୍ ସମୟରେ ଦେଖିବା ବେଳକୁ ୪୨ ମେଣ୍ଢା ମରି ପଡ଼ିଛନ୍ତି। ସେଥିରୁ ୩୮ଟି ମାଈ, ୪ଟି ଅଣ୍ଡିରା। ସମସ୍ତଙ୍କ ପେଟ ଏବଂ ବେକରେ ଗଭୀର କ୍ଷତ ଚିହ୍ନ ରହିଛି। ଭୋର୍ ସମୟରେ ଏହି ଘଟଣା ଘଟିଛି। କୌଣସି ଅଜଣା ଜନ୍ତୁ ମେଣ୍ଢାଙ୍କୁ ଆକ୍ରମଣ କରି ରକ୍ତ ପିଇ ଯାଇଥିବା ସାଧୁଚରଣ କହିଛନ୍ତି। ଅନ୍ୟପଟେ କେତେଜଣ ଗ୍ରାମବାସୀ ଏହା ହେଟା ବାଘ ଆକ୍ରମଣ ବୋଲି ମତ ଦେଇଛନ୍ତି।

## ପ୍ରେମ ସମ୍ପର୍କକୁ ଅସ୍ୱୀକାର କରିବାରୁ ହତ୍ୟା

ବଲାଙ୍ଗୀର, ୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର)

**ଘରେ ପଶି ନାବାଳିକାଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ**

ବଲାଙ୍ଗୀର ସହର କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ନିଖିଳ ନଗରରେ ଗୁରୁବାର ଘରେ ପଶି ଶେଷାଦ୍ରୀ ନାଗ (୧୫)ଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଗିରଫ ୨ ଅଭିଯୁକ୍ତ ଆଗଲପୁର ଥାନା ରୋତ୍‌ର ମିଳନ ରଣା (୨୧) ଓ ଜିତୁ ରଣା(୨୧)ଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଫେରାର ତୃତୀୟ ଅଭିଯୁକ୍ତଙ୍କୁ ଖୋଜାଯାଉଛି। ପ୍ରେମ ସମ୍ପର୍କ ରଖିବାକୁ ମନା କରିବାରୁ ଉତ୍ତକ୍ଷିପ୍ତ ଅଭିଯୁକ୍ତ ମିଳନ ରଣା ନାବାଳିକା ନାଗଙ୍କୁ ତଣ୍ଟିକାଟି ହତ୍ୟା କରିଥିଲେ ବୋଲି ବୋଲି ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ପ୍ରାୟ ୪ବର୍ଷ ହେଲା ମିଳନ ଓ ଶେଷାଦ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହି ଆସିଥିଲା। ତେବେ ପାଠପଢ଼ାକୁ ଦୃଷ୍ଟିରେ ରଖି ଶେଷାଦ୍ରୀ ପ୍ରେମ ସମ୍ପର୍କ ରକ୍ଷା କରିବାକୁ ମନା କରିବାରୁ ମିଳନ ତାଙ୍କୁ ହତ୍ୟା କରିଥିଲେ।

## ୫-ଟି ସଚିବଙ୍କୁ ଭାଜପା, କଂଗ୍ରେସର ବିରୋଧ

ସମ୍ବଲପୁର, ୧୫।୭ (ଶୁଭାଶିଷ ପାଢ଼ୀ)

୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଶନିବାର ସମ୍ବଲପୁର ଗସ୍ତ ଥିବାବେଳେ କଂଗ୍ରେସ ଓ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଭାଜପା କର୍ମକର୍ତ୍ତା ଲକ୍ଷ୍ମୀଟକିଜ ଛକରେ ଏକ ସାଧାରଣ ସଭା କରି ସଚିବଙ୍କ ଗସ୍ତକୁ ନେଇ ବର୍ଷିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ସେମାନଙ୍କୁ ଉଠାଇ ନେଉଥିବାବେଳେ ଧସ୍ତାଧସ୍ତି ହୋଇଥିଲା। ଦଳର ବହୁ କର୍ମକର୍ତ୍ତାଙ୍କୁ ପୋଲିସ ଅଟକ ରଖିଥିଲା। ସେହିପରି କଂଗ୍ରେସ ଜିଲା ସଭାପତି ଆସଫ ଅଲ୍ଲି ଖାନଙ୍କ ନେତୃତ୍ୱରେ କର୍ମୀମାନେ ମୁଣ୍ଡରେ କଳାପଟି ବାନ୍ଧି ବିରୋଧ କରିଥିଲେ। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ କର୍ମୀମାନେ ରାଲିରେ ବାହାରି ଲକ୍ଷ୍ମୀଟକିଜ ଛକ ପଟକୁ ଆସୁଥିଲେ। ଏହି ସମୟରେ ପୋଲିସ ବ୍ୟାରିକେଡ ଲଗାଇ ବନ୍ଦ କରିଦେଇଥିଲା। ସେଠାରେ କର୍ମକର୍ତ୍ତାମାନେ ପାଣ୍ଡିଆନ ଗୋ ବ୍ୟାକ ବୋଲି ନାରାବାଜି କରିଥିଲେ। ଶେଷରେ ପୋଲିସ ସେମାନଙ୍କୁ ଉଠାଇ ଆଣି ଥାନରେ ଅଟକ ରଖିଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ମୁଖ୍ୟମନ୍ତ୍ରୀଙ୍କ ଜଣେ ବ୍ୟକ୍ତିଗତ ସଚିବ ସରକାରୀ ଖର୍ଚ୍ଚରେ ସବୁ ସ୍ଥାନକୁ ଯାଇ ଦଳୀୟ ପ୍ରଚାର କରୁଛନ୍ତି। ଜନପ୍ରତିନିଧି ସଚିବଙ୍କ ପାଇଁ ଲୋକ ଏକାଠି କରୁଛନ୍ତି। ଅଭିଯୋଗ ଶୁଣାଣି ନାମରେ ବିକାଶକୁ ଆଳ କରି ଭୋଟ ପ୍ରଚାର କରୁଛନ୍ତି ବୋଲି କହିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଆଦିତ୍ୟ ନାଥ, ସୁରଞ୍ଜିନ ବାରିକ, ସୁତପା ମିତ୍ର, ଦିନବନ୍ଧୁ ପରିଡା, ମହମ୍ମଦ ମୁକ୍ତାର, ଜୟରାମ ବଣିଆ, ସୁନିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୮ ବନ୍ଧୁକ ଜବତ, ୩ ଅଭିଯୁକ୍ତ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବଡ଼ସାହି (ଦୀପକ ବୁଗୁଡେଇ),୧୫।୭



ଜବତ ବନ୍ଧୁକ ସହ ଗିରଫ ଅଭିଯୁକ୍ତ।

**ସର୍ଚ୍ଚ ଅପରେଶନ 'ଶିମିଳିପାଳ କ୍ଲିନ୍ ଅପ୍' ଜାରି**

■ ମିଳିଲାଣି ୩୩ ଦେଶୀ ବନ୍ଧୁକ

■ ୨୧ କୋର୍ଟ ଚାଲାଣ

ଶିମିଳିପାଳ ଅଭୟାରଣ୍ୟର ସଂଲଗ୍ନ ଅଞ୍ଚଳରେ ବନ ବିଭାଗ ସହାୟତାରେ ଚାଲିଥିବା ସର୍ଚ୍ଚ ଅପରେଶନ (ଶିମିଳିପାଳ କ୍ଲିନ୍ ଅପ୍) ଜରିଆରେ ମୟୂରଭଞ୍ଜ ପୋଲିସକୁ ପୁଣି ବଡ଼ ସଫଳତା ମିଳିଛି। ପୋଲିସ ଶନିବାର ଦୁଇ ପୃଥକ ଘଟଣାରେ ୮ଟି ଦେଶୀ ବନ୍ଧୁକ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ବଡ଼ସାହି ଥାନା ଅଧୀନ ହାତୀକୋଟ ଗ୍ରାମର ମହେନ୍ଦ୍ର ସିଂ(୩୦), ଶ୍ୟାମ ସୁନ୍ଦର ସିଂ(୨୮) ଓ ମଦନ ସିଂ(୩୫)। ଶୁକ୍ରବାର ମଧ୍ୟ ପୋଲିସ ୩ ଦେଶୀ ବନ୍ଧୁକ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଏ ନେଇ ବାରିପଦାଠାରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଗ୍ରାମଗୁଡ଼ିକରେ ବିପୁଳ ପରିମାଣର ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଥିବାରୁ ଶିକାରୀମାନେ ଅବାଧରେ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ଏହାକୁ ପ୍ରତିରୋଧ କରି କିଛି ଦିନ ପୂର୍ବରୁ ଦୁଇ ବନ କର୍ମଚାରୀ ମାଥି ହାଁସଦା ଓ ବିମଳ କୁମାର ଜେନା ଶିକାରୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଘଟଣା ପରେ ମୟୂରଭଞ୍ଜ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବନ ବିଭାଗ ସହାୟତାରେ ଅଭୟାରଣ୍ୟ ପାଦଦେଶ ତଥା ଆଭ୍ୟନ୍ତରୀଣ ଗ୍ରାମରେ ସର୍ଚ୍ଚ ଅପରେଶନ ଜାରି ରଖିଛି। ଏହି କ୍ରମରେ ବଡ଼ସାହି ପୋଲିସ ପକ୍ଷରୁ ଯଦୁନାଥପୁର, ଚନ୍ଦନଚତୁରୀ, ଚମ୍ପାଗଡ଼, ରେଣ୍ଟାସାହି ଓ ହାତୀକୋଟ ଆଦି ଗ୍ରାମରେ ଚଢ଼ାଉ କରି ୩ଜଣଙ୍କ ଘରୁ ଗୋଟିଏ ଲେଖାଏଁ ଦେଶୀ ବନ୍ଧୁକ ଜବତ ସହ ୩ଜଣକୁ ଗିରଫ କରିବାରେ ସଫଳ ହୋଇଛି। ଖୁଣ୍ଟା ଥାନା ଅଧୀନ ବହଳଦା ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିବା ୫ ଦେଶୀ ବନ୍ଧୁକ ଜବତ ହୋଇଛି। ଏ ନେଇ ବଡ଼ସାହି ଓ ଖୁଣ୍ଟା ଥାନାରେ ପୃଥକ ଭାବେ ମାମଲା (ନଂ. ୨୯୩/୨୩ , ନଂ.୧୯୧/୨୩)ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର, ଉଦଳା ଏସ୍‌ଡିପିଓ ସାର୍ଥକ ରାୟ, ବଡ଼ସାହି ଥାନାଧିକାରୀ ସଞ୍ଜୟ କୁମାର ପରିଡ଼ା ଓ ଖୁଣ୍ଟା ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବନ କର୍ମଚାରୀଙ୍କ ମୃତ୍ୟୁ ଘଟଣା ପରେ ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ଗୋଟିଏ ଦେଶୀ ବନ୍ଧୁକ କାରଖାନା ଠାବ କରିବା ସହ ଅଦ୍ୟାବଧି ୩୩ଟି ବନ୍ଧୁକ ଜବତ କରିଛି। ଅପରେଶନରେ ମୋଟ ୨୧ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଶିକାରୀମାନେ ବର୍ଷାଦିନେ ଜଙ୍ଗଲର ପଥର ଓ ଗୁମ୍ଫାରେ ବନ୍ଧୁକ ଲୁଚାଇ ରଖିଥାନ୍ତି। ଶିମିଳିପାଳ ଅଭୟାରଣ୍ୟରେ ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ବନ୍ଧୁକ ଥିବା ଅନୁମାନ କରାଯାଉଛି। ଫଳରେ ପୋଲିସର ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି।

## ଅସୁସ୍ଥ ବାଘକୁ ବାଇକ୍‌ରେ ବାନ୍ଧି ଚିକିତ୍ସା ପାଇଁ ନେଲେ ଯୁବକ



ବେଙ୍ଗାଲୁରୁ, ୧୫।୭

କର୍ଣ୍ଣାଟକର ବିଭିନ୍ନ ଭାଗରେ ବାଘ-ମଣିଷ ଲଢ଼େଇ ସାଧାରଣ ଘଟଣା ହୋଇଥିବାବେଳେ ଶୁକ୍ରବାର ହାସନ ଜିଲାର ଜଣେ ଦୁଃସାହସୀ ଯୁବକ ଏକ ଅସୁସ୍ଥ କଲରାପତରିଆ ବାଘକୁ ନିଜ ମୋଟରସାଇକେଲରେ ବାନ୍ଧି ଚିକିତ୍ସା ପାଇଁ ପଶୁ ଡାକ୍ତରଖାନାକୁ ନେଇଛନ୍ତି। ଜିଲାର ବାଗିଭାଲୁ ଗ୍ରାମର ବେଣୁଗୋପାଳ ଓରଫ ମୁତ୍ତୁ (୨୫) ଶୁକ୍ରବାର ଏକ ଚାଷଜମିର ଗୋଟିଏ କୋଣରେ କଲରାପତରିଆ ବାଘ ଅସୁସ୍ଥ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ସେ କିଛି ସମୟ ଲକ୍ଷ୍ୟ କଲା ପରେ ବାଘଟି ଚାଲିବାକୁ ଅକ୍ଷମ ବୋଲି ଅନୁଭବ କରିଥିଲେ। ସେ ବାଘ ପାଖରେ ପହଞ୍ଚି ତାକୁ ଉଠାଇ ବାଇକରେ ବାନ୍ଧିଥିଲେ। ଦୁଇଚକିଆ ଗାଡ଼ିରେ ବାଘକୁ ନେଇ ଯାଉଥିବା ଦେଖି ଗାଁ ଲୋକେ ଭୟଭୀତ ହେବା ସହ ବନ ବିଭାଗକୁ ଜଣାଇଥିଲେ। ସେମାନେ ବେଣୁଗୋପାଳଙ୍କୁ ପିଛା କରିବା ସହ ସେମାନଙ୍କ ଗାଡ଼ିରେ କଲରାପତରିଆକୁ ନେଇ ସରକାର ଭେଟେରିନାରିରେ ପହଞ୍ଚାଇଥିଲେ। ୯ ମାସର ବାଘ ଶରୀରରେ ଜଳୀୟ ଅଂଶ କମିଯିବାରୁ ସେ କ୍ଳାନ୍ତ ହୋଇପଡ଼ିଥିବା ହାସନ ଡିସିଏଫ୍ ଆଶିଷ ରେଡ୍ଡୀ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରୋଡ୍ରିଗୁଏଜ୍ ଜିତିଲେ ୧୪ତମ ଷ୍ଟେଜ୍

ମୋର୍‌ଜିନ (ଫ୍ରାନ୍ସ),୧୫।୭

ସ୍ପେନର କାର୍ଲୋସ ରୋଡ୍ରିଗୁଏଜ୍ ଟୁର୍ ଡି' ଫ୍ରାନ୍ସ ସାଇକ୍ଲିଂ ରେସ୍‌ର ୧୪ତମ ଷ୍ଟେଜ ଜିତିଛନ୍ତି। ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ ଓଭରଅଲ୍ ପ୍ରଥମ ସ୍ଥାନ ବଜାୟ ରଖି ପୁଣି ୟେଲୋ ଜର୍ସି ହାସଲ କରିଛନ୍ତି। ରୋଡ୍ରିଗୁଏଜ ୩ଘଣ୍ଟା ୫୮ମିନିଟ ୪୫ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ସ୍ଲୋଭେନିଆର ଟାଡେଜ ପୋଗାକାର ଓ ଭିଙ୍ଗେଗାର୍ଡ ସମାନ ୫ ସେକେଣ୍ଡ ବିଳମ୍ବରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଆରମ୍ଭରେ ଏକ ସନ୍ତ ସନ୍ତିଆ ରାଇଟ୍ ହ୍ୟାଣ୍ଡ କର୍ନରରେ ବଡ଼ ଦୁର୍ଘଟଣା ଘଟିଥିଲା। ବହୁ ଚାଳକ ତଳେ ପଡ଼ିଯାଇଥିଲେ। ଫଳରେ ରେସ୍‌କୁ କିଛି ସମୟ ସ୍ଥଗିତ ରଖିବାକୁ ପଡ଼ିଥିଲା। ରାସ୍ତା କଡ଼ରେ ପ୍ରାଥମିକ ଚିକିତ୍ସା ପରେ ସ୍ପେନର ଅଣ୍ଟୋନିଓ ପେଡରେରୋ ରେସ୍ ଛାଡ଼ି ଚାଲିଯାଇଥିଲେ। କଲମ୍ବିଆର ଏଷ୍ଟିବାନ ଚାଭେସ, ଦକ୍ଷିଣ ଆଫ୍ରିକାର ଲୁଇସ୍ ମିଣ୍ଟଜିସ୍, ପର୍ତ୍ତୁଗାଲ୍‌ର ରୁବେନ୍ ଗୁଇରିରୋ ମଧ୍ୟ ରେସ୍‌ରୁ ଓହରିଯାଇଥିଲେ। ରେସ୍‌ରେ ଅନ୍ୟ ଏକ ଦୁର୍ଘଟଣାରେ ଆଘାତପ୍ରାପ୍ତ ହୋଇ ବ୍ରିଟେନର ଜେମ୍ସ ଶ' ଓ ଫ୍ରାନ୍ସର ରୋମେନ ବାର୍ଡେଟ୍ ରେସ୍ ଛାଡ଼ି ଚାଲିଯାଇଥିଲେ। ରବିବାର ଷ୍ଟେଜ୍-୧୫ ଲେସ୍ ଗେଟ୍ସରୁ ମଣ୍ଟ ବ୍ଲାଙ୍କ ପର୍ଯ୍ୟନ୍ତ ୧୭୯ କିଲୋମିଟର ବିଶିଷ୍ଟ ରେସ୍ ହେବ। ଏଥିରେ ଆଉ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବାକୁ ମିଳିବ।



କାର୍ଲୋସ ରୋଡ୍ରିଗୁଏଜ୍

# ହାଇଦ୍ରାବାଦ ଏଫ୍‌ସିରେ ଅଷ୍ଟ୍ରେଲୀୟ ଫରୱାର୍ଡ

ହାଇଦ୍ରାବାଦ, ୧୫।୭(ପି.ଟି.)

ପୂର୍ବତନ ଭାରତୀୟ ସୁପର ଲିଗ୍ ଚାମ୍ପିୟନ ହାଇଦ୍ରାବାଦ ଏଫ୍‌ସି ଦଳରେ ଅଷ୍ଟ୍ରେଲୀୟ ଫରୱାର୍ଡ ଜୋ ନୋଲ୍ସ ଯୋଗ ଦେଇଛନ୍ତି। କ୍ଲବ ତରଫରୁ ଶନିବାର ଏହା ଘୋଷଣା କରାଯାଇଛି। ୨୭ ବର୍ଷୀୟ ଖେଳାଳି ଗତ ସିଜନରେ ଏ-ଲିଗ୍‌ରେ ବ୍ରିସବେନ୍ ରୋର୍ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୩-୨୪ ସିଜନ ପାଇଁ ହାଇଦ୍ରାବାଦ ଏଫ୍‌ସି ଦଳରେ ଦ୍ୱିତୀୟ ବିଦେଶୀ ଖେଳାଳି ଭାବେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆରେ ୨୦୨୨ରେ ଓକ୍‌ଲେ କ୍ୟାନନ୍ସ ତରଫରୁ ଚମତ୍କାର ପ୍ରଦର୍ଶନ କରି ନୋଲ୍ସ ତାଙ୍କ ଦଳକୁ ପ୍ରଥମ ନ୍ୟାଶନାଲ ପ୍ରିମିୟର ଲିଗ୍ ଚାମ୍ପିୟନଶିପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କ୍ଲବ ତରଫରୁ ଦୁଇଟି ସିଜନରେ ସେ ୨୧ ଗୋଲ୍ ସ୍କୋର କରିଥିଲେ। ନୋଲ୍ସ ହେଉଛନ୍ତି ଜଣେ ଶକ୍ତିଶାଳୀ ଡ୍ରିବଲର। ସେ ଲଙ୍ଗ ରେଞ୍ଜ୍‌ରୁ ଗୋଲ୍ ସ୍କୋର କରିପାରନ୍ତି।





ଟ୍ରଫି ସହ ବାଳକ ବିଭାଗ ଚାମ୍ପିୟନ କୁତ୍ରା ଦଳ।





ଅତିଥିଙ୍କ ସହ ବାଳିକା ବିଭାଗ ଚାମ୍ପିୟନ ଦଳ।

# କୁତ୍ରା ବାଳିକା, ବାଳକ ଚାମ୍ପିୟନ

## ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ଲିଗ୍

ଭୁବନେଶ୍ୱର, ୧୫।୭
(ସରୋଜ ଜେନା)

ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ଲିଗ୍‌ର ତୃତୀୟ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲର ଉଭୟ ବାଳକ ଓ ବାଳିକା ବିଭାଗରେ କୁତ୍ରା ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବାଳକ ବିଭାଗରେ କୁତ୍ରା ଦଳ ବାଲିଶଙ୍କରକୁ ପରାସ୍ତ କରିଥିବା ବେଳେ ବାଳିକା ବିଭାଗରେ ଗରୁଣ୍ଡିଆକୁ ପରାସ୍ତ କରିଥିଲା ଦଳ। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜୁନ୍ ୧୧ରୁ ଜୁନ୍ ୧୫ ତାରିଖ ମଧ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ପ୍ରାରମ୍ଭିକ ଭାବରେ ୪୬ ଦଳ ଓ ୬୭୧ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ତେବେ ଯୋଗ୍ୟତା ପର୍ଯ୍ୟାୟ ପରେ ଉଭୟ ବାଳକ ଓ ବାଳିକା ବର୍ଗରେ ୮ଟି ଲେଖାଏ ଦଳ ମୁଖ୍ୟ ରାଉଣ୍ଡରେ ସାମିଲ ହୋଇଥିଲେ।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସଚିବ ସିଦ୍ଧାର୍ଥ ଦାସ, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କି, ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟରେ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଯେଉଁଭଳି ହକିକୁ ପ୍ରୋତ୍ସାହନ ଦେଉଛି ତାହା ପ୍ରଶଂସାଯୋଗ୍ୟ ବୋଲି କହିଥିଲେ ସୁଲୋଚନା ଦାସ। ଏଭଳି ଟୁର୍ନାମେଣ୍ଟ ତୃଣମୂଳ ସ୍ତରରୁ ପ୍ରତିଭାଙ୍କୁ ସୁଯୋଗ ଦେବା ପାଇଁ ଏକ ବଳିଷ୍ଠ ମାଧ୍ୟମ ବୋଲି କହିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୁତ୍ରା ବାଳିକା ଦଳର ଅଧିନାୟିକା ସ୍ମିତା ଟୋପ୍ପୋ କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ସୁଯୋଗ ମିଳିଥିବାରୁ ସେ ଖୁସି ବୋଲି କହିଥିଲେ। ତୃଣମୂଳ ସ୍ତରରେ ହକିର ପ୍ରଚାର ପ୍ରସାର ପାଇଁ ଏହି ଟୁର୍ନାମେଣ୍ଟ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ କହିଥିଲେ।

# ସକାରାତ୍ମକ ଆରମ୍ଭ ଲକ୍ଷ୍ୟରେ ଭାରତ

## ଆଜିଠୁ ଜର୍ମାନୀ ହକି ଟେଷ୍ଟ ସିରିଜ

ଲିମବର୍ଗ(ଜର୍ମାନୀ), ୧୫।୭(ପି.ଟି.)

ୟୁରୋପ ଗସ୍ତରେ ରହିଥିବା ଭାରତୀୟ ମହିଳା ହକି ଦଳ ଜର୍ମାନୀ ହକି ଟେଷ୍ଟ ସିରିଜରେ ଅଂଶଗ୍ରହଣ କରିବାକୁ ଯାଉଛି। ରବିବାର ଚାଇନା ବିପକ୍ଷରେ ଖେଳି ଭାରତ ନିଜର ଅଭିଯାନ ଆରମ୍ଭ କରିବ। ୧୮ ଓ ୧୯ ତାରିଖରେ ପରବର୍ତ୍ତୀ ଦୁଇ ମ୍ୟାଚରେ ଆୟୋଜକ ଜର୍ମାନୀ ବିପକ୍ଷରେ ଖେଳିବ ଭାରତୀୟ ଦଳ। ଏହି ସିରିଜ୍‌ରୁ ସକାରାତ୍ମକ ଆରମ୍ଭ ଲକ୍ଷ୍ୟରେ ରହିଛି ଭାରତ। ଚାଇନାର ହାଙ୍ଗ ଝୌରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସର ପ୍ରସ୍ତୁତି ଭାବରେ ଭାରତ ଏହି ଟେଷ୍ଟ ସିରିଜ୍ ଖେଳିବ। ଦଳର ଶକ୍ତି ଓ ସାମର୍ଥ୍ୟ ଆକଳନ କରିବା ପାଇଁ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଗସ୍ତ ପୂର୍ବରୁ ଭାରତୀୟ ଦଳ ବେଙ୍ଗାଲୁରୁସ୍ଥିତ ସାଇରେ କଠିନ ଅଭ୍ୟାସ କରିଛି। ଦଳ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ ବୋଲି ଅଧିନାୟିକା ତଥା ଗୋଲ୍‌କିପର ସବିତା କହିଛନ୍ତି।

ଭାରତ ବିଶ୍ୱ ମାନ୍ୟତାରେ ୮ ରହିଥିବା ବେଳେ ଚାଇନା ୧୧ତମ ସ୍ଥାନରେ ରହିଛି। ତେବେ ଜାନେକ୍ ଶପ୍‌ମ୍ୟାନଙ୍କ ଦଳ ପାଇଁ ମ୍ୟାଚ୍ ଏତେଟା ସହଜ ରହି ନ ପାରେ। ଶେଷ ଥର ପାଇଁ ଉଭୟ ଦଳ ବିଶ୍ୱକପ୍‌ରେ ପରସ୍ପରକୁ ଭେଟିଥିବା ବେଳେ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ଭାରତ ଓ ଚାଇନା ୨୦୧୩ ପରଠାରୁ ୧୭ ଥର ସାମ୍ନାସାମ୍ନି ହୋଇଛନ୍ତି। ଭାରତ ୧୦ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଚାଇନା ସପକ୍ଷରେ ଫଳାଫଳ ୫ ଥର ଯାଇଛି। ଦୁଇଟି ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଚାଇନାର ଖେଳିବା ଶୈଳୀ ସହିତ ଆମେ ଅଭ୍ୟସ୍ତ। ଅତୀତରେ ଅନେକ ଥର ଆମେ ଏହି ଦଳକୁ ପରାସ୍ତ ମଧ୍ୟ କରିଛୁ। ତେଣୁ ଆମର ପ୍ରସ୍ତୁତି ଜୋରଦାର ରହିଛି ବୋଲି କହିଛନ୍ତି ଉପଅଧିନାୟିକା ଦୀପ୍‌ଗ୍ରେସ୍ ଏକ୍କା। ଭାରତ ନିଜ ଶକ୍ତି ଅନୁସାରେ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ ବୋଲି କହିଛନ୍ତି କୋଚ୍ ଜାନେକ୍ ଶପ୍‌ମ୍ୟାନ। ଉଭୟ ଚାଇନା ଓ ଜର୍ମାନୀ ଶକ୍ତିଶାଳୀ ଦଳ, ମାତ୍ର ଦୀର୍ଘ ଦିନର କ୍ୟାମ୍ପ ପରେ ଭାରତୀୟ ଦଳ ଦୃଢ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

### ଏସିଆନ ଗେମ୍ସ ଫୁଟ୍‌ବଲ

# ଦ୍ୱିତୀୟ ଥର ଭାଗ ନେବନି ଭାରତୀୟ ଦଳ

ନୂଆଦିଲ୍ଲୀ, ୧୫।୭ (ପି.ଟି.)

ଭାରତୀୟ ଫୁଟ୍‌ବଲ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏସିଆନ ଗେମ୍ସରେ ଖେଳିପାରିବ ନାହିଁ। କ୍ରୀଡ଼ା ମନ୍ତ୍ରଣାଳୟର ମାନଦଣ୍ଡ ଅନୁସାରେ ଭାରତୀୟ ଦଳର ମହାଦେଶରେ ଶ୍ରେଷ୍ଠ ୮ ଦଳ ମଧ୍ୟରେ ରହିପାରି ନାହିଁ। ଥାଇଲାଣ୍ଡରେ କିଙ୍ଗ୍ସ କପ୍ (ସେପ୍ଟେମ୍ବର ୮ରୁ୧୦) ପରେ ଏସିଆନ ଗେମ୍ସ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୋଠାରେ ହେବ। ଜାତୀୟ ସିନିୟର ଦଳ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍‌ଙ୍କ ଅଧୀନରେ ଏକ ୨୩ ବର୍ଷରୁ କମ୍ ଦଳ ଏସିଆନ ଗେମ୍ସକୁ ପଠାଇବା ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପୂର୍ବରୁ ସ୍ଥିର କରିଥିଲା। ୨୦୦୨ ପରଠାରୁ ଏସିଆନ ଗେମ୍ସରେ ୨୩ ବର୍ଷରୁ କମ୍ ଫୁଟ୍‌ବଲ ଦଳ ଭାଗ ନେଇ ଅସୁଛନ୍ତି। ପ୍ରତି ଦଳ ଚାହିଁଲେ ୩ ଜଣ ୨୩ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନେଇପାରିବେ। କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଓ ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍)କୁ ଏକ ଚିଠି ପଠାଇଛି। ଭାରତର ଯେଉଁ ଖେଳ ଏସୀୟ ଦେଶଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ୮ ମଧ୍ୟରେ ରହିପାରିବ ଏସିଆନ ଗେମ୍ସକୁ ଦଳ ପଠାଇପାରିବ ବୋଲି ଏଥିରେ ନିର୍ଦ୍ଦେଶ ରହିଛି। ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) ଅଧୀନରେ ରହିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ୧୮ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ନିବେଦନ କରାଯିବ ବୋଲି ଏଆଇଏଫ୍‌ଏଫ୍ କହିଛି।

# ଶ୍ରୀନଗରରେ ହେବ ଜାତୀୟ କ୍ୟାମ୍ପ

### ୧୬ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୧୫।୭ (ପି.ଟି.)

୧୬ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ପାଇଁ ଭାରତ କ୍ୟାମ୍ପ ଜୁଲାଇ ତୃତୀୟ ସପ୍ତାହରେ ଶ୍ରୀନଗରରେ ହେବ। ଜାତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଶନିବାର ଏହା ଘୋଷଣା କରାଯାଇଛି। ଏହି ଉପତ୍ୟକାରେ ପ୍ରଥମ ଥର ଏକ ଜାତୀୟ କ୍ୟାମ୍ପ ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ଏହା ସଫଳତାର ସହ ସନ୍ତୋଷ ଟ୍ରଫି ଓ ଆଇ-ଲିଗ୍ ଗେମ୍ ଆୟୋଜନ କରିସାରିଛି। ନବ ନିଯୁକ୍ତ କୋଚ୍ ଇସ୍‌ଫାକ୍ ଅହମଦଙ୍କ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ହେବ। ୧୬ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ଭୁଟାନରେ ସେପ୍ଟେମ୍ବର ୧ରୁ ୧୧ ପର୍ଯ୍ୟନ୍ତ ହେବ।

**Classified Everyday**
**0674-2580101, 2549949**



MATRIMONIAL

**BRIDE WANTED**

A beautiful, fair, highly-educated with good permanent Govt./Private Job, believer bride for a Bhubaneswar established, permanent job Software Engineer, handsome, fair, ht 5'11", 30, parent well established in BBSR is required. Contact: 7077549777, 9437281290. D-0805

Bengali Kayastha boy 35, 6'2", Bank Manager require qualified girl. 7381091234, 9778719428. D-74891

**GROOM WANTED**

Beautiful Brahmin girl 1994, 5'4", MBA only daughter "SUNASANSAR". 9937512659, 8249969649. D-74887



AUTOMOBILE
**SALE**

Ford ecosport titanium 2014 model 95000kms. contact: 6372161623. D-0825

2009 Model Maruti Zen Lxi car sparingly used excellent condition for sale. Price 1.5 lakhs. Contact: 9178107212. D-0818



REAL ESTATE
**SALE**

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଟଙ୍କପାଣିରୋଡ୍ ବାଙ୍କୁଆଳ ହାଇସ୍କୁଲ ପାଖରେ **1500sqft.** ଜାଗାରେ **2100sqft. Duplex** ଘର **79** ଲକ୍ଷରେ ବିକ୍ରୟ ହେବ। ବ୍ୟାଙ୍କ ଲୋନ ସୁବିଧାଅଛି । ଏକ ବର୍ଷ ଭିତରେ ଘର ହସ୍ତାନ୍ତର ହେବ । **Contact for details: 9438220432/ 8144658008.** D-0815

ମୋ ନିଜସ୍ୱ ୧୦ CENT ଘରବାରି ପ୍ଲଟ୍ ମାଲକାନଗିରି (Malkangiri) ଲାଠିଆଗୁଡ଼ାରେ ବିକ୍ରି କରାଯିବ। Contact: 8989206421, 6265361261. D-0820

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated Families with electricity & water supply. If u want self independent & peacefully life. 7809525452.** D-75010

ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ରଘୁନାଥପୁରରେ 2/3BHK complet eflat ବିକ୍ରିହେବ। 9776866520. D-74890

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି । 7978676652. D-74889

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

3BHK Duplex for sale near East Engineering College Nakhara with gated society. Contact: 9437581914. D-0648



FOR RENT

04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Healthcare

Newly opened (one 8 SPA)/ (Salon service) with export therapist. 9938843929. D-75129

Ayurbedic full body massage pain relax gents ladies therapies. 9178041864. D-75009

Newly open health benefits SPA special offer @ 799 Jaydev Vihar. 8018429809. D-75128

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open SPA positively health benefits with expert therapist. 9040286886. D-75130

**AFFIDAVIT**

I, Sarad Baid (Old name) and Sharad Baid (New name), S/o. Bhawarlala Baid of Flat No. 82, Block-D, Utkal Royal Residency, Gautam Nagar, Bhubaneswar is one and same person by this Affidavit No. Vol. I, Sl. No. 1213 dated 15.07.2023. Now onwards I shall be known as Sharad Baid for all purposes. D-71681

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ସନ୍ଧ୍ୟାରାଣୀ ଦେହୁରୀ
କୁଲାଡ଼, ଅନୁଗୋଳ
ଆବିର୍ଭାବ-୧୯।୧୨।୧୯୭୧
ତିରୋଧାନ- ୨୭।୦୧।୨୦୨୨
ତୁମର ସ୍ନେହ ଓ ଆଶୀର୍ବାଦ ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ ପରିବାରବର୍ଗ-
ସ୍ୱାମୀ: ହରିହର ଦେହୁରୀ, ଦିଲୀପ ଦେହୁରୀ, ପୁଷ୍ପାଞ୍ଜଳି ଦେହୁରୀ, ଡ୍ୟାନି ଦେହୁରୀ, ଡଲି ଓ ସିଂପଲ ଦେହୁରୀ ଓ ପରିବାରବର୍ଗ ।
ଧ-୦୮୩୦

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୬ ଜୁଲାଇ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱର ପ୍ରଥମ ମହିଳା କବାଡ଼ି ଲିଗ୍ .......ଠାରେ ଆୟୋଜିତ ହୋଇଯାଇଛି ?
୨– କାକ୍ରାପାର୍ ଆଟୋମିକ୍ ପାୱାର ପ୍ରୋଜେକ୍ଟ ....... ରାଜ୍ୟରେ ନିର୍ମାଣ କରାଯାଇଛି ?
୩– କୋପାକାବାନା ବିଚ୍ ................ ସହରରେ ଅବସ୍ଥିତ ?
୪– ଅକ୍ଷରଧାମ ମନ୍ଦିରରେ .......... ପୂଜା ପାଆନ୍ତି ?
୫– ବାଂଲାଦେଶ ଜାତୀୟ ସଂଗୀତର ରଚୟିତା........ ?

## ଗତ ଥରର ଉତ୍ତର

୧ ଅରୁଣାଚଳ ପ୍ରଦେଶ
୨ ରୋବେର୍ଟୋ ବେନିନି
୩ ଅଗଷ୍ଟ ୩୦
୪ ମୌନା ଲୋଆ
୫ ନୀଳ ନଦୀ

## ଉତ୍ତରଦାତା


ଅରୁନ୍ଧତୀ ପାଣି
ଢେଙ୍କାନାଳ


ଶକ୍ତି ପ୍ରସାଦ ସିଂ
ଭୁବନେଶ୍ୱର


ଶିବ ପ୍ରସାଦ
ସାହୁ, ନୟାଗଡ଼


ସ୍ନେହଲତା ପଟ୍ଟନାୟକ
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ପ୍ଲାନେଟାରିୟମ

୧– ସେଣ୍ଟ ପିଟର୍ସବର୍ଗ ପ୍ଲାନେଟାରିୟମ୍............ ରୁଷିଆ
୨– ନାଗୋୟା ସିଟି ସାଇନ୍ସ ମ୍ୟୁଜିୟମ୍ ............ ଜାପାନ
୩– ଜେନିଫର୍ ଚାଲ୍‌ଷ୍ଟି ପ୍ଲାନେଟାରିୟମ୍ ............ ଆମେରିକା
୪– ଜେଇସ୍ ମେଜର ପ୍ଲାନେଟାରିୟମ୍ ............ ଜର୍ମାନୀ
୫– ବିର୍ଲା ପ୍ଲାନେଟାରିୟମ୍ ............ କଲିକତା, ଭାରତ
୬– ପ୍ଲାନେଟାରିୟମ୍ ଅଫ୍ ରୟାଲ୍ ଅବ୍‌ଜର୍ଭେଟୋରି............ ବେଲ୍‌ଜିୟମ୍
୭– ମୋରିସନ୍ ପ୍ଲାନେଟାରିୟମ୍ ............ କାଲିଫର୍ନିଆ
୮– ସାମୁଏଲ୍ ଅଶ୍ଟିନ୍ ପ୍ଲାନେଟାରିୟମ୍............ ଆମେରିକା
୯– ଆଡ୍‌ଲର୍ ପ୍ଲାନେଟାରିୟମ୍ ............ ଆମେରିକା
୧୦– ହୋଠନ୍ ପ୍ଲାନେଟାରିୟମ୍ ............ ଆମେରିକା

### ଜାଣନ୍ତୁ ଦୁନିଆ

# ଭାରତୀୟ ମୁଦ୍ରା

**ଭାରତୀୟ ମୁଦ୍ରା ବା ରୁପୟା ସଂସ୍କୃତ ଶବ୍ଦ ରୁପ୍ୟକମ୍‌ରୁ ଉଦ୍ଧୃତ, ଯାହାର ଅର୍ଥ ରୌପ୍ୟ ମୁଦ୍ରା ବା ସିଲଭର୍ କଏନ୍। ଆମ ଦେଶରେ ସୁରୀ ସାମ୍ରାଜ୍ୟର ସଂସ୍ଥାପକ ଶେର୍‌ଶାହ ସୁରୀଙ୍କ ଦ୍ୱାରା ୧୫୪୦–୪୫ ମସିହାରେ ପ୍ରଥମେ ମୁଦ୍ରାର ପ୍ରଚଳନ ଆରମ୍ଭ ହୋଇଥିଲା। ଜାଣିବା ଏ ସମ୍ପର୍କରେ କିଛି ତଥ୍ୟ...**



- ଶେର୍‌ଶାହ ସୁରୀଙ୍କ ଦ୍ୱାରା ପ୍ରଥମେ ରୁପୟା(ଟଙ୍କା) ଭାବେ ରୌପ୍ୟ ମୁଦ୍ରା ପ୍ରଚଳନ ହୋଇଥିଲା। ଏହା ସହ ସୁନା ଏବଂ ତମ୍ବା ମୁଦ୍ରା ବି ବ୍ୟବହାର ହେଉଥିଲା। ମୋଗଲ, ମରାଠା ଏବଂ ବ୍ରିଟିଶ୍ ଶାସନ କାଳରେ ମଧ୍ୟ ଏହି ସବୁ ମୁଦ୍ରା ପ୍ରଚଳିତ ହେଉଥିଲା।
- ୧୭୭୦–୧୮୩୨ ମସିହା ମଧ୍ୟରେ ବ୍ୟାଙ୍କ ଅଫ୍ ହିନ୍ଦୁସ୍ତାନ, ୧୭୭୩–୭୫ ମଧ୍ୟରେ ଜେନେରାଲ୍ ବ୍ୟାଙ୍କ୍ ଅଫ୍ ବଙ୍ଗାଲ୍ ଆଣ୍ଡ ବିହାର ଏବଂ ୧୭୮୪–୯୧ ମଧ୍ୟରେ ବଙ୍ଗାଲ୍ ବ୍ୟାଙ୍କ୍ ପକ୍ଷରୁ କାଗଜ ମୁଦ୍ରାର ବ୍ୟବହାର ଆରମ୍ଭ ହୋଇଥିଲା।
- ପ୍ରଥମେ ଏକ ଟଙ୍କାକୁ ୧୬ ଅଣା ହିସାବରେ ବଣ୍ଟା ଯାଉଥିଲା। ହେଲେ ୧୯୫୭ରେ ପ୍ରଥମ ଥର ପାଇଁ ମେଟ୍ରିକ୍ ସିଷ୍ଟମ୍ ବା ଦଶାଂଶ ପ୍ରଣାଳୀରେ ଏକ ଟଙ୍କାକୁ ୧୦୦ ପଇସାରେ ବଣ୍ଟାଗଲା।
- ୧୯୧୭ରେ ୧ ଟଙ୍କାର ମୂଲ୍ୟ ୧୩ ଡଲାର ସହ ସମାନ ଥିଲା। ହେଲେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ବେଳେ ଏହାର ମୂଲ୍ୟ ପ୍ରାୟ ୧ ଡଲାର ସହ ସମାନ ହୋଇଯାଇଥିଲା। କିନ୍ତୁ ଧୀରେ ଧୀରେ ଭାରତ ଉପରେ କରଜ ବଢ଼ିବା କାରଣରୁ ଇନ୍ଦିରା ଗାନ୍ଧୀ ଏହି କରଜ ସୁଝିବା ଲାଗି ଟଙ୍କାର ମୂଲ୍ୟ ଡଲାରଠାରୁ କମ୍ କରିବାକୁ ବାଧ୍ୟ ହୋଇଥିଲେ। ସେବେଠୁ ଧୀରେ ଧୀରେ ଏହି ମୂଲ୍ୟ କମିବାରେ ଲାଗିଛି।
- ଧାରା ୨୨ ଅନୁଯାୟୀ ଭାରତୀୟ ବ୍ୟାଙ୍କ୍‌ଗୁଡିକରେ ନୋଟ୍ ଜାରି କରିବାର ଅଧିକାର କେବଳ ରିଜର୍ଭ ବ୍ୟାଙ୍କର ରହିଛି।
- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ୧୯୩୮ରେ ପ୍ରଥମ ଥର ପାଇଁ ୧୦, ୧୦୦, ୧୦୦୦ ଏବଂ ୧୦,୦୦୦ ଟଙ୍କିଆ କାଗଜ ନୋଟ୍ ଛପାଇଥିଲା, ଯେଉଁଥିରେ କିଙ୍ଗ୍ ଜର୍ଜ–୬ଙ୍କ ଫଟୋ ଥିଲା। ହେଲେ ୧୯୪୬ରେ କଳାଧନ ରୋକିବା ଲାଗି ୧୦୦୦ ଏବଂ ୧୦,୦୦୦ ଟଙ୍କିଆ ନୋଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ(ଡିମନିଟାଇଜ୍) କରିଦିଆଗଲା।
- ୧୯୫୪ରେ ୧୦୦୦, ୫୦୦୦ ଏବଂ ୧୦,୦୦୦ ଟଙ୍କିଆ ନୋଟ୍ ଆଉଥରେ ପ୍ରଚଳନ ଆରମ୍ଭ କରାଗଲା, ଯାହାକି ୧୯୭୮ ମସିହାରେ ପୁନର୍ବାର ଡିମନିଟାଇଜ୍ କରିଦିଆଗଲା।
- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରତିବର୍ଷ ୨ହଜାର କୋଟି ଟଙ୍କା ଛପାଯାଇଥାଏ।

# ମୋବାଇଲ୍ ଫଟୋଗ୍ରାଫି



**ବର୍ତ୍ତମାନ ଯୁବପିଢ଼ିଙ୍କଠାରେ ଫଟୋଗ୍ରାଫି କ୍ରେଜ୍ ବଢ଼ିବାରେ ଲାଗିଛି। ସୋସିଆଲ୍ ମିଡିଆରେ ବିଭିନ୍ନ ଫଟୋ ଏବଂ ଭିଡିଓ ପୋଷ୍ଟ କରିବା ଯେମିତି ସେମାନଙ୍କ ପାଇଁ ଏକ ନିଶା ପାଲଟିଛି। ଅଧିକାଂଶ ଏଥିପାଇଁ ମୋବାଇଲ୍ ଫୋନ୍ ଉପରେ ନିର୍ଭର କରୁଛନ୍ତି। ଆଉ ନିଜ ଫଟୋଗ୍ରାଫିକୁ ଆହୁରି ଭଲ କରିବା ଲାଗି ବିଭିନ୍ନ ସ୍ମାର୍ଟ ମୋବାଇଲ୍ ଆସେସରିଜ୍ ଏବେ ସାଜିଛି ସେମାନଙ୍କ ପାଇଁ ବେଷ୍ଟ ଅପ୍‌ସନ...**

ବର୍ତ୍ତମାନ ଫଟୋଗ୍ରାଫିରେ ସଉକ ରଖୁଥିବା ଅଧିକାଂଶ ଯୁବତୀଯୁବକଙ୍କ ପାଇଁ ମୋବାଇଲ୍ ଫୋନ୍ ବେଶ୍ ସହାୟକ ହୋଇପାରୁଛି। ତା'ଛଡ଼ା ବିଭିନ୍ନ ସ୍ମାର୍ଟଫୋନ୍ ଫଟୋଗ୍ରାଫି ଆସେସରିଜ୍ ଏବେ ଫଟୋଗ୍ରାଫିକୁ ଆହୁରି ସୁବିଧାଜନକ କରିପାରିଛି...

**ସେଲ୍ଫି ରିଙ୍ଗ୍ ଲାଇଟ୍ ଏବଂ ପୋର୍ଟେବଲ୍ ଏଲ୍ଇଡି ପ୍ୟାନେଲ୍:** ବର୍ତ୍ତମାନ ବିଭିନ୍ନ ପୋଜ୍‌ରେ ସେଲ୍ଫି ନେବା ଏବଂ ସେଲ୍ଫି ଭିଡିଓ ଶୁଟ୍ କରିବା ଯୁବପିଢ଼ିଙ୍କର ଏକ ନିଶା ପାଲଟିଗଲାଣି। ବିଶେଷକରି ସୋସିଆଲ୍ ମିଡିଆ ସାଇଟ୍ସଗୁଡ଼ିକରେ ରିଲ୍ସ କରିବା ଲାଗି ମଧ୍ୟ ତାଙ୍କୁ ଅଧିକ ଦରକାର ହେଉଛି ସେଲ୍ଫି ବା ଫ୍ରଣ୍ଟ କ୍ୟାମେରା। ହେଲେ କେବେକେବେ ଠିକ୍ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ଫଟୋ, ଭିଡିଓ ଅନ୍ଧାରିଆ ହୋଇ ଖରାପ ଦିଶିଥାଏ। ତେବେ ଏହି ସମସ୍ୟାର ସମାଧାନ କରିବାର ବେଷ୍ଟ ଉପାୟ ହେଉଛି ସେଲ୍ଫି ରିଙ୍ଗ୍ ଲାଇଟ୍ ଏବଂ ପୋର୍ଟେବଲ୍ ଏଲ୍ଇଡି ପ୍ୟାନେଲ୍। ଏଥିରେ ଜଣେ ଚାହିଁଲେ ନିଜ ଆବଶ୍ୟକତା ଅନୁଯାୟୀ ବ୍ରାଇଟ୍‌ନେସ୍ ସହ କଲର ଟେମ୍ପରେଚର ଆଡ୍‌ଜଷ୍ଟ କରିପାରିବ। ଏଥିରେ ଫ୍ରି ଏଙ୍ଗଲ୍ ଆଡ୍‌ଜଷ୍ଟମେଣ୍ଟ ସୁବିଧା ରହିଛି। ଏହା ୧୮ ଇଞ୍ଚ ରାଉଣ୍ଡ ଶେପ୍‌ଠୁ ଆରମ୍ଭ କରି ସ୍ମାର୍ଟଫୋନ୍‌ରେ ଫିକ୍ସ ହୋଇପାରୁଥିବା ଭଳି ଛୋଟ ଆକାରରେ ମଧ୍ୟ ମିଳୁଛି। ତେଣୁ ଯେଉଁମାନେ ଏଜୁକେଶନ୍, ଇନ୍‌ଫର୍ମେଶନ୍ ଭଳି ନିଜେ କିଛି କହୁଥିବା ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି ଅବା ଲାଇଭ୍‌ଷ୍ଟ୍ରିମିଂ କରୁଛନ୍ତି, ସେମାନଙ୍କ ପାଇଁ ଫିଲ୍ ଲାଇଟ୍ ଭାବେ ବ୍ୟବହାର କରିବା ଲାଗି ଏହା ବେଷ୍ଟ ଅପ୍‌ସନ।




**ଆଡ୍ ଅନ୍ ଲେନ୍ସେସ୍:** ଫଟୋଗ୍ରାଫି ଭଲ ହେବା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କ୍ୟାମେରା। ଯଦି ମୋବାଇଲ୍‌ରେ ଫଟୋ କିମ୍ବା ଭିଡିଓ ଶୁଟ୍ କରୁଛନ୍ତି, ତେବେ ବର୍ତ୍ତମାନ ଟେଲିଫଟୋ, ୱାଇଡ୍ ଏଙ୍ଗଲ୍, ମାଇକ୍ରୋ ଲେନ୍ସେସ୍ ଭଳି ଫିଚର ଥିବା ପ୍ରିମିୟମ ଫୋନ୍ ସବୁଠୁ ଭଲ, ଯେଉଁଥିରେ ଆଡ୍ ଅନ୍ ଲେନ୍ସ ବ୍ୟବହାର କରିପାରିବେ। ବର୍ତ୍ତମାନ ମାର୍କେଟ୍‌ରେ ସୁପର ୱାଇଡ୍ ଏଙ୍ଗଲ୍, ଫିସ୍ ଆଇ, ୨୦ଏକ୍ସ ମାଇକ୍ରୋ ଲେନ୍ସେସ୍, ୧୪ ଏକ୍ସ ଜୁମ୍ ଭଳି ସୁବିଧା ଥିବା ଅନେକ ଆଡ୍ ଅନ୍ ଲେନ୍ସେସ୍ ଉପଲବ୍ଧ। ତା'ଛଡା ଏଥିରେ କେପିଏଲ୍, ଷ୍ଟାର ଫିଲ୍ଟର, କାଲିଡୋସ୍କୋପ୍, ରେଡିଆଲ୍ ଭଳି ଇଫେକ୍ଟଗୁଡ଼ିକୁ ବ୍ୟବହାର କରି ନିଜ ଫଟୋଗ୍ରାଫିକୁ ଆହୁରି ଆକର୍ଷଣୀୟ କରିପାରିବେ।

**ଗିମ୍ବଲ:** ବର୍ତ୍ତମାନ ସବୁ ଦେଶର ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଫଟୋ, ଭିଡିଓ ପୋଷ୍ଟ କରିବାର କ୍ରେଜ୍ ବଢ଼ିବାରେ ଲାଗିଛି। ଏଥିପାଇଁ ଅଧିକାଂଶ ମୋବାଇଲ୍ ଉପରେ ନିର୍ଭର କରୁଛନ୍ତି। ହେଲେ ମୋବାଇଲ୍‌ରେ ଶୁଟ୍ କରିବା ବେଳେ ହଲିଯିବା କିମ୍ବା କେବେକେବେ ଏକା ଶୁଟ୍ କରିବା ବେଳେ ମୋବାଇଲ୍ ପଡ଼ିଯିବା ଭଳି ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଅନେକେ ଟ୍ରାଇପଡ୍ ବ୍ୟବହାର ବି କରିଥା'ନ୍ତି। ହେଲେ ଏଥିରେ ମୁଭ୍‌ମେଣ୍ଟ କମ୍ ହୋଇଥିବାରୁ ବର୍ତ୍ତମାନ ଗିମ୍ବଲ୍ ସବୁଠୁ ଭଲ ବିକଳ୍ପ ସାଜିଛି। ମାର୍କେଟ୍‌ରେ ବିଭିନ୍ନ କମ୍ପାନିର ଲାଇଟ୍‌ୱେଟ୍ କମ୍ପାକ୍ଟ ଫୋଲ୍ଡେବଲ୍ ଗିମ୍ବଲ ମିଳୁଛି। ଯାହାକି ୩–ଆକ୍ସିସ୍ ଷ୍ଟାବିଲାଇଜେଶନ୍ ସହିତ ଆକ୍ଟିଭ୍ ଟ୍ରାକିଂ, ହାଇପର ଲାପ୍ସ, ସ୍ଲୋମ୍ସ ମୋଡ୍ ଭଳି ଲାଟେଷ୍ଟ ଫିଚର ମଧ୍ୟ ପ୍ରଦାନ କରୁଛି। ତା'ଛଡ଼ା ଏଥିରେ ଥିବା ମଲ୍ଟିପଲ୍ କ୍ୟାମେରା କଣ୍ଟ୍ରୋଲ କେବଲ୍ ଏବଂ ୱେର୍‌ଲେସ୍ ବ୍ଲୁଟୁଥ୍ କ୍ୟାମେରା କଣ୍ଟ୍ରୋଲ୍ ଅପ୍‌ସନ ମଧ୍ୟ ବ୍ୟବହାର କରିବା ଲାଗି ବେଶ୍ ସୁବିଧାଜନକ। ତେଣୁ ନିଜ ଫଟୋ ଏବଂ ଭିଡିଓକୁ ଆହୁରି ଭଲ କରିବା ଲାଗି ଏହାର ସାହାଯ୍ୟ ନେଇପାରିବେ।


ବିନାୟକ


ତୃପ୍ତିମୟୀ

**ଏକ୍ସଟର୍ନାଲ୍ ମାଇକ୍ରୋଫୋନ୍:** ସ୍ମାର୍ଟଫୋନ୍‌ରେ କରାଯାଉଥିବା ଭିଡିଓରେ ଅଡିଓ କ୍ୱାଲିଟି ଏତେ ଭଲ ଆସି ନ ଥାଏ, ଯେଉଁଥିପାଇଁ ଭିଡିଓ ଯେତେ ଭଲ ହୋଇଥାଉନା କାହିଁକି ଏହାର ଡିମାଣ୍ଡ କମିଯାଏ। ସ୍ମାର୍ଟ ଫୋନ୍‌ର ଏଭଳି ସମସ୍ୟାକୁ ଦୂର କରିପାରୁଛି ଏକ୍ସଟର୍ନାଲ ମାଇକ୍ରୋଫୋନ। ଏକ୍ସଟର୍ନାଲ୍ ନଏଜ୍‌କୁ ଫିଲ୍ଟର କରିବା ସହ କ୍ଲିଅର ଭଏସ୍ ରେକର୍ଡିଂର ସୁବିଧା ଦେଉଥିବାର ଏହା ଏବେ ପାଲଟିଛି ସଭିଙ୍କର ପ୍ରଥମ ପସନ୍ଦ। ମାର୍କେଟ୍‌ରେ ସଭିଙ୍କ ପକେଟ୍‌କୁ ସୁହାଇଲା ଭଳି ଦାମ୍‌ରେ ଅନେକ ଭେରାଇଟିର ମାଇକ୍ରୋଫୋନ୍ ମିଳୁଛି।

### କ'ଣ କୁହନ୍ତି ଏମାନେ...

**ବିନାୟକ ସେନାପତି** (କର୍ମଜୀବୀ, ଏରଞ୍ଚ, କଟକ)– ଫାଙ୍କା ସମୟରେ ଡିଫରେଣ୍ଟ ପୋଜ୍‌ରେ ଫଟୋ କିମ୍ବା ଭିଡିଓ ଶୁଟ୍ କରିବା ମୋର ହବି। ବିଶେଷକରି ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ରିଲ୍ସ ପୋଷ୍ଟ କରିବା ପାଇଁ ଭିଡିଓ ଶୁଟ୍ କରେ। ତେବେ ଫଲୋୟର୍ସ ବଢ଼ାଇବା ପାଇଁ ଯେକୌଣସି ଭିଡିଓ ନୁହେଁ, ଭଲ କ୍ୱାଲିଟି ଥିବା ହାଇଡେଫିନେଶନ୍ ଭିଡିଓ ଉପରେ ବି ଧ୍ୟାନ ଦେବାକୁ ପଡ଼େ। ଏଥିପାଇଁ ଯଦିଓ ଡିଏସ୍ଏଲ୍ଆର୍ କ୍ୟାମେରା ରଖିଛି, ହେଲେ ସବୁଆଡ଼େ ଏହା ନେବାକୁ ସୁବିଧା ହେଉ ନ ଥିବାରୁ ମୋବାଇଲ୍‌ରେ ହିଁ ଅଧିକାଂଶ ଶୁଟ୍ କରିଥାଏ। ଭଲ ଫଟୋ ଭିଡିଓ ପାଇଁ ସେଲ୍ଫି ଷ୍ଟିକ୍, ଷ୍ଟାଣ୍ଡ ଟ୍ରାଇପଡ୍, ଆଡ୍ ଅନ୍ ଲେନ୍ସ ଆଦି ବ୍ୟବହାର କରିଥାଏ।

**ତୃପ୍ତିମୟୀ ନାୟକ** (କର୍ମଜୀବୀ, ଫୁଲନଖରା, କଟକ)– ଫଟୋଗ୍ରାଫି ଏକ କଳା। ତେଣୁ କ୍ୟାମେରା ହେଉ ବା ମୋବାଇଲ୍‌ରେ ଏହାକୁ ଠିକ୍ ଭାବେ କରିପାରିଲେ ହିଁ ଫଟୋ, ଭିଡିଓ ଭଲ ହୋଇପାରିବ। ନିଜ କଥା କହିବି, ମୋର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଅଛି। ସେଥିରେ ପୋଷ୍ଟ କରିବା ଲାଗି ଭିଡିଓ ସବୁ ମୋବାଇଲ୍ ଫୋନ୍‌ରେ ହିଁ ଶୁଟ୍ କରିଥାଏ। ଏଥିପାଇଁ ରିଙ୍ଗ୍ ଲାଇଟ୍, ଟ୍ରାଇପଡ୍, ସେଲ୍‌ଫି ଷ୍ଟିକ୍ ଏବଂ ମାଇକ୍ରୋଫୋନ୍ ଆଦି ଆସେସରିଜ୍ ବ୍ୟବହାର କରିଥାଏ।



### ୟୁଥ୍ ଆଲର୍ଟ

# କେଶ ଝଡୁଥିଲେ

**ଅଧିକାଂଶ ଯୁବପିଢ଼ି ବର୍ତ୍ତମାନ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତିତ। ହେଲେ ଏହାକୁ ରୋକିବା ଲାଗି ପ୍ରଥମେ ଏହାର କାରଣ ଜାଣିବା ସହ ପ୍ରତିକାର କରିବା ଆବଶ୍ୟକ...**



- ତେଲିଆ କେଶ ମୁହଁର ଆକର୍ଷଣ କମାଇଥାଏ ଏବଂ ସୁନ୍ଦର ଲାଗିବା ଲାଗି ଅଧିକାଂଶ ଯୁବପିଢ଼ି ବାରମ୍ବାର ଶାମ୍ପୁ କରନ୍ତି। କେହି କେହି ଆଦୌ ତେଲ ବ୍ୟବହାର କରନ୍ତି ନାହିଁ। ହେଲେ ଏହାଦ୍ୱାରା କେଶ ଡ୍ରାଏ ହୋଇ ଧୀରେ ଧୀରେ ପାଚିବା ଏବଂ ଝଡ଼ିବା ସମସ୍ୟା ଆରମ୍ଭ ହୋଇଯାଏ। ତେଣୁ ତେଲ ଲଗାଇ ଧୀରେ ଧୀରେ କେଶମୂଳରୁ ଶେଷ ପର୍ଯ୍ୟନ୍ତ ମସାଜ୍ କରନ୍ତୁ ଏବଂ ୧–୨ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ।
- କେଶକୁ ସଫା କରିବା ଲାଗି ଆବଶ୍ୟକତାଠାରୁ ଅଧିକ ଶାମ୍ପୁ କିମ୍ବା କେମିକାଲ୍‌ଯୁକ୍ତ ଶାମ୍ପୁ ବ୍ୟବହାର କରନ୍ତୁ ନାହିଁ। ଏପରି କଲେ ନା କେବଳ କେଶରେ ଥିବା ପ୍ରାକୃତିକ ତେଲ ନଷ୍ଟ ହେବ ବରଂ କେମିକାଲ ମଧ୍ୟ କେଶ ପାଇଁ ହାନିକାରକ ହୋଇଥିବାରୁ ପରବର୍ତ୍ତୀ ସମୟରେ କେଶ ଝଡ଼ିବାର ମୁଖ୍ୟ କାରଣ ସାଜିବ। ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ।
- କେଶ ଧୋଇବା ପରେ ଟାୱେଲ୍‌ରେ ରଗଡ଼ି ପୋଛିବା କିମ୍ବା ବାଡ଼େଇ ବାଡ଼େଇ ପାଣି ଝାଡ଼ିବା ଦ୍ୱାରା କେଶ ଡ୍ରାଏ ହୋଇଯିବା ସହ ଦୁର୍ବଳ ହୋଇଯାଏ ଏବଂ କେଶ ଝଡ଼ିବା ଆରମ୍ଭ ହୁଏ। ତେଣୁ ଏପରି ଅଭ୍ୟାସ ଥିଲେ ବଦଳାନ୍ତୁ। ଓଦା କେଶକୁ ଆଦୌ ନ ରଗଡ଼ି ଧୀରେ ଧୀରେ ଟାୱେଲ୍‌ରେ ପୋଛି ପବନରେ ଶୁଖିବାକୁ ଛାଡ଼ିଦିଅନ୍ତୁ।
- ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର କେମିକାଲ୍‌ଯୁକ୍ତ କଲର, ସାଇନର୍ ଭଳି ବିଭିନ୍ନ ପ୍ରକାରର ହେୟାର୍ ଷ୍ଟାଇଲିଂ ପ୍ରଡକ୍ଟର ବହୁଳ ବ୍ୟବହାର ମଧ୍ୟ ଅନେକଙ୍କ ଠାରେ କେଶ ଝଡ଼ିବାର ଅନ୍ୟତମ କାରଣ। ସେହିପରି ହେୟାର ଡ୍ରାୟର୍, ଷ୍ଟ୍ରେଟ୍‌ନର୍, ଆଇରନ୍, ରୋଲର୍ ଆଦି ମଧ୍ୟ କେଶ ଛିଣ୍ଡିବା, ଝଡ଼ିବା ଆଦି ପାଇଁ ବିଶେଷ ଭାବେ ଦାୟୀ। ତେଣୁ ଏସବୁ ବ୍ୟବହାର କରିବା ବେଳେ ସତର୍କ ରୁହନ୍ତୁ।
- କେଶକୁ ପ୍ରତିଦିନ କୁଣ୍ଡାଇବା ଦ୍ୱାରା ମୁଣ୍ଡରେ ବ୍ଲଡ୍ ସର୍କୁଲେଶନ୍ ଭଲ ଭାବେ ହୋଇ କେଶ କଳା ଏବଂ ମଜଭୁତ ହୋଇଥାଏ। ହେଲେ ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର ମୁଣ୍ଡ କୁଣ୍ଡାଇବା ଦ୍ୱାରା କେଶ ମୂଳକୁ ଦୁର୍ବଳ ହୋଇ କେଶ ଝଡ଼ିବାର କାରଣ ପାଲଟେ।

# ୱିମ୍ବଲଡନ୍ ଜିତିଲେ ଭୋନ୍ଦ୍ରୋସୋଭା


ୱିମ୍ବେଲଡନ୍ ଟ୍ରଫି ସହ ମାର୍କେଟା ଭୋନ୍ଦ୍ରୋସୋଭା।

**ୱିମ୍ବେଲଡନ୍, ୧୫ା୭**

ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ପରାସ୍ତ କରି ୱିମ୍ବେଲଡନ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୋଭା। ଶନିବାର ଅନୁଷ୍ଠିତ ଫାଇନାଲରେ ଜାବେରଙ୍କୁ ୬-୪, ୬-୪ର ସିଧାସଳଖ ସେଟରେ ପରାସ୍ତ କରିଛନ୍ତି ଭୋନ୍ଦ୍ରୋସୋଭା। ଏହା ସହିତ ସେ ତୃତୀୟ ଚେକ୍ ରିପବ୍ଲିକ୍ ଖେଳାଳି ଓ ପ୍ରଥମ ଅଣସିଡେଡ୍ ଖେଳାଳି ଭାବରେ ଅଲ ଇଂଲଣ୍ଡ କ୍ଲବ୍‌ରେ ଟ୍ରଫି ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଜାନା ନୋଭୋଟନା ଓ ପେଟ୍ରା କ୍ୱିଟୋଭା ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଏହା ବ୍ୟତିତ ଅଷ୍ଟମ ଚେକ୍ ଖେଳାଳି ଭାବରେ ସେ ଫାଇନାଲରେ ପ୍ରବେଶ କରିଥିଲେ।

ଶନିବାର ଫାଇନାଲରେ ୨୪ ବର୍ଷୀୟ ଭୋନ୍ଦ୍ରୋସୋଭାଙ୍କ ଗତି ଓ ଦ୍ରୁତ ସର୍ଭିସ୍‌ର ଜବାବ ଦେବାରେ ଅସମର୍ଥ ରହିଥିଲେ ଜାବେର। ଉଭୟ ସେଟ୍‌ରେ ଆରମ୍ଭରୁ ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ସେ ବିଜୟୀ ହେବାରେ ସମର୍ଥ ହୋଇଥିଲେ। ପ୍ରଥମ ସେଟ୍‌ରେ ହାରିବା ପରେ ଦ୍ୱିତୀୟ ସେଟ୍‌ରେ ଚମତ୍କାର ଢଙ୍ଗରେ ପ୍ରତ୍ୟାବର୍ତ୍ତନ କରିଥିଲେ ଜାବେର। ୩-୧ରେ ଆଗୁଆ ରହିଥିବା ବେଳେ ଭୋନ୍ଦ୍ରୋସୋଭା ଜବରଦସ୍ତ କମ୍‌ବ୍ୟାକ୍ କରିଥିଲେ। କ୍ରମାଗତ ୩ ପଏଣ୍ଟ ଅର୍ଜନ କରିଥିଲେ। ୪-୩ରେ ଭୋନ୍ଦ୍ରୋସୋଭା ଆଗୁଆ ରହିବା ପରେ ଜାବେର ଆଉ ଏକ ପଏଣ୍ଟ ଅର୍ଜନ କରିଥିଲେ। ତେବେ ଭୋନ୍ଦ୍ରୋସୋଭା ଅନ୍ତିମ ଦୁଇ ପଏଣ୍ଟ ଜିତି ଟାଇଟଲ କବ୍‌ଜା କରି ନେଇଥିଲେ। ୨୦୧୯ରେ ଫ୍ରେଞ୍ଚ ଓପନ ରନର ଅପ୍ ରହିଥିବା ଭୋନ୍ଦ୍ରୋସୋଭାଙ୍କ କ୍ୟାରିୟରର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ବିଶ୍ୱ ମାନ୍ୟତାର ୪୨ ତମ ସ୍ଥାନରେ

## ତୃତୀୟ ଚେକ୍ ମହିଳା ଭାବେ ରଚିଲେ ଇତିହାସ

ରହିଥିବା ଭୋନ୍ଦ୍ରୋସୋଭା ଟୁର୍ନାମେଣ୍ଟରେ ଅଣସିଡେଡ୍ ରହିଥିଲେ। ୬୦ ବର୍ଷରେ ପ୍ରଥମ ଅଣସିଡେଡ୍ ଖେଳାଳି ଭାବରେ ଫାଇନାଲରେ ପ୍ରବେଶ କରିଥିବା ବେଳେ ଇତିହାସ ରଚିଛନ୍ତି। ତୃତୀୟ ଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲରେ ବିଫଳ ହୋଇଛନ୍ତି ଜାବେର। କ୍ରମାଗତ ଭାବରେ ସେ ଅଲ ଇଂଲଣ୍ଡ କ୍ଲବରେ ଫାଇନାଲ ମ୍ୟାଚ୍ ଖେଳି ପରାଜିତ ହୋଇଛନ୍ତି। ଗତବର୍ଷ ଏଲିନା ରିବାକିନାଙ୍କ ଠାରୁ ହାରି ଯାଇଥିବା ବେଳେ ପ୍ରଥମ ଆରବ ମହିଳା ଭାବରେ ଫାଇନାଲରେ ପହଞ୍ଚି ଇତିହାସ ରଚିଛନ୍ତି। ଦୁଇ ସପ୍ତାହ ପୂର୍ବରୁ ଭୋନ୍ଦ୍ରୋସୋଭା ଟ୍ରଫି ଜିତିବା ଅନୁମାନ କରିବା କଷ୍ଟସାଧ୍ୟ ଥିବା ବେଳେ ଚଳିତ ବର୍ଷ ଏହାକୁ ସଫଳ କରିଛନ୍ତି। ଏହା ପୂର୍ବରୁ ୱିମ୍ବେଲଡନ୍‌ରେ ତାଙ୍କ ରେକର୍ଡ ୧-୪ ରହିଥିଲା। ଏପରିକି ୨୦୨୨ରେ ବାମ ହାତ କଟଟିରେ ସର୍ଜରୀ କାରଣରୁ ସେ ୱିମ୍ବେଲଡନ୍‌ରେ ଅଂଶଗ୍ରହଣ କରି ନ ଥିଲେ।


ଅଲ୍ ଇଂଲଣ୍ଡ କ୍ଲବ୍‌ର ଦର୍ଶକ ଷ୍ଟାଣ୍ଡରେ ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନାସ୍।

# ଆଜି ପୁରୁଷ ସିଙ୍ଗଲ୍ସ ଫାଇନାଲ

**ୱିମ୍ବେଲଡନ, ୧୫ା୭(ପି.ଟି.):** ୱିମ୍ବେଲଡନ ଟେନିସ୍ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲରେ ରବିବାର ପରସ୍ପରକୁ ଭେଟିବେ ସ୍ପେନ୍‌ର କାର୍ଲୋସ୍ ଅଲକାରାଜ ଗାର୍ଫିଆ ଓ ସର୍ବିୟାର ନୋଭାକ୍ ଜୋକୋଭିଚ୍। ଅଲକାରାଜ ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ବେଳେ ଜୋକୋଭିଚ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ଖେଳାଳି ପରସ୍ପରକୁ ଦୁଇଥର ଭେଟିଥିବା ବେଳେ ଉଭୟ ଗୋଟିଏ ଲେଖାଏ ବିଜୟ ହାସଲ କରିଛନ୍ତି। ନିକଟରେ ୱିମ୍ବେଲଡନ ଚାମ୍ପିୟନ ହୋଇ ଗ୍ରାଣ୍ଡସ୍ଲାମ ବିଜୟରେ ରେକର୍ଡ କରିଥିବା ଜୋକୋଭିଚ ଅଷ୍ଟମ ୱିମ୍ବେଲଡନ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।ଫାଇନାଲ ମ୍ୟାଚ୍ ପୂର୍ବରୁ ଅଲକାରାଜଙ୍କୁ ପ୍ରଶଂସା କରିଛନ୍ତି ଜୋକୋଭିଚ୍। ୨୦ ବର୍ଷୀୟ ଅଲକାରାଜ ଯେ କୌଣସି ପରିବେଶ ସହିତ ଖାପ ଖୁଆଇବାରେ ସିଦ୍ଧହସ୍ତ। କ୍ଲେ କୋର୍ଟ, ହାର୍ଡ କୋର୍ଟ ଅଥବା ଗ୍ରାସ୍ କୋର୍ଟ ସବୁଥିରେ ଅଲକାରାଜ ନିଜର ଶତ ପ୍ରତିଶତ ପ୍ରଦାନ କରିଥାନ୍ତି। ମୋ କ୍ୟାରିୟରରେ ଏହା ମୋର ଶକ୍ତି ହୋଇଥିବା ବେଳେ ଜଣେ ଯୁବ ଖେଳାଳିଙ୍କ ନିକଟରେ ଏହି ଦକ୍ଷତା ଦେଖି ବେଶ୍ ଖୁସି ଲାଗୁଛି। ଏହା ସହିତ ଅଲକାରାଜ ନିଜ କ୍ୟାରିୟରର ଆରମ୍ଭରୁ ଏଭଳି ସଫଳତା ହାସଲ କରିଥିବାରୁ ସେ ଏକ ଉନ୍ନତ ଭବିଷ୍ୟତର ରାସ୍ତାରେ ଥିବା ଫେଡେରର କହିଛନ୍ତି। ଅନ୍ୟପକ୍ଷରେ ଜୋକୋଭିଚ୍ ଏଭଳି ଜଣେ ଖେଳାଳି, ଯାହାଙ୍କର କୌଣସି ଦୁର୍ବଳତା ନାହିଁ।

### ଫାଇନାଲ ପଥରେ

| ଜୋକୋଭିଚ୍ | ଅଲକାରାଜ |
|---|---|
| ପେଡ୍ରୋ କାହେନ୍-୬-୩, ୬-୩, ୭-୬(୭-୪)। ଜୋର୍ଡାନ୍ ଥମ୍ପସନ୍-୬-୩, ୭-୬(୭-୪), ୭-୫। ଷ୍ଟାନ୍ ୱାରିଙ୍କା-୬-୩, ୬-୧, ୭-୬(୭-୫)। ହ୍ୟୁବର୍ଟ ହୁରକାଜ-୭-୬, ୭-୬, ୫-୭, ୬-୪। ଆଣ୍ଡି ରୁବ୍‌ଲେଭ୍-୪-୬, ୬-୧, ୬-୪, ୬-୩। ଜାନିକ୍ ସିନ୍ନର-୬-୩, ୬-୪, ୭-୬। | ଜେରେମି ଚାର୍ଡି-୬-୦, ୬-୨, ୭-୫। ଆଲେକଜାଣ୍ଡ୍ରେ ମୁଲେର-୬-୪, ୭-୬, ୬-୩। ନିକୋଲାସ ଜାରି-୬-୩, ୭-୬, ୬-୩, ୭-୫। ମାଟେଓ ବାରେଟିନୀ-୩-୬, ୬-୩, ୬-୩, ୬-୩। ହୋଲଗର ରୁନ୍-୭-୬, ୬-୪, ୬-୪। ଡାନିଲ ମେଡଭେଡେଭ୍- ୬-୩, ୬-୩, ୬-୩। |

# ଦେଓଧର ଟ୍ରଫି: ସୁବିତ ପୂର୍ବାଞ୍ଚଳ ମ୍ୟାନେଜର

**ଭୁବନେଶ୍ୱର, ୧୫ା୭ (ବିଜୟ ରଣା)**



ଦେଓଧର ଟ୍ରଫି ୨୦୨୩ ପାଇଁ ସୁବିତ ବିଶ୍ୱାଳ ପୂର୍ବାଞ୍ଚଳ କ୍ରିକେଟ ଦଳର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଦେଓଧର ଟ୍ରଫି ଜୁଲାଇ ୨୪ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପୁଡୁଚେରୀରେ ଖେଳାଯିବ। ଏହି ନିଯୁକ୍ତି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭକାମନା କରିଛନ୍ତି।

# ଶ୍ରୀଶଙ୍କରଙ୍କୁ ଅଲିମ୍ପିକ ଯୋଗ୍ୟତା

**ବ୍ୟାଙ୍କକ୍, ୧୫ା୭(ପି.ଟି.)**


ମୁରଲୀ ଶ୍ରୀଶଙ୍କର

ଭାରତର ଷ୍ଟାର ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଏଠାରେ ଚାଲିଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଜିତିବା ପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ତାଙ୍କ କ୍ୟାରିୟର ଦ୍ୱିତୀୟ ଶ୍ରେଷ୍ଠ ୮.୩୭ମିଟର ଜମ୍ପ୍ ସହ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ୟାରିସ ଗେମ୍ସ ପାଇଁ କ୍ୱାଲିଫିକେଶନ ଅଙ୍କ ୮.୨୭ ମିଟର ରହିଛି। ଚାଇନିଜ ତାଇପେର ୟୁ ଟାଙ୍ଗ୍ ଲିନ୍ ଚତୁର୍ଥ ରାଉଣ୍ଡ ଜମ୍ପ ୮.୪୦ମିଟର ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଚଳିତ ସିଜନରେ ବିଶ୍ୱରେ ଏହା ହେଉଛି ତୃତୀୟ ଶ୍ରେଷ୍ଠ ପ୍ରୟାସ। ସୂଚନାଯୋଗ୍ୟ, ଶ୍ରୀଶଙ୍କର ଗତମାସରେ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍‌ର କ୍ୱାଲିଫିକେଶନ ରାଉଣ୍ଡରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮.୪୧ମିଟର ଜମ୍ପ କରି ଅଗଷ୍ଟରେ ବୁଦାପେଷ୍ଟଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପ୍ରତିଯୋଗିତାର ଚତୁର୍ଥ ଦିବସରେ ପୂର୍ବରୁ ସନ୍ତୋଷ କୁମାର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୯.୦୯ ସେକେଣ୍ଡ ସହ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କାତାରର ମହମ୍ମଦ ହେମିଦା ବାସେମ୍ (୪୮.୬୪ ସେକେଣ୍ଡ) ଓ ଜାପାନର ୟୁସାକୁ କୋଦାମା (୪୮.୯୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ଚଳିତବର୍ଷ ପୁରୁଷ ୪୦୦ମିଟର ହର୍ଡଲ୍ସରେ ଜଣେ ଭାରତୀୟ ଭାବେ ସନ୍ତୋଷଙ୍କର ଏହା ଥିଲା ଶ୍ରେଷ୍ଠ ଟାଇମିଂ। ଅନ୍ୟ ଜଣେ ଭାରତୀୟ ୟାଶହସ୍ ପଲାକ୍ଷ ଫାଇନାଲକୁ କ୍ୱାଲିଫାଏ କରିଥିଲେ ମଧ୍ୟ ଏଥିରେ ଅଂଶଗ୍ରହଣ କରି ନ ଥିଲେ। ଏସିଆନ ଚାମ୍ପିୟନଶିପ୍ ପୁରୁଷ ୪୦୦ମିଟର ହର୍ଡଲ୍ସରେ ଏପର୍ଯ୍ୟନ୍ତ କୌଣସି ଭାରତୀୟ ସ୍ୱର୍ଣ୍ଣ ପଦକ ହାସଲ କରିପାରିନାହାନ୍ତି। ଜଣେ ଭାରତୀୟ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରି ଯୋଶେଫ୍ ଆବ୍ରାହମ୍ ୨୦୦୯ ସଂସ୍କରଣରେ ରୌପ୍ୟ ଜିତିଥିଲେ। ୨୦୦୭ରେ ମଧ୍ୟ ସେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏମ୍.ପି. ଜାବିର ଗତ ଦୁଇ ସଂସ୍କରଣ ହେଲା ବ୍ରୋଞ୍ଜ ଜିତି ଆସୁଛନ୍ତି।

# ଲକ୍ଷ୍ୟ ସେମିରେ, ହାରିଲେ ସିନ୍ଧୁ

**କାଉନ୍‌ସିଲ ବ୍ଲଫ୍ସ (ଯୁକ୍ତରାଷ୍ଟ୍ର ଆମେରିକା), ୧୫ା୭ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ହାରିଯାଇଛନ୍ତି। କିନ୍ତୁ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଚାଇନାର ୨୪ ବର୍ଷୀୟା ଗାଓ ଫାଙ୍ଗ୍ ଜି ବିଶ୍ୱର ଦ୍ୱାଦଶ ର୍‍ୟାଙ୍କିଙ୍ଗ ତଥା ଏଠାରେ ତୃତୀୟ ସିଡ୍ ସିନ୍ଧୁଙ୍କ ବିପକ୍ଷରେ ୨୨-୨୦, ୨୧-୧୩ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ଏକ


ଲକ୍ଷ୍ୟ ସେନ୍

ଅଲ୍-ଇଣ୍ଡିଆନ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଏସ୍. ଶଙ୍କର ମୁଥୁସ୍ୱାମୀ ସୁବ୍ରମଣ୍ୟମଙ୍କୁ ୨୧-୧୦, ୨୧-୧୭ରେ ହରାଇ ଦେଇଛନ୍ତି। ଲକ୍ଷ୍ୟ ବର୍ତ୍ତମାନ ଦ୍ୱିତୀୟ ସିଡ୍ ଚାଇନାର ଲି ଶି’ ଫେଙ୍ଗ୍‌ଙ୍କୁ ଭେଟିବେ। ଫେଙ୍ଗ୍‌ଙ୍କ ବିପକ୍ଷରେ ଭାରତୀୟ ଖେଳାଳିଙ୍କ ବିଜୟ ପରାଜୟ ରେକର୍ଡ ୫-୩ ରହିଛି।

# ପିସିବି ୪ରୁ ଅଧିକ ମ୍ୟାଚ କରିବାକୁ ଚାହୁଁଛି

## ଏସିଆ କପ୍ କ୍ରିକେଟ

**କରାଚୀ, ୧୫ା୭(ପି.ଟି.)**

ଦୁବାଇଠାରେ ରବିବାର ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ବୋର୍ଡ ବୈଠକ ବସିବ। ଏଥିରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିଜ ଦେଶରେ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଅଧିକ ମ୍ୟାଚ ଆୟୋଜନ ପାଇଁ ଦାବି ଉପସ୍ଥାପନ କରିବ। ଏହି ମହାଦେଶୀୟ ଇଭେଣ୍ଟ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟ ପାଇଁ କରାଯାଇଥିବା ହାଇବ୍ରିଡ୍ ମଡେଲକୁ ପିସିବି ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମେତ ସମସ୍ତ ଅଂଶୀଦାର ଗ୍ରହଣ କରିଥିଲେ। ତଦନୁସାରେ ଇଭେଣ୍ଟର ୪ଟି ମ୍ୟାଚ ପାକିସ୍ତାନରେ ଏବଂ ୯ଟି ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଥିବାରୁ ପାକିସ୍ତାନକୁ ଏହାର ଦଳ ନ ପଠାଇବା ଲାଗି ବିସିସିଆଇ ସ୍ପଷ୍ଟ ଭାବେ ଜଣାଇବାରୁ ହାଇବ୍ରିଡ୍ ପ୍ରସ୍ତାବ ଆସିଥିଲା। ତେବେ ଏସିଆ କପ୍ ତାରିଖ ଘୋଷଣା ବେଳେ ପିସିବି କ୍ରିକେଟ କମିଟିର ନୂତନ ମୁଖ୍ୟ ଜାକା ଅଶ୍ରଫ୍ ଦାୟିତ୍ୱରେ ନ ଥିଲେ। ଚଳିତ ସପ୍ତାହ ପ୍ରାରମ୍ଭରେ ଡର୍ବାନଠାରେ ବସିଥିବା ଆଇସିସି ବୈଠକରେ ସେ କିନ୍ତୁ ଏସିସି ସଦସ୍ୟ ବୋର୍ଡ ଅଫିସିଆଲଙ୍କୁ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ମ୍ୟାଚର ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ଯଦିଓ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ ତେବେ ପାକିସ୍ତାନ ଅଧିକ ମ୍ୟାଚ ପାଇବା ସମ୍ଭାବନା ନାହିଁ। ଏସିସି ବୈଠକରେ ପାକିସ୍ତାନ ଏହାର ମତ ଉପସ୍ଥାପନ କରିବ। ଶ୍ରୀଲଙ୍କା ଏସିଆ କପ୍‌ର ୯ଟି ମ୍ୟାଚର ଆୟୋଜନ କରିବାକୁ ଥିବା ବେଳେ ସେଠାରେ ବର୍ଷା ପାଗ ଯୋଗୁ ଖେଳରେ ବାଧା ଉପୁଜିପାରେ। ଏଥିପାଇଁ ପାକିସ୍ତାନକୁ ଅଧିକ ମ୍ୟାଚ ଦିଆଯାଉ ବୋଲି ପିସିବି ଯୁକ୍ତି ଉପସ୍ଥାପନ କରିପାରେ। ଏସିସି ବୈଠକରେ ଏସିଆ କପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇପାରେ।

କୋଷ୍ଠକାଠିନ୍ୟର ସମାଧାନ
9119788888

# ପ୍ରିୟଙ୍କ ପଞ୍ଚାଲଙ୍କ ଲଢୁଆ ଅର୍ଦ୍ଧଶତକ

## ଦୁଲିପ୍ ଟ୍ରଫି ଫାଇନାଲ

**ବେଙ୍ଗାଲୁରୁ, ୧୫ା୭(ପି.ଟି.)**

ବେଙ୍ଗାଲୁରୁ ସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦୁଲିପ୍ ଟ୍ରଫି ଫାଇନାଲରେ ପ୍ରିୟଙ୍କ ପଞ୍ଚାଲ ଲଢୁଆ ଅର୍ଦ୍ଧଶତକ ହାସଲ କରିଛନ୍ତି। ପଶ୍ଚିମାଞ୍ଚଳକୁ ବିଜୟ ପାଇଁ ୨୯୮ ରନ୍ ଆବଶ୍ୟକ ଥିବା ବେଳେ ପ୍ରିୟଙ୍କ ୯୨ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ପଶ୍ଚିମାଞ୍ଚଳ ୫ ଉଇକେଟ ହରାଇ ୧୮୨ ରନ୍ କରିଥିବା ବେଳେ ଅନ୍ତିମ ଦିନରେ ଦଳକୁ ବିଜୟ ପାଇଁ ୧୧୬ ରନ୍ ଆବଶ୍ୟକ।

ତୃତୀୟ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରି ଦକ୍ଷିଣାଞ୍ଚଳ ୨୩୦ ରନ୍‌ରେ ଅଲଆଉଟ ହୋଇଥିଲା। ୱାଶିଂଟନ୍ ସୁନ୍ଦର ୩୭ ରନ୍‌ର ଲଢୁଆ ଇନିଂସ ଖେଳିଥିବା ବେଳେ ଆର. ସାଇ କିଶୋର ୧୬ ଓ ବିଜୟ କୁମାର ବ୍ୟଶକ ୨୩ ରନ୍ କରିଥିଲେ। ୱାଶିଂଟନ୍ ୭୫ ବଲ୍ ଖେଳି ୪ ଚୌକା ମାରିଥିଲେ। ସପ୍ତମ ଉଇକେଟରେ ସାଇ କିଶୋରଙ୍କ ସହିତ ୨୫ ଓ ଅଷ୍ଟମ ଉଇକେଟରେ ବିଜୟଙ୍କ ସହ ୪୨ ରନ୍ ଯୋଡିଥିଲେ। ଶନିବାର ଦକ୍ଷିଣାଞ୍ଚଳ ଇନିଂସର ସମସ୍ତ ୪ ଉଇକେଟ ଧର୍ମେନ୍ଦ୍ର ସିଂ ଜାଡେଜାଙ୍କ ଖାତାକୁ ଯାଇଥିଲା। ପଶ୍ଚିମାଞ୍ଚଳ ବୋଲରଙ୍କ ମଧ୍ୟରେ ଜାଡେଜା ୫ ଉଇକେଟ ନେଇଥିବା ବେଳେ ଅର୍ଜନ ନାଗ୍‌ୱାସ୍ୱଲା ଓ ଅତୀତ ସେଠ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ୪୭ ରନ୍ ପଛରେ ଥିବା ପଶ୍ଚିମାଞ୍ଚଳ ସମ୍ମୁଖରେ ୨୯୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଓପନର ପୃଥ୍ୱୀ ଶ(୭) ଓ ଉଇକେଟ କିପର ହାର୍ଭିକ ଦେଶାଇ(୪) ଦଳୀୟ ସ୍କୋର ୧୮ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ତୃତୀୟ ଉଇକେଟରେ ଚେତେଶ୍ୱର ପୂଜାରାଙ୍କ ସହିତ ମିଶି ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ ପ୍ରିୟଙ୍କ। ପୂଜାରା ୧୫ ରନ୍ କରିଥିବା ବେଳେ ତୃତୀୟ ଉଇକେଟରେ ୫୭ ରନ୍ ଯୋଡିଥିଲେ। ତେବେ ଦ୍ରୁତ ବୋଲର ବାସୁକୀ କୌଶିକ୍ ଗୋଟିଏ ଓଭରରେ ଓ ମାତ୍ର ୩ ବଲ୍ ବ୍ୟବଧାନରେ ପୂଜାରା ଓ ସୂର୍ଯ୍ୟକୁମାର ଯାଦବ(୪)ଙ୍କୁ ଆଉଟ କରିଥିଲେ। ୭୯ ରନ୍‌ରେ ୪ ଉଇକେଟର ପତନ ପରେ ପଶ୍ଚିମାଞ୍ଚଳ ପରାଜୟ ଏଡାଇବାକୁ ସଂଘର୍ଷ କରୁଥିବା ବେଳେ ସର୍ଫରାଜ୍ ଖାନ୍ (୪୮) ଓ ପ୍ରିୟଙ୍କ ପଞ୍ଚମ ଉଇକେଟରେ ୯୮ ରନ୍ ଯୋଡିଥିଲେ। ୭୬ ବଲ୍ ଖେଳି ସର୍ଫରାଜ ୫ ଚୌକା ଓ ୧ ଛକା ମାରି ସାଇ କିଶୋରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ଅପରାଜିତ ଥିବା ପ୍ରିୟଙ୍କ ୨୦୫ ବଲ୍‌ର ଇନିଂସରେ ୧୧ ଚୌକା ମାରିଛନ୍ତି। ଦକ୍ଷିଣାଞ୍ଚଳ ପକ୍ଷରୁ ବାସୁକୀ ୩ ଉଇକେଟ ନେଇଥିବା ବେଳେ ବିଜୟ କୁମାର ବ୍ୟଶକ ଓ ଆର୍. ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ୨୧୩/୧୦
ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ ୧୪୬/୧୦
ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ ୨୩୦/୧୦
ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ ୧୮୨/୫ (ପ୍ରିୟଙ୍କ ପଞ୍ଚାଲ-୯୨, ସର୍ଫରାଜ ଖାନ୍-୪୮, ଚେତେଶ୍ୱର ପୂଜାରା-୧୫, ବିଜୟ କୁମାର ବ୍ୟଶକ୍-୧/୨୬, ବାସୁକୀ କୌଶିକ୍-୩/୨୮, ଆର୍. ସାଇ କିଶୋର-୧/୫୧)।


ସୂର୍ଯ୍ୟକୁମାର ଯାଦବଙ୍କୁ ଆଉଟ କରିବା ପରେ ବାସୁକୀ କୌଶିକ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ